

ଆସିବ 'ବର୍ଡର୍-୨'

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-349 ♦BHUBANESWAR ♦SATURDAY ♦15 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ଶନିବାର ♦୧୫ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଜୁଲାଇ ୨୨ରେ ପୂର୍ଣ୍ଣାଙ୍ଗ କେନ୍ଦ୍ର ବଜେଟ

■ **ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନରେ ଉପସ୍ଥାପନ ହେବ କେନ୍ଦ୍ର ବଜେଟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜୁଲାଇ୨୨ରେ ସଂସଦରେ ଦେଶର ଏହି ସାଧାରଣ ବଜେଟକୁ ଆଗତ କରିବେ। ଏହାବ୍ୟତୀତ ଜୁଲାଇ ୩ରେ ସରକାରଙ୍କ ଦ୍ୱାରା ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ ଅଣାଯାଇଥିଲା। ବର୍ତ୍ତମାନ ଲୋକସଭା ନିର୍ବାଚନ ଶେଷ ହେବା ପରେ ନୂଆ ସରକାର ଗଠନ ହୋଇସାରିଥିବାରୁ ଏବେ ଏକ ପୂର୍ଣ୍ଣ ବଜେଟ ଆଗତ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୨ରୁ ଅଗଷ୍ଟ ୯ ଯାଏ ଚାଲିବ। ଅର୍ଥ ମନ୍ତ୍ରୀ ଭାବେ ନିର୍ମଳା ସୀତାରମଣ କ୍ରମାଗତ ଭାବେ ୭ମ ଥର ପାଇଁ ବଜେଟ ଉପସ୍ଥାପନ କରି ଏକ ରେକର୍ଡ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହି ପୂର୍ଣ୍ଣ ବଜେଟ ଆଗତ ପରେ ଦେଶର ଅଭିବୃଦ୍ଧି ଗତିକୁ ଆଗେଇନେବା ଏବେ ଅର୍ଥ ମନ୍ତ୍ରୀଙ୍କ ଆଗରେ ବଡ଼ ଆହ୍ୱାନ ଭାବେ ଛିଡା ହୋଇଛି।



ଜୁଲାଇ ୩ରେ ଅର୍ଥନୈତିକ ସର୍ଭେ ରିପୋର୍ଟ

## ଭୁବନେଶ୍ୱର ବଦଳରେ କୋଲକାତା ଗଲା ବିମାନ

■ **ଭୁବନେଶ୍ୱର, ୧୪।୬ (ସମିସ):** ଦିଲ୍ଲୀରୁ ଭୁବନେଶ୍ୱର ଆସିବା ପାଇଁ ଟିକଟ କରିଥିଲେ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ଅଭିମୁଖେ ବିମାନ ଉଡ଼ାଣ ଆରମ୍ଭ କଲା, କିନ୍ତୁ ଭୁବନେଶ୍ୱର ବଦଳରେ କୋଲକାତାରେ ଅବତରଣ କଲା। ଏତିକି ନୁହେଁ ଅଧ ରାତିରେ କୁହାଗଲା ନିଜ ଖର୍ଚ୍ଚରେ ଘରକୁ ଯିବା ପାଇଁ। ଏହାକୁ ନେଇ ରାତି ତମାମ୍ କୋଲକାତା ବିମାନ ବନ୍ଦରରେ ତମ୍ବିତୋଫାନ ହୋଇଛି। ଅଭିଯୋଗ ଅନୁସାରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ତେବେ ରାତିରେ ବର୍ଷା ଯୋଗୁଁ ବିମାନ ଅବତରଣ କରିପାରିବ ନାହିଁ ବୋଲି କୁହାଗଲା। ଫଳରେ ବିମାନକୁ କୋଲକାତା ନିଆଯାଇଥିଲା। ତେବେ ଯାତ୍ରୀମାନେ କହିଛନ୍ତି, କୋଲକାତା ଯିବା ସମ୍ପର୍କରେ ଆମକୁ କୌଣସି ସୂଚନା ଦିଆଗଲା ନାହିଁ। ସେଠାରେ ପହଞ୍ଚିବା ପରେ ନିଜ ଖର୍ଚ୍ଚରେ ରାତ୍ରି ଯାପନ କରନ୍ତୁ କିମ୍ବା ଅନ୍ୟ ବିମାନରେ ଭୁବନେଶ୍ୱର ଯିବା ପାଇଁ ଆମକୁ କୁହାଗଲା। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରିସ୍ଥିତି ଖରାପ ଆଡକୁ ଗତି କରିବାରୁ ଏୟାରଲାଇନ୍ସ ଅଧିକାରୀ ଆସି ଆଲୋଚନା କଲେ। ଆଜି ସକାଳୁ ଅନ୍ୟ ବିମାନରେ ଆମକୁ କୋଲକାତାରୁ ଭୁବନେଶ୍ୱର ଅଣାଗଲା ବୋଲି ଯାତ୍ରୀମାନେ କହିଛନ୍ତି।



# ଜୁଲାଇ ପହିଲାରୁ ନୂଆ ପୁଲିସ୍ ଆଇନ

## ହଟିବ ୧୬୩ ବର୍ଷର ପୁରୁଣା ବ୍ୟବସ୍ଥା; ଲାଗୁହେବ ୩ ନୂଆ ଅପରାଧିକ ଆଇନ

■ **ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି):** ସାରା ଦେଶରେ ଅପରାଧିକ ଆଇନ ବ୍ୟବସ୍ଥାରେ ସଂସ୍କାର ଆଣି ବିଚାର ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପୂର୍ବରୁ ସଂସଦରେ ଅନୁମୋଦନ ପାଇଥିବା ୩ ନୂଆ ଅପରାଧିକ ଆଇନଗୁଡିକୁ କେନ୍ଦ୍ର ସରକାର ଆସନ୍ତା ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ କରିବାକୁ ଯାଉଛନ୍ତି। ଏଥିନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଲିସ ମୁଖ୍ୟମାନଙ୍କ ସହ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା ବେଳେ ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହାଦ୍ୱାରା ଅପରାଧିକ କ୍ଷେତ୍ରରେ ଦେଶରେ ୧୬୩ ବର୍ଷ ଧରି ପ୍ରଚଳିତ ଆଇନ ବ୍ୟବସ୍ଥାର ଅନ୍ତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଅଗଷ୍ଟରେ ସଂସଦର ମୌସୁମୀ ଅଧିବେଶନରେ ଏହି ତିନି ନୂଆ ଅପରାଧିକ ଆଇନକୁ ଅନୁମୋଦନ ଦିଆଯାଇଥିଲା। ବ୍ରିଟିଶ ଶାସନ ସମୟରେ ୧୮୭୨ ମସିହାରୁ ପ୍ରଚଳିତ ହୋଇ ଆସିଥିବା ଭାରତୀୟ ଦଣ୍ଡବିଧାନ ଆଇନ(ଆଇପିସି), ଅପରାଧିକ ଦଣ୍ଡ ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନରେ ପରିବର୍ତ୍ତନ କରାଯାଇ ଏଗୁଡିକ ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ୍), ଭାରତୀୟ ନାଗରିକ ▶ପୃଷ୍ଠା-୯

### ସବୁ ରାଜ୍ୟ ମୁଖ୍ୟ ସଚିବ ଓ ଡିଜିପିଙ୍କ ସହ ଗୃହ ମନ୍ତ୍ରାଳୟର ବୈଠକ

ବଦଳିବ ଆଇପିସି, ସିଆର୍‌ପିସି, ଏଭିଡେନ୍ସ ଆକ୍ଟ

ପୁରୁଣା ଆଇନରେ ହେବ ଜୁନ୍ ୩୦ ଯାଏ ରୁଜୁ ମାମଲାର ବିଚାର



## ବରିଷ୍ଠ ଅଧିକାରୀଙ୍କ ସହ ଡିଜିପିଙ୍କ ଆଲୋଚନା

■ **ଭୁବନେଶ୍ୱର, ୧୪।୬ (ସମିସ):** ହଟିବ ୧୮୬୦ ମସିହାରୁ ଚାଲିଥିବା ବ୍ରିଟିଶ ଆଇନ। ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହେବ ନୂଆ ଆଇନ ବ୍ୟବସ୍ଥା। ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ବଦଳିବ ଓ ପୁରୁଣା ବ୍ରିଟିଶ୍ ଢାଞ୍ଚାରେ ଚାଲିଥିବା ଭାରତୀୟ ଦଣ୍ଡ ବିଧାନ ବ୍ୟବସ୍ଥାର ଉଚ୍ଛେଦ ହେବ। ଅନେକ ଗୁରୁତର ଅପରାଧ ଓ ଦଣ୍ଡ ବ୍ୟବସ୍ଥାରେ ରହିଥିବା ତ୍ରୁଟିକୁ ପରିବର୍ତ୍ତନ କରାଯିବ। ପୂର୍ବରୁ ଏଥିରେ ପୂର୍ବରୁ ୫୧୧ଟି ଧାରା ଥିଲା, ମାତ୍ର ଏବେ ୩୫୮ଟି ଧାରା ରହିବ। ୧୭୫ଟି ଧାରା ସଂଶୋଧନ କରାଯିବ। ଏହି ନୂଆ ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଯାହା ପ୍ରାବଧାନ ରହିଛି ସେ ନେଇ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ। ଏହା ସହ ଜାତୀୟ ଅପରାଧ ନଥି ବ୍ୟୁରୋ ଓ ରାଜ୍ୟ ଅପରାଧ ନଥି ବ୍ୟୁରୋ ସହ ମିଳିତ ଆଲୋଚନା କରାଯିବା ସହ କ୍ରାଇମବ୍ରାଞ୍ଚ ଏଡ଼ିଜି ଅରୁଣ ବୋଥ୍ରାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତି ପରେ କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ▶ପୃଷ୍ଠା-୯

**ଏଡ଼ିଜି ଅରୁଣ ବୋଥ୍ରାଙ୍କ ଅଧ୍ୟକ୍ଷତାରେ କମିଟି ଗଠନ**

### ନିଟ୍-ୟୁଜି ପରୀକ୍ଷା ଅନିୟମିତତାକୁ ନେଇ ସିବିଆଇ ତଦନ୍ତ ଦାବି

## କେନ୍ଦ୍ର ସରକାର, ଏନଟିଏକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

■ **ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି):** ନିଟ୍-ୟୁଜି ପରୀକ୍ଷାକୁ ନେଇ ବିବାଦ ଥମି ନଥିବା ବେଳେ ଏହି ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ସିବିଆଇ ଯାଞ୍ଚ କରିବାକୁ ସୁପ୍ରିମକୋର୍ଟରେ ବହୁ ପିଟିସନ ଦାଏର ହୋଇଥିଲା। ଶୁକ୍ରବାର ଜଷ୍ଟିସ୍ ବିକ୍ରମନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହଟ୍ଟା ଏହି ପ୍ରସଙ୍ଗରେ ଶୁଣାଣି କରିବା ସହିତ ଘଟଣାର ସିବିଆଇ ତଦନ୍ତ ଲାଗି କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହାସହିତ ନିଟ୍ ପରୀକ୍ଷା ଆୟୋଜକ ସଂସ୍ଥା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ)କୁ ମଧ୍ୟ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିଟ୍ କାଉନସେଲିଂ ପ୍ରକ୍ରିୟାକୁ ରଦ୍ଦ କରିବାକୁ ବହୁ ଆବେଦନକାରୀଙ୍କ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା ବେଳେ ଚଳିତ ନିଟ୍ ପରୀକ୍ଷାରେ ୧୫୬୩ ପ୍ରାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ରଦ୍ଦ କରିଦିଆଯିବ ବୋଲି ଏନଟିଏ ସୁପ୍ରିମକୋର୍ଟଙ୍କୁ ଅବଗତ କରିଥିଲା। ଏହି ସଂଖ୍ୟକ ପ୍ରାର୍ଥୀଙ୍କ ମୂଳ ମାର୍କ ଯାହା ରହିଥିଲା ତାହାକୁ ସେମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ ବୋଲି ଏନଟିଏ କହିଥିଲା ବେଳେ ଯଦି କେହି ଏଥିରେ ଅସନ୍ତୁଷ୍ଟ ହେବେ ତେବେ ଜୁନ୍ ୨୩ ରେ ପୁଣି ହେବାକୁ ଥିବା ପରୀକ୍ଷାରେ ଭାଗ ନେଇପାରିବେ ବୋଲି ଏନଟିଏ କହିଥିଲା।



### ମୁଖ୍ୟମନ୍ତ୍ରୀଙ୍କ ୧୦୦ ଦିନର କାର୍ଯ୍ୟ ଖସଡ଼ା

## ପରଖିଲେ ସ୍ଥିତି-ପ୍ରଗତି-ଆହ୍ୱାନ



ଶୀର୍ଷ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା

ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ଉପରେ ପ୍ରାଥମିକତା

■ **ଭୁବନେଶ୍ୱର,୧୪।୬(ସମିସ):** ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟର ସାମଗ୍ରିକ ସ୍ଥିତି, ପ୍ରଗତିର ଚିତ୍ର ଓ ଭବିଷ୍ୟତର ଆହ୍ୱାନ ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ସଂଗ୍ରହ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜ୍ୟର ଆର୍ଥିକ ସ୍ଥିତି, କେଉଁ କ୍ଷେତ୍ରରେ କେତେ କାମ କରାଯାଇଛି, କେଉଁ କ୍ଷେତ୍ରକୁ ସାମ୍ପ୍ରତିକ ସ୍ଥିତିରେ ଗୁରୁତ୍ୱ ଦିଆଯିବା ଜରୁରୀ ସେ ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଶୁକ୍ରବାର ସକାଳେ ମୁଖ୍ୟମନ୍ତ୍ରୀଙ୍କ ଡକରା ପାଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିସନର ଅନୁ ଗର୍ଗ, କୃଷି ବିଭାଗ ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ▶ପୃଷ୍ଠା-୯

### ଖୋଲିଲା ଚାରିଦ୍ୱାର; ବ୍ୟବସ୍ଥିତ ହୋଇପାରୁନି ଦର୍ଶନ

# ଭିଡ଼ ଭିତରେ ଭକ୍ତ ଅଣନିଃଶ୍ୱାସୀ

■ **ପୁରୀ, ୧୪।୬ (ସମିସ):** ରାଜ୍ୟରେ ନୂଆ ସରକାର ଆସିବା ପରେ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାରକୁ ଖୋଲି ଦିଆଯାଇଛି। ଭକ୍ତମାନେ ଏବେ ଚାରିଦ୍ୱାର ଦେଇ ମନ୍ଦିର ଭିତରକୁ ଅନାୟାସରେ ପ୍ରବେଶ କରୁଛନ୍ତି। କିନ୍ତୁ ଆରମ୍ଭରୁ ହିଁ ଏଥିରେ ବିଭ୍ରାଟ ଓ ଅବ୍ୟବସ୍ଥା ଦେଖାଦେଲାଣି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ କରି ତରବରିଆ ଭାବେ ଚାରିଦ୍ୱାର ଖୋଲାଯାଇଥିବାରୁ ଭିତରେ ଦଳାଚକଟା ଭଳି ପରିସ୍ଥିତି ଉପୁଜିଛି ବୋଲି ଆଜି ଭକ୍ତମହଲରେ ଅଭିଯୋଗ ହୋଇଛି। ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ୍ ମୁତୟନ ଥିଲେ ହେଁ ଏକାସାଙ୍ଗେ ଏତେ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ସେମାନେ ନିୟନ୍ତ୍ରଣ କରିପାରୁ ନଥିବା ଦେଖାଯାଉଛି। ଏହାକୁ ନେଇ କିଛି ଶ୍ରଦ୍ଧାଳୁ ଗଣମାଧ୍ୟମ ଆଗରେ ଖୋଲାଖୋଲି ଅସନ୍ତୋଷ ଜାହିର୍ କରିଛନ୍ତି। ଗତକାଲି ଠେଲାପେଲା ଓ ଭିଡ଼ ଯୋଗୁଁ ୩ଜଣ ଶ୍ରଦ୍ଧାଳୁ ମନ୍ଦିର ଭିତରେ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ▶ପୃଷ୍ଠା-୯

- ଚିନ୍ତାରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ୍
- ଭିତରକୁ ଯାଉଛନ୍ତି ପୂର୍ବଠୁ ୨ ଗୁଣା ଭକ୍ତ
- ପୁରୁଣା ବ୍ୟବସ୍ଥାରେ ଚାଲିଛି ଦିଅଁ ଦର୍ଶନ

### ଶ୍ରୀମନ୍ଦିରରେ ନୀତି ବିଳମ୍ବ

## ଦୀର୍ଘ ସମୟ ଧାଡ଼ିରେ ଶ୍ରଦ୍ଧାଳୁ

■ **ପୁରୀ, ୧୪।୬ (ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ହୋଇଛି। ଗୁରୁବାର ରାତ୍ର ପହୁଡ଼ ଅହେତୁକ ବିଳମ୍ବ ଯୋଗୁଁ ଶୁକ୍ରବାର ଦ୍ୱାରଫିଟା ନୀତିରେ ମଧ୍ୟ ବିଳମ୍ବ ହୋଇଥିଲା। ଫଳରେ ପ୍ରଥମ ରଜରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ପ୍ରାୟ ୨ ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିଲେ। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଶୁକ୍ରବାର ଥିଲା ପହିଲି ରଜ। ଛୁଟିଦିନ ଯୋଗୁ ପୁରୀକୁ ଛୁଟିଥିଲେ ହଜାରହଜାର ଭକ୍ତ। ପହିଲି ରଜରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିତରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା। ତେଣୁ ଭୋର୍ ସାଢ଼େ ୪ଟାରୁ ଭକ୍ତମାନେ ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାରରେ ଧାଡ଼ି ଲଗାଇଥିଲେ। ହେଲେ ସ୍ୱତନ୍ତ୍ର ନୀତିକାନ୍ତି ପାଇଁ ଗୁରୁବାର ରାତ୍ର ପହୁଡ଼ ଅହେତୁକ ବିଳମ୍ବ ହୋଇଥିଲା। ଭୋର ସାଢ଼େ ୪ଟାରେ ରାତ୍ର ପହୁଡ଼ ହୋଇଥିବା ବେଳେ ମହାପ୍ରଭୁ ମାତ୍ର ୨ ଘଣ୍ଟା ଶୋଇଥିଲେ। ଶୁକ୍ରବାର ସକାଳ ୬ଟା ୩୫ରେ ଫିଟିଥିଲା ଦ୍ୱାର। ସେପଟେ ସମୟ ଯେତେ ଗଡୁଥିଲା ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କ ଧାଡ଼ି ସେତେ ଲମ୍ବି ଚାଲିଥିଲା। ସକାଳ ୭ଟା ୧୦ରେ ଭିତରଶୋଧ କରାଯାଇ ୭ଟା ୨୦ରେ ହୋଇଥିଲା ମଙ୍ଗଳ ଆଳତି। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। କିନ୍ତୁ ଦ୍ୱାରଫିଟା ବିଳମ୍ବ ହୋଇଥିବାରୁ ଏହା ▶ପୃଷ୍ଠା-୯

**ଭୋର ସାଢେ ୪ରେ ରାତ୍ର ପହୁଡ଼, ସକାଳ ୬ଟା ୩୫ରେ ଫିଟିଲା ଦ୍ୱାର**

## ଲୋକକଥା



ବ୍ରିଟିଶ୍ ଅମଳ ପୁଲିସ ଆଇନ
ଆଜିଯାଏ ଚାଲିଥିଲା,
ଜୁଲାଇ ୧ରୁ ବଦଳିବ ବୋଲି
ନିଷ୍ପତ୍ତି ନିଆଗଲା !
ଅପ୍ରାଧ କମିବ ଭଲା,
ନିର୍ଦ୍ଦୋଷକୁ ଆଉ ମାଖୁନା ମାଖୁନା
ଦଣ୍ଡ ନମିଳିଲେ ହେଲା !!

### ବାଣ ନିଷ୍କ୍ରିୟ ବେଳେ ଅଘଟଣ

## ବିସ୍ଫୋରଣରେ ହାବିଲ୍‌ଦାର ମୃତ

■ **ଫୁଲନଖରା, ୧୪।୬ (ସମିସ):** ଓଡ଼ିଶାର ଗଣପର୍ବ ପହିଲି ରଜରେ ଆଜି କଟକ ସଦର ଥାନା ଅନ୍ତର୍ଗତ କାଠଯୋଡ଼ି ନଦୀପଠା ସୁଭଦ୍ରାପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାଣ ନିଷ୍କ୍ରିୟ ବେଳେ ବିସ୍ଫୋରଣ ହେବାରୁ ଜଣେ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ମୃତ ହାବିଲଦାର ହେଲେ, ପ୍ରଦୀପ କୁମାର ମଲ୍ଲିକ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଓ ଭୟଙ୍କର ଥିଲା ଯେ ହାବିଲଦାରଙ୍କ ଶରୀରର କିଛି ମାଂସ ପ୍ରାୟ ୨୦ ଫୁଟ ଦୂରତାରେ ଏଣେତେଣେ ପଡ଼ିଥିଲା। ପିନ୍ଧିଥିବା ଜିନ୍ ପ୍ୟାଣ୍ଟର ସମସ୍ତ ଅଂଶ ପୋଡ଼ି ଯାଇଥିବା ବେଳେ ଅଣ୍ଟା ପାଖରୁ ପ୍ରାୟ ୧୦ ଇଞ୍ଚର କିଛି ଅଂଶ ଘଟଣାସ୍ଥଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ, ଏହି ବିସ୍ଫୋରଣରେ ଆଖପାଖ ଅଞ୍ଚଳ ଥରି ଉଠିଥିଲା।

ସୂଚନାଯୋଗ୍ୟ, ବିଭିନ୍ନ ସମୟରେ କଟକ ସଦର ଥାନା ଅଞ୍ଚଳରୁ ବେଆଇନ ବାଣ ଜବତ କରାଯାଇ ଦୀର୍ଘ ଦିନ ହେବ ଥାନା ପରିସରରେ ରଖାଯାଇଥିଲା। ସେଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ଥାନା ଏସ୍‌ଆଇ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ରିଜର୍ଭ ପୁଲିସ୍‌ର ଜଣେ ହାବିଲଦାର ଓ ୨ଜଣ କନେଷ୍ଟବଳଙ୍କ ସମେତ ୪ଜଣ କାଠଯୋଡ଼ି ନଦୀପଠାରେ ଥିବା ନିକାଞ୍ଚନ ସ୍ଥାନରେ ଗଚ୍ଛିତ ବାଣଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ନେଇଥିଲେ। ଦିନ ପ୍ରାୟ ୧୧ଟାରେ ଉକ୍ତ ସ୍ଥାନରେ ଉଚ୍ଚ ଶବ୍ଦଯୁକ୍ତ ସୁତୁଲି ବମ୍ ବା ଗୋଲାଗୁଡ଼ିକୁ ଦୁଇ ଭାଗ କରି ଦୁଇଟି ସ୍ଥାନରେ ରଖାଯାଇଥିଲା। ନଦୀକୂଳରେ ଏକ ଗାଡ଼ କରି ସେଥିରେ ପ୍ରଥମ ଭାଗଟିକୁ ରଖି ହାବିଲଦାର ପ୍ରଦୀପ କୁମାର ମଲ୍ଲିକ ଅଗ୍ନି ସଂଯୋଗ କରୁଥିବା ବେଳେ ▶ପୃଷ୍ଠା-୯



ଘଟଣାସ୍ଥଳରେ ଉଚ୍ଚ ଅଧିକାରୀଙ୍କ ତଦନ୍ତ

### ଶପଥ ପାଠ କରାଇଲେ ରାଜ୍ୟପାଳ

## କାମଚଳା ବାଚସ୍ପତି ହେଲେ ରଣେନ୍ଦ୍ର

୧୮ ଓ ୧୯ରେ ବିଧାୟକଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ

୨୦ରେ ବାଚସ୍ପତି ନିର୍ବାଚନକୁ କରିବେ ପରିଚାଳନା



■ **ଭୁବନେଶ୍ୱର, ୧୪।୬ (ସମିସ):** ସପ୍ତଦଶ ବିଧାନସଭାର କାମଚଳା ବାଚସ୍ପତି ଭାବେ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଏହି ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସନ୍ତା ୧୮ ଓ ୧୯ ତାରିଖରେ ବିଧାନସଭାରେ ନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଇବେ। ଏହାସହିତ ୨୦ ତାରିଖରେ ହେବାକୁ ଥିବା ବାଚସ୍ପତି ନିର୍ବାଚନକୁ ମଧ୍ୟ ସେ ପରିଚାଳନା କରିବେ। ଶପଥ ନେବା ▶ପୃଷ୍ଠା-୯

# ସନ୍ନିଙ୍କ ଘୋଷଣା ଆସିବ 'ବର୍ଡର-୨'



ଅନେକ ଦିନ ହେଲା ସନ୍ନି ଦେଓ୍ବଲ୍‌ଙ୍କ ଅଭିନୀତ 'ବର୍ଡର'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଲାଗି ରହିଛି । ଦର୍ଶକେ ମଧ୍ୟ ଏହାର ସିକ୍ୱେଲକୁ ଚାହିଁ ବସିଥିଲେ । ଇତିମଧ୍ୟରେ 'ବର୍ଡର-୨'କୁ ନେଇ ଘୋଷଣା କରାଯାଇଛି । ଆଉ ଉଲ୍ଲେଖନୀୟ କଥାଟି ହେଲା, ୧୩ ଜୁନ୍ ୧୯୯୭ରେ ଏହା ମୁକ୍ତିଲାଭ କରିଥିଲା । ଜୁନ୍ ୧୩ରେ ଏହାର ସିକ୍ୱେଲ ବିଷୟରେ ଘୋଷଣା କରାଯାଇଛି । ଖୋଦ୍ ସନ୍ନି ଇନ୍‌ଷ୍ଟାଗ୍ରାମ୍‌ରେ ଏହାର ଏକ ଭିଡିଓ ସେୟାର୍ କରି 'ବର୍ଡର-୨' ବିଷୟରେ ଘୋଷଣା କରିଛନ୍ତି । ଏହି ଭିଡିଓରେ କୌଣସି ଭିଜୁଆଲ ନାହିଁ । କେବଳ ପ୍ରଚ୍ଛଦପଟରୁ ସନ୍ନିଙ୍କ ସ୍ୱର ଶୁଣାଯାଉଛି । ଭିଡିଓରେ ସେ କହୁଛନ୍ତି, 'ଜଣେ ସୈନିକ ୨୭ ବର୍ଷ ପୂର୍ବରୁ ଦେଇଥିବା କଥାକୁ ରକ୍ଷା କରିବାକୁ ପୁଣି ଥରେ ଫେରୁଛି । ଭାରତର ସବୁଠୁ ବଡ଼ ଯୁଦ୍ଧଭିତ୍ତିକ ଫିଲ୍ମ 'ବର୍ଡର-୨' ।' ଏହାପରେ ଫିଲ୍ମର ଗୀତ 'ସନ୍ଦେଶେ ଆତେ ହେଁ' ବାଜୁଛି । 'ବର୍ଡର-୨'ର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ରହିଛନ୍ତି । ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଜାଭେଦ୍ ଅଖତର୍ ଏହାର ଗୀତିକାର ହେବେ । ତେବେ ଫିଲ୍ମର ଷ୍ଟାରକାଷ୍ଟ ଏଯାବତ୍ ଫାଇନାଲ ହୋଇନାହିଁ । ଏଥିରେ ଆୟୁଷ୍ମାନ୍ ଖୁରାନା ଏକ ବିଶେଷ ଭୂମିକାରେ ଦେଖାଯିବେ ବୋଲି ଚର୍ଚ୍ଚା ହେଉଛି । ଏହାର ସୁଟିଂ ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ସୂଚନା ମିଳୁଛି ।

# ବିଶ୍ୱ ପବନ ଦିବସ



ପ୍ରତିବର୍ଷ ଜୁନ୍ ୧୫ ତାରିଖକୁ ବିଶ୍ୱ ପବନ ଦିବସ ଭାବେ ପାଳନ କରାଯାଏ । ଏହାର ଆୟୋଜନ 'ୟୁରୋପିଆନ୍ ୱିଣ୍ଡ୍ ଏନର୍ଜି ଆସୋସିଏସନ୍' ଓ 'ଗ୍ଲୋବାଲ୍ ୱିଣ୍ଡ୍ ଏନର୍ଜି କାଉନ୍‌ସିଲ୍' କରିଥାଏ । ଏହି ଦୁଇଟି ଅନୁଷ୍ଠାନ ଲୋକଙ୍କ ଜୀବନରେ ସ୍ୱଚ୍ଛ ପବନର ଗୁରୁତ୍ୱ ସମ୍ପର୍କରେ ଅବଗତ କରିଥାଏ । ଅଣ ପାରମ୍ପରିକ ଶକ୍ତି ଭାବରେ ପବନ ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶ୍ୱ ପବନ ଦିବସ ପାଳନ କରାଯାଏ । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିବାରେ ପବନ ଶକ୍ତିର ଅପାର ସମ୍ଭାବନାକୁ ବିଶ୍ୱ ପବନ ଦିବସ ଏକ ଶକ୍ତିଶାଳୀ ସ୍ମାରକ ଭାବରେ କାର୍ଯ୍ୟ କରିଥାଏ । ୨୦୦୭ ରେ, ୟୁରୋପରେ ପ୍ରଥମଥର ପାଇଁ ବିଶ୍ୱ ପବନ ଦିବସ ପାଳନ କରାଯାଇଥିଲା । ୨୦୦୯ ରେ ଗ୍ଲୋବାଲ ପବନ ଶକ୍ତି ପରିଷଦ (ଜିଇଡବ୍ଲୁଇସି) ଏବଂ ୟୁରୋପୀୟ ପବନ ଶକ୍ତି ସଂଘ ବିଶ୍ୱ ପବନ ଦିବସକୁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିଲେ । ୨୦୧୨ରେ ବିଭିନ୍ନ ଦେଶରେ ଏନେଇ ପ୍ରାୟ ୨୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବସ୍ତୁବାଦୀ ମଣିଷ ନିଜ ସୁଖ ସୁବିଧା ପାଇଁ ପରିବେଶକୁ ନଷ୍ଟ କରିବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଜଳବାୟୁ ପରିବର୍ତ୍ତନ ସମସ୍ୟା ଦେଖାଯାଇଛି । ଯାହା ମାନବ ସଭ୍ୟତାର ବିନାଶ ଘଟାଇବ ବୋଲି ବିଶ୍ୱାସ କରାଯାଏ । ଏହି ପରିସ୍ଥିତିରେ ଜଳ, ପବନ ଇତ୍ୟାଦି ଅଣ ପାରମ୍ପରିକ ଶକ୍ତିର ଗୁରୁତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ପବନ ଶକ୍ତି ଏକ ଅସରନ୍ତି ସମ୍ବଳ ହୋଇଥିବାରୁ ସ୍ୱଚ୍ଛ ବିଜୁଳି ଉତ୍ପାଦନ ପାଇଁ ଏହାର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି । ବିଗତ ବର୍ଷମାନଙ୍କରେ ଭାରତରେ ପବନରୁ ବିଜୁଳି ଉତ୍ପାଦନ ବହୁଗୁଣିତ ହୋଇଛି ।

## ଆଜିର ଇତିହାସ

- ୧୮୯୬-ଜାପାନ ଇତିହାସର ସବୁଠୁ ବିନାଶକାରୀ ଭୂମିକମ୍ପ ଓ ତତ୍ ପରବର୍ତ୍ତୀ ସୁନାମିରେ ୨୨ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୫୪-ୟୁରୋପୀୟ ଫୁଟବଲ୍ ସଂଘର ଗଠନ ।
- ୧୯୫୮-ପିଜାହଟ୍‌ର ସ୍ଥାପନା ।
- ୧୯୮୮- ନାସା ସ୍ପେଶ୍ ବାହନ ଏସ୍-୨୧୩ ଲଞ୍ଚ୍ କଲା ।
- ୨୦୦୬- ଭାରତ ଓ ଚୀନ୍ ପୁରୁଣା ସିଲ୍‌କ ରୁଟ୍ ଖୋଲିବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୧୦- ତମାଖୁ ଉପରେ ପ୍ରତିବନ୍ଧକ ଲଗାଇବାରେ ଭୁଟାନ ବିଶ୍ୱର ପ୍ରଥମ ଦେଶ ହେଲା ।

## ବୃକ୍ଷ ଓ ଆମେ



ନ୍ୟୁଜିଲାଣ୍ଡର ପ୍ରାଚୀନ 'ଉତ୍ତରି ରାତା' ନାମକ ଗଛ 'ଦ ୱାକିଂ ଟ୍ରି' ନାଁରେ ପରିଚିତ । ଏହି ଗଛ 'ଟ୍ରି ଅଫ୍ ଦ ଇୟର' ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ବୃକ୍ଷ ହେବାର ଗୌରବ ହାସଲ କରିଛି । ଏଥିରେ ସାମିଲ ଅନ୍ୟ ବୃକ୍ଷକୁ ପଛରେ ପକାଇ ଏହା ୪୨ ପ୍ରତିଶତ ଭୋଟ ହାତେଇଛି । ଏହି ପ୍ରତିଯୋଗିତା ନ୍ୟୁଜିଲାଣ୍ଡର ଆବୋରକଲଚରାଲ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇଥିଲା । ବୃକ୍ଷକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ସେହିପରି ପ୍ରତିଯୋଗିତାରେ 'ଦ ୱାକିଂ ଟ୍ରି'କୁ ଅସାଧାରଣ କୁହାଯାଇ ଏହାର ଖୁବ୍ ପ୍ରଶଂସା କରାଯାଇଛି । ଏହାସହ ବୃକ୍ଷର ମନୋରମ ଦୃଶ୍ୟ ଏବଂ ଇତିହାସ ସମ୍ପର୍କରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି । ଏହି ଗଛର ଉଚ୍ଚତା ୩୨ ମିଟର । ଏହା ଅନ୍ୟ ଗଛ ଉପରେ ବଢ଼ିଥାଏ । ସେହିପରି ଗଛଟି ଅନ୍ୟ ଗଛ ସହ ସେମିତି ଜଡ଼ିତ ରହେ, ଯେପର୍ଯ୍ୟନ୍ତ ତା' ମୂଳ ମାଟିରେ ନ ଲାଗିଛି । ଏହି ଗଛ ହଜାରେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହେ । ଅନେକ ରେକର୍ଡରୁ ଜଣାପଡ଼ିଛି ଯେ, ଏହା ୧୮୭୫ରୁ ମହଜୁଦ ଅଛି । ଅନ୍ୟପଟେ ଏହି ସମ୍ମାନ ଗଛର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରୁଛି । ଏହାସହ ଏଠାକାର ସ୍ଥାନୀୟ ପରିବେଶକୁ ସମୃଦ୍ଧ କରୁଥିବା କୁହାଯାଇଛି । ଏପରିକି ଏହି ଗଛ ଅତୀତ, ବର୍ତ୍ତମାନ, ଭବିଷ୍ୟତ ପିଢ଼ିଙ୍କ ପାଇଁ ଆପଣାପଣର ଭାବନା ସୃଷ୍ଟି କରିଥାଏ ବୋଲି କୁହାଯାଇଛି ।

# ଟ୍ରେଣ୍ଡରେ ନୋ ର' ଡାଏଟ୍



ଆଜିକାଲି ଡାଏଟ୍‌ରେ ବି ନୂଆ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସୁଛି । ଏଥିରେ ଏବେ ଯୋଡ଼ି ହୋଇଛି 'ନୋ ର' ଡାଏଟ୍ ।' ଲାଇଫଷ୍ଟାଇଲ୍ ବ୍ଲକ୍ ଟ୍ରେଣ୍ଡରେ ଏହା ଏବେ ନୂଆ ଶବ୍ଦ ପାଲଟିଛି । ତେବେ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ୍ 'ନୋ ର' ଡାଏଟ୍ ଟ୍ରେଣ୍ଡ' ବାବଦରେ କହିବା ପରେ ଏହାର ଲୋକପ୍ରିୟତା ସାମ୍ନାକୁ ଆସିଛି । ଏହି ଡାଏଟ୍‌ର ନାଁରୁ ସ୍ପଷ୍ଟ ହେଉଛି ଯେ, ଏଥିରେ କୌଣସି କଞ୍ଚା ଖାଦ୍ୟ ପଦାର୍ଥକୁ ସାମିଲ କରାଯାଏ ନାହିଁ । ଏହି ଡାଏଟ୍‌ରେ ସାମିଲ ଥିବା ଖାଦ୍ୟକୁ ଭଲଭାବେ ରନ୍ଧାଯାଏ । ମୁଖ୍ୟତଃ କଞ୍ଚା ଖାଦ୍ୟ ଖାଇବାକୁ ମନା ଥିବା ଲୋକ ଏହି ଡାଏଟ୍ ଆପଣାଇବା ଅନୁଚିତ । କାରଣ କିଛି କଞ୍ଚା ଖାଦ୍ୟ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ଅନ୍ୟ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇ ନ ଥାଏ । ତେବେ ଖାଦ୍ୟପଦାର୍ଥକୁ ଭଲଭାବେ ରାନ୍ଧି ଖାଇବା ଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯାନ୍ତି । ଫଳରେ ଖାଦ୍ୟ ଜନିତ ରୋଗ ହେବା ଆଶଙ୍କା ହ୍ରାସ ପାଏ । ସେହିପରି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ରନ୍ଧନ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଦ୍ୱାରା ପୋଷକ ତତ୍ତ୍ୱ ଶରୀରକୁ ଠିକ୍ ଭାବେ ମିଳିଥାଏ । ଖାଦ୍ୟପଦାର୍ଥକୁ ରାନ୍ଧି ଖାଇବା ଦ୍ୱାରା ଏଥିରେ ଥିବା ଫାଇବର୍ ବା ତନ୍ତୁ ହ୍ରାସ ପାଉଥିବାରୁ ଏହା ଶୀଘ୍ର ହଜମ ହୋଇଯାଇଥାଏ । ଏହା ପାଚନ ସମସ୍ୟା ଦେଖାଯାଉଥିବା ଲୋକଙ୍କ ପାଇଁ ବେଶ୍ ଭଲ ହୋଇଥାଏ ।

# ପୂଜା ସମୟରେ ତଳେ ରଖନ୍ତୁନି ଏସବୁ ଜିନିଷ

**ହିନ୍ଦୁ ଧର୍ମ ଅନୁସାରେ, ପୂଜାପାଠ ସମୟରେ ଅନେକ ପ୍ରକାର ପୂଜାଦ୍ରବ୍ୟର ଆବଶ୍ୟକତା ହୋଇଥାଏ । ପୂଜାରେ ଧୂପ, ଦୀପ, ଶଙ୍ଖ, ଫୁଲ, ଅକ୍ଷତ, ଫଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଲାଗିଥାଏ । ତେବେ ଏମିତି କିଛି ପୂଜାଦ୍ରବ୍ୟ ରହିଛି, ଯାହାକୁ ତଳେ ରଖିବା ଉଚିତ ନୁହେଁ । ଏହାଦ୍ୱାରା ପୂଜାଫଳ ପ୍ରାପ୍ତି ହୋଇ ନ ଥାଏ । ସେମିତି କିଛି ପୂଜା ଜିନିଷ ହେଉଛି –**



### ଦୀପ

ପୂଜା କରିବା ସମୟରେ ଦୀପ ପ୍ରଜ୍ୱଳନର ବିଧି ରହିଛି । ଦୀପ ଜଳାଇବା ପରେ ଭଗବାନଙ୍କ ସ୍ତୁତି କରାଯାଏ । ତେବେ ଦୀପକୁ କେବେ ମଧ୍ୟ ଭୂମି ଉପରେ ରଖିବା ଉଚିତ ନୁହେଁ । ଏହାକୁ ଥାଳି କିମ୍ବା ଦୀପ ଷ୍ଟାଣ୍ଡ ଉପରେ ରଖିବା ଦ୍ୱାରା ପୂଜାର ଶୁଭଫଳ ମିଳିଥାଏ ।

### ଶଙ୍ଖ

ପୂଜା କରିବା ସମୟରେ ଶଙ୍ଖ ଫୁଙ୍କିବା ଶୁଭ ହୋଇଥାଏ । ପୂଜାଘରେ ଶଙ୍ଖ ରଖିବା ବହୁତ ଶୁଭ । କାରଣ ଶଙ୍ଖକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଏ । ତେବେ ଶଙ୍ଖକୁ କେବେ ମଧ୍ୟ ତଳେ ରଖିବା ଉଚିତ ନୁହେଁ । ଏହାଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି ଏବଂ ଯାହା ଫଳରେ ଆର୍ଥିକ ସଙ୍କଟ ଦେଖା ଦେଇଥାଏ ।



### ମୂର୍ତ୍ତି

ପୂଜାଘରକୁ ସଫା କରିବା ସମୟରେ ଠାକୁରଙ୍କ ମୂର୍ତ୍ତିକୁ ଚଟାଣ ଉପରେ ରଖନ୍ତୁ ନାହିଁ । ମୂର୍ତ୍ତିକୁ କୌଣସି ପିଢ଼ା, ସଫା ବସ୍ତ୍ର କିମ୍ବା ଥାଳି ଉପରେ ରଖିବା ଉଚିତ । ଠାକୁରଙ୍କ ମୂର୍ତ୍ତି ତଳେ ରଖିବା ଦ୍ୱାରା ଘରର ସୁଖସମୃଦ୍ଧି ହାନି ହୋଇଥାଏ ।

### ଆଭୂଷଣ

କେତେକ ପୂଜା ଘରେ ଥିବା ଠାକୁରଙ୍କ ମୂର୍ତ୍ତିରେ ଗହଣା ପିନ୍ଧାଇଥାନ୍ତି । କାରଣ ଗହଣା ହେଉଛି ଶୁଭର ପ୍ରତୀକ । ଗହଣା ବା ଆଭୂଷଣର ସମ୍ପର୍କ ଗ୍ରହ ସହିତ ହୋଇଥାଏ । ତେଣୁ ସେହି ଆଭୂଷଣକୁ ମଧ୍ୟ ଭୂମି ଉପରେ ରଖିବା ଅଶୁଭ ବୋଲି କୁହାଯାଏ । କାରଣ ଏହାଦ୍ୱାରା ଗ୍ରହର ସ୍ଥିତି ପ୍ରଭାବିତ ହୋଇଥାଏ ଏବଂ ଜୀବନରେ ସମସ୍ୟା ଆସିଥାଏ । ତେଣୁ ଉକ୍ତ ଆଭୂଷଣଗୁଡ଼ିକୁ ସଫା ବସ୍ତ୍ର ଉପରେ ରଖିବା ଆବଶ୍ୟକ ।

# ପ୍ଲାଷ୍ଟିକ୍ ନୌକାରେ ସଚେତନତା ଯାତ୍ରା

ସମ୍ପ୍ରତି ପ୍ଲାଷ୍ଟିକ୍ ପ୍ରଦୂଷଣ ବିଶ୍ୱ ପାଇଁ ଉତ୍କଟ ସମସ୍ୟା ପାଲଟିଛି । ସେଥିପାଇଁ ଏହାକୁ ନେଇ ଲୋକଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି । ଏହି କ୍ରମରେ ପ୍ଲାଷ୍ଟିକ୍ ପ୍ରଦୂଷଣ ବାବଦରେ ଲୋକଙ୍କୁ ଭିନ୍ନ ତରିକାରେ ସଚେତନ କରାଇଛନ୍ତି ଆସାମର ଧୀରଜ ବିକାଶ ଗୋଗଇ । ସେଥିପାଇଁ ସେ ନୌକା ଯାତ୍ରା କରିଛନ୍ତି । ଏହି ଡଙ୍ଗାକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ୍ ବୋତଲରେ ତିଆରି କରାଯାଇଛି । ଧୀରଜ ବ୍ରହ୍ମପୁତ୍ର ନଦୀରେ ପ୍ଲାଷ୍ଟିକ୍ ଡଙ୍ଗାରେ ୧୦ ଦିନ ଯାତ୍ରା କରିବା ପରେ ଗୌହାଟିରେ ପହଞ୍ଚିଛନ୍ତି । ଏହା ତାଙ୍କ ପାଇଁ ଖୁବ୍ ଆହ୍ୱାନପୂର୍ବକ କାମ ଥିଲା । ବିଶେଷକରି କାଜିରଙ୍ଗାରେ ଏନେଇ ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଥିଲା । ତେବେ ପ୍ଲାଷ୍ଟିକ୍ ପ୍ରଦୂଷଣ ବାବଦରେ ସଚେତନା ସୃଷ୍ଟି କରିବା ପାଇଁ ଗୋଗଇ ଏହି ଅଭିଯାନ ଆରମ୍ଭ କରିଥିବା କହିଛନ୍ତି । ତାଙ୍କର ଏହି ଅଭିଯାନ ଶିଲଘାଟରୁ ଗୌହାଟି ପର୍ଯ୍ୟନ୍ତ ଥିଲା । ଅନ୍ୟପଟେ ବ୍ରହ୍ମପୁତ୍ରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ହେଉଛି ତାଙ୍କର ଲକ୍ଷ୍ୟ । ସେହିପରି ସ୍ଥାନୀୟ ଲୋକ ଏ ଦିଗରେ ତାଙ୍କୁ ଖୁବ୍ ସହାୟତା କରିଛନ୍ତି । ଟ୍ରକ୍‌ରେ ପ୍ଲାଷ୍ଟିକ୍ ଡଙ୍ଗାକୁ ପ୍ରଥମେ ସିଲଘାଟ ପର୍ଯ୍ୟନ୍ତ ନିଆଯାଇଥିଲା । ଏହପରେ ନଦୀରେ ସେ ଯାତ୍ରା ଆରମ୍ଭ କରିଥିଲେ । ତେବେ ଯାତ୍ରା ସମୟରେ ସାମ୍ନା କରିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଏହା ତାଙ୍କର ପ୍ରକୃତି ପ୍ରତି ଶେଷ ଯାତ୍ରା ହୋଇପାରେ ବୋଲି ଧୀରଜ କହିଛନ୍ତି ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ବୁଦ୍ଧିମାନର କାମ କରି ଦେଖାଇବେ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ମିଳିବ । କଠିନ ପରିଶ୍ରମ କରିବେ ।

**ବୃଷ:** ଧନପ୍ରାପ୍ତି ପାଇଁ ଦିନଟି ବହୁତ ଭଲ । ଉଧାର ଟଙ୍କା ମଧ୍ୟ ଆଜି ଫେରି ପାଇବେ । ଘରର ସାଜସଜ୍ଜା ପାଇଁ ଖର୍ଚ୍ଚ କରିପାରନ୍ତି । ପୈତୃକ ସମ୍ପତ୍ତିକୁ ନେଇ ଚିନ୍ତାରେ ରହିବେ ।

**ମିଥୁନ:** ଦିନଟି ଶାନ୍ତିପୂର୍ଣ୍ଣ ରହିବ । ସୁନା ଅଳଙ୍କାର କିଣିବାର ଯୋଗ ରହିଛି । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପାରିବାରିକ ଜୀବନ ସୁଖମୟ ହେବ ।

**କର୍କଟ:** ନିଜ ମନର ବିଚାରକୁ ନିୟନ୍ତ୍ରଣରେ ରଖିବା ଭଲ । ବିଦ୍ୟାର୍ଥୀମାନେ ପାଠପଢ଼ାରେ ମନ ଦେବେ । ଉଦରଜନିତ ସମସ୍ୟା ଦେଖାଦେଇପାରେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ ।

**ସିଂହ:** ପୈତୃକ ସମ୍ପତ୍ତି ବିକ୍ରି ଯୋଜନା କରିବେ । ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭାଗ୍ୟଶାଳୀ । ପରିଶ୍ରମର ଉତ୍ତମ ଫଳ ପାଇବେ । ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ମିଶ୍ର ଫଳ ପ୍ରଦାନ କରିବ । ନିଷ୍ଠାର ସହ ସମସ୍ତ କାର୍ଯ୍ୟ କରନ୍ତୁ । କର୍ମକ୍ଷେତ୍ରରେ ବସ୍ ଆପଣଙ୍କୁ ପ୍ରଶଂସା କରିପାରନ୍ତି । ଜୀବନସାଥୀଙ୍କ ସହ ସମୟ ବିତାଇବେ ।

**ତୁଳା:** ଆଜିର ଦିନଟି ଭଲରେ ବିତିବ । କୌଣସି ଦିଗରୁ ନିରାଶ ହୋଇ ପାରନ୍ତି । ହଠାତ୍ ଖର୍ଚ୍ଚ ବଢ଼ିପାରେ । ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବା ଭଲ । ନୂତନ ଯାନବାହାନ କିଣିପାରନ୍ତି ।

**ବିଛା:** କର୍ମକ୍ଷେତ୍ରରେ ନେତୃତ୍ୱ ନେବାର ସୁଯୋଗ ମିଳିବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ସମାଜ ସେବା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ । ବିବାହ ସମସ୍ୟା ସମାଧାନ ହେବ ।

**ଧନୁ:** ମନର କଥାକୁ ଜୀବନସାଥୀଙ୍କ ଆଗେ ପ୍ରକାଶ କରନ୍ତୁ । ପରିବାର ଲୋକଙ୍କ ସହଯୋଗ ମିଳିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ । କୌଣସି ନୂଆ କାମ ଆରମ୍ଭ କରିପାରନ୍ତି । ଉଚ୍ଚଶିକ୍ଷା ପାଇଁ ଭଲ ସମୟ ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ । ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ ।

**କୁମ୍ଭ:** ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ । ଚାକିରିରେ ବଦଳି ସମ୍ଭାବନା ଅଛି । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ମୀନ:** ମନ ପ୍ରସନ୍ନ ରହିବ । ଏକାଗ୍ରତା ଏବଂ କାର୍ଯ୍ୟ କରିବାର ନିଷ୍ଠା ଯୋଗୁଁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଦୂରଯାତ୍ରା କରି ଥକ୍କା ଅନୁଭବ କରିବେ ।

ଗଡ଼ା ଚାଲିଛି ତିନି ରଥ

# ଚକ ଥାକ ସହ ଦିଗ ନିର୍ଣ୍ଣୟ ହେଲା



ପୁରୀ, ୧୪।୬ (ସମିସ): ଆଉ ୨୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ, ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ସୁଦ୍ଧା ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥଯାତ୍ରା ପୂର୍ବ ଦିନ ରଥଗୁଡ଼ିକ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାରଠାରେ ପହଞ୍ଚି ପାରିବ, ସେଥିପାଇଁ ଦିଗ ନିର୍ଣ୍ଣୟ କରାଯାଇ ଚକ, ଅଖଗୁଡ଼ିକୁ ସେଟିଂ କରାଯାଇଛି। ଏଥିସହ ରଥ ନିର୍ମାଣ ସମୟରେ ଚକଗୁଡ଼ିକ ନିଜ ସ୍ଥାନରୁ ନ ଗଡ଼ିବା ପାଇଁ ପ୍ରତ୍ୟେକ ଚକର ଉଭୟ ପାର୍ଶ୍ୱରେ ଆମ୍ବ ଗଡ଼ ବାନ୍ଧ ଦିଆଯାଇଥିବା ବେଳେ ଅଖ ଉପରେ ଅଧିକ ଚାନ ନ ପଡ଼ିବା ପାଇଁ ଅଖ ତଳେ ଆମ୍ବ ଗଡ଼ ବା ମେଣ୍ଟି ଖମ୍ବ ଲଗାଯାଇଛି।

ସେହିପରି ତିନିରଥର ଦଣ୍ଡା ଫ୍ରେମ ବା ଚେଚିସ ନିର୍ମାଣ ଶେଷ ହୋଇ ଦଣ୍ଡା ଫ୍ରେମର ବିଭିନ୍ନ ଅଂଶର ନମ୍ବରିଂ ହୋଇ ଖୋଲାଯାଇଛି। ପରେ ପାଞ୍ଚ ଦଣ୍ଡାରେ ଲାଗିଥିବା ଗୁଜ, ଜଳଯନ୍ତ୍ର ଏବଂ କୁତୁକା ଇତ୍ୟାଦିରେ କାପ, କଳସା, ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଶନିବାର ଥାକ (ସେଟିଂ) ହୋଇଥିବା ଚକ, ଅଖରେ ଦଣ୍ଡା ଫ୍ରେମ ଉଠିବା କାର୍ଯ୍ୟକ୍ରମ ରହିଛି। ସେହିପରି ତିନି ରଥର ଦୁଇଟି ଲେଖାଏଁ ଗରଗରାରେ ବିନ୍ଧ କାର୍ଯ୍ୟ ସରିଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ଚଉଦ ନାହାକା ନିର୍ମାଣ ଶେଷ ହୋଇଛି। ରଥଚାଳିରେ ରୂପକାର ସେବକ ତିନିରଥର ଦୁଆର ପାଇଁ ନାଟଗୋଡ଼ରେ ରାହୁରୂପ ଖୋଦେଇ ସହ ସିଂହାସନ ମୁହାଁଟିରେ ଖୋଦେଇ ଚିତ୍ରର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଯୋକା କଣ୍ଟା, ଗୟଳ କଣ୍ଟା ଏବଂ ଚନାକ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

କେନ୍ଦୁଝରେ: ଶୁଖିଗଲା ବଡ଼ଘାଗରା ଡ୍ୟାମ୍

# ପାଣି ପାଇଁ ଅଧା ସହର ହାହାକାର







ଟ୍ୟାଙ୍କର୍ ପାଣି ଯଥେଷ୍ଟ ହେଉନି

କେନ୍ଦୁଝର, ୧୪।୬ (ସମିସ): ଯାହା ଆଶଙ୍କା କରାଯାଉଥିଲା, ଶେଷରେ ତାହା ହିଁ ହେଲା। ବଡ଼ଘାଗରା ଡ୍ୟାମ୍ ପୂରାପୂରି ଶୁଖିଯିବାରୁ ଏବେ କେନ୍ଦୁଝର ସହରକୁ ଜଳଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଅଧା ସହରରେ ଏବେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ପାଖାପାଖି ୪ ହଜାର ପରିବାରର ୨୦ ହଜାର ଲୋକ ପାଣି ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ବିକଳ୍ପ ସ୍ୱରୂପ ୱାଟ୍‌କୋ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରାଯାଉଥିଲେ ହେଁ ଲୋକଙ୍କ ପାଇଁ ଏହା ଯଥେଷ୍ଟ ହୋଇପାରୁନି।

ସାନ ମାଛକାନ୍ଦଣା ନଦୀରେ ଥିବା ବଡ଼ଘାଗରା ଡ୍ୟାମ୍‌ରୁ କେନ୍ଦୁଝର ସହରର ୧ରୁ ୧୦ ନଂ. ୱାର୍ଡକୁ ଜଳ ଯୋଗାଇ ଦିଆଯାଇଥାଏ। କିନ୍ତୁ କେନ୍ଦୁଝରରେ ବହୁ ଦିନ ହେଲା ଭଲ ବର୍ଷା ନ ହେବାରୁ ବଡ଼ଘାଗରା ଡ୍ୟାମ୍‌ରେ ଏବେ ଆଦୌ ପାଣି ନାହିଁ। ଡ୍ୟାମ୍ ସମ୍ପୂର୍ଣ୍ଣ ଶୁଖିଯାଇଛି। ଫଳରେ ଶୁକ୍ରବାରଠାରୁ ସହରକୁ ଡ୍ୟାମ୍‌ରୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ଡ୍ୟାମ୍‌ରୁ ସହରର ପ୍ରାୟ ୨୦ ହଜାର ଲୋକ ପାଣି ପାଇଥା'ନ୍ତି। କିଛି ଦିନ ପୂର୍ବରୁ ଡ୍ୟାମ୍‌ରୁ ପାଣି ଶୁଖିବା ଆରମ୍ଭ କରିବାରୁ ମଟର ସାହାଯ୍ୟରେ କାଦୁଅମିଶା ପାଣି ଉଠାଇ ସହରକୁ ଯୋଗାଇ ଦିଆଯାଉଥିଲା। କିନ୍ତୁ ଶୁକ୍ରବାରଠାରୁ ତାହା ବି ସମ୍ଭବ ହୋଇପାରୁନି। ଡ୍ୟାମ୍ ସମ୍ପୂର୍ଣ୍ଣ ଶୁଖିଯିବାରୁ ଡ୍ୟାମରୁ ଟୋପାଏ ବି ପାଣି ସହରକୁ ମିଳିପାରୁନି। ଫଳରେ ଜଳକଷ୍ଟରେ ଥିବା ପ୍ରାୟ ୨୦ହଜାର ଲୋକଙ୍କୁ ଜଳଯୋଗାଣ ଦାୟିତ୍ୱରେ ଥିବା ୱାଟ୍‌କୋ ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରୁଛି। କିନ୍ତୁ ଏହା ଯଥେଷ୍ଟ ହୋଇପାରୁନି।

ଏହି ଡ୍ୟାମ୍‌ର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ଆର୍‌ଏଲ୍ (ରେଡିୟସ ଲେଭଲ)। ଡ୍ୟାମ୍‌ରେ ବର୍ତ୍ତମାନ ଅନ୍ୟୁନ ୧୯୨୬ ଆର୍‌ଏଲ୍ ଜଳ ରହିବା କଥା। କିନ୍ତୁ ଗତ ୩ ମାସ ହେବ, ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା, ତାହା ହୋଇନାହିଁ। ନିଅଣ୍ଟିଆ ବର୍ଷା କାରଣରୁ ଯେଉଁ ପାଣି ଟିକେ ବଡ଼ଘାଗରା ଡ୍ୟାମ୍‌ରେ ଥିଲା, ତାହା ବି ଶୁଖିଗଲା।

କେନ୍ଦୁଝର ସହରରୁ ମୁଖ୍ୟତଃ ବଡ଼ଘାଗରା ଓ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ହୋଇଥାଏ। ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୫୫ ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଇଥାଏ। ସେ ଅଞ୍ଚଳରେ ଆବଶ୍ୟକତା ୫୫ ଲକ୍ଷ ଲିଟର ଜଳ ବଦଳରେ ଏବେ ଟ୍ୟାଙ୍କର୍ ମାଧ୍ୟମରେ କମ୍ ଯୋଗାଣ ହେଉଛି। ତେବେ ସହରର ଅନ୍ୟ ଅଂଶରେ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ହେଉଛି। କିନ୍ତୁ ଜଳକଷ୍ଟରେ ଥିବା ୧ରୁ ୧୦ ନଂ ୱାର୍ଡକୁ କାନ୍‌ଝରୀ ଡ୍ୟାମ୍‌ରୁ ଜଳଯୋଗାଣ ପାଇଁ କୌଣସି ସଂଯୋଗ ବ୍ୟବସ୍ଥା ନଥିବାରୁ ଏହି ଅଞ୍ଚଳକୁ କାନ୍‌ଝରୀରୁ ପାଣି ଯୋଗାଇବା ସମ୍ଭବ ହୋଇପାରୁନି। ଫଳରେ କେନ୍ଦୁଝର ସହରରେ ଅଧା ଭାଗ ଏବେ ଜଳକଷ୍ଟରେ ଥିବା ବେଳେ ଅନ୍ୟ ଅଧାରେ ଜଳଯୋଗାଣ ସ୍ୱାଭାବିକ ରହିଛି। ଆଉ କିଛି ଦିନ ପରେ ମୌସୁମୀ ବର୍ଷା ପରେ ହିଁ ବଡ଼ଘାଗରାରେ ପାଣି ବଢ଼ିବ ଏବଂ ସହରକୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି।

# ପୋଖରୀରେ ବୁଡ଼ି ମା'-ଝିଅ ମୃତ



ଉମରକୋଟ, ୧୪।୬(ସମିସ): ଶୁକ୍ରବାର ପହିଲି ରଜରେ ନବରଙ୍ଗପୁର ଜିଲ୍ଲା ସାରା ଉତ୍ସବମୁଖର ରହିଥିବା ବେଳେ ଉମରକୋଟ ବ୍ଲକ ପୂଜାରୀ ଭରଣ୍ଡି ଗ୍ରାମରେ ଅଘଟଣ ଘଟିଛି। ଗ୍ରାମର ପୋଖରୀରେ ବୁଡ଼ି ମା'-ଝିଅଙ୍କ ମୃତ୍ୟୁ ହୋଇଛି। ଗୀତା କଲାର ଓ ତାଙ୍କ ଝିଅ କରିସ୍ମା କଲାର ଦିନ ୧୦ଟା ସମୟରେ ପୋଖରୀକୁ ଲୁଗା ସଫା କରିବାକୁ ଯାଇ ସେଠାରେ ଗାଧୋଉଥିଲେ। ହଠାତ ପ୍ରଥମେ ଛୋଟ ଝିଅଟି ପାଣି ଭିତରେ ବୁଡ଼ି ଯାଇଥିଲା। ଝିଅକୁ ବଞ୍ଚାଇବାକୁ ଯାଇ ମା' ପୋଖରୀ ଭିତରକୁ ଯାଇଥିଲେ; କିନ୍ତୁ ଝିଅକୁ ବଞ୍ଚାଇବାକୁ ବିଫଳ ହେବା ସହ ମା' ମଧ୍ୟ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ଗାଁଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ଏଡିଆର୍ ରିପୋର୍ଟ

# ୧୪ ମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା

କଂଗ୍ରେସର ୧୧, ବିଜେଡିର ୧୫ ଓ ବିଜେପିର ୫୫ ବିଧାୟକଙ୍କ ନାମରେ ଅପରାଧ ମାମଲା

ଭୁବନେଶ୍ୱର, ୧୪।୬(ସମିସ): ରାଜ୍ୟରେ ଗଠନ ହୋଇଛି ବିଜେପିର ମୋହନ ସରକାର। ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀ, ୮ କ୍ୟାବିନେଟ ଓ ୫ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଛନ୍ତି। ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ କେବଳ ପୃଥ୍ୱୀରାଜ ହରିଚନ୍ଦନ ଓ ପ୍ରଦୀପ ବଳ ସାମନ୍ତଙ୍କ ନାଁରେ ଆଦୌ ଅପରାଧିକ ମାମଲା ନ ଥିବା ବେଳେ ଅବଶିଷ୍ଟ ୧୪ ଜଣଙ୍କ ନାମରେ ଅପରାଧିକ ମାମଲା ରହିଥିବା ଏଡିଆର ରିପୋର୍ଟରେ ପ୍ରକାଶିତ ହୋଇଛି।

ନାମାଙ୍କନ ସମୟରେ ଦାଖଲ ସତ୍ୟପାଠର ତଥ୍ୟ ଅନୁସାରେ ଏଡ଼ିଆର୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିରୋଧରେ ଗୋଟିଏ ଅପରାଧିକ ମାମଲା ରହିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନାମରେ ଦୁଇଟି ଓ ପ୍ରଭାତୀ ପରିଡ଼ାଙ୍କ ବିରୋଧରେ ୯ଟି ଫୌଜଦାରୀ ମାମଲା ରହିଛି। ସେହିଭଳି ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବିରୋଧରେ ୨ଟି, ନିତ୍ୟାନନ୍ଦ ଗଣ୍ଡଙ୍କ ନାମରେ ୪ଟି, କୃଷ୍ଣଚନ୍ଦ୍ର ପାତ୍ରଙ୍କ ନାମରେ ୩ଟି, ଡକ୍ଟର ମୁକେଶ ମହାଲିଙ୍ଗଙ୍କ ବିରୋଧରେ ଗୋଟିଏ ଓ ବିଭୂତି ଭୂଷଣ ଜେନାଙ୍କ ବିରୋଧରେ ୧୦ଟି ଅପରାଧିକ ମାମଲା ରହିଛି। ଅନ୍ୟପକ୍ଷରେ ରାଷ୍ଟ୍ରମନ୍ତ୍ରୀମାନଙ୍କ ମଧ୍ୟରୁ ଗୋକୁଳାନନ୍ଦ ମଲ୍ଲିକଙ୍କ ବିରୋଧରେ ୬ଟି ମାମଲା ଥିବାବେଳେ ସୂର୍ଯ୍ୟବଂଶୀ ସୂରଜଙ୍କ ବିରୋଧରେ ୫ଟି, ସମ୍ପଦ ସ୍ୱାଇଁଙ୍କ ବିରୋଧରେ ୩ଟି ଓ ଗଣେଶ ରାମ ସିଂଖୁଣ୍ଟିଆଙ୍କ ବିରୋଧରେ ଗୋଟିଏ ମାମଲା ରହିଛି।

ସେହିପରି ଏଡିଆର ନିଜ ରିପୋର୍ଟରେ ବିଜେଡିର ନିର୍ବାଚିତ ୫୧ ବିଧାୟକଙ୍କ ମଧ୍ୟରୁ ୧୫ଜଣଙ୍କ ବିରୋଧରେ ମାମଲା ଥିବାବେଳେ ବିଜେପିର ୭୮ଜଣ ବିଧାୟକଙ୍କ ମଧ୍ୟରୁ ୫୫ ଓ କଂଗ୍ରେସର ୧୪ଜଣଙ୍କ ମଧ୍ୟରୁ ୧୧ଜଣଙ୍କ ବିରୋଧରେ ଅପରାଧିକ ମାମଲା ଥିବା ଦର୍ଶାଇଛି। ଅନୁରୂପ ଭାବରେ ଏକ ମାତ୍ର ସିପିଏମ୍ ବିଧାୟକ ଓ ଅନ୍ୟ ତିନିଜଣ ସ୍ୱାଧୀନ ବିଧାୟକଙ୍କ ବିରୋଧରେ ମଧ୍ୟ ଅପରାଧିକ ମାମଲା ରହିଛି। ମୋଟାମୋଟି ଭାବେ ଓଡ଼ିଶା ବିଧାନସଭାର ନିର୍ବାଚିତ ୧୪୭ଜଣ ସଦସ୍ୟଙ୍କ ମଧ୍ୟରୁ ୮୧ଜଣଙ୍କ ବିରୋଧରେ ମାମଲା ଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ବାଚସ୍ପତି ପଦ ପାଇଁ ଚର୍ଚ୍ଚାର ବଳୟରେ ଥିବା ପୂର୍ବତନ ମନ୍ତ୍ରୀ ତଥା ରଣପୁରର ବିଧାୟିକା ସୁରମା ପାଢ଼ୀଙ୍କ ବିରୋଧରେ ୮ଟି ଫୌଜଦାରୀ ମାମଲା ରହିଛି।

## ଆନନ୍ଦ ପ୍ରଧାନ ଆଇଆଇଏମ୍‌ସି ଢେଙ୍କାନାଳର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୪।୬ (ସମିସ): ଭାରତୀୟ ଜନସଞ୍ଚାର ସଂସ୍ଥାନ ବା ଆଇଆଇଏମ୍‌ସି ଢେଙ୍କାନାଳର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଡକ୍ଟର ଆନନ୍ଦ ପ୍ରଧାନ ନିଯୁକ୍ତି ପାଇଛନ୍ତି। ଆସନ୍ତା ୨୧ ତାରିଖ ପୂର୍ବରୁ ସେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ସମ୍ପ୍ରତି ଆଞ୍ଚଳିକ ନିର୍ଦ୍ଦେଶକ ଥିବା ପ୍ରଫେସର୍ ମୃଣାଳ ଚାଟାର୍ଜୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ। ଜୁଲାଇ ୧ ତାରିଖରୁ ପ୍ରଫେସର ଚାଟାର୍ଜୀ ଛୁଟିରେ ରହୁଥିବା ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ସମ୍ପ୍ରତି ଡକ୍ଟର ପ୍ରଧାନ ଆଇଆଇଏମ୍‌ସି ଦିଲ୍ଲୀରେ ମିଡିଆ ଆଣ୍ଡ କମ୍ୟୁନିକେସନ୍ ଗଭର୍ନାନ୍ସ ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି।

■ ବରପୁତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୋହନ





ଭୁବନେଶ୍ୱର, ୧୪।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ମ୍ୟୁଜିୟମ୍ ଛକଠାରେ ବକ୍ସି ଜଗବନ୍ଧୁ, କଳ୍ପନା ଛକଠାରେ ଚାଖି ଖୁଣ୍ଟିଆ, ଏଜି ଛକରେ ଜୟୀରାଜଗୁରୁ ଓ ଡ. ବି. ଆର୍.ଆମ୍ବେଦକର, ୧୨୦ ବାଟାଲିୟନ ଛକରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରି ବରପୁତ୍ରମାନଙ୍କ ଆଶୀର୍ବାଦ କାମନା କରିଛନ୍ତି। ଦେଶର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଅସ୍ମିତାର ସୁରକ୍ଷାରେ ଆମର ଏହି ବରପୁତ୍ର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ରାଜ୍ୟର ନୂଆ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ଓ କରି ଚାଲିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଓ ବିଧାୟିକାମାନେ ଉପସ୍ଥିତ ଥିଲେ।

■ ନାସିକର ବ୍ୟବସାୟୀଙ୍କୁ ଚୂନ

# ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଠକେଇ

ବ୍ରହ୍ମପୁର, ୧୪।୬ (ସମିସ): ହଦଳୀ ଯୋଗାଣ ନାଁରେ ନାସିକର ଜଣେ ବ୍ୟବସାୟୀଙ୍କୁ ୮୦ ଲକ୍ଷ ଟଙ୍କାର ଚୂନ। ଠକେଇର ଶିକାର ହୋଇଥିବା ବ୍ୟବସାୟୀଜଣଙ୍କ ହେଲେ, ଅମଜାଦ ବାବୁ ଶାହା। ବ୍ରହ୍ମପୁର ଅଞ୍ଚଳର ଜଣେ ବ୍ୟବସାୟୀ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଠକିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଅମଜାଦଙ୍କ ଏବିଏସ ଟ୍ରେଡର୍ସ ନାମକ ଏକ କମ୍ପାନୀ ରହିଛି। ନିଜ କମ୍ପାନୀ ଜରିଆରେ ସେ ଦେଶର ବିଭିନ୍ନ ସ୍ଥାନରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ଅର୍ଡର୍ ମୁତାବକ ବିଭିନ୍ନ କମ୍ପାନୀକୁ ସାମଗ୍ରୀ ଯୋଗାଣ କରନ୍ତି। ଗତ ମାସରେ ଅମଜାଦଙ୍କ କମ୍ପାନୀକୁ ଥାନେ ଅଞ୍ଚଳରେ ଥିବା ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନୀରୁ ୧୨୦ ମେଟ୍ରିକ ଟନ୍ ହଳଦୀ ଯୋଗାଣ ପାଇଁ ଅର୍ଡର୍ ମିଳିଥିଲା। ହଳଦୀ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଥିବା ଅମଜାଦ ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ବାଂଲାଦେଶର ସୌରଭ ଘୋଷ ଓରଫ୍ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଅମଜାଦଙ୍କ କମ୍ପାନୀର ଏଜେଣ୍ଟ ସାନ୍ଟୁନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭ ଘୋଷଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଅମଜାଦ୍ ବ୍ରହ୍ମପୁର ଆସି ସୌରଭ ଘୋଷଙ୍କ ସହ ମିଶିଥିଲେ। ସୌରଭ ତାଙ୍କୁ ବ୍ରହ୍ମପୁରର ବ୍ୟବସାୟୀ ତଥା ବ୍ରହ୍ମପୁର ଖୋଡାସିଂଠାରେ ଥିବା ୟୁନିଭର୍ସାଲ ଏଗ୍ରୋ ଇନୋଭେସନ କମ୍ପାନୀର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରାଇଥିଲେ। ଏହି କମ୍ପାନୀରୁ ହଳଦୀ ଯୋଗାଣ ହେବ ବୋଲି ଅମଜାଦଙ୍କୁ କୁହାଯାଇଥିଲା।

ବ୍ରହ୍ମପୁରର ବ୍ୟବସାୟୀ ଓ ସହଯୋଗୀଙ୍କ ନାମରେ ମାମଲା ରୁଜୁ

ପରେ ଶୋଭନ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ହଳଦୀ ଗୋଦାମରେ ମାଲ ମହଜୁଦ ଅଛି ବୋଲି କୁହାଯାଇଥିଲା। ସେହି କ୍ରମରେ ଅମଜାଦ ଉକ୍ତ ଗୋଦାମକୁ ଯାଇ ମାଲ ଯାଞ୍ଚ କରିଥିଲେ। ଏହାପରେ ଅମଜାଦ ଗତ ମାସ ୧୮ ତାରିଖରୁ ଚଳିତ ମାସ ୧୧ ତାରିଖ ଭିତରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୮୦ ଲକ୍ଷ ଟଙ୍କା ପଠାଇଥିଲେ। ଚଳିତ ମାସ ୧୧ ତାରିଖରେ ୧୨୦ ମେଟ୍ରିକ ଟନ ଏଠାରୁ ଟ୍ରକ୍ ଯୋଗେ ପଠାଇ ଦିଆଯିବ ବୋଲି ଅମଜାଦଙ୍କୁ କୁହାଯାଇଥିଲା। ଏପରିକି, ୧୧ ତାରିଖ ଦିନ ଟ୍ରକରେ ସାମଗ୍ରୀ ଲୋଡ୍ ହୋଇଯାଇଥିବା ନେଇ ଅମଜାଦଙ୍କ ନିକଟକୁ ଭିଡିଓ ମଧ୍ୟ ପଠାଯାଇଥିଲା। ହେଲେ ଏକାଧିକ ଦିନ ପରେ ତାଙ୍କ ନିକଟରେ ସାମଗ୍ରୀ ପହଞ୍ଚି ନଥିଲା। ସେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

ତେବେ ସେ ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବା ପରେ ଅମଜାଦ ଏ ସଂପର୍କରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ବର୍ତ୍ତମାନ ପୁଲିସ ବ୍ରହ୍ମପୁର ଉକ୍ତ ବ୍ୟବସାୟୀ ଓ ତା'ର ସହଯୋଗୀଙ୍କ ମୋବାଇଲକୁ ଟ୍ରାକିଂ ଜାରି ରଖିଛି। ଲୋକେସନ୍ ଆଧାର କରି ପୁଲିସ ଏକ ଟିମ୍ ପ୍ରସ୍ତୁତ କରୁଛି। ଏହି ଟିମ ଲୋକେସନ ମିଳିଥିବା ସ୍ଥାନରେ ଚଢ଼ଉ କରି ସଫଳତା ପାଇବା ବୋଲି ପୁଲିସ ଆଶା ରଖିଛି।

ଛତିଶା ନିଯୋଗରେ ଦେବସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

# ଭୋର ୪ରୁ ସ୍ନାନଯାତ୍ରା ପହଣ୍ଡି



ପୁରୀ, ୧୪।୬ (ସମିସ): ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ୧୦୮ ଗଡ଼ୁ ଜଳରେ ସ୍ନାନ କରିବେ। ଏହା ପୂର୍ବରୁ ଆସନ୍ତା ୧୭ ତାରିଖରେ ରାଜେନ୍ଦ୍ରାଭିଷେକ, ୧୮ରେ ରୁକ୍ମିଣୀ ହରଣ ଏକାଦଶୀ, ୧୯ରେ ଚମ୍ପକ ଦ୍ୱାଦଶୀ, ୨୦ରେ ଦଇତାପତି ପ୍ରବେଶ, ୨୧ରେ ସେନାପଟା ଲାଗି ରହିଛି। ତେଣୁ ଏହିସବୁ ପର୍ବପର୍ବାଣୀ ସମୟରେ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୁରୂପେ ସମ୍ପାଦନ କରାଯିବ, ସେନେଇ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା ନୀତି ସବ୍-କମିଟି ଏବଂ ଛତିଶା ନିଯୋଗ ବୈଠକ। ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ପର୍ବପର୍ବାଣୀର ନୀତି ନିର୍ଘଣ୍ଟ ହୋଇଛି।

ପ୍ରଥମେ ନୀତି ସବ୍-କମିଟି ବୈଠକରେ ରାଜେନ୍ଦ୍ରାଭିଷକଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଏହାକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଜୁନ୍ ୨୨ରେ ପଡୁଥିବା ସ୍ନାନଯାତ୍ରା ନୀତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ନୀତି ନିର୍ଘଣ୍ଟ ହୋଇଛି।

ସ୍ନାନପୂର୍ଣ୍ଣିମାର ପୂର୍ବ ରାତି ସାଢ଼େ ୩ଟାରେ ମଙ୍ଗଳାର୍ପଣ ସରି ଭୋର ୪ଟାରୁ ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପାଇଁ ୨ଘଣ୍ଟା ସମୟ ରହିଛି। ଅର୍ଥାତ୍ ସକାଳ ୬ଟାରେ ପହଣ୍ଡି ସରି ୮ଟା ୧୦ରେ ମଙ୍ଗଳ ଆଳତି ହେବ। ପୂର୍ବାହ୍ନ ୧୧ଟା ୨୦ରୁ ମଧ୍ୟାହ୍ନ ୧୨ଟା ୪୫ ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ଣ ୨ଟାରେ ଛେରାପହଁରା ପରେ ୨ଟା ୪୦ରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୬ରୁ ରାତି ସାଢ଼େ ୯ ଅର୍ଥାତ୍ ସାଢ଼େ ୩ ଘଣ୍ଟା ସାହାଣ ମେଳା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ କିନ୍ତୁ କେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ସ୍ନାନଯାତ୍ରାର ବାହୁଡ଼ା ପହଣ୍ଡି ରାତି ସାଢ଼େ ୧୦ରୁ ଆରମ୍ଭ ହୋଇ ରାତି ୧ଟାରେ ଶେଷ ହେବ। ଏହାପରେ ସାଢ଼େ ୧ଟାରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ। ସେହିପରି ବୈଠକରେ ଜୁନ୍ ୧୭ତାରିଖରେ ରାଜେନ୍ଦ୍ରାଭିଷେକ, ୧୮ରେ ରୁକ୍ମିଣୀ ହରଣ ଏକାଦଶୀ, ୧୯ରେ ଚମ୍ପକ ଦ୍ୱାଦଶୀ, ୨୦ରେ ଦଇତାପତି ପ୍ରବେଶ, ୨୧ରେ ସେନାପଟା ଲାଗି ରହିଛି। ଏହିସବୁ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ, ତା' ଉପରେ ଆଲୋଚନା ହୋଇ ନୀତି ସବ୍-କମିଟି ପ୍ରସ୍ତୁତ କରିଥିବା ନୀତିକାନ୍ତିରେ ମୋହର ମାରିଛି ଛତିଶା ନିଯୋଗ। ତେବେ ଆବଶ୍ୟକ ପଡ଼ିଲେ ନିର୍ଘଣ୍ଟ ନୀତିରେ ସଂଶୋଧନ କରାଯାଇ ଆସନ୍ତା ବୈଠକରେ ଚୂଡ଼ାନ୍ତ ମୋହର ବାଜିବ ବୋଲି ସୂଚନା ଦିଆଯାଇଛି।

ଅପରାହ୍ଣ ୨ଟା ୪୦ରୁ ହାତୀବେଶ
୩ ଘଣ୍ଟା ସାହାଣ ମେଳା ଦର୍ଶନ

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି, ଶୁକ୍ରବାର ନୀତି ସବ୍-କମିଟି ଏବଂ ଛତିଶା ନିଯୋଗ ବୈଠକ ବସିଥିଲା। ପ୍ରଥମେ ନୀତି ସବ୍-କମିଟିରେ ରାଜେନ୍ଦ୍ରାଭିଷେକଠାରୁ ସ୍ନାନଯାତ୍ରା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ହୋଇଥିଲା। ପରେ ଅନୁଷ୍ଠିତ ଛତିଶା ନିଯୋଗରେ ଉପରୋକ୍ତ ପର୍ବପର୍ବାଣିର ନିର୍ଘଣ୍ଟ ନୀତିକୁ ଅନୁମୋଦନ ଦିଆଯାଇଛି। ତେବେ ଛତିଶା ନିଯୋଗ ବୈଠକ ପ୍ରାରମ୍ଭରେ ନୂଆ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା। ମହାପ୍ରଭୁଙ୍କ ସବୁ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ସେ ନେଇ ଛତିଶା ନିଯୋଗ ପୂର୍ଣ୍ଣ ସହଯୋଗ କରିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଭାଗ ନେଇଥିଲେ।

# କୁଏତ ଅଗ୍ନିକାଣ୍ଡରେ ୨ ଓଡ଼ିଆଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୪।୬(ସମିସ): କୁଏତରେ ଭୟାବହ ଅଗ୍ନିକାଣ୍ଡରେ ପ୍ରାଣହରାଇଥିବା ଦୁଇ ଓଡ଼ିଆଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ଶ୍ରୀଯୁକ୍ତ ମାଝୀ 'ଏକ୍ସ' ଯୋଗେ ଲେଖିଛନ୍ତି ଯେ ଏହି ଦୁର୍ଘଟଣା ଯୋଗୁଁ ଅନେକ ଲୋକଙ୍କ ପ୍ରାଣ ହାନି ଘଟିଛି। ଏଥିରେ ୨ ଓଡ଼ିଆ ପୁଅ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କ ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦାୟକ। ଏହି ଦୁଃଖଦ ସମୟରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା ନେଇ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ଦୁଇ ଓଡ଼ିଆଙ୍କ ମୃତ ଦେହ ଶନିବାର ଓଡ଼ିଶା ପହଞ୍ଚିବ ବୋଲି ଜଣାପଡ଼ିଛି। ସୂଚନା ଥାଉକି କୁଏତର ଏକ ବିଲ୍ଡିଂରେ ଅଗ୍ନିକାଣ୍ଡ ଯୋଗୁଁ ୪୫ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଦୁଇ ଜଣ ଓଡ଼ିଆ ଥିଲେ। ମୃତକଙ୍କ ପ୍ରାର୍ଥୀବ ଶରୀର ଶୁକ୍ରବାର କୋଚୀରେ ପହଞ୍ଚିଥିଲା। ସେଠାରୁ ମୃତ ଦେହଗୁଡ଼ିକ ଦିଲ୍ଲୀ ଅଭିମୁଖେ ଯାଇଥିବା ବେଳେ ସେଠାରୁ ମରଶୀରରଗୁଡ଼ିକୁ ନିଜ ନିଜ ଗ୍ରାମକୁ ପଠାଯିବା ନେଇ ସ୍ଥିର ହୋଇଛି।

ଭୁବନେଶ୍ୱରରେ ଆଜି ପହଞ୍ଚିବ ମୃତ ଦେହ

# କେରଳରେ ପହଞ୍ଚିଲା ୪୫ ଭାରତୀୟଙ୍କ ଶବ

ନୂଆଦିଲ୍ଲୀ, ୧୪।୬(ଏଜେନ୍ସି): ଦକ୍ଷିଣ କୁଏତର ମଙ୍ଗାଫ୍‌ରେ ଗତ ବୁଧବାର ଭୋରରେ ଏକ ବହୁତଳ କୋଠାରେ ଭୀଷଣ ଅଗ୍ନିକାଣ୍ଡ ଘଟି ୫୦ ଜଣଙ୍କର ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଥିଲେ ୪୫ ଭାରତୀୟ ଶ୍ରମିକ। ସେମାନଙ୍କ ଶବ ଆଣିବାକୁ ଭାରତୀୟ ବାୟୁ ସେନାର ଏକ ସି ୧୩୦ ଜେ ହାର୍‌କ୍ୟୁଲେସ୍ ବିମାନକୁ କୁଏତ ପଠାଯାଇଥିଲା। ଆଜି ଭୋରରୁ ସେ ବିମାନ କୁଏତରୁ ୪୫ ଭାରତୀୟଙ୍କ ଶବ ଧରି ପ୍ରଥମେ କେରଳର କେଚିରେ ପହଞ୍ଚିଥିଲା। ମୃତକଙ୍କ ମଧ୍ୟରେ କେରଳର ୨୩ ଶ୍ରମିକ ଥିଲେ। ସେହି ୨୩ ଜଣଙ୍କ ଶବ କୋଚିରେ ଓହ୍ଲାଇ ସରକାରୀ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପରେ ବିମାନ ଅନ୍ୟ ୨୨ଟି ଶବ ଧରି ଦିଲ୍ଲୀ ପହଞ୍ଚିଛି। କୁଏତ ଅଗ୍ନିକାଣ୍ଡରେ ଅନେକ ଭାରତୀୟଙ୍କ ଜୀବନ ଯାଇଥିବା ଖବର ପାଇ ଭାରତ ସରକାର ତୁରନ୍ତ ସେଠାକୁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂହଙ୍କୁ ପଠାଇଥିଲେ। ମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ଭାରତୀୟ ୪୫ଜଣଙ୍କ ଶବ ଧରି ବାୟୁସେନା ବିମାନରେ ଫେରିଛନ୍ତି। ମୃତକଙ୍କ ମଧ୍ୟରେ ତାମିଲନାଡୁର ୭, ଆନ୍ଧ୍ର ପ୍ରଦେଶର ୩, ଉତ୍ତରପ୍ରଦେଶର ୩, ଓଡ଼ିଶାର ୨ ଓ କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ହରିୟାଣା, ପଞ୍ଜାବ ଓ ପଶ୍ଚିମବଙ୍ଗର ଜଣେ ଲେଖାଏଁ ଅଛନ୍ତି। ଅଗ୍ନିକାଣ୍ଡରେ ଆହତ ଅନ୍ୟ ୩୩ ଜଣ ଭାରତୀୟଙ୍କର କୁଏତର ବିଭିନ୍ନ ହସ୍‌ପିଟାଲ୍‌ରେ ଚିକିତ୍ସା ଚାଲିଛି। ଆଜି ବାୟୁସେନା ବିମାନ ଭାରତୀୟଙ୍କ ଶବ ଧରି କୁଏତ ଛାଡ଼ିବା ପରେ ଆହତ ଥାଇ ଚିକିତ୍ସାଧୀନ ଥିବା ଜଣେ ଭାରତୀୟଙ୍କର ମୃତ୍ୟୁ ଘଟିଥିବା କୁଏତ ସରକାର ସୂଚନା ଦେଇଛନ୍ତି। ଏହାକୁ ମିଶାଇ କୁଏତ ଅଗ୍ନିକାଣ୍ଡରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୪୬ ହୋଇଛି।



# ରାମ ମନ୍ଦିର ଉଡ଼ାଇ ଦେବାକୁ ଜୈସ୍ ଆତଙ୍କୀ ସଂଗଠନର ଧମକ

ଅଯୋଧ୍ୟା,୧୪।୬(ଏଜେନ୍ସି): ଅଯୋଧ୍ୟାରେ ନବ ନିର୍ମିତ ରାମ ମନ୍ଦିରକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଛି। ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନ ପକ୍ଷରୁ ଏହି ଧମକ ମିଳିଛି। ଏକ ଅଡିଓ ମାଧ୍ୟମରେ ଏହି ଚେତାବନୀ ମିଳିଛି। ଅଡିଓରେ କୁହାଯାଇଛି ଯେ, ଯେଉଁ ଠାରେ ବାବ୍ରି ମସଜିଦ ଭଙ୍ଗାଯାଇ ରାମ ମନ୍ଦିର ନିର୍ମାଣ କରାଯାଇଛି ସେଠାର ଆମର ତିନି ଜଣ ଲୋକ ମଧ୍ୟ ସହିଦ ହୋଇଛନ୍ତି। ତେଣୁ ରାମ ମନ୍ଦିର ଭାଙ୍ଗିବା ଆମର ଦାୟିତ୍ୱ। ଏହି ଧମକ ଦେବା ପରେ ଅଯୋଧ୍ୟାରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିଦିଆଯାଇଛି। ରାମ ମନ୍ଦିର ସମେତ ଅଯୋଧ୍ୟାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ମଧ୍ୟ ବଢାଇ ଦିଆଯାଇଛି। ଏହା ସହ ମହର୍ଷି ବାଲ୍ମିକି ବିମାନବନ୍ଦରର ସୁରକ୍ଷା ମଧ୍ୟ ବୃଦ୍ଧି କରାଯାଇଛି। ଅଯୋଧ୍ୟା ସହରକୁ ବିଭିନ୍ନ କ୍ଷେତ୍ରରେ ବିଭକ୍ତ କରାଯାଇ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଏସଏସପି ରାଜ କରଣ ନୈୟର କହିଛନ୍ତି। ଜିଲ୍ଲା ପୁଲିସ ବ୍ୟତୀତ ପିଏସି କମ୍ପାନୀ ଗୁଡିକୁ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରାଯାଉଛି। ଏହାବ୍ୟତୀତ ଖୁବଶୀଘ୍ର ଏଠାରେ ଏନଏସଜି କମାଣ୍ଡୋଙ୍କ ମୁତୟନ କରିବାକୁ ମଧ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।



# ୧୯ରେ କେଜ୍ରିୱାଲ , ଜୁଲାଇ ୧ରେ ବିଭବଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୧୪।୬(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ନିର୍ଦ୍ଧାରଣରେ ହେଇଥିବା ଦୁର୍ନୀତି ଓ ଦୁର୍ନୀତି ଲବ୍ଧ ଧନର ଶୋଧନ(ମନି ଲଣ୍ଡରିଂ) ଅପରାଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହେଇ ସମ୍ପ୍ରତି ତିହାର ଜେଲ୍‌ରେ ବନ୍ଦୀ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଆବେଦନର ଶୁଣାଣି ଜୁନ୍ ୧୯ରେ ଆରମ୍ଭ କରିବାକୁ ଦିଲ୍ଲୀ ଆଡିସିନାଲ୍ ସେସନ୍ସ ଜଜ୍ ମୁକେଶ କୁମାର ଦିନ ଧାର୍ଯ୍ୟ କରିଛନ୍ତି। ସେହି ଦିନ କେଜ୍ରିୱାଲଙ୍କ ଅନ୍ୟ ଏକ ଆବେଦନ ଉପରେ ମଧ୍ୟ ବିଚାର କରାଯିବ। କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସେ ଦରକାର କରୁଥିବା ଚିକିତ୍ସା ବିଷୟ ବୁଝିବାକୁ ଗଢ଼ା ମେଡିକାଲ୍ ବୋର୍ଡରେ ତାଙ୍କ ପତ୍ନୀ ସୁନିତା ଯେପରି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗ ଦେଇପାରିବେ ତା'ର ବ୍ୟବସ୍ଥା କରାଯିବା ନିମନ୍ତେ କେଜ୍ରିୱାଲ ଆବେଦନ କରିଛନ୍ତି। ଜୁନ୍ ୧୯ରେ ସେ ଆବେଦନର ମଧ୍ୟ ଶୁଣାଣି ହେବ। ଏନେଇ ସ୍ୱପକ୍ଷ ରଖିବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଗତ ୫ ତାରିଖରେ ଦିଲ୍ଲୀର ଟ୍ରାଏଲ୍ କୋର୍ଟ କେଜ୍ରିୱାଲଙ୍କ ଜାମିନ ଆବେଦନ ଖାରଜ କରି ତାଙ୍କ ଜେଲ୍ ମିଆଦ ଜୁନ୍ ୧୯ ଯାଏଁ ବଢ଼ାଇଥିଲେ। ଅନ୍ୟପକ୍ଷରେ ଆପ ସାଂସଦ ସ୍ୱାତୀ ମାଲିୱାଲଙ୍କ ଘଟଣାରେ କେଜ୍ରିୱାଲଙ୍କ ପୂର୍ବତନ ସହାୟକ ବିଭବ କୁମାରଙ୍କ ଜାମିନ ଶୁଣାଣି ଜୁଲାଇ ୧ରେ ହେବ।

# ଶିଳ୍ପା ସେଟ୍ଟି ଓ ରାଜ କୁନ୍ଦ୍ରାଙ୍କ ନାମରେ ୯୦ଲକ୍ଷ ଟଙ୍କାର ଠକେଇ ଅଭିଯୋଗ

ମୁମ୍ବାଇ, ୧୪।୬(ଏଜେନ୍ସି): ରିଦ୍ଧି ସିଦ୍ଧି ବୁଲିଅନ୍‌ସ ନାମକ ଏକ ବୁଲିଅନ୍ ଫାର୍ମ'ର ଡାଇରେକ୍ଟର ପୃଥ୍ୱୀରାଜ କୋଠାରୀଙ୍କୁ ଅଭିନେତ୍ରୀ ଶିଳ୍ପା ସେଟ୍ଟି ଓ ତାଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରା ୯୦ଲକ୍ଷ ଟଙ୍କା ଠକିଛନ୍ତି। କୋଠାରୀ ଏନେଇ ମୁମ୍ବାଇର ଆଡିସିନାଲ୍ ସେସନ୍ସ ଜଜ୍ ଏନପି ମେହେଟାଙ୍କ ଅଦାଲତରେ ପିଟିସନ୍ ଫାଇଲ୍ କରିଛନ୍ତି। ଅଦାଲତ କୋଠାରୀଙ୍କ ଦଲିଲ୍ ପରଖି ଶିଳ୍ପା ଓ ରାଜଙ୍କ ବିରୋଧରେ ଆପାତତଃ ପ୍ରମାଣଯୋଗ୍ୟ ତଥ୍ୟ ରହିଥିବା ହୃଦୟଙ୍ଗମ କରିଛନ୍ତି ଓ ଅଭିଯୁକ୍ତଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ପଞ୍ଜିକୃତ କରି ଏହି ଠକେଇ ଓ ଅପରାଧିକ ବିଶ୍ୱାସଭଙ୍ଗ ଅଭିଯୋଗର ତଦନ୍ତ କରିବାକୁ ବାନ୍ଦ୍ର କୁର୍ଲା କମ୍ପ୍ଲେକ୍ସ ପୁଲିସ୍ ଷ୍ଟେସନ୍‌ର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଠାରୀଙ୍କ ଅଭିଯୋଗ ଅନୁଯାୟୀ ଶିଳ୍ପା ଓ ରାଜ ୨୦୧୪ରେ ସତ୍‌ଯୁଗ୍ ଗୋଲ୍ଡ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଗଢ଼ି ଏକ ସ୍କିମ୍ ଫ୍ଲୋଟ୍ କରିଥିଲେ। ସ୍କିମ୍ ଅନୁଯାୟୀ ନିବେଶକ ତାଙ୍କ ଦରଖାସ୍ତ ସହ ବଜାରଠାରୁ ରିହାତି ଦରରେ ସୁନାର ମୋଟ ମୂଲ୍ୟ ଅଗ୍ରୀମ ଆକାରରେ ଜମା ଦେବେ। ସ୍କିମ୍ ମାଚ୍ୟୋର୍ ହେବାପରେ ନିବେଶକ ପୂର୍ବ ସ୍ଥିରିକୃତ ଓଜନର ସୁନା ପାଇବେ। ଶିଳ୍ପା ଓ ରାଜଙ୍କ ଏହି ସ୍କିମରେ କୋଠାରୀ ୯୦ଲକ୍ଷ ୩୮ ହଜାର ୬୦୦ ଟଙ୍କା ଜମା ଦେଇଥିଲେ। ୫ବର୍ଷ ପରେ ୨ଏପ୍ରିଲ ୨୦୧୯ରେ ସେ ସ୍କିମ୍‌ରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ସତ୍‌ଯୁଗ୍ ଗୋଲ୍ଡ ପ୍ରାଇଭେଟ୍ ଲିମିଟେଡ୍'ରୁ ୫ହଜାର ଗ୍ରାମ୍ ୨୪ କ୍ୟାରେଟ୍ ସୁନା ପାଇବା କଥା। କିନ୍ତୁ ଏହା କରାଯାଇ ନଥିଲା।

# ଅରୁନ୍ଧତୀ ରାୟଙ୍କ ବିରୋଧରେ ୟୁଏପିଏ ଅଧୀନରେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ୨୦୧୦ରେ ଏକ କାର୍ଯ୍ୟକ୍ରମରେ ଘୃଣ୍ୟ ଏବଂ ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ ପ୍ରଖ୍ୟାତ ଲେଖିକା ଅରୁନ୍ଧତୀ ରାୟଙ୍କ ବିରୋଧରେ ୟୁଏପିଏ ଭଳି କଠୋର ଆଇନ ବ୍ୟବସ୍ଥାରେ ଦଣ୍ଡିତ କରିବାକୁ ଦିଲ୍ଲୀ ଉପରାଜ୍ୟପାଳ ଭି କେ ସାକ୍ସେନା ଅନୁମତି ଦେଇଛନ୍ତି। ଅରୁନ୍ଧତୀଙ୍କ ବ୍ୟତୀତ କାଶ୍ମୀର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପୂର୍ବତନ ପ୍ରଫେସର ଡ. ଶେଖ ସୌକତ ହୁସେନଙ୍କ ବିରୋଧରେ ମଧ୍ୟ ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ କାଶ୍ମୀରକୁ ଭାରତରୁ ପୃଥକ କରିବା ଭଳି ଭାଷଣ ଦିଆଯାଇଥିଲା। ଏଥିରେ ଏହି ଦୁଇ ଜଣଙ୍କ ବ୍ୟତୀତ ହୁରିୟତ କନଫରେନ୍ସର କିଛି ନେତା ମଧ୍ୟ ସାମିଲ ରହିଥିଲେ।

# ୟେଦ୍ୟୁରପ୍ପାଙ୍କ ଗିରଫ ପରୱାନା ଉପରେ ହାଇକୋର୍ଟଙ୍କ ରୋକ୍

ବେଙ୍ଗାଲୁରୁ, ୧୪।୬(ଏଜେନ୍ସି)



କର୍ଣ୍ଣାଟକ ହାଇକୋର୍ଟ ଆଜି ବରିଷ୍ଠ ବିଜେପି ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରପ୍ପାଙ୍କ ଗିରଫ ଉପରେ ରହିତାଦେଶ ଦେଇଛନ୍ତି। ଆସନ୍ତା ୧୭ ତାରିଖରେ ଜେରାର ସମ୍ମୁଖୀନ ହେବା ନିମନ୍ତେ ସିଆଇଡି ଦପ୍ତରରେ ହାଜର ହେବାକୁ ୟେଦ୍ୟୁରପ୍ପାଙ୍କୁ ଜଷ୍ଟିସ୍ ଏସ୍ କୃଷ୍ଣା ଦୀକ୍ଷିତଙ୍କ ସିଙ୍ଗଲ ଜଜ୍ ହାଇକୋର୍ଟ ବେଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କହିଛନ୍ତି, ୟେଦ୍ୟୁରପ୍ପା ଟମ୍, ଡିକ୍ କି ହ୍ୟାରୀ ନୁହଁନ୍ତି। ସେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ। ସେ ବୃଦ୍ଧ ବ୍ୟକ୍ତି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ତାଙ୍କର ରହିଛି। ସେ ଫେରାର ହେଇଯିବା ସମ୍ଭାବନା ଥିବାଭଳି ଲାଗୁନାହିଁ। ଜୁନ୍ ୧୧ରେ ସମନ ପାଇବା ପରେ ୟେଦ୍ୟୁରପ୍ପା ଦିଲ୍ଲୀ ପଳାଇଯାଇଥିଲେ ବୋଲି ଆଡଭୋକେଟ୍ ଜେନେରାଲ ଶଶି କିରନ ସେଟ୍ଟି ଦର୍ଶାଇବାରୁ ଜଷ୍ଟିସ୍ ଦୀକ୍ଷିତ ପ୍ରଶ୍ନ କରିଥିଲେ, ବେଙ୍ଗାଲୁରୁରୁ ଦିଲ୍ଲୀ ଚାଲିଗଲେ ୟେଦ୍ୟୁରପ୍ପା କ'ଣ କରିପକାଇବେ? ସେ ତ ଜୁନ୍ ୧୧ ନୋଟିସ୍‌ର ଉତ୍ତର ଦେଇ ଜୁନ୍ ୧୭ରେ ହାଜର ହେବେ ବୋଲି ତଦନ୍ତକାରୀ ଅଫିସରଙ୍କୁ ଜଣାଇଛନ୍ତି। ତାଙ୍କୁ ଗିରଫ କରାଯିବା ଦରକାର କ'ଣ? କଷ୍ଟୋଡିଆଲ୍ ଇଣ୍ଟୋରାଗେସନ୍ ଦରକାର ପଡୁଛି କାହିଁକି? ହାଇକୋର୍ଟଙ୍କ ଏହି ହସ୍ତକ୍ଷେପ ୟେଦ୍ୟୁରପ୍ପାଙ୍କ ପାଇଁ ବରଦାନ ସଦୃଶ ହୋଇଛି। ବେଙ୍ଗାଲୁରୁ ଆଡିସନାଲ୍ ସିଟି ସିଭିଲ ଆଣ୍ଡ ସେସନ୍ସ ଜଜ୍ (ଫାଷ୍ଟ ଟ୍ରାକ୍ ସ୍ପେସାଲ କୋର୍ଟ-୧) ଏନ୍‌ଏମ୍ ରମେଶ ଗତକାଲି ୟେଦ୍ୟୁରପ୍ପାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ଅଭିଯୋଗ ଅଛି ଯେ ୟେଦ୍ୟୁରପ୍ପା ଜଣେ ୧୭ ବର୍ଷୀୟା ବାଳିକାକୁ ଯୌନ ଉତ୍ପୀଡ଼ନ ଦେଇଥିଲେ। ବେଙ୍ଗାଲୁରୁ ପୁଲିସ୍ ନାବାଳିକାର ମା'ଙ୍କ ଲିଖିତ ଅଭିଯୋଗ ପାଇବା ପରେ ୟେଦ୍ୟୁରପ୍ପାଙ୍କୁ ଅଭିଯୁକ୍ତ ଦର୍ଶାଇ ଗତ ମାର୍ଚ୍ଚ ୧୪ ତାରିଖରେ ମାମଲା ପଞ୍ଜିକୃତ କରିଛି। କର୍ଣ୍ଣାଟକ ପୁଲିସ୍‌ର ସିଆଇଡି ବର୍ତ୍ତମାନ ଏହି ପୋକ୍‌ସୋ (ନାବାଳିକ/ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା) ମାମଲାର ତଦନ୍ତ ଚଲାଇଛି ଓ ଜେରାର ସମ୍ମୁଖୀନ ହେବା ନିମନ୍ତେ ସିଆଇଡି ଦପ୍ତରରେ ଯଥାଶୀଘ୍ର ହାଜର ହେବାକୁ ୟେଦ୍ୟୁରପ୍ପାଙ୍କୁ ସମନ ଜାରି କରିଛି। ଏହା ବ୍ୟତୀତ ୟେଦ୍ୟୁରପ୍ପାଙ୍କ ନାମରେ ଗିରଫ ପରୱାନା ଜାରି ନିମନ୍ତେ ସିଆଇଡି ପକ୍ଷରୁ ବେଙ୍ଗାଲୁରୁର ଆଡିସନାଲ୍ ସିଟି ସିଭିଲ ଆଣ୍ଡ ସେସନ୍ସ ଜଜ୍‌ଙ୍କ ଅଦାଲତରେ ଆବେଦନ କରାଯିବାରୁ ଗତକାଲି ଜଜ୍‌ଙ୍କ ଆଦେଶରେ ୟେଦ୍ୟୁରପ୍ପାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଇସ୍ୟୁ କରାଯାଇଥିଲା। ୟେଦ୍ୟୁରପ୍ପା ଏବେ ଦିଲ୍ଲୀରେ ଅଛନ୍ତି। ତାଙ୍କ ବିରୋଧରେ ପଞ୍ଜିକୃତ ପୋକ୍‌ସୋ ମାମଲା ରଦ୍ଦ କରାଯିବା ନିମନ୍ତେ ୟେଦ୍ୟୁରପ୍ପାଙ୍କ ପକ୍ଷରୁ ଗତ ବୁଧବାର ଦିନ କର୍ଣ୍ଣାଟକ ହାଇକୋର୍ଟରେ ପିଟିସନ୍ ଫାଇଲ୍ କରାଯାଇଥିଲା। ଆଜି ତାହାର ଶୁଣାଣୀ କରି ହାଇକୋର୍ଟ ଏକ ଅନ୍ତରୀଣ ଆଦେଶ ଦେଇ ଗିରଫ ପରୱାନାକୁ ମାମଲାର ପରବର୍ତ୍ତୀ ଶୁଣାଣି ଯାଏଁ ନିଷ୍କ୍ରିୟ କରିଛନ୍ତି ଓ ୟେଦ୍ୟୁରପ୍ପାଙ୍କୁ ଆସନ୍ତା ୧୭ ତାରିଖରେ ସିଆଇଡି ଦପ୍ତରରେ ପହଞ୍ଚି ତଦନ୍ତରେ ସହଯୋଗ କରିବାକୁ କହିଛନ୍ତି।

**ବର୍ଷା ଓ ବନ୍ୟାକୁ ନେଇ ସିକ୍କିମରେ ସ୍ଥିତି ଉତ୍କଟ**

# ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି, ଶତାଧିକ ନିଖୋଜ

ଗ୍ୟାଙ୍ଗଟକ୍,୧୪।୬(ଏଜେନ୍ସି)

ସିକ୍କିମ୍‌ରେ ବିଗତ କିଛି ଦିନ ଧରି ଭୀଷଣ ବର୍ଷା ସହ ବନ୍ୟା ଆସିବା ଯୋଗୁ ଉତ୍କଟ ସ୍ଥିତି ଉପୁଜିଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ବନ୍ୟା ଜଳରେ ଭାସିଯାଇ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୬ରେ ପହଞ୍ଚିଥିଲା ବେଳେ ଶତାଧିକ ଲୋକ ନିଖୋଜ ରହିଥିବା କୁହାଯାଇଛି। ଅନ୍ୟପକ୍ଷରେ ବହୁ ଅଞ୍ଚଳ ଯୋଗାଯୋଗ କ୍ଷେତ୍ରରୁ ବିଚ୍ଛିନ୍ନ ହୋଇପଡ଼ିଥିବାରୁ ୧୫ଶହରୁ ଅଧିକ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ବି ବର୍ଷା ଲାଗି ରହିଥିବାରୁ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ଦେଖାଦେଇଛି। ରାଜ୍ୟର ପାହାଡ଼ିଆ ଅଞ୍ଚଳରୁ ବର୍ଷା ଓ ବନ୍ୟା ଜଳ ପ୍ରଖର ବେଗରେ ତଳିଆ ଅଞ୍ଚଳକୁ ବହୁଥିବାରୁ ଅନେକ ସ୍ଥାନରେ ରାସ୍ତା ଧସିଯାଇ ଗମନାଗମନ ବ୍ୟବସ୍ଥା ଠପ୍ ହୋଇଯାଇଛି। ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପଦକ୍ଷେପ ନିଆଯାଉଥିବା ରାଜ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବହୁ ସ୍ଥାନରେ ରାସ୍ତା ଓ ପୋଲ ଧୋଇ ଯାଇ ଯାତାୟତ ବନ୍ଦ ରହିଥିବାରୁ ଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ମୋବାଇଲ ନେଟୱର୍କ ବି କାମ କରୁନି। ଅନ୍ୟପକ୍ଷରେ ଭୂସ୍ଖଳନ ଆଶଙ୍କାକୁ ବି ଏଡାଇ ଦିଆଯାଇ ପାରୁ ନାହିଁ। ଗତ ବର୍ଷ ବର୍ଷା ସହିତ ଭୂସ୍ଖଳନ ଯୋଗୁ ଏକ ଡ୍ୟାମ୍ ବନ୍ଧ ଭାଙ୍ଗି ଯାଇଥିଲା। ଯଦ୍ୱାରା ଶତାଧିକ ଲୋକ ଭାସି ଯାଇ ମୃତ୍ୟୁ ମୁଖରେ ପଡ଼ିଥିଲେ। ଚଳିତ ବର୍ଷ ଭୀଷଣ ବର୍ଷା ଯୋଗୁ ଭୂସ୍ଖଳନ ଆଶଙ୍କା ଥିବାରୁ ସାଟେଲେଇଟ୍ ଜରିଆରେ ବହୁ ଜଳ ଭଣ୍ଡାର ଉପରେ ନଜର ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଏହି ସମୟରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ପ୍ରବଳ କ୍ଷତି ହୋଇଥାଏ। ଏଥିଯୋଗୁ ବହୁ ଘର, ରାସ୍ତା, ପୋଲ ଆଦି ନଷ୍ଟ ହୋଇଥାଏ।

■ ବିଭିନ୍ନ ସ୍ଥାନରେ ଫସିଛନ୍ତି ୧୫ଶହରୁ ଅଧିକ ପର୍ଯ୍ୟଟକ



# କୋଲକାତା ମଲ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

କୋଲକାତା,୧୪।୬(ଏଜେନ୍ସି): ପୂର୍ବ କୋଲକାତାସ୍ଥିତ ଏକ ପ୍ରମୁଖ ଏବଂ ବହୁତଳ ବିଶିଷ୍ଟ ମଲ୍' ଆକ୍ରୋପଲିସ'ରେ କୌଣସି କାରଣରୁ ନିଆଁ ଲାଗିଯିବାରୁ ଭୟଙ୍କର ସ୍ଥିତି ଉପୁଜିଛି। ମଲ୍‌ରେ ପ୍ରବଳ ଭିଡ଼ ଥିବା ସମୟରେ ୫ମ ମହଲାରେ ଅଗ୍ନିକାଣ୍ଡ ଘଟିବାରୁ ଭୟାନକ ସ୍ଥିତି ଦେଖାଯାଇଥିଲା। ଖବର ପାଇ ୧୦ରୁ ଅଧିକ ଅଗ୍ନିଶମ ଟିମ୍ ପହଞ୍ଚି ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିଥିଲେ। ତେବେ କୌଣସି ମୃତାହତ ସମ୍ପର୍କିତ ଖବର ଜଣାପଡ଼ି ନାହିଁ। ମିଳିଥିବା ସୂଚନା ଅନୁସାରେ ରାଜଡଙ୍ଗା ମେନ୍ ରୋଡରେ ରହିଥିବା ଏହି ମଲ୍‌ରେ ସବୁ ଦିନ ଭଳି ଶୁକ୍ରବାର ପ୍ରବଳ ଭିଡ଼ ହୋଇଥିଲା। ଏହି ସମୟରେ ମଲର ୫ମ ମହଲାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା।

**● କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ନିଟ୍ ପରୀକ୍ଷାର୍ଥୀ, ଅଭିଭାବକ**

# ଅଦାଲତଙ୍କ ନିଷ୍ପତ୍ତିକୁ ମାନିନେବୁ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ନିଟ୍ ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ବେଳକୁ ବେଳ ଜଟିଳ ହେବାକୁ ଲାଗି ଥିବା ବେଳେ ପ୍ରଶ୍ନପତ୍ର ଲିକ୍ ଘଟଣା ଅଭିଯୋଗ କରି ଏହାର ସିବିଆଇ ତଦନ୍ତ କରିବାକୁ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ଏନଟିଏକୁ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଶୁକ୍ରବାର ନୋଟିସ୍ ଜାରି କରିଛନ୍ତି। ଏହାମଧ୍ୟରେ ନିଟ୍ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଗୁଜରାଟର ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ପରୀକ୍ଷା ଦେବାକୁ କେତେକ ରାଜ୍ୟର ପରୀକ୍ଷାର୍ଥୀ ୧୦ ଲକ୍ଷ ଲେଖାଏଁ ଟଙ୍କା ଲାଞ୍ଚ ଦେଇଥିଲେ। ଏହି ବିଷୟ ଜଣାପଡ଼ିବା ପରେ ସଂପୃକ୍ତ କେନ୍ଦ୍ରର ୪ ପର୍ଯ୍ୟବେକ୍ଷକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ଏଭଳି ୨୦ରୁ ୩୦ ପରୀକ୍ଷାର୍ଥୀଙ୍କ ତଥ୍ୟ ମିଳିଥିଲା ବୋଲି ଛାତ୍ରଛାତ୍ରୀମାନେ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପରୀକ୍ଷାରେ ଅନିୟମିତତା କିମ୍ବା ପ୍ରଶ୍ନପତ୍ର ଲିକ୍‌କୁ ନେଇ ଯେଉଁ ଅଭିଯୋଗ ହୋଇଛି ସେ ସମ୍ପର୍କରେ ଯାଞ୍ଚ କରିବାକୁ ଏନଟିଏ ପକ୍ଷରୁ ସ୍ୱତନ୍ତ୍ର କମିଟି ପକ୍ଷରୁ ଯାଞ୍ଚ କରାଯାଉଛି। ଏହାଛଡ଼ା ନିଟ୍ ପରୀକ୍ଷା ବିବାଦକୁ ନେଇ ଅଦାଲତ ଯାହା ନିଷ୍ପତ୍ତି ନେବେ ତାହାକୁ ଆମେ ମାନିବୁ ବୋଲି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।



# ମାକ୍ରୋନ, ସୁନକ ଓ ଜେଲେଁସ୍କିଙ୍କୁ ଭେଟିଲେ ମୋଦୀ

ଆପୁଲିଆ(ଇଟାଲୀ), ୧୪।୬(ଏଜେନ୍ସି)

ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ ହରାଇଜନ୍-୨୦୪୭ ରୋଡ୍ ମ୍ୟାପ୍, ଇଣ୍ଡୋ-ପାସିଫିକ୍ ରୋଡ୍ ମ୍ୟାପ୍, ପ୍ରତିରକ୍ଷା, ଆଣବିକ, ଶିକ୍ଷା, କ୍ଲାଇମେଟ୍ ଆକ୍ସନ, ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର, କନେକ୍ଟିଭିଟି ଆଦି କ୍ଷେତ୍ରରେ ପାରସ୍ପରିକ ସହଯୋଗ ଉପରେ ଗୁରୁତ୍ୱ ଦେବାକୁ ଏକମତ ହେଇଛନ୍ତି। ପୁଣି ମେକ୍ ଇନ୍ ଇଣ୍ଡିଆ ପ୍ରାରମ୍ଭକୁ ଧ୍ୟାନରେ ରଖି ଉଭୟ ଭାରତ ଓ ଫ୍ରାନ୍ସ ରଣନୈତିକ ପ୍ରତିରକ୍ଷା ସହଯୋଗକୁ ବିସ୍ତାରିତ କରିବାକୁ ଆଗ୍ରହୀ ହୋଇଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ରିଟିକାଲ ଆଣ୍ଡ ଇମର୍ଜିଂ ଟେକ୍ନୋଲୋଜି କ୍ଷେତ୍ରରେ ପରସ୍ପରକୁ ସହଯୋଗ ଦେବାକୁ ଉଭୟ ଦେଶ ଚାହିଁଛନ୍ତି। ମାକ୍ରୋନଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଉଭୟ ଦେଶ ପାଇଁ ମହତ୍ତ୍ୱ ରଖୁଥିବା କେତେକ ପ୍ରସଙ୍ଗ ଉପରେ ଆଲୋଚନା ହେଇଥିଲା। ଇଂଲଣ୍ଡ ସହ ଭାରତର ମୁକ୍ତ ବାଣିଜ୍ୟ ରାଜିନାମା(ଏଫ୍‌ଟିଏ) ଉଭୟ ଦେଶ ପାଇଁ ଲାଭପ୍ରଦ-ଏନେଇ ଦୁହେଁ ଏକମତ ହେଇଥିଲେ। ତେବେ ଇଂଲଣ୍ଡରେ ନିର୍ବାଚନ ସରି ଆସନ୍ତା ଜୁଲାଇ ୪ରେ ନୂଆ ସରକାର ଗଢ଼ା ହେବା ଯାଏଁ ଏଫ୍‌ଟିଏ ହୋଇ ପାରିବ ନାହିଁ। ସୁନକଙ୍କୁ ଭେଟବା ପରେ ପ୍ରଧାନମନ୍ତ୍ରୀ ମୋଦୀ ୟୁକ୍ରେନ ରାଷ୍ଟ୍ରପତି ଭଲଦୋମିର ଜେଲେଁସ୍କିଙ୍କୁ ଭେଟିଥିଲେ। ଜେଲେଁସ୍କିଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତର ବିଶ୍ୱାସ, ଯୁଦ୍ଧ ନୁହେଁ, ଆଲୋଚନା ଓ କୂଟନୈତିକ ପ୍ରୟାସରେ ପ୍ରତ୍ୟେକ ବିବାଦର ସମାଧାନ ସମ୍ଭବ। ୟୁକ୍ରେନ ସହ ଅଧିକ ନିବିଡ଼ ସମ୍ପର୍କ ରଖିବାକୁ ଭାରତ ଆଗ୍ରହୀ।



# ଏପଟେ ଜି-୭ ସମ୍ମିଳନୀ, ସେପଟେ ଇଟାଲୀ ସଂସଦରେ ହାତାହାତି

ରୋମ,୧୪।୬(ଏଜେନ୍ସି)

ବିଶ୍ୱର ୭ ପ୍ରମୁଖ ତଥା ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ନେଇ ଏବେ ଇଟାଲୀରେ ଆରମ୍ଭ ହୋଇଛି ଜି-୭ ସମ୍ମିଳନୀ। ଆୟୋଜକ ଭାବେ ଇଟାଲୀ ପିଏମ ଜର୍ଜିଆ ମେଲୋନୀ ସବୁ ଅତିଥିଙ୍କୁ ସ୍ୱାଗତ କରିଛନ୍ତି। କିନ୍ତୁ ଏହି ସମୟରେ ଇଟାଲୀ ସଂସଦରେ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଛି। ବିଶ୍ୱର ଶକ୍ତିଶାଳୀ ଦେଶର ମୁଖ୍ୟମାନଙ୍କ ଉପସ୍ଥିତି ସତ୍ତ୍ୱେ ଇଟାଲୀ ସଂସଦରେ ବିତର୍କ ସହିତ ଏଠାକାର ନେତାମାନେ ହାତାହାତି ହୋଇଥିବା ଦେଖିବାକୁ ମିଳିଛି। ଇଟାଲୀ ସଂସଦରେ ଶୁକ୍ରବାର ଆଲୋଚନା ଚାଲିଥିଲା ବେଳେ କୌଣସି ବିଷୟକୁ କେନ୍ଦ୍ର କରି ସାଂସଦମାନେ ପରସ୍ପରକୁ ପିଟାପିଟି କରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସଂସଦରେ ବିରୋଧୀ ଦଳର ନେତାମାନେ ଇଟାଲୀ ସରକାରଙ୍କ ନୀତିକୁ ଫାସିବାଦୀ ବୋଲି କହି ହଙ୍ଗାମା କରିଛନ୍ତି। ବିରୋଧୀ ନେତାଙ୍କ ମତରେ ସରକାର ଅନେକ କ୍ଷେତ୍ରକୁ ଅଧିକ ସ୍ୱାୟତ୍ତତା ଦେବାକୁ ଯୋଜନା କରୁଥିବାରୁ ଏହା ଦେଶର ସ୍ୱାର୍ଥ ପାଇଁ ନୁହେଁ, ବରଂ ଫାସୀବାଦୀ ନୀତି ଦ୍ୱାରା ପ୍ରଭାବିତ ହେବ। ଏହାକୁ ନେଇ ଇଟାଲୀ ସଂସଦରେ କିଛି ସମୟ ଧରି ଲଢ଼େଇ ହୋଇଥିଲା। ଉଭୟ ଶାସକ ଓ ବିରୋଧୀ ପକ୍ଷର ସାଂସଦମାନେ ମୁହାଁମୁହିଁ ହୋଇଥିଲେ। ଫାଇଭ ଷ୍ଟାର ମୁଭମେଣ୍ଟର ଡେପୁଟି ଲିଓନାର୍ଡୋ ଡୋନୋ ସ୍ୱାଧୀନତା ସମର୍ଥକ ଉତ୍ତର ଲିଗ୍ ର ଆଞ୍ଚଳିକ ବ୍ୟାପାର ମନ୍ତ୍ରୀ ରୋବର୍ଟୋ କାଲଡେରୋଲିଙ୍କ ବେକରେ ଇଟାଲୀ ପତାକା ବାନ୍ଧିବାକୁ ଚେଷ୍ଟା କରିବା ପରେ ସଂଘର୍ଷ ତୀବ୍ର ହୋଇଥିଲା। ରୋବର୍ଟୋଙ୍କ ସମର୍ଥକ ସାଂସଦମାନେ ଲିଓନାର୍ଡୋ ଡୋନୋଙ୍କ କାର୍ଯ୍ୟକଳାପରେ ଏତେ କ୍ରୋଧିତ ହୋଇଥିଲେ ଯେ ସେମାନେ ନିଜ ସ୍ଥାନରୁ ଉଠି ଡୋନୋଙ୍କୁ ଘେରିଯାଇଥିଲେ। ଏହା ପରେ ସଂସଦରେ ହଙ୍ଗାମା ଆରମ୍ଭ ହୋଇଥିଲା।



# ପେଟପଡ଼ାରେ ରଜ ମହୋତ୍ସବ



**ଗୋବିନ୍ଦପୁର, ୧୪।୬(ସମିସ):** ପେଟପଡ଼ା ଗ୍ରାମର ମା' ମଙ୍ଗଳା ୟୁଥ୍ କ୍ଲବ୍ ପକ୍ଷରୁ ୧୨ ବର୍ଷ ହେଲା ଧୁମ୍‌ଧାମରେ ରଜ ମହୋତ୍ସବ ପାଳନ କରାଯାଉଛି। ଚଳିତବର୍ଷ ୧୩ ତାରିଖ ଠାରୁ ଏହି ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖ ଦିନ ଉଦ୍‌ଯାପିତ ହେବ। ପାଞ୍ଚ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଦୋଳିଖେଳ, ପୁଚି, କବାଡି, ପାନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ରାମା, ମେହେନ୍ଦୀ କାର୍ଯ୍ୟକ୍ରମ, ପିଠାପଣା ଆଦି କାର୍ଯ୍ୟକ୍ରମ ସମାରୋହରେ ପାଳନ କରାଯାଉଛି। ଏହି ଅବସରରେ ରଜ କୁଇନ୍ ପ୍ରତିଯୋଗିତା କରାଯାଇ ଜଣକୁ ରଜ କୁଇନ୍ କରାଯାଇ ପୁରସ୍କୃତ କରାଯାଏ। କ୍ଲବ୍‌ର ସଭାପତି ସୁନିଲ ମଲିକ, ସମ୍ପାଦକ ଗଦାଧର ମଲିକ, କୋଷାଧ୍ୟକ୍ଷ ପ୍ରକାଶ ମଲିକ, କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ଅର୍ଣ୍ଣାମୂଳରେ ଆରମ୍ଭ ହେଲା ରଜ ମହୋତ୍ସବ



**ଡେରାବିଶ, ୧୪।୬(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ଣ୍ଣମୂଳସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ରଜ ମହୋତ୍ସବ। ଏହି ମହୋତ୍ସବ ଗତ ୮ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ରଜ ପର୍ବର ପରମ୍ପରା ଓ ଐତିହ୍ୟ ଦିନକୁ ଦିନ ହଜି ଯାଉଥିବାବେଳେ ଅର୍ଣ୍ଣାମୂଳ ରଜ ମହୋତ୍ସବରେ ପାରମ୍ପରିକ ଭାବେ ବିଭିନ୍ନ ପ୍ରକାରର ଦୋଳିଖେଳ ଏବଂ ଯୁବତୀ ଓ ମହିଳାମାନଙ୍କୁ ନେଇ ପୁଚି, ଦଉଡ଼ି ଡିଆଁ ଓ ମ୍ୟୁଜିକ୍ ଚେୟାର ଭଳି ଖେଳ ବିଭିନ୍ନ ଲୋକଙ୍କୁ ଆକର୍ଷିତ କରୁଛି। ଆଜି ଦିନ ତମାମ ଆବାଳ ବୃଦ୍ଧବନିତା ସମସ୍ତେ ଦୋଳି ଖେଳର ମଜା ନେଇଥିଲେ। ଏହି ମହୋତ୍ସବ ତିନିଦିନ ଧରି ଚାଲିବ ବୋଲି କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ଗାଁ ଗହଳିରେ ଦୋଳି ଖେଳି ପାଳିଲେ ପହଲି ରଜ

**କେନ୍ଦ୍ରାପଡ଼ା, ୧୪।୬(ସମିସ):** ନୂଆ ଡ୍ରେସ୍ ସାଙ୍ଗକୁ କିଛି ଭଳିକି ଭଳି ପିଠା, ମିଠା ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟ ସହିତ ଦୋଳି ଖେଳର ମଜା ଉଠାଇଛନ୍ତି ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତେ। କୃଷକମାନେ ଏକାଠି ହୋଇ ଏଥର ଚାଷକୁ ନେଇ ଆଲୋଚନା କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏମିତିକି ଜିଲ୍ଲାର ମହିଳା ଓ ଯୁବତୀମାନେ ଦୋଳି ଖେଳିବା ସମୟରେ ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ...ଏହି ଗୀତର ତାଳେ ତାଳେ ସମସ୍ତେ ଝୁମିଥିଲେ। ଗାଁରେ ବିଭିନ୍ନ ଗଛରେ ରଜଦୋଳି ହୋଇଥିବାବେଳେ ସହରରେ ଛୋଟ ଛୁଆ ଖେଳିବା ପାଇଁ ଘର ଓ ଅଗଣାରେ ଦୋଳି ବ୍ୟବସ୍ଥା କରିଥିଲେ। ସକାଳୁ ସକାଳୁ ବିଭିନ୍ନ ବୟସର ଝିଅ ଓ ମହିଳାମାନେ ସଜବାଜ ହୋଇ ଗଛ ମୂଳକୁ ଦୋଳି ଖେଳିବାକୁ ଯାଇଥିଲେ। ପାଗ ଭଲ ଥିବାରୁ ଜମିଥିଲା ପହିଲି ରଜ। ସକାଳୁ ସନ୍ଧ୍ୟା ଯାଏ ଦୋଳି ଖେଳର ମଜା ନେଇଥିଲେ ମହିଳା ଓ ଯୁବତୀମାନେ।



ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଛକମାନଙ୍କରେ ରଜ ପାନ ଦୋକାନରେ ବେଶ୍ ଭିଡ ଜମିଥିଲା। ପାନ ଗୋଟିକୁ ୧୦ରୁ ୧୫ ଟଙ୍କା ମୂଲ୍ୟରେ ବିକ୍ରି ହୋଇଥିଲା।

ରଜ ପାନ କିଣୁଥିବା ନହଙ୍ଗ ପଞ୍ଚାୟତର ଶ୍ରୀନିବାସ ଲେଙ୍କା, କୁଶିଆପାଳ ପଞ୍ଚାୟତର ସାଗର କୁମାର ଦାସ, ଚାଟରାପାଟଣାର ରତ୍ନାକର ନାୟକ ପ୍ରମୁଖ କହିଥିଲେ ସେମାନଙ୍କ ପରିବାରରେ ଥିବା ଝିଅ ଓ ମହିଳାମାନେ ବରାଦ କରିଥିଲେ ରଜ ପାନ ଆଣିବା ପାଇଁ। ରଜପାନ ଖାଇ ଝିଅମାନେ ଦୋଳି ଖେଳି ମଜା ନିଅନ୍ତି। ସେଥିପାଇଁ ରଜପାନ କିଣୁଥିବା ସେମାନେ ପ୍ରକାଶ କରିଥିଲେ। ସେହିପରି ଚାଟରାପାଟଣାର ବ୍ୟବସାୟୀ ଉମାକାନ୍ତ ଦାସ କହିଛନ୍ତି ଆଜି ଏକ ହଜାରରୁ ଅଧିକ ରଜ ପାନ ବିକ୍ରି ହୋଇଛି। ଏହି ରଜ ପାନ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ୨୦ ପ୍ରକାରର ମସଲାର ବ୍ୟବହାର କରିବାକୁ ପଡ଼ିଥିଲା। ସହର ଉପକଣ୍ଠରେ ଥିବା ବିଜୁ ସ୍ମାର୍ଟ ପାର୍କ, କପାଳେଶ୍ୱର ପଞ୍ଚାୟତରେ ଥିବା ଜଝାଙ୍ଗ ପାର୍କରେ ଭିଡ ପରିଲକ୍ଷିତ ହୋଇଥିଲା।

# ବିଜୁ ଜନତା ଦଳ ପକ୍ଷରୁ ରଜ ଉତ୍ସବ ଓ ଧନ୍ୟବାଦ ସଭା

ରାଜନଗର, ୧୪।୬

ଅଞ୍ଚଳରୁ ହଜି ଯାଉଥିବା ରଜପର୍ବକୁ ଉଜ୍ଜିବୀତ ରଖିବା ପାଇଁ ରଜ ଦୋଳି ସହିତ ରଜପିଠା ଓ ପାନ ବାଣ୍ଟି ନିଆରା ଉତ୍ସବ ପାଳିଛନ୍ତି। ରାଜନଗର ବ୍ଲକ ବିଜୁ

- ● ପରମ୍ପରାକୁ ଫେରାଇ ଆଣିବା ପାଇଁ ନିଆରା ପ୍ରୟାସ
- ● ମହିଳାମାନେ ଦୋଳି ଓ ମ୍ୟୁଜିକ ଚେୟାର ଖେଳିଲେ
- ● ରଜ ପାନ ଓ ପିଠା ବାଣ୍ଟିଲେ

ଜନତା ଦଳ ପକ୍ଷରୁ ଡାଙ୍ଗମାଳର ମା'ଜୟଦୁର୍ଗାଙ୍କ ପୀଠରେ ଆଜି ରଜ ଉତ୍ସବ ଓ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା। ପହିଲି ରଜ ଅବସରରେ ମା'ଙ୍କ ବେଢ଼ାରେ ସୁସଜ୍ଜିତ ଦୋଳିରେ ମା'ମାନେ ଖେଳିଥିଲେ। ମହିଳା ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡାଙ୍ଗମାଳ ଓ ଖମାରସାହି ପଞ୍ଚାୟତର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ରଜ ଅବସରରେ ପିଠା ପ୍ରସ୍ତୁତ କରି ସମସ୍ତଙ୍କୁ ବାଣ୍ଟିଥିଲେ। ଏହି ଉତ୍ସବ ପରିସରରେ ରଜପାନ ମଧ ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧନ୍ୟବାଦ ସଭାରେ ରାଜନଗର ବିଧାୟକ ଯୋଗଦେଇ ଅଞ୍ଚଳବାସୀ ତାଙ୍କ ଉପରେ ଭରସା କରି ଦ୍ୱିତୀୟ ଥର ପାଇଁ ନିର୍ବାଚିତ କରିଥିବାରୁ ଆଣ୍ଠୁମାଡି ସମସ୍ତଙ୍କୁ ପ୍ରଣାମ କରିବା ସହିତ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକ ଦୋଳି ଖେଳିବା ସହ ନିଜେ ପିଠା ଖାଇ ପିଠା ବାଣ୍ଟିଥିଲେ। ମ୍ୟୁଜିକ ଚେୟାରରେ ମହିଳା ବିଭାଗରେ ମଞ୍ଜୁଲତା ବଳ, ମମତା ସାସମଲ, ପଙ୍କଜିନୀ ବେରା, ବାଳିକା ବିଭାଗରେ ଶୁଭସ୍ମିତା ବେହେରା, କଳ୍ପନା ମଣ୍ଡଳ, ପ୍ରିୟଦର୍ଶନୀ ଗନ୍ତାୟତ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସମ୍ବର୍ଦ୍ଧିତ ହୋଇଥିଲେ। ନୃତ୍ୟ ପରିବେଷଣ କରିଥିବା ୬ବର୍ଷର କୁନି ଝିଅ ଆରାଧ୍ୟା ବେହେରା, ଜୟଦୁର୍ଗା ଡ୍ୟାନ୍ସ ଗ୍ରୁପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଲିପି ମିଶ୍ର ଓ ତାଙ୍କ ସାଥୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ୩୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ ପ୍ରମୁଖ ଏହି ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧକ୍ଷ ହେମନ୍ତ କୁମାର ସାହୁ, ରାଜନଗର ପଞ୍ଚାୟତ ସମିତି ଉପାଧକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରଞ୍ଜନ କୁମାର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ଖଗେଶ୍ୱର ଲେଙ୍କା, ରଘୁନାଥ ପ୍ରଧାନ, ଦେବେନ୍ଦ୍ର କୁମାର ଜେନା, ରମେଶ ଚନ୍ଦ୍ର ବେହେରା, ସୁଦର୍ଶନ ଦାସ, ଜୟୀରାମ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ରିଲୋଚନ ବାରିକ, ହିରଣ୍ୟମୟ ଦାସ, ପତିତପାବନ ବାରିକ, ଆଲୋକ ପ୍ରଧାନ, ସୁଶାନ୍ତ ବେହେରା, ରବୀନ୍ଦ୍ର ସିଂ, ପବିତ୍ର କରଣ, ରାଜକିଶୋର ବେହେରା, ବାବୁଲି ବେଦୀ, ଜନକର ନାୟକ, ରଞ୍ଜନ କୁମାର ବେହେରା, ଅଜୟ ବେହେରା, ଦିଗାମ୍ବର ବେହେରା, ସୁବ୍ରତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଓ ପଟ୍ଟାମୁଣ୍ଡାଇର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ।





■ ସ୍ୱୟଂସହାୟିକା ଗୋଷ୍ଠୀ ଟଙ୍କାକୁ ନେଇ ଗଣ୍ଡଗୋଳ

# ଗୋଷ୍ଠୀ ସମ୍ପାଦିକା ସ୍ୱାମୀଙ୍କ ଆକ୍ରମଣରେ ସଭାପତିଙ୍କ ପୁତୁରା ଗୁରୁତର

**କେନ୍ଦ୍ରାପଡ଼ା, ୧୪।୬(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତ ଗରାମ ଗ୍ରାମରେ ମା' ମଙ୍ଗଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ହେରଫେର ମାମଲାକୁ ନେଇ ଗୋଷ୍ଠୀ ସମ୍ପାଦିକାଙ୍କ ସ୍ୱାମୀଙ୍କ ଆକ୍ରମଣରେ ସଭାପତିଙ୍କ ପୁତୁରା ଗୁରୁତର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ସସ୍ମିତା ନାୟକ ଓ ଅନ୍ୟ ସଭ୍ୟାମାନେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୧୧ ଜଣ ବିଶିଷ୍ଟ ଏହି ଗୋଷ୍ଠୀର ସଦସ୍ୟାମାନେ ହରିଅଙ୍କ ଇଣ୍ଡିଆନ ବ୍ୟାଙ୍କରୁ ଏକ ଗୋଷ୍ଠୀ ନାମରେ ଋଣ କରିଥିଲେ। ଋଣ ଟଙ୍କାରୁ ୩ଲକ୍ଷ ଟଙ୍କା ଗୋଷ୍ଠୀ ସମ୍ପାଦିକା ରାଜଶ୍ରୀ ରାଉତ ହଡ଼ପ କରିଥିବା ଜାଣି ସମ୍ପାଦିକାଙ୍କୁ ଟଙ୍କା ଫେରସ୍ତ ପାଇଁ ବାରମ୍ବାର କହିବା ପରେ ୪ ମାସ ମଧ୍ୟରେ ଶ୍ରୀମତି ରାଉତ ନେଇଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରିଥିଲେ। ପରେ ସଭ୍ୟାମାନଙ୍କର ଟଙ୍କାର ଆବଶ୍ୟକତା ହେବାରୁ ଗୋଷ୍ଠୀ ଖାତାରୁ ଟଙ୍କା ଉଠାଣ ପାଇଁ ସମ୍ପାଦିକାଙ୍କୁ କହିଥିଲେ ବି ସେ ସହଯୋଗ କରିନଥିଲେ। ଫଳରେ ଗୋଷ୍ଠୀର ସଦସ୍ୟାମାନେ ରାଜଶ୍ରୀଙ୍କୁ ସମ୍ପାଦିକା ପଦରୁ କାଢ଼ି ଗୋଷ୍ଠୀର ଅନ୍ୟଜଣଙ୍କୁ ସମ୍ପାଦିକା ଭାବେ ନିର୍ବାଚିତ କରି ଏହାକୁ ବୈଧ କରିବା ନିମନ୍ତେ ବ୍ଲକ ମିଶନଶକ୍ତି ଅଧିକାରୀଙ୍କ ନିକଟକୁ ସଭାପତି ସସ୍ମିତା ନାୟକ ତାଙ୍କ ପୁତୁରା ପ୍ରକାଶ ନାୟକଙ୍କ ସହିତ ଯାଇଥିଲେ। ସେଠାରୁ ଫେରିବା ପରେ ରାଜଶ୍ରୀଙ୍କ ସ୍ୱାମୀ ଗୋଲଖି ରାଉତ ସଭାପତି ସସ୍ମିତାଙ୍କ ଘରେ ପହଞ୍ଚି ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ସସ୍ମିତାଙ୍କ ପୁତୁରା ଘରକୁ ଫେରୁଥିବାବେଳେ ବାଟରେ ଗୋଲଖି ତାଙ୍କୁ ଅଟକାଇ ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ପାଇ ଗୋଷ୍ଠୀ ସଦସ୍ୟାମାନେ ପ୍ରକାଶକୁ ଉଦ୍ଧାର କରି ପ୍ରଥମେ ଚାନ୍ଦୋଳ ଫାଣ୍ଡିକୁ ଆସିଥିଲେ। ଫାଣ୍ଡି ଅଧିକାରୀଙ୍କ ପରାମର୍ଶକ୍ରମେ ପ୍ରକାଶକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାକୁ କଟକ ବଡ଼ ମେଡ଼ିକାଲ୍ ସ୍ଥାନାନ୍ତର କରିଥିଲେ। ଏ ସମ୍ପର୍କରେ ସଦର ଥାନାରେ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯାଇଛି। ପରେ ଅପରପକ୍ଷ ଶ୍ରୀମତୀ ରାଉତଙ୍କ ପାଲଟା ଅଭିଯୋଗ ପାଇ ଆଉ ଏକ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ। ତେବେ ଉଭୟ ଅଭିଯୋଗକୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯିବ ବୋଲି ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ପ୍ରକାଶ କରିଛନ୍ତି।

# 'ସିମ୍ଫୋନି' ପକ୍ଷରୁ ସୃଜନର ସଜବାଜ

କେନ୍ଦ୍ରାପଡ଼ା, ୧୪।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ସମ୍ମିଳିତ କଳାମଞ୍ଚ ନ୍ତସିମ୍ଫୋନି' ପକ୍ଷରୁ ସୃଜନର ସଜବାଜ ଶୀର୍ଷକ କାର୍ଯ୍ୟକ୍ରମ ଗଣପର୍ବ ରଜର ଅବ୍ୟବହିତ ପୂର୍ବରୁ ପୁନର୍ବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ନ୍ତସ୍ପନ୍ଦନ' ନାମରେ ଜନ୍ମ ନେଇଥିବା ଏହି ଅନୁଷ୍ଠାନର ନାମ ପରିବର୍ତ୍ତନ କରାଯାଇ ନ୍ତସିମ୍ଫୋନି' ନାମରେ ନାମିତ କରାଯାଇଛି। ବିବିଧ କଳାର ସମାବେଶୀ ମଞ୍ଚ ରୂପେ ଆଭିମୁଖ୍ୟ ରଖିଥିବା ଅନୁଷ୍ଠାନର ଉକ୍ତ କାର୍ଯ୍ୟକ୍ରମରେ କଥାକାର ବିରଜା ରାଉତରାୟଙ୍କ ସଂଯୋଜନାରେ ଜିଲ୍ଲାର ପ୍ରତିଷ୍ଠିତ ପ୍ରବୀଣ ଓ ନବାଗତ କବି, କଥାକାର, ସଙ୍ଗୀତଶିଳ୍ପୀ, ଚିତ୍ରଶିଳ୍ପୀ, ନାଟ୍ୟଶିଳ୍ପୀ, ଗୀତିକାର ପ୍ରମୁଖ ଯୋଗଦେଇ ଏହି ସନ୍ଧ୍ୟାକୁ ସ୍ମରଣୀୟ କରି ତୋଳିଥିଲେ। କବିତା ଓ ଗଳ୍ପପାଠ ସହିତ ବିଜୟ ଶୁକ୍ଲାଙ୍କ ଗଜଲ ପରିବେଷଣ, ହିନ୍ଦୀ ସାଏରୀ, ନାଟକର ସଂଳାପ ପ୍ରଭୃତି ଏହି ଆସରର ଅନନ୍ୟ ଆକର୍ଷଣ ରହିଥିଲା। ଆସରରେ ପଠିତ ଡ. ବିରଜା ରାଉତରାୟଙ୍କ ଗଳ୍ପ ଦି' ଫାଳ, ଆନନ୍ଦ କୁମାର ମାଇତିଙ୍କ ଭିକାରୀ, ବଂଶୀଧର ମହାନ୍ତିଙ୍କ ନିର୍ବାଚନ ଆର ପଟେ, ଲିଜା ପଣ୍ଡାଙ୍କ ଶାଳଗ୍ରାମ, ସ୍ୱପ୍ନାଂଶୁ କୁମାର ଦାସଙ୍କ ଜନତା ଜନାର୍ଦ୍ଦନ ସାମ୍ପ୍ରତିକ ସମାଜିକ ଚିତ୍ରକୁ ବେଶ୍ ପ୍ରକଟିତ କରିପାରିଥିଲା। ସେହିପରି ସ୍ୱକୀୟ କବିତା ପାଠରେ ବିଶିଷ୍ଟ କବି ମନ୍ମଥ ବରାଳଙ୍କ କବିତା ଅଭିପ୍ରାୟ ଏହିକି, ନବଜ୍ୟୋତି ରାୟଙ୍କ ଶକ୍ତି ପୂଜା, ଆଶୁତୋଷ ରାଉତଙ୍କ ସାହିତ୍ୟ ସୁନ୍ଦରୀ, ଶୁଭ୍ରାଂଶ କୁମାର ଦାସଙ୍କ ସ୍ମୃତି, ରଞ୍ଜନ ବାଇଙ୍କ ନିର୍ଦ୍ଦେଶକ, ଅଜୟ କୁମାର ପାତ୍ରଙ୍କ ବ୍ୟଙ୍ଗ କବିତା ସେ ଭୁଆଁ ବିରାଡ଼ି ମୁଁ ଓଧ, କବିତା ମୁଦୁଲିଙ୍କ ଉର୍ମିଳା, ଗୋଲାପ ରାଉତଙ୍କ ବାଉଁଶ ରାଣୀ ଅସିତ୍ କୁମାର ସାହୁଙ୍କ ପରିଚୟ ଭିନ୍ନ ଭିନ୍ନ କାବ୍ୟିକ ଆବେଗକୁ ତୋଳି ଧରିଥିଲା। ଏହି ଆସରକୁ ଶେଖ୍ ଇଦ୍ରିସ୍ ଅଲ୍ଲୀଙ୍କ ସାଏରି ଓ ବିଶିଷ୍ଟ କଣ୍ଠଶିଳ୍ପୀ ବିଜୟ ଶୁକ୍ଲାଙ୍କ ସଙ୍ଗୀତ ଓ ଗାୟିକା ସ୍ଥିତିପ୍ରଜ୍ଞାଙ୍କ ଗଜଲ ପରିବେଷଣ ନିଆରା ସ୍ପର୍ଶ ଦେଇଥିଲା। ନାଟ୍ୟଶିଳ୍ପୀ ସଞ୍ଜୟ କୁମାର ମଲ୍ଲିକଙ୍କ ସଂଳାପ ପ୍ରଦର୍ଶନ ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ବିବିଧତା ରହିଥିଲା। ପରିଶେଷରେ ବିଶିଷ୍ଟ କବି ଓ ସମାଲୋଚକ ଡ. ଯତିନ୍ଦ୍ର ରାଉତଙ୍କ ପଠିତ ଲେଖାଗୁଡିକର ସୃଜନ ବିଭବ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ନୃତ୍ୟଶିଳ୍ପୀ ଜୟଶ୍ରୀ ଦାସ ଓ ଅନ୍ୟ ସୃଜନ ଶିଳ୍ପୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିମ୍ଫୋନି ଅନୁଷ୍ଠାନର ସଂଯୋଜକ ସ୍ୱପ୍ନାଂଶୁ ଦାସ, ବଂଶୀଧର ମହାନ୍ତି ପରିଚାଳନା କରିଥିବା ବେଳେ ଗୌତମ ସାହୁ ଓ ଶେଷଦେବ ଦାସ ସହଯୋଗ କରିଥିଲେ।

# ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ଡେରାବିଶ, ୧୪।୬(ସମିସ):** ଡେରାବିଶ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜପଥର ଖମୋଳ ଛକ ନିକଟରେ ଆଜି ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଡାଳିଜୀ ଗ୍ରାମର ଖଗେଶ୍ୱର ଜେନାଙ୍କ ସ୍ତ୍ରୀ ମଞ୍ଜୁଳା ମଞ୍ଜରୀ ଜେନା (୫୮) ରାସ୍ତା ଆରପଟରେ ଥିବା ଶିବ ମନ୍ଦିରକୁ ସନ୍ଧ୍ୟା ଦେବାକୁ କଟକ-ଚାନ୍ଦବାଲି ରାସ୍ତା ପାର ହେଉଥିବା ବେଳେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଜଣେ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇଥିଲେ। ଉଭୟ ବାଇକ୍ ଆରୋହୀ ଓ ମଞ୍ଜୁଳାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଯୋଗେ ନିଶ୍ଚିନ୍ତକୋଇଲି ମେଡ଼ିକାଲ୍‌କୁ ନିଆଯାଇଥିଲା। ସେଠାରେ ଡାକ୍ତର ମଞ୍ଜୁଳାଙ୍କୁ ମୃତ ଘୋଷଣା କରିଥିବା ବେଳେ ବାଇକ୍ ଆରୋହୀ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

# ଗୁପ୍ତି ଏସ୍‌ବିଆଇ ଶାଖାର ନୂତନ ଗୃହ ଉଦ୍‌ଘାଟିତ



**ରାଜନଗର, ୧୪।୬(ସମିସ):** ରାଜନଗର ବ୍ଲକର ଗୁପ୍ତି ଠାରେ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାର ନୂତନ ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ନୂତନ ଗୃହପ୍ରବେଶ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ପୁନ୍ନାବଲମ ଏମ୍ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରିଜିଓନାଲ ମ୍ୟାନେଜର ଦେବାଶିଷ ରଥ, ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ଅଶୋକ କୁମାର ରାଉତ, ରାଜନଗର ଶାଖା ପରିଚାଳକ ପ୍ରଶାନ୍ତ ସାହୁଙ୍କ ସମେତ ଗୁପ୍ତି ବ୍ୟାଙ୍କର ପରିଚାଳକ ସୁରଜ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଇକୋ ସେନ୍‌ସିଟିଭ ଜୋନ୍ ଆଇନକୁ ଲଦି ଦିଆନଯାଉ

ରାଜନଗର, ୧୪।୬(ସମିସ)

ଚଳିତମାସ ଜୁନ ୯ ତାରିଖରେ ଇକୋ ସେନ୍‌ସିଟିଭ ଜୋନ୍ ବା ପର୍ଯ୍ୟାବରଣ ସ୍ପର୍ଶକାତର ଅଞ୍ଚଳ ଆଇନ ସମ୍ପର୍କରେ ଅଧିସୂଚନା ପ୍ରକାଶ ପାଇଛି। ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ଅଭୟାରଣ୍ୟ ଅଞ୍ଚଳ ବାଦ ଆଉ ୨୦୫ଟି ଗାଁ ଏହି ଆଇନ ପରିସର ଭିତରେ

- ● ବିଧାୟକଙ୍କ ଚେତାବନୀ ରାଜନଗରରୁ ଦିଲ୍ଲୀ ଯାଏଁ ହେବ ଆନ୍ଦୋଳନ

ଆସୁଛି। ଏହାକୁ ନେଇ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ସରକାରଙ୍କୁ ଚେତାବନୀ ଦେବା ସହ ଅଗଣତାନ୍ତ୍ରିକ ଭାବେ ଇକୋ ସେନସେଟିଭ ଜୋନ ଆଇନ କାର୍ଯ୍ୟକାରୀ କରିବାକୁ ଦିଆଯିବ ନାହିଁ। ସରକାରୀ ବ୍ୟବସ୍ଥାରେ ଯେଉଁ ସ୍ଥାନରେ ଆଇନ ଲାଗୁ କରାଯାଏ, ସେହି ସ୍ଥାନରେ ଗ୍ରାମସଭା ହେବାର ନିୟମ ରହିଛି। ମାତ୍ର ଭିତରକନିକା ଅଞ୍ଚଳରେ ଅର୍ଥାତ ରାଜନଗରରେ ଆଇନ ଲାଗୁ ହେବ, ଆମେ ଅଭିଯୋଗ କରିବୁ ଦିଲ୍ଲୀରେ। ଏପରି ବ୍ୟବସ୍ଥା ଆଗରୁ କେବେ ନଥିଲା। ୧୯୬୧ ମସିହାରେ ଭିତରକନିକା ସଂରକ୍ଷିତ ଜଙ୍ଗଲ ଆଇନ ଓ ୧୯୭୫ରେ ଭିତରକନିକା ଅଭୟାରଣ୍ୟ ଘୋଷଣା ବେଳେ ପ୍ରକୃତ ଜଙ୍ଗଲ ଥିବା ଅଞ୍ଚଳର ସୀମା ନିର୍ଦ୍ଧାରଣ ନକରି କନିକା ଜମିଦାରିର ସମସ୍ତ ଅଞ୍ଚଳକୁ ଅଭୟାରଣ୍ୟ ଭାବେ ଘୋଷଣା କରାଗଲା। ଯାହାଫଳରେ ରାଜନଗରରେ ଗତ କିଛି ଦଶନ୍ଧି ଧରି ବିକାଶ ବାଧାପ୍ରାପ୍ତ ହୋଇଥିଲା। ନବେ ଦଶକରେ ଦୁର୍ବାର ଆନ୍ଦୋଳନ ଫଳରେ ଏବେ ପରିବେଶ ସୁରକ୍ଷିତ ରହିବା ସହିତ ବିକାଶ ବି ସମାନ ଗତିରେ ହେଉଛି। ଏବେ ପୁଣି ବିକାଶର କଣ୍ଠରୋଧ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଇକୋ ସେନ୍‌ସିଟିଭ ଜୋନ ଆଇନ ଲାଗୁ କରାଯାଉ। ଭିତରକନିକାର ପରିବେଶ, ବୃକ୍ଷରାଜି ଓ ପ୍ରାଣୀ ସମ୍ପଦର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଯେତେବେଳେ ଜଙ୍ଗଲ ଓ ପରିବେଶ ବିଭାଗ ନଥିଲା, ସେବେଠୁ ଆମ ପୂର୍ବ ପିଢି ଜଙ୍ଗଲର ସୁରକ୍ଷା ପାଇଁ ଯତ୍ନବାନ ଥିଲେ। ଯେଉଁଥିପାଇଁ ଆଜି ଭିତରକନିକା ରହିଛି। ସ୍ଥାନୀୟ ଲୋକଙ୍କ ସହଭାଗିତା ନରହିଲେ ଜଙ୍ଗଲର ସୁରକ୍ଷା ସମ୍ଭବ ନୁହେଁ। ଆମେ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଯତ୍ନବାନ ଥିବାବେଳେ ଜଙ୍ଗଲ ବାହାରେ ଥିବା ଅଞ୍ଚଳରେ ଜଙ୍ଗଲୀ ଆଇନକୁ କାର୍ଯ୍ୟକାରୀ କରିବାକୁ ଦିଆଯିବ ନାହିଁ। ଏଥିପାଇଁ ଜୋରଦାର ଲଢେଇ ହେବ। ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଆମ ଉପରେ ଏହି ଆଇନକୁ ଲଦି ଦିଆନଯାଉ ବୋଲି ରାଜନଗର ବିଧାୟକ ଆଜି ଡାଙ୍ଗମାଳ ଠାରେ ଧନ୍ୟବାଦ ସଭାରେ ଯୋଗଦେଇ ଚେତାବନୀ ଦେଇଛନ୍ତି। ଯେଉଁ ଆଇନରେ ମାଟି ଖୋଳିଲେ ଅନୁମତି ନେବାକୁ ପଡ଼ିବ, ମାଛଚାଷ, ଗୋ ପାଳନ ପାଇଁ ଅନୁମତି ଆବଶ୍ୟକ ତେବେ ଅଞ୍ଚଳବାସୀ ବଞ୍ଚିବେ କେମିତି ବୋଲି ପ୍ରଶ୍ନ କରିବା ସହ ଏହି ଲଢେଇ ଜୋରଦାର ହେବ ବୋଲି କହିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏହି ଅଧିସୂଚନା ଉପରେ ୬୦ଦିନ ଭିତରେ ଆପତି ଅଭିଯୋଗ ଓ ପରାମର୍ଶ ପାଇଁ ସମୟସୀମା ରହିଛି। ଏହି ସମୟ ମଧ୍ୟରେ ଦଳମତ ନିର୍ବିଶେଷରେ ସମସ୍ତେ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ବିଭାଗକୁ ଅଗଷ୍ଟ ୮ ତାରିଖ ଭିତରେ ଚିଠି ଲେଖିବା ସହ ଏହି ଲଢେଇରେ ସାମିଲ ହେବାକୁ ନିବେଦନ କରିଛନ୍ତି।



# ହାଇୱା ଧକ୍କାରେ ଟ୍ରକ ଚାଳକ ମୃତ

**କେନ୍ଦ୍ରାପଡ଼ା, ୧୪।୬(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଛଘରିଆ ଜାତୀୟ ରାଜପଥ କଡ଼ରେ ଛିଡା ହୋଇଥିବା ବେଳେ ଏକ ହାଇୱା ଧକ୍କାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରକ ଚାଳକଙ୍କ ନାମ କୃଷ୍ଣଚନ୍ଦ୍ର ମହାନ୍ତି ଓ ତାଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ସାନପଣ୍ଡୁସର ଗ୍ରାମରେ। ସେ ଟ୍ରକରେ ଲୁହାପଥର ବୋଝେଇ କରି କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିଲେ। ଛଘରିଆ ନିକଟରେ ଗାଡି ରଖି ଛିଡା ହୋଇଥିଲେ। ଏହି ସମୟରେ ତାଙ୍କୁ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ସେ ନିଜ ଟ୍ରକ ମଧ୍ୟରେ ପଶି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି କୃଷ୍ଣଙ୍କୁ ଉଦ୍ଧାର କରିଥିଲେ। ଏହାପରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର କୃଷ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାଜନଗର ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ

**ରାଜନଗର, ୧୪।୬(ସମିସ):** ରାଜନଗର ବ୍ଲକ କ୍ରୀଡା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ରାଜନଗର ଛାତ୍ର ପ୍ରତିଭା ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ରାଜନଗର ସଦର ମହକୁମା କେସି ମଣ୍ଡପଠାରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବରେ ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଅବସରପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତାନନ୍ଦ ପ୍ରଧାନ, ସପନେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ, ଅଧ୍ୟାପକ ସନ୍ଦିପ କୁମାର ମହାପାତ୍ର, ବଡପଲ୍ଲୀ ହାଇସ୍କୁଲ ପ୍ରଧାନଶିକ୍ଷକ ଅଭୟ କୁମାର ରାଉତ, ବନବିହାରୀଜୀଉ ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚଳିତବର୍ଷ ବ୍ଲକସ୍ତରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦେବୀ ପ୍ରସାଦ ରଥ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରଶାନ୍ତ ମଣ୍ଡଳ ଓ ୩ୟ ସ୍ଥାନ ଅଧିକାର କରିଥିବା ଆକାଶ ମହାନ୍ତି, ଯୁକ୍ତ ୨ କଳାରେ ପ୍ରଥମସ୍ଥାନ ଅଧିକାର କରିଥିବା ବର୍ଷାରାଣୀ ସ୍ୱାଇଁ, ୨ୟ ସ୍ଥାନ କଳ୍ପନା ରାଉଳ, ୩ୟ ସ୍ଥାନରେ ଅବିସ୍ମା ନାୟକ, ବାଣିଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମାନସ କୁମାର ପ୍ରଧାନ ଓ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମୀକ୍ଷା ମହାପାତ୍ରଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଶିଳ କୁମାର ପ୍ରଧାନ, ନାଗେଶ୍ୱର ସାହୁ, ସ୍ନେହାଶିଷ ଜେନା, ଶୈଳେସ ସ୍ୱାଇଁ, ପ୍ରକାଶ ସେଠୀ, ଅଭିରାମ ରାଉତ, କାର୍ତିକ ପ୍ରଧାନ, ଚନ୍ଦନ ବେହେରା, ପ୍ରୀୟ ରଞ୍ଜନ ରାଉତ, ଅମିତ ଅଂଶୁମାନ ରାଉତ, ଶୁଭସ୍ମିତା ଜେନା, ସଙ୍ଗୀତା ରାଉତ, ଦେବୀଲତା ପାତ୍ର, ସରୀତା ପ୍ରଧାନ, ସୌଭାଗିନୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# କୁଚିଣ୍ଡାରେ ଏବେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅସୁବିଧା ହେବ ନାହିଁ ତ ?

**କୁଚିଣ୍ଡା, ୧୪ ।୬ (ସମିସ)**

ରାଜ୍ୟରେ ପୂର୍ଣ୍ଣ ବହୁମତରେ ଏବେ ବିଜେପି ସରକାର ଗଠନ ହୋଇଛି। କେନ୍ଦ୍ରରେ ମଧ୍ୟ ବିଜେପି ନେତୃତ୍ୱାଧୀନ ବିଜେପି ସରକାର ଗଠନ ହୋଇସାରିଛି। କିଛି ବର୍ଷ ଆଗରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସ୍ଥାନୀୟ ନବ ନିର୍ବାଚିତ ବିଧାୟକ ରବି ନାରାୟଣ ନାଏକ ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ସମୟ ଗଡ଼ାଇ ଚାଲିଥିବା ବେଳେ ପୁଣିଥରେ କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷାମନ୍ତ୍ରୀ କରାଯାଇଛି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ରବି ନାରାୟଣ ନାଏକ ମଧ୍ୟ ମନ୍ତ୍ରୀ ଦୌଡ଼ରେ ଅଛନ୍ତି। ଏଣୁ ଏଥର ନିଶ୍ଚିତ ରୂପେ କୁଚିଣ୍ଡାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବାର କୌଣସି ବାଧା ସୃଷ୍ଟି ହୋଇ ନପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କୁଚିଣ୍ଡାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦୀର୍ଘ ବର୍ଷ ତଳେ ଯୋଜନା ହୋଇଥିଲେ ମଧ୍ୟ ତାର ବାସ୍ତବ କାର୍ଯ୍ୟକାରିତା ଆଜି ପର୍ଯ୍ୟନ୍ତ ହୋଇନି। ଏନେଇ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଇଚ୍ଛା ଶକ୍ତି ଅଭାବ ଯୋଗୁଁ ସରକାରଙ୍କ ଏହି ମହାତ୍ୱାକାଂକ୍ଷୀ ଶିକ୍ଷାନୁଷ୍ଠାନର ଫାଇଲ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ବନ୍ଧା ହୋଇଥିବା ବେଳେ ନିର୍ବାଚନ ଆସିଲେ କେବଳ ରାଜନୈତିକ ଫାଇଦା ସକାଶେ ପୁଣି ଏକ ପତ୍ର ପ୍ରଦର୍ଶିତ ହେଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଆଦିବାସୀ ବହୁଳ କୁଚିଣ୍ଡା ଉପଖଣ୍ଡରେ ଶିକ୍ଷାର ବିକାଶ ତଥା କେନ୍ଦ୍ରୀୟ କର୍ମଚାରୀଙ୍କ ସନ୍ତାନ ସନ୍ତତିଙ୍କ ସକାଶେ ବ୍ୟବସ୍ଥିତ ଶିକ୍ଷା ଦେବାକୁ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାକୁ ଦୀର୍ଘ ବର୍ଷରୁ ଦାବି ହେଉଛି। ଗତ ୨୦୧୩ ମସିହାରେ ତତ୍କାଳୀନ ସାଂସଦ ଅମରନାଥ ପ୍ରଧାନ କେନ୍ଦ୍ର ସରକାରଙ୍କୁ ଏଠାରେ ଏକଲବ୍ୟ ବିଦ୍ୟାଳୟ କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ତତ୍କାଳୀନ ପ୍ରଶାସନ କୁଚିଣ୍ଡାରେ କୌଣସି ଜାଗା ଦେବାକୁ ତତ୍ପରତା ପ୍ରକାଶ ନକରିବାରୁ ଏହା ଅଗ୍ରଗତି ହୋଇନଥିଲା। ଏହା ପରେ ଗତ ୨୦୧୫ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ ଦେବେନ ପ୍ରଧାନ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ସକାଶେ ସରକାରଙ୍କ ଠାରେ ବିଦ୍ଧିବଧ ପ୍ରସ୍ତାବ ପ୍ରଦାନ କରିଥିଲେ। ମାତ୍ର ଦୀର୍ଘ ଦୁଇ ବର୍ଷ-ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ୨୦୧୭ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ ଆଇଏଏସ ଚଞ୍ଚଳ ରାଣାଙ୍କ ଅବଧିରେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବିଦ୍ଧିବଦ୍ଧ ଭାବେ ପଦକ୍ଷେପ ନିଆଯାଇଥିଲା। ଏଥି ସକାଶେ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ସମସ୍ତ କାଗଜପତ୍ର ଦାଖଲ ହୋଇଥିବା ବେଳେ ଏହାର ବାସ୍ତବ ଅନୁମୋଦନକୁ ଅପେକ୍ଷା କରାଯାଇଥିଲା। ଏପରିକି ଏଥି ସକାଶେ ଏନଏସିର ଏକ ନୂତନ ମାର୍କେଟ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ରାଣା ତତ୍କାଳୀନ ବିଜେପି ବିଧାୟକ ରବିନାରାୟଣ ନାଏକଙ୍କୁ ପଦକ୍ଷେପ ସକାଶେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ଛଳରେ ଦୃଷ୍ଟି ଆକର୍ଷଣ କରି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଦୁଇବର୍ଷ ପରେ ଅର୍ଥାତ ୨୦୨୧- ୨୨ରେ ତତ୍କାଳୀନ ଉପଜିଲାପାଳ ତଥା ଆଇଏଏସ ଅଧିକାରୀ ଆଦିତ୍ୟ ଗୋୟଲ କେନ୍ଦ୍ରୀୟ ବିଦ୍ୟାଳୟ ସକାଶେ ପୁଣି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇ ଥିଲେ। ଏହା ପରେ କମିଶନରଙ୍କ ନିର୍ଦ୍ଦେଶକ୍ରମେ କୁଚିଣ୍ଡା ଉପଖଣ୍ଡରେ ବିଦ୍ୟାଳୟ ଖୋଲିବା ସକାଶେ କୁଚିଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟକୁ ସାମୟିକ ଭାବେ ବ୍ୟବହାର ପାଇଁ ଯୋଜନା ହୋଇଥିଲା। ପରେ କୁଚିଣ୍ଡା ମହାବିଦ୍ୟାଳୟରେ ଅସ୍ଥାୟୀ ଭାବେ ଏହି ବିଦ୍ୟାଳୟ ପରିଚାଳନା ସକାଶେ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସକରାତ୍ମକ ସୂଚନା ଦେଇଥିଲେ। ଏହି ଆଧାରରେ କୁଚିଣ୍ଡା ମହାବିଦ୍ୟାଳୟରେ ପ୍ରାୟ ୩୩ଲକ୍ଷ ଟଙ୍କା ବ୍ୟୟ କରି କେତେକ କୋଠରୀ, ପରିସରର ଉନ୍ନତିକରଣ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ସକାଶେ ଅନ୍ୟ କେତେକ କାମ ମଧ୍ୟ ହାତକୁ ନିଆଯାଇ ପାଠପଢ଼ା କରିବାକୁ ପ୍ରସ୍ତୁତି ଶେଷ ହୋଇଥିଲା। ମାତ୍ର ଦୁଇବର୍ଷ ବିତିଯିବାକୁ ଥିଲେ ମଧ୍ୟ ଏହି ଯୋଜନା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନାହିଁ। ସମ୍ପ୍ରତି ନିର୍ବାଚନ ସମୟ ପାଖେଇ ଆସିଥିବା ବେଳେ ଗତ ୩-୧-୨୦୨୪ରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସମ୍ବଲପୁର-୧ ଅଧ୍ୟକ୍ଷଙ୍କୁ ପତ୍ର କରି କେନ୍ଦ୍ରୀୟ କର୍ମଚାରୀ, ପରିବାର, ସେନା ପରିବାର, ଅବସର ସେନା ପରିବାର ଆଦି ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଅବଗତ କରାଯାଇଛି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ଦାୟିତ୍ୱରେ ରହିଥିଲେ ମଧ୍ୟ ଏ ଦିଗରେ ତତ୍ପର ହେଉନଥିବାରୁ ଏହି ପ୍ରସ୍ତାବ ଘୁଞ୍ଚି ଘୁଞ୍ଚି ଯାଇଥିବା ଅଭିଯୋଗ ହେଉଛି। ଫଳରେ ଏହି ଯୋଜନା କେନ୍ଦ୍ର ସରକାରଙ୍କ ନାଲି ଫିତା ତଳେ ଚାପି ହୋଇ ରହିଛି। ନୂତନ ସରକାର ଗଠନ ହେଲା ପରେ କୁଚିଣ୍ଡାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅସୁବିଧା ହେବ ନା ନାଇଁ ସେ ନେଇ ଏବେଠୁ ଚର୍ଚ୍ଚା ଯୋର ଧରିଛି।

# କୁଆଖୋଲରେ ରଜ ପର୍ବ



**ରେଢ଼ାଖୋଲ, ୧୪।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପୁର ପଲ୍ଲୀରେ କୁଆଁରୀ କନ୍ୟାମାନଙ୍କ ପବିତ୍ର ରଜ ପର୍ବ ଧୁମଧାମରେ ପାଳିତ କରିଛନ୍ତି। ଏଥିରେ ଗରଗଡ଼ବାହାଲ ଗ୍ରାମ ପଞ୍ଚାୟତ ଅଧୀନ ଉପାନ୍ତ ଅଞ୍ଚଳ କୁଆଖୋଲ ଗାଁରେ କମିଟିର ସଭାପତି ରମାକାନ୍ତ ଗଡ଼ନାୟକଙ୍କ ନେତୃତ୍ୱରେ ଦୁଇ ଦିନ ଧରି ପବିତ୍ର ରଜ ପର୍ବରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କୁଆଁରୀ କନ୍ୟା ଓ ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା, ନୃତ୍ୟ, ଗୀତ, ମ୍ୟୁଜିକ ଚେୟାର୍, ଫେଶନ ସୋ ସମେତ ବିଭିନ୍ନ ପ୍ରକାର ପିଠା ମିଠାର ଆସର ପ୍ରସ୍ତୁତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ବିଜେଡ଼ି ସଭାପତି ଉଦିତ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଗରଗଡ଼ବାହାଲ ପଞ୍ଚାୟତ ସରପଞ୍ଚ ପଦ୍ମ ଲୋଚନ ପ୍ରଧାନ, ରେଙ୍ଗାଲି ସରପଞ୍ଚ ସୈଳେନ୍ଦ୍ରି ଭୋଇ, ବିକାଶ ଦାସ, ସଦାନନ ପ୍ରଧାନ, ଭୀମସେନ ସାହୁ, ମଧୁସୂଦନ ସାହୁ, ଜିପିଏଲଏଫ୍‌ର ମହିଳା କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଲଳିତ ଭୋଇ, ଗୌର ଭୋଇ, ସୁଶାନ୍ତ ନାୟକ, ଲକ୍ଷ୍ମୀଧର ବିଶ୍ୱାଳ, ଅଜିତ ବିଶ୍ୱାଳ, ଋଷିକେଶ ବିଶ୍ୱାଳ, ଜୟନ୍ତ ସେଠୀ, ରାମ ବିଶ୍ୱାଳ, ସୁମନ୍ତ ବାଗ, ଲଳିତ ନାୟକ, ବିଦ୍ୟାଧର ଭୋଇ, ବିପିନ ଭୋଇ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କୁଚିଣ୍ଡା, ୧୪ ।୬(ସମିସ):** ମହୁଲପାଲି ଥାନା ଅନ୍ତର୍ଗତ କେଶେଇବାହାଲ ନିକଟସ୍ଥ ପାରିମୁଣ୍ଡା ଗ୍ରାମର ନିର୍ମଳ ଡାଙ୍ଗ (୩୭) ଶୁକ୍ରବାର ସକାଳ ୮ ଟାରେ ଗାଁ ପୋଖରୀରେ ଗାଧୁଆ ପାହାଚରେ ବସି କପଡ଼ା ସଫା କରୁଥିବା ବେଳେ ପାଣିରେ ପଡ଼ି ମୃତ ବରଣ କରିଥିଲେ। ପରେ ଗାଧୋଇବା ପାଇଁ ଆସିଥିବା କିଛି ବ୍ୟକ୍ତି ଦେଖି ସଙ୍ଗେ ସଙ୍ଗେ ପାଣି ଭିତରୁ ବାହାର କରି ତୁରନ୍ତ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପକ୍ଷରୁ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। କୁଚିଣ୍ଡା ଥାନା ପକ୍ଷରୁ ମହୁଲପାଲି ପୋଲିସକୁ ଖବର ଦେଇଥିଲେ। ମହୁଲପାଲି ପୋଲିସ ଶବକୁ କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ମହୁଲପାଲି ଥାନାରେ ଏକ ମାମଲା ଦାଏର କରି ଘଟଣାର ତଦନ୍ତ କରୁଛି।

■ କାଳ ବୈଶାଖୀରେ ଗଛ ପଡ଼ି ଯୁବକ ମୃତ ଘଟଣା

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ

**ରେଢ଼ାଖୋଲ, ୧୪।୬(ସମିସ):** କାଳ ବୈଶାଖୀରେ ଗଛ ମାଡ଼ି ବସିବା ଯୋଗୁଁ କେଳାକଟା ଗ୍ରାମର ସୁଦାମ ପ୍ରଧାନଙ୍କ ଗତକାଲି ରାତିରେ ମୃତ୍ୟୁ ଘଟିଥିଲା। ଆଜି ସକାଳେ କ୍ଷତିପୂରଣ ଓ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି କରି ଗ୍ରାମାବାସୀ ରାସ୍ତାରୋକ କରିଥିଲେ। ରେଢ଼ାଖୋଲରୁ ବୌଦ୍ଧ ଯାଉଥିବା ଜାତୀୟ ରାଜପଥ ୫୩ (ବି) କେନ୍ଦୁକଟା ଗ୍ରାମ ଛକରେ ପ୍ରାୟ ୩ ଘଣ୍ଟା ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିରେ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ସହ ଦୁଇ ନିରିହ ଛୁଆଙ୍କ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଥିଲା। ଘଟଣା ସ୍ଥଳକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଓ ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ରେଡକ୍ରସରୁ ୨୦ ହଜାର ଟଙ୍କା ପ୍ରଦାନ ସହ ଏନ୍‌ଏସି ପକ୍ଷରୁ





ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଦୁଇ ଶିଶୁଙ୍କ ପାଇଁ ସରକାରୀ ସହାୟତା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟଯେ, ଗତକାଲି ରାତିରେ କାଳବୈଶାଖୀ ପବନ ବର୍ଷାରେ ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ୦୧ ନମ୍ବର ୱାର୍ଡର କେନ୍ଦୁକଟା ଗ୍ରାମ ନିକଟ ଛକରେ ଏକ ଗଛ ପଡ଼ି କେଳାକଟା ଗାଁର ଯୁବକ ସୁଦାମ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ପରିବାର ବର୍ଗ ମେଡିକାଲ ନେଇଥିଲେ। ପ୍ରାୟ ୧୨ ଘଣ୍ଟା ପରେ ପ୍ରଶାସନର ଅଧିକାରୀ ନ ପହଞ୍ଚିବା ଫଳରେ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରି ରାସ୍ତାକୁ ଓହ୍ଲାଇଥିଲେ।

# ଗୋବିନ୍ଦପୁରରେ ବିବାହିତାଙ୍କ ଆତ୍ମହତ୍ୟା

**ବାମରା, ୧୪।୬(ସମିସ):** ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁର ଥାନାଗଳିର ବାସିନ୍ଦା ପିଙ୍କି ପାଶୱାନ (୨୩) ଶୁକ୍ରବାର ଭୋରରେ ନିଜ ଘର କୋଠରୀରେ ବେକରେ ଶାଢ଼ୀରୁ ଲଗାଇ ଆତ୍ମହତ୍ୟା କରିଛନ୍ତି। ସ୍ୱାମୀ ରାହୁଲ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସମ୍ବଲପୁର ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଥିବା ସୂଚନା ରହିଛି। ଘରୋଇ କଳହ ଯୋଗୁଁ ସମ୍ପୃକ୍ତ ମହିଳା ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଥିବା ବେଳେ ବିଭିନ୍ନ ଦିଗ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଛି। ମୃତ ପିଙ୍କି ଓ ରାହୁଲର ପାଞ୍ଚ ବର୍ଷ ତଳେ ବିବାହ ହୋଇଥିଲା। ତାଙ୍କର ୨ ଶିଶୁ ପୁଅ ଓ ୬ ମାସର ଶିଶୁ କନ୍ୟା ଥିବା ଜଣା ପଡ଼ିଛି। ସ୍ୱାମୀ ରାହୁଲ ତହସିଲ କାର୍ଯ୍ୟାଳୟ ପାଖରେ ଗୁପଚୁପ ବିକ୍ରି କରି ପେଟ ପାଟଣା କରନ୍ତି। ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର ବେହେରାଙ୍କୁ କହିଛନ୍ତି ମୃତ ପିଙ୍କିର ବାପ ଘର ଲୋକେ ଶନିବାର ପହଞ୍ଚିଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବ ବୋଲି କହିଥିଲେ।

# ଇଜ୍ଜତ ରକ୍ଷା ପାଇଁ ମହିଳାଙ୍କ ଠେଙ୍ଗା ମାଡ଼: ଯୁବକଙ୍କ ମୃତ

**ରେଙ୍ଗାଲି, ୧୪।୬(ସମିସ):** ସମ୍ବଲପୁର ଜିଲ୍ଲା ଶାସନ ଥାନ ଅନ୍ତର୍ଗତ ପ୍ରଧାନପାଳି ଅନ୍ତର୍ଗତ ରୁଗୁଡ଼ିପଡ଼ାରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ବେଳେ ମହିଳାଙ୍କ ଠେଙ୍ଗା ମାଡ଼ରେ ଲବ ଖଡିଆଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଶାସନ ଥାନା ଅନ୍ତର୍ଗତ ପ୍ରଧାନପାଳି ଅନ୍ତର୍ଗତ ରୁଗୁଡ଼ିପଡ଼ାର ଗୁରୁବାର ରାତିରେ ଜଣେ ମହିଳାଙ୍କୁ ଲବ ଖଡିଆ ଦୁଷ୍କର୍ମ ଉଦ୍ୟମ କରୁଥିବା ମହିଳା ଏକ ବେଟେନ୍‌ରେ ଆକ୍ରମଣ କରିଥିଲେ। ବେଟେନ୍ ମାଡରେ ଲବଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଶାସନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା। ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ମହିଳା ଜନନୀ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପରିବା ସହ ଦର ବୃଦ୍ଧି

**ସମ୍ବଲପୁର/କୁଚିଣ୍ଡା, ୧୪।୬ (ସମିସ):** ପନିପରିବା ଭଳି ବଜାରରେ ଫଳ ଦର ବି ବଢ଼ିବାରେ ଲାଗିଛି ଯେଉଁ ସମୟରେ ଆମ୍ବ ଦର ଖସିବା କଥା, ସେହି ସମୟରେ ଦର ବହୁ ଅଧିକ ରହୁଛି। କେବଳ ଆମ୍ବ ନୁହେଁ, ବଜାରରେ ଏବେ ସେଓ, ଅଙ୍ଗୁର, କଦଳୀ ଦର ବି ଉଚ୍ଚା ରହୁଛି। ପରିବା ଆଉ ଫଳ ଦର ଏଭଳି ଉଚ୍ଚା ରହିବା ଘଟଣାରେ ସାଧାରଣ ଗ୍ରାହକ ସମସ୍ୟାରେ ପଡ଼ିଛନ୍ତି। କିନ୍ତୁ ବ୍ୟବସାୟୀମାନେ ଏଥିପାଇଁ ଲମ୍ବା ସମୟ ଧରି ଗରମ ଓ ଗୁଳୁଗୁଳିକୁ ଦାୟୀ କରୁଛନ୍ତି ଓ ଖାଉଟି ଉପରେ ମାଡ



ପକାଇଛନ୍ତି। ଗରମ ଯୋଗୁଁ ଫଳ ଗୋଦାମଗୁଡ଼ିକରେ ଫଳ ଗଚ୍ଛିତ ରଖିବା କଷ୍ଟକର ହୋଇପଡୁଛି। ବ୍ୟବସାୟୀମାନେ କ୍ଷତିରେ ପଡୁ ଥିବାରୁ ଫଳର ମୂଲ୍ୟ ବୃଦ୍ଧି କରୁଛନ୍ତି ବୋଲି କହୁଛନ୍ତି। ଆମ୍ବ ଦର ୬୦ ଟଙ୍କା ଥିଲା, ଏବେ ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। କେତେକ ଭଲ କିସମ ଆମ୍ବ ବଜାରକୁ ଆସୁନାହିଁ। ରାଜ୍ୟ ବାହାରୁ ଆସୁଥିବା ଫଳ ଦର ମଧ୍ୟ ବୃଦ୍ଧି ପାଇଛି। କଦଳୀ ଏବେ ଶୀଘ୍ର ସଢ଼ିଯାଉଥିବାରୁ ବ୍ୟବସାୟୀଙ୍କ ଚିନ୍ତା ବଢ଼ିଯାଇଛି। ସେଓ ପୂର୍ବରୁ ୧୫୦ ଟଙ୍କା ଥିଲା, ଏବେ ୧୮୦ ରୁ ୨୦୦ ଟଙ୍କା ରହିଛି। ଫଳ ନଷ୍ଟ ହେଉଥିବାରୁ କ୍ଷତି ଭରଣା ପାଇଁ ବ୍ୟବସାୟୀ ଫଳ ଦର ଉଚ୍ଚା ରଖିବାକୁ ବାଧ ହେଉଛନ୍ତି। ଜଣେ ବ୍ୟବସାୟୀ କହିଛନ୍ତିଯେ, ଗରମରେ ବହୁତ ଫଳ ନଷ୍ଟ ହେଉଛି। କଦଳୀ ଯେଉଁ ଦିନ ଆସୁଛି ସେଦିନ ବିକ୍ରି ନହେଲେ ଗରମରେ ନଷ୍ଟ ହୋଇଯାଉଛି। ରାଜ୍ୟ ବାହାରୁ ଆସୁଥିବା ଫଳ ଗୁଡିକର ହୋଲସେଲ ଦର ମଧ୍ୟ ବୃଦ୍ଧି ପାଇଛି। ତେଣୁ ଖାଉଟି ବଜାରେ ବଢ଼ିଥିବା କହିଛନ୍ତି।



ଦୈନିକ ପାଖାପାଖି ୧୫ ପ୍ରତିଶତ ଫଳ ନଷ୍ଟ ହୋଇଯାଉଥିବା କହିଛନ୍ତି। ସେହିପରି କୁଚିଣ୍ଡା ଦୈନିକ ପରିବା ବଜାରରେ ଦର ଆକାଶ ଛୁଆଁ ହୋଇଛି। ସାଧାରଣ ପରିବାର ଜୀବନ ବଞ୍ଚାଇବା ବଡ କଷ୍ଟକର ହୋଇ ବସିଲାଣି। ସକାଳୁ ବଜାରକୁ ୫ଶହ ଟଙ୍କା ଧରି ପରିବା କିଣିବାକୁ ଗଲେ ବ୍ୟାଗ ଭରୁନାହିଁ। ବଜାରରେ ଆଳୁ ୪୦ଟଙ୍କା, ପିଆଜ ୪୦, ଫୁଲକୋବି ୮୦, ବନ୍ଧାକୋବି ୪୦, ଟମାଟୋ ୬୦, ଝୁଡଙ୍ଗ ୬୦, ବାଇଗଣ ୫୦, ରସୁଣ ୨ଶହ, ଅଦା ୨ଶହ ଟଙ୍କା, ପୋଟଳ ୬୦, ଭେଣ୍ଡି ୬୦, କାଙ୍କଡ ୧୨୦, ଗାଜର ୮୦, ସିମିଲା ୮୦, ମୂଳା ବିଡା ପ୍ରତି ୨୦, କୁନ୍ଦୁରୁ ୬୦, କଖାରୁ ଅଧକିଲୋକୁ ୨୦, ଏପରି ସମସ୍ତ ପନି ପରିବା ଅତ୍ୟଧିକ ଦର ହେତୁ ଯେତିକି କି କିଣିବା କଥା ସେତିକ ନ କିଣି ଅଳ୍ପ ଅଳ୍ପ କିଣି ଘରକୁ ଫେରୁଛନ୍ତି। ଦିନକୁ ଦିନ ଏପରି ଯଦି ପନି ପରିବା ବଢ଼ି ଚାଲିବ ତେବେ ସାଧାରଣ ବ୍ୟକ୍ତି ତାର ପରିବାର ପ୍ରତିପୋଷଣ କରିବ କେମିତି ତାହା ଏବେ କଠିନ ହୋଇ ପଡ଼ିବ। ଏଣୁ ଦର ଦାମ କୁ ଯଦି ନିୟନ୍ତ୍ରଣ କରା ନ ଯାଏ, ତେବେ ବହୁ ପରିବାର ପନିପରିବା ଖାଇ ନ ପାରି ବଞ୍ଚିତ ହେବେ ବୋଲି କହୁଛନ୍ତି।

ଚାରାରୋପଣ ନାମରେ ଟଙ୍କା ଆତ୍ମସାତ

# ନିଆଁ ଲଗାଇ ପ୍ରମାଣ ନଷ୍ଟ କରିବାକୁ ବନ ବିଭାଗର ଯୋଜନା





**ସମ୍ବଲପୁର, ୧୪।୬(ସମିସ)**

ରାଜ୍ୟ ସରକାର ବନୀକରଣ ନାମରେ ଜଙ୍ଗଲ ସୃଷ୍ଟି କରିବା ଉଦ୍ୟେଶ୍ୟରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜଙ୍ଗଲବିଭାଗ ଅଧିକାରୀଙ୍କ ହେଳା ପଦର୍ଶନ ଯୋଗୁଁ ନୂତନ ଜଙ୍ଗଲ ସୃଷ୍ଟି ହେବାରେ ବାଧାସୃଷ୍ଟି ହେଉଛି। ଏପରକି ଚାରାରୋପଣ ନାମରେ ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କା ହଡପ କରାଯାଉଥିବା ନେଇ ସାଧରଣରେ ଅଭିଯୋଗ ହେଉଛି। ବିଭିନ୍ନ କମ୍ପାନୀ ପକ୍ଷରୁ ଦିଆଯାଉଥିବା ଟଙ୍କାକୁ ମଧ୍ୟ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ସମ୍ବଲପୁର ବନଖଣ୍ଡ ରେଙ୍ଗାଲି ରେଞ୍ଜ ଅଧିନରେ ଏଭଳି ବଡଧରଣର ଦୁର୍ନିତୀ ହୋଇଥିବା ଆରସିସିଏଫ ପାଖରେ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ରେଙ୍ଗାଲି ରେଞ୍ଜ ଅଧୀନ ରେଙ୍ଗାଲି ପୋଲିନେକ୍ନିକ ପାଖରେ ୫ କୋଟି ଟଙ୍କା ଅଟକଳ ବ୍ୟୟରେ ଏକ ନୂତନ ଶାଳବଣ ଜଙ୍ଗଲ ରୋପଣ କାର୍ଯ୍ୟ ଆରମ୍ଭ କରାଗଲା। କିନ୍ତୁ ଉକ୍ତ ଶାଳବଣ ଚାରା ଜଙ୍ଗଲରେ ନିଆଁରେ ଲାଗି ଯାଇଥିବା କୁହାଯାଇଥିଲା। ଏବେ ଯେତେ ପରିମାଣ ଚାରା ଲଗାଯାଇଥିଲା ବୋଲି ରିପୋର୍ଟ କରାଯାଇଥିଲା ତାହାର ଦେଖା ମିଳୁ ନାହିଁ। ପୁଣି ଏବେ ନୂଆ ଯୋଜନାରେ ଉକ୍ତ ଜଙ୍ଗଲରେ ପୁଣି ଚାରା ରୋପଣ କରିବାକୁ ଯୋଜନା କରୁଛନ୍ତି। ପୂର୍ବ ଘଟଣାରେ ତଦନ୍ତ ହୋଇ କୋଟି ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ହେଲେ କେତେକ ବନ ବିଭାଗ ଅଧିକାରୀ ଓ ରେଞ୍ଜରଙ୍କ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଛନ୍ତି। ତଦନ୍ତ ରିପୋର୍ଟ ଆଧାର କରି କାର୍ଯ୍ୟନୁଷ୍ଠାନ ଗ୍ରହ କରାଯାଉନାହିଁ। ଓଲଟା ପୁଣି ଚାରାରୋପଣ କରି ହେର୍‌ଫେର୍ କରିବାକୁ ଯୋଜନା କରାଯାଉଛି। ଅନ୍ୟପଟେ ଆରଟିଆଇରେ ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଉଛି। ରେଙ୍ଗାଲି ଶାଳବଣ କାର୍ଯ୍ୟରେ ନିଯୋଜିତ କର୍ମଚାରୀ, ୱାଚାର୍, କାର୍ଯ୍ୟର ଖର୍ଚ୍ଚ ବିଲ୍ ଭାଉଚର୍ ଗୁଡ଼ିକ ମଗାଯାଇଥିଲେ ସୁଦ୍ଧା ତଥ୍ୟ ଦେଲେ ନାହିଁ। ଶାଳବଣ ଜଙ୍ଗଲରେ ନିଆଁ ଲାଗିବାର ଦୁଇଟି ତାରିଖ ଦର୍ଶାଯାଇଛି। କେଉଁଟା ସତ୍ୟ ବୋଲି ସାଧାଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଶୀତ ହେଉଥିବା ନଭେମ୍ବର ଶୀତ ମାସରେ ଆପେ ଆପେ ନିଆଁ ଲାଗିଲା କେମିତି। ଉକ୍ତ ଶାଳବଣ ଜଙ୍ଗଲରେ ୬ ଜଣ ୱାଚର ନିୟୋଜିତ ଥିବା ବେଳେ ଦିନ ବେଳା ୨.୩୦ ଘଣ୍ଟା ସମୟରେ ନିଆଁ ଲାଗିଲା କିଭଳି ସେମାନେ କଣ କରୁଥିଲେ ଯେ, ଜାଣିପାରିଲେ ନାହିଁ। ନିଆଁ ଲାଗିବା ନେଇ ରେଙ୍ଗାଲି ଥାନାରେ ବନ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି ବୋଲି ବନ ବିଭାଗ କହୁଛି ହେଲେ ରେଙ୍ଗାଲି ଥାନାରେ ଅଭିଯୋଗ ହୋଇ ନଥିବା ପୁଲିସ କହୁଛି। କାଗଜପତ୍ର ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଜଣାପଡୁଛି। ଶାଳବଣରେ ନିଆଁ ଲାଗିବା ଫଳରେ ୪୦୦ ରୁ ୫୦୦ ଗଛ ପୋଡିଥିବା ବନ ବିଭାଗ କହୁଛି। ଏବେ ଏହାର ତଦନ୍ତ ନିହାତି ଜରୁରୀ ହୋଇଛି। ଶାଳବଣ ଜଙ୍ଗଲ ପୋଡିବା ବାବଦରେ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ଫଳରେ ସନ୍ଦେହ ଆହୁରି ଘନିଭୂତ ହେଉଛି। ଶାଳବଣରେ ନିଆଁ ଲାଗିନାହିଁ, ଜାଣିଶୁଣି ନିଆଁ ଲଗାଯାଇଛି। ନିଆଁରେ ପୋଡ଼ି ସବୁ ପ୍ରମାଣ ନଷ୍ଟ କରିବାକୁ ନିଆଁ ପୋଡିର ରୂପ ଦିଆଯାଇଛି। ଗଛ ନ ଲଗାଇ ଟଙ୍କା ହଡପ କରାଯିବାକୁ ନିଆଁ ଲଗାଯାଇଛି। ଏଣୁ ଏହାର ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁରୀ ବାନ୍ଧକଳା ପ୍ରଦାନ



**ବରଗଡ଼, ୧୪।୬ (ସମିସ):** ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବୟନିକା ତରଫରୁ ପ୍ରଭୁ ଜଗନ୍ନାଥଙ୍କ ଫଟୋ ରହିଥିବା ସମ୍ବଲପୁରୀ ବାନ୍ଧ ପ୍ରଦାନ କରାଯାଇଛି। ବୟନିକାର ବୋର୍ଡ ଅଫ ଡାଇରେକ୍ଟର ସଞ୍ଜୟ ମେହେର, ନିତ୍ୟାନନ୍ଦ ମେହେର, କିଶୋର ଦାଶ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସମ୍ବଲପୁରୀ ବାନ୍ଧକଳା ସମ୍ପର୍କରେ ଅବଗତ କରିବା ସହ ଏହା ପ୍ରଦାନ କରିଥିଲେ।

# ସୋନାଲିକା ଟ୍ରାକ୍ଟର ଟାଇଗର ଲଞ୍ଚ

**ବରଗଡ଼, ୧୪।୬ (ସମିସ):** ବରଗଡ଼ ଜିଲ୍ଲା ଅତାବିରାରେ ସୋନାଲିକା ଟ୍ରାକ୍ଟରର ଟାଇଗର ଲଞ୍ଚ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟରୁ ପ୍ରୋଜେକ୍ଟ ହେଡ୍ ବିବେକ ବାଜପେୟୀ ଯୋଗଦେଇ ସୋନାଲିକା ଟ୍ରାକ୍ଟର ଚାଷୀଙ୍କ ପାଇଁ ବେଶ୍ ଫଳପ୍ରଦ ହୋଇପାରିବ ବୋଲି କହିଥିଲେ। ସେହିପରି ଏରିଆ ମ୍ୟାନେଜର ଚିତ୍ତରଞ୍ଜନ ଦାସ ଓ ଗ୍ରାହକ ସେବା କେନ୍ଦ୍ର ପରିଚାଳକ କୃପାସିନ୍ଧୁ ପଣ୍ଡା ସୋନାଲିକା ଟ୍ରାକ୍ଟର ବିଷୟରେ ବିଶଦ ସୂଚନା ଦେଇଥିଲେ। ସୋନାଲିକା ଟ୍ରାକ୍ଟର ଅଧିକୃତ ବିକ୍ରେତା ୟୁ ସାଇବାବୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ୧୫ ଜଣ ଚାଷୀଙ୍କୁ ଟ୍ରାକ୍ଟର ଡେଲିଭେରି ଦିଆଯାଇଥିଲା।



# ବରଗଡ଼ ପୁଲିସ୍ ପଞ୍ଝାରେ ୬ ଲୁଟେରା

**ବରଗଡ଼, ୧୪।୬ (ସମିସ)**

ବରଗଡ଼ ଟାଉନ୍ ଥାନା ପୁଲିସ୍‌କୁ ଏକ ବଡ଼ ସଫଳତା ମିଳିଛି। ସହରର ବିଭିନ୍ନ ସ୍ଥାନରୁ ଚୋରି କରି ଲୋକଙ୍କ ନିଦ ହଜାଇଥିବା ଏକ ଲୁଟେରା ଦଳକୁ ପୁଲିସ୍ ଠାବ କରିବା ସହ ୬ଜଣଙ୍କୁ ଗିରଫ

## ବିପୁଳ ପରିମାଣର ଗହଣା ଜବତ
## ୨ ଗହଣା ଦୋକାନୀ ଅଟକ
## କାର୍, ଲାପ୍‌ଟପ୍, ଏଲ୍‌ସିଡି ବି ଲୁଟୁଥିଲେ
## ଦିନରେ ରେକି, ରାତିରେ ଲୁଟ୍

କରିଛି। ସେମାନଙ୍କଠାରୁ ବିପୁଳ ପରିମାଣର ସୁନା ଓ ରୁପା ଗହଣା ସମେତ ଘରକରଣା ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ପଣ୍ଡରୀପଥରର ଗଙ୍ଗା ହନୁମାନ, ଅମ୍ବାଭୋନା ଥାନା ମେଣ୍ଡାପାଲିର ସୁବ୍ରତ ଚନ୍ଦ୍ର ଦାସ, ବରଗଡ଼ ନିଳିବନ୍ଧପଡ଼ାର ସୋନୁ ସାହୁ, ସହରାପଡ଼ାର ବିକାଶ ମଟାରୀ, ଟାଉନ ଥାନା ଅନ୍ତର୍ଗତ ତୋରାର ଜି ରବି ପ୍ରସାଦ, ମନାବନ୍ଧପଡ଼ାର ମାନସ କୁମାର ମଲ୍ଲିକ।



ଏମାନଙ୍କଠାରୁ ପୁଲିସ ତରଳା ଯାଇଥିବା ୩ କେଜି ୭୨୦ ଗ୍ରାମ ରୁପା ଓ ୮୨ ଗ୍ରାମ ସୁନାଗହଣା ସହ ଗୋଟିଏ କାର୍, ଦୁଇଟି ବାଇକ୍, ୩ଟି ସ୍କୁଟି, ୨ଟି ଲାପ୍‌ଟପ୍, ୨ଟି ଏଲ୍‌ସିଡି, ମନ୍ଦିରର ଦାନବାକ୍ସ, ଭଗବାନ ଶ୍ରୀକୃଷ୍ଣଙ୍କ ବ୍ରୋଞ୍ଜ ମୂର୍ତ୍ତି, ସୁନା କାନଫୁଲ, ସୁନା ହାର, ୫ଟି ସୁନା ଚୁଡ଼ି, ୫ଟି ରୁପା ପାଉଁଜି, ଦୁଇଟି ଇନଭର୍ଟର, ୩ଟି ବେଟେରୀ, ଗୋଟିଏ ପଙ୍ଖା, ସିଲେଇ ମେସିନ, ୨ଟି ହୋମ ଥିଏଟର, ୨ଟି ପିଣ୍ଟର, ଗୋଟିଏ ସାଇକେଲ, ୮ଟି ମୋବାଇଲ ଫୋନ, ବ୍ରୋଞ୍ଜର ପୂଜା ସାମଗ୍ରୀ ଜବତ କରିଛି। ଏହାବ୍ୟତୀତ ସେମାନଙ୍କଠାରୁ ଚୋରି ସମୟରେ ବ୍ୟବହୃତ ଲୁହା ରଡ୍ ତଥା ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ ହୋଇଛି।

ଅପରପକ୍ଷେ ଅଭିଯୁକ୍ତମାନଙ୍କଠାରୁ ଚୋରି ଗହଣା କିଣିବା ଅଭିଯୋଗରେ ପୁଲିସ୍ ୨ଗହଣା ଦୋକାନୀଙ୍କୁ ଅଟକ ରଖିଛି। ସେମାନେ ହେଲେ, ବରଗଡ଼ ଶିବାନନ୍ଦ ନଗର ନିବାସୀ ତଥା ବବଲୁ ଜୁଏଲାରୀର ମାଲିକ ଗୋବିନ୍ଦ ବର୍ମନ ଏବଂ ଖଜୁରଟିକ୍ରା ନିବାସୀ ତଥା ଲଭଲୀ ଜୁଏଲରୀର ମାଲିକ ସୋରଭ ପ୍ରତିକ ବର୍ମନ।

ଗଙ୍ଗା ହନୁମା ଏହି ଚୋର ଦଳର ମାଷ୍ଟରମାଇଣ୍ଡ ଥିଲା। ତା'ର ଅନ୍ୟତମ ଦୁଇ ସହଯୋଗୀ ଜି ରବିପ୍ରସାଦ ଏବଂ ମାନସ ମଲ୍ଲିକ ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ଦିନରେ ବୁଲି ରେକି କରିଥା'ନ୍ତି। ସେହି ଅନୁସାରେ ରାତିରେ ସେମାନେ ଟାର୍ଗେଟ୍ ଘରୁ ଚୋରି କରନ୍ତି। ବିଶେଷକରି ଘରେ ତାଲା ଦେଇ ସହର ବାହାରକୁ ଯାଉଥିବା ବ୍ୟକ୍ତିଙ୍କ ଘରକୁ ଏହି ଚୋର ଦଳ ଟାର୍ଗେଟ୍ କରୁଥିଲେ। ଚୋରି ସମୟରେ ଅଭିଯୁକ୍ତମାନେ ଲୋକଙ୍କ ଘରେ ରହୁଥିବା ଖାଦ୍ୟ-ପାନୀୟ ମଧ୍ୟ ଖାଇ ଦେଉଥିଲେ। ଚୋରି ପରେ ଗିରଫ ଜି. ରବି ପ୍ରସାଦ ସୁନା ଓ ରୁପା ଗହଣାକୁ ତରଳାଇ ପରେ ଅଭିଯୁକ୍ତମାନେ ତାକୁ ଜୁଏଲାରୀରେ ଅଳ୍ପଅଳ୍ପ ପରିମାଣରେ ବିକ୍ରି କରୁଥିଲେ। ତେବେ ବରଗଡ଼ ସହରରେ ବାରମ୍ବାର ଚୋରି ହେବା ନେଇ ଅଭିଯୋଗ ପରେ ପୁଲିସ୍ ୩ଟି ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଏହି ଚୋର ଦଳକୁ କାବୁ କରିବାରେ ସକ୍ଷମ ହୋଇଥିଲା।

ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ଏହି ଅଭିଯୁକ୍ତମାନେ ବରଗଡ଼ ତଥା ଆଖପାଖ ଅଞ୍ଚଳରେ ଚୋରି କରି ଲୋକଙ୍କ ନିଦ ହଜାଇ ଦେଇଥିଲେ। ଏମାନଙ୍କ ନାଁରେ ବରଗଡ଼ ଟାଉନ ଥାନା, ସଦର ଥାନା, ଗ୍ରାମାଞ୍ଚଳ ଥାନା ସହ ଅତାବିରା, ବରପାଲି ଆଦି ଥାନାରେ ୧୧ଟି ମାମଲା ରହିଛି। ରିମାଣ୍ଡରେ ଅଣାଯିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ବରଗଡ଼ ଏସ୍‌ପି ପିଏସ୍ ମିନା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରଗଡ଼ ଟାଉନ୍ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗୋଁଣ୍ଡୱାନା ମହାସଭା ଜିଲ୍ଲା ଆୟୋଜନ ସମିତି କୋଷାଧ୍ୟକ୍ଷଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର, ୧୪।୬ (ସମିସ):** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଜିଲ୍ଲା ଆୟୋଜନ ସମିତି ବରଗଡ଼ର କୋଷାଧ୍ୟକ୍ଷ ଚୂଡ଼ାମଣି ରାଏଙ୍କ ବିୟୋଗରେ ଜିଲ୍ଲା ଆୟୋଜନ ସମିତି ଗଭୀର ଦୁଃଖ ପ୍ରକାଶ କରିଛି। ସ୍ୱର୍ଗତ ରାଏଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ଶ୍ରୀ ବୁଢ଼ା ଦେଓଙ୍କଠାରେ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ସଭାପତି ଭାଗୀରଥି ସିଂହ, ମହାସଚିବ ଧନେଶ୍ୱର ସିଂହ, ସଚିବ ସରୋଜ ଧରୁଆ, ସଭ୍ୟ ଅଶ୍ୱିନୀ ଧରୁଆ, ଉପ ସଭାପତି ସୁରେନ୍ଦ୍ର ଧରୁଆ, ଅହଲ୍ୟା ଭୋଇ, କୃଷ୍ଣ ସିଂହ ସୌଦାଗର କୁଁଅର, ଜିତେନ୍ଦ୍ର ଧରୁଆ, ରଘୁନନ୍ଦନ ଦେଓ, ଉପଦେଷ୍ଟା ଧନେଶ୍ୱର ସିଂହ, ଦୟାସାଗର ଜଗତ, ମହିଳା ସଭନେତ୍ରୀ ଯାଜ୍ଞସେନୀ ଭୋଇ, ଆହ୍ଲାଦିନୀ ଧରୁଆ ଉପସ୍ଥତ ଥିଲେ।

# ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିୟୋଗ



**ବରପାଲି, ୧୪।୬ (ସମିସ):** ବରପାଲି ବ୍ଲକ କୁଶନପୁରିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚୁଡାମଣୀ ରାଏ ଆଉ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ପରଲୋକ ଘଟିଛି। ସେ ବିଜେଡିର ବରିଷ୍ଠ ନେତା ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେହିପରି କୁସନପୁରି ଗ୍ରାମର ଗୌନ୍ତିଆ ସହ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ବରଗଡ଼ ଜିଲ୍ଲା ଆୟୋଜନ ସମିତି କୋଷାଧ୍ୟକ୍ଷ ଥିଲେ।

# ବିଶ୍ୱ ରକ୍ତଦାତା ଦିବସ

**ପଦ୍ମପୁର, ୧୪।୬ (ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି। ଏଥିରେ ଅଞ୍ଚଳ ମହାବିଦ୍ୟାଳୟର ପ୍ରଫେସର ପ୍ରମୋଦ ପାଣିଗ୍ରାହୀ, ସାମାଜିକ କର୍ମୀ ତଥା ଉପଖଣ୍ଡ ଚିକିତ୍ସାଳୟର ସଦସ୍ୟ ନିରୋଜ ଦୋରା ଯୋଗଦେଇ ରକ୍ତଦାନର ଉପାଦେୟତା, ଆବଶ୍ୟକତା ଏବଂ ରକ୍ତଦାନ ନିମିତ୍ତ ଜନସଚେତନତା ସୃଷ୍ଟି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଉପଖଣ୍ଡ ଲୋକସମ୍ପର୍କ ଓ ସୂଚନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସଂଯୋଜନା କରିଥିଲେ। ତାପସ ନାୟକ, ଶିବାଶିଷ ପଟ୍ଟନାୟକ, ଜଗଦୀଶ ହାତୀ ପ୍ରମୁଖ ମତାମତ ରଖିଥିଲେ। ଡ. ପ୍ରିୟମ୍ବଦା ସୁନା ଅଧକ୍ଷତା କରିଥିବେଳେ ସଂଗ୍ରାମ କେଶରୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଭଣ୍ଡାରର ଦୀପକ ସାହୁ, ଅଶ୍ୱିନୀ ଗୁର୍ଲା, କିଶୋର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ୨ ମୃତ; ଜଣେ ଆହତ

**ବରଗଡ଼, ୧୪।୬(ସମିସ):** ଶୁକ୍ରବାର ଅପରାହ୍ନରେ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ବୁରୋମୁଣ୍ଡା ନିକଟରେ ମୋଟର ସାଇକେଲରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ବୁରୋମୁଣ୍ଡା ଗ୍ରାମର ନରୋତ୍ତମ ପୋଢ ଏବଂ ଲରମାମୁଣ୍ଡା ଗ୍ରାମର ବିଭୀଷଣ ଥାପା। ଆହତ ବୁରୋମୁଣ୍ଡାର ମହାଦେବ ଝାଙ୍କର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଅପରାହ୍ନରେ ତିନି ଜଣ ବ୍ୟକ୍ତି ଓଡି ୩୧ ଏଲ ୨୧୪୪ ନମ୍ବର ବାଇକ୍‌ରେ ଆସୁଥିବା ବେଳେ ବୁରୋମୁଣ୍ଡା ସରକାରୀ ପୋଖରୀ ନିକଟରେ ଭାରସାମ୍ୟ ହରାଇ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସିଥିବା ନରୋତ୍ତମ ଏବଂ ବିଭୀଷଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ଗୁରୁତର ଆହତ ମହାଦେବଙ୍କୁ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଖବର ପାଇ ଗାଇସିଲେଟ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ବ୍ୟକ୍ତିଙ୍କ ଶବ ପଦ୍ମପୁର ଡାକ୍ତରଖାନା ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଶନିବାର ବ୍ୟବଛେଦ କରାଯିବ।



## ଡାକ୍ତରଖାନା ପରିଦର୍ଶନ କଲେ ନବ ନିର୍ବାଚିତ ବିଧାୟକ

# ସିଡିଏମଓଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ବରଗଡ଼, ୧୪।୬(ସମିସ):** ନବନିର୍ବାଚିତ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ବରଗଡ଼ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ସେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିରୁପମା ଷଡଙ୍ଗୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ବିଧାୟକଙ୍କୁ ସିଡିଏମଓ, ଡାକ୍ତର ରାଧେଶ୍ୟାମ ଅଗ୍ରୱାଲ, ହସ୍‌ପିଟାଲ ମ୍ୟାନେଜର ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ତେବେ ବରଗଡ଼ ପୁରୁଣା ହସପିଟାଲକୁ ପୂର୍ବ ପରି ସମସ୍ତ ସୁବିଧା ସମେତ ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ, ଟେକ୍ନିସିଆନ ଯୋଗେଇଦେବା ସହ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ ବିଧାୟକ ଶ୍ରୀ ଷଡଙ୍ଗୀ ସିଡିଏମଓ ଡାକ୍ତର ଷଡଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ପୁରୁଣା ଡାକ୍ତରଖାନା ରେ ଅପରେସନ ଥିଏଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସିଡିଏମଓଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଟୁକୁର୍ଲାରେ ଥିବା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନ ଯାଇ ସେଠାରେ ଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କ ସହିତ ଆଲୋଚନା କରି ସେଠାକାର ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ପରେ ଅଚଳ ହୋଇପଡ଼ିଥିବା ଲିଫ୍ଟ ସମସ୍ୟା, ବିଦ୍ୟୁତ କାଟ ସମସ୍ୟା, ଏକ୍ସରେ ସମସ୍ୟା, ଅପରେସନ ଥିଏଟର ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ରୋଗୀ ତଥା ସମ୍ପର୍କୀୟଙ୍କ ସହ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ଅକ୍ରୁର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ପାଣି ପାଇଁ ରାସ୍ତା ଅବରୋଧ

**ପାଇକମାଳ, ୧୪।୬(ସମିସ):** ପାଇକମାଳ ଅଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଉଛି। ନଳକୂଅରୁ ପାଣି ବାହାରୁ ନ ଥିବା ବେଳେ ପୋଖରୀ ଶୁଖି ଗଲାଣି। ସବୁଠାରୁ ବେଶୀ ଦୁଃଖ ହେଉଛି ପାଇକମାଳ ପିଇବା ପାଣି ଯୋଗାଇବା ଏକ ପ୍ରକାର ବନ୍ଦ ହୋଇ ଯାଇଛି। ଦିନକୁ ମାତ୍ର ଘଣ୍ଟାଏ କେଉଁପଡ଼ାକୁ ପାଣି ଆସିଲେ କେଉଁ ପଡ଼ାକୁ ମୋଟେ ପାଣି ଆସୁନାହିଁ। ତେଣୁ ମହିଳାମାନେ ବାଧ୍ୟ ହୋଇ ପାଇକମାଳ ସଡ଼କପଡ଼ା ରାସ୍ତାରେ ବାଲଟି ଓ ଗରିଆ ରଖି ପାଇକମାଳ-ଝାରବନ୍ଧ ରାସ୍ତା ଅବରୋଧ କରିଥିଲେ। ବଢେଇ ପଡ଼ା ଓ ଭୋଇପଡ଼ାର ମହିଳା ପାଇକମାଳ ନୂଆପଡ଼ା ବିଜୁ ଏକ୍ସପ୍ରେସ ୱେ ଅବରୋଧ କରିଥିଲେ। ପାଇକମାଳ ଆରଡବ୍ଲୁଏସଏସ ଏଇ ଦିବାକର ମୁନା ଉଭୟ ସ୍ଥାନରେ ପହଞ୍ଚି ବୁଝାବୁଝା କରିବା ପରେ ରାସ୍ତାରୁ ମହିଳାମାନେ ଉଠିଥିଲେ। ଏ ନେଇ ଶ୍ରୀ ମୁନାଙ୍କୁ ପଚାରିବାରୁ ପାଇକମାଳର ବିଭିନ୍ନ ସ୍ଥାନରେ ପାଣି ସମସ୍ୟା ଦେଖା ଯାଉଛି। ଜାଗା ଅଭାବ କାରଣରୁ ପାଣି ଟାଙ୍କି ତିଆରି ହୋଇପାରୁ ନାହିଁ। ଯେତେ ଟାଙ୍କି ରହିଛି ତାହା ପର୍ଯ୍ୟାପ୍ତ ପାଣି ଦେଇପାରୁ ନାହିଁ। ସେଥିପାଇଁ ଦୁଇ ଦିନରେ ଥରେ ପାଣି ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ।



# କନସିଂହା ଓ ଚାରପାଲି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

**ପଦ୍ମପୁର, ୧୪।୬ (ସମିସ):** ପଦ୍ମପୁର ବିଦ୍ୟୁତ ଉପଖଣ୍ଡ ଅଧୀନ କନସିଂହା ଓ ଚାରପାଲି ଅଞ୍ଚଳରେ ଗତ କିଛି ଦିନ ଧରି ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବାରମ୍ବାର ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଥିବାରୁ ବିଦ୍ୟୁତ୍ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗୁଳଗୁଳି ସହ ବିଦ୍ୟୁତ୍ କାଟ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା, ରୋଗୀ, ବୃଦ୍ଧ ବୃଦ୍ଧା, ନବ ଜାତ ଶିଶୁ ଓ ମାଁଙ୍କ ଦୁଃଖ ଅବର୍ଣ୍ଣନୀୟ ହୋଇଛି। ବିଦ୍ୟୁତ ବିଭ୍ରାଟ ସମୟରେ କୌଣସି କର୍ମଚାରୀ ଫୋନ୍ ଉଠାଉନାହାନ୍ତି। ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଲାଣି।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକ୍ରମ



**ବରପାଲି, ୧୪।୬ (ସମିସ):** ବରପାଲି ବ୍ଲକ ତେଜଙ୍ଗ କ୍ଲଷ୍ଟର ରକ୍ସା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଗ୍ରୀଷ୍ମ କାଳୀନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବ୍ରତ ତ୍ରିପାଠୀ ସ୍ୱାଗତ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ତେଜଙ୍ଗ କ୍ଲଷ୍ଟର ସିଆରସିସି ସଞ୍ଜୟ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଜୟକିଷାନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସରଧାପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଙ୍ଗରାଜ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ବାର୍ଷିକ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼, ୧୪।୬(ସମିସ)**

ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଜୁନ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଶିକ୍ଷକ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ କ୍ରିଷ୍ଣା ବିକାଶ ଅଧୀନ ଓଡ଼ିଶା ଓ ଛତିଶଗଡ଼ରେ ଥିବା ୧୨ଟି ଶାଖାର ୪୦୦ରୁ ଅଧିକ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସର୍ବଭାରତୀୟ ସ୍ତରର ପ୍ରଶିକ୍ଷକ ଟୁନା ବିଶ୍ୱାଳ, ହରିଶ ଅଗ୍ରୱାଲ ଓ କେଶବ ଜୈନ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଅମିତ ବଂଶଲ ଶିକ୍ଷାଦାନ ପ୍ରଣାଳୀରେ ସୁଗମତା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଉପଯୋଗିତା ବିଷୟରେ ବିସ୍ତୃତ ଜ୍ଞାନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମେଣ୍ଟରିଂ ପ୍ରୋଗ୍ରାମ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନୂତନ ପିଢିର ଭାବନାକୁ ବୁଝି ଶିକ୍ଷାଦାନ ପ୍ରଣାଳୀରେ ଉନ୍ନତି ଆଣିବା ପାଇଁ ନିଜର ମତ ପୋଷଣ କରିଥିଲେ। ଏହି ଉଦ୍‌ଯାପନୀ ସମାରୋହରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ରାୟପୁର ଶାଖାର ଡାଇରେକ୍ଟର ଡ. ଜବାହର ସୁରିସେଟ୍ଟୀ, ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ, କ୍ରିଷ୍ଣା ବିକାଶର ସମସ୍ତ ଶାଖା ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଜ୍ଞାପନ କରିଥିଲେ।



# ସିରିଜିନା, ସମ୍ବଲପୁରୀ ଦିନ ଓ ନାଟ୍ୟ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି

**ପଦ୍ମପୁର, ୧୪।୬ (ସମିସ):** ପଦ୍ମପୁରସ୍ଥିତ କଚେରୀ ପ୍ରାଙ୍ଗଣରେ ସିରଜିନା ମହୋତ୍ସବ, ସମ୍ବଲପୁରୀ ଦିନ, ବନ ମହୋତ୍ସବ ଓ ନାଟ୍ୟ ମହୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଛି। ଜୁଲାଇ ପ୍ରଥମ ସପ୍ତାହରେ ବନମୋହତ୍ସବ ପାଳନ କରାଯିବ। ଅଗଷ୍ଟ ୧ରେ ସମଲପୁରୀ ଦିନକୁ ମହା ଆଡ଼ମ୍ବରେ ପାଳନ କରାଯିବ। ବିଧାୟିକା ବର୍ଷା ରାଣୀ ସିଂହ ବରିହା ଓ ସଂସଦ ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏହିଦିନ ରାଜ୍ୟସ୍ତରୀୟ କବି ସମ୍ମିଳନୀ ସମ୍ବଲପୁରୀ ନାଟକ କଂସ ଦରବର ଓ ନୃତ୍ୟ ପ୍ରତିଯୋଗିତା କରାଯିବ। ପଦ୍ମଶ୍ରୀ ଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେବେ। ତେବେ ବୈଠକରେ ସଭାପତି ରାଜୁ ଘିବେଲା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ବିଦେଶୀ ସାହୁ, ପ୍ରମୋଦ ନାଥ, ଅବନୀକାନ୍ତ ସାହୁ, ରମଣୀ ରଞ୍ଜନ ବିଶ୍ୱାଳ, ସୁଶାନ୍ତ ମହାପାତ୍ର, ଆଦିତ୍ୟ ରଥ, ରମେଶ ଗୁର୍ଲା, ଅରବିନ୍ଦ ପଟ୍ଟନାୟକ, କିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ ଅବନୀ କାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୃଦ୍ଧାବସ୍ଥାରେ ଖୁସି ହେଉଛି ଜୀବନର ଏକ ଅବ୍ୟକ୍ତ ସକାଳ।
-ଭିକ୍ଟର ହ୍ୟୁଗୋ



ସକାଳ
THE SAKALA

## କାଶ୍ମୀରରେ ପୁଣି ଆତଙ୍କବାଦୀ କାର୍ଯ୍ୟକଳାପ

# କେନ୍ଦ୍ର ଦ୍ୱାରା ଆଶୁ ଦୃଢ଼ ପଦକ୍ଷେପର ସମ୍ଭାବନା

ଜାମ୍ମୁ ଓ କାଶ୍ମୀରରେ ଚାରିଦିନ ମଧ୍ୟରେ ଚାରିଟି ଆତଙ୍କବାଦୀ ଘଟଣା ସେହି ଅଞ୍ଚଳର ସାମଗ୍ରିକ ନିରାପତ୍ତା ପାଇଁ ଅକସ୍ମାତ ଏକ ଆହ୍ୱାନ ଭାବେ ଛିଡ଼ା ହୋଇଛି। ଧାରା ୩୭୦ର ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ଦମନ ଓ ଶାନ୍ତି ପ୍ରତିଷ୍ଠାର ଯେଉଁ ନୂଆ ଧାରା ଆରମ୍ଭ ହୋଇଥିଲା ସେଥିରେ ହଠାତ୍ ଏକ ବ୍ୟତିକ୍ରମ ଘଟିଛି। ଦେଶରେ ନୂଆ ସରକାର ଶପଥ ନେଉଥିବା ସମୟରେ ଏହି ଘଟଣା ଘଟୁଛି ଏବଂ ଆହୁରି ମଧ୍ୟ କାଶ୍ମୀରୀ ଆତଙ୍କବାଦୀ ପ୍ରଥମ ଥର ପାଇଁ ଅପେକ୍ଷାକୃତ ଅଧିକ ଶାନ୍ତିପୂର୍ଣ୍ଣ ଜାମ୍ମୁ ଅଞ୍ଚଳକୁ ନିଶାଣ କରିଛନ୍ତି। ବିଶେଷକରି ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ କରିବା ଏବଂ ସେଥିରେ ୯ ଜଣ ନିହତ ହେବା ସହିତ ୪୧ ଆହତ ହେବା ନିଶ୍ଚିତ ଉଦବେଗଜନକ ଘଟଣା।

ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାମ୍ମୁ ଓ କାଶ୍ମୀରର ନିରାପତ୍ତା ସ୍ଥିତିର ସମୀକ୍ଷା କରିବା ସହିତ ସବୁପ୍ରକାର ପ୍ରତିକାରମୂଳକ ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଦିନିଆ ବିଦେଶଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ସେଠାକାର ପରିସ୍ଥିତି ସମ୍ପର୍କରେ ଅଧିକ ଆଲୋଚନା କରି ହୁଏତ ଆହୁରି କଠୋର ପଦକ୍ଷେପ ନେଇପାରନ୍ତି। ୨୦୨୨ରୁ ଆତଙ୍କବାଦୀମାନେ ଜାମ୍ମୁ ଓ କାଶ୍ମୀରରେ ନୂଆ ରଣକୌଶଳ ଅବଲମ୍ବନ କରି ବାଛି ବାଛି ଲୋକଙ୍କୁ ହତ୍ୟା କରିବା ସହିତ ଆତଙ୍କବାଦ ଭିଆଇଛନ୍ତି। ସେମାନଙ୍କର କାର୍ଯ୍ୟାନୁଷ୍ଠାନ ବିକ୍ଷିପ୍ତ ଏବଂ ଲକ୍ଷ୍ୟଭିତ୍ତିକ ହେଉଛି। ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାରେ ନିରାପତ୍ତା ବାହିନୀ ବିଶେଷ ସଫଳ ହୋଇପାରୁନାହିଁ।

ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଏହି ପୁନଃସକ୍ରିୟତାର କାରଣ ସ୍ପଷ୍ଟ। ସେଠାରେ ସାଧାରଣ ନିର୍ବାଚନ ଶୃଙ୍ଖଳାର ସହିତ ଶେଷ ହୋଇଛି ଏବଂ ଅଧିକରୁ ଅଧିକ ଲୋକ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥିସହିତ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ କରାଇବାକୁ ନିର୍ବାଚନ ଆୟୋଗ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେଣୁ ନିର୍ବାଚନକୁ ଭଣ୍ଡୁର କରିବା ସହିତ ସେଠାରେ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାର ଯେଉଁ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ତାହାକୁ ବିଗାଡ଼ିବା ଆତଙ୍କବାଦୀଙ୍କ ପ୍ରଥମ ଲକ୍ଷ୍ୟ। ଏହା ଜଳ ଜଳ ଦେଖାଯାଉଛି। ନୂଆ କାଶ୍ମୀର ନିର୍ମାଣ ଓ ସେଠାରେ ପରିସ୍ଥିତି ସ୍ୱାଭାବିକ ହେବା ଆତଙ୍କବାଦୀ ଏବଂ ସେମାନଙ୍କ ଧର୍ମପିତା ପାକିସ୍ତାନ ଚାହୁଁନାହିଁ। ପାକିସ୍ତାନରେ ଥିବା କାଶ୍ମୀର ଆତଙ୍କବାଦୀ ସଂଗଠନର ମୁଖ୍ୟମାନେ ସ୍ଥାନୀୟ କାଶ୍ମୀରୀ ଯୁବକମାନଙ୍କୁ ଏଥର ବ୍ୟବହାର କରୁଥିବା ପ୍ରମାଣ ସ୍ପଷ୍ଟତର ହେଉଛି। ଏହି ଆତଙ୍କବାଦର ନିୟନ୍ତ୍ରଣ କେନ୍ଦ୍ର ରହିଛି ପାକ୍ ଅଧିକୃତ କାଶ୍ମୀରରେ।

ଭାରତ ପୁନର୍ବାର ସେହି ଇଲାକା ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବ କି ଅନ୍ୟ ରଣକୌଶଳାତ୍ମକ ପଦକ୍ଷେପ ନେବ ତାହା ପ୍ରଧାନମନ୍ତ୍ରୀ ସ୍ୱଦେଶ ଫେରିବା ପରେ ସ୍ପଷ୍ଟ ହେବ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫ୍ ଓ ତାଙ୍କ ବଡ଼ଭାଇ ନୱାଜ୍ ସରିଫ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବା ଉପଲକ୍ଷେ ଅଭିନନ୍ଦନ ଜଣାଇଥିବା ବେଳେ କାଶ୍ମୀରରେ ଏଭଳି କାଣ୍ଡ ଘଟିବା ନିଶ୍ଚୟ ଦୁର୍ଭାଗ୍ୟଜନକ। ତେବେ ସତକଥା ହେଉଛି ଭାରତ କୂଟନୈତିକ ସ୍ତରରେ ଆଫ୍‌ଗାନିସ୍ତାନର ତାଲିବାନ୍ ଆତଙ୍କବାଦୀଙ୍କ ସହିତ ଯୋଗାଯୋଗ ରକ୍ଷା କରିବା ପରେ ପାକିସ୍ତାନର ସାମରିକ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ଆତଙ୍କବାଦୀ ନେତାମାନେ ବିବ୍ରତ ହୋଇପଡ଼ିଛନ୍ତି। ଆଫ୍‌ଗାନ୍ ତାଲିବାନ୍ ଗୋଷ୍ଠୀର ସମ୍ପର୍କ ଏବେ ପାକିସ୍ତାନ ସହିତ ଭଲ ନାହିଁ ଏବଂ ଦୁଇଦେଶର ସୀମାନ୍ତରେ ଉତ୍ତେଜନା ଲାଗି ରହିଛି। ତେଣୁ ହତୋତ୍ସାହିତ ଆଇଏସ୍ଆଇ ରିମୋଟ କଣ୍ଟ୍ରୋଲ୍ ବ୍ୟବସ୍ଥାରେ କାଶ୍ମୀର ଆତଙ୍କବାଦୀଙ୍କୁ ପୁନର୍ବାର ସକ୍ରିୟ କରିବାକୁ ଉଦ୍ୟମ କରୁଛି।

ଧାରା ୩୭୦ର ଉଚ୍ଛେଦ ପରେ ୨୦୧୯ରୁ ଜାମ୍ମୁ-କାଶ୍ମୀରରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା। ଏହାର ସ୍ୱତନ୍ତ୍ର ପାହ୍ୟା ଉଚ୍ଛେଦ ସହିତ ଏହି ଭୂଖଣ୍ଡକୁ ଦୁଇଭାଗ କରି ଜାମ୍ମୁ କାଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ କାଏମ୍ ରଖିଛନ୍ତି। ଏହାଫଳରେ ୧୯୪୭ରୁ କାଶ୍ମୀର ଯେଉଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପାଇ ନିଜର ଏକ ବିଶେଷାଧିକାର ଉପଭୋଗ କରୁଥିଲା ତାହାର ଅବସାନ ଘଟିଛି। ଏହା ଭାରତର ମୂଳ ଭୂଖଣ୍ଡ ଭିତରେ ରହି ଦେଶର ଶାସନ, ଆଇନ ଓ ସାମ୍ବିଧାନିକ ବିଧିବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଧାରା ୩୭୦ର ଉଚ୍ଛେଦ ପରେ ସେଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାରଙ୍କୁ ଅଖଣ୍ଡ କ୍ଷମତା ମିଳିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରାୟ ନଥିଲା। ଲୋକେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଲାଭ ସିଧାସଳଖ ପାଇ ଉପକୃତ ହେବା ସହିତ ଶାନ୍ତି ଶୃଙ୍ଖଳା ଫେରିବାରୁ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା। ପର୍ଯ୍ୟଟନ କାଶ୍ମୀରର ସବୁଠୁ ବଡ଼ ରାଜସ୍ୱ ଉତ୍ସ ଏବଂ ଏଥିରେ ସ୍ଥାନୀୟ ଲୋକେ ବହୁମାତ୍ରାରେ ରୋଜଗାରର ସୁଯୋଗ ପାଇଥା'ନ୍ତି।

ସେଠି ପଞ୍ଚାୟତ ଓ ଲୋକସଭା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହେବା ପରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି। ବିଧାନସଭା ନିର୍ବାଚନ ପରେ ପରିସ୍ଥିତି ସ୍ୱାଭାବିକ ହେଲେ ଜାମ୍ମୁ-କାଶ୍ମୀରକୁ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ କରାଯିବାର ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଅତଏବ ଏ ସବୁ ଘଟଣାବଳୀ ଉଭୟ ପାକିସ୍ତାନ ଓ ତାହାର ପୋଷା ଆତଙ୍କବାଦୀମାନଙ୍କ ପାଇଁ ହଜମ କରିବା କଷ୍ଟ। ତେଣୁ ସେମାନେ ପର୍ଯ୍ୟଟକଙ୍କୁ ହତ୍ୟା କରି ଦୁଇଟି ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛନ୍ତି। ସେଥିରୁ ଗୋଟିଏ ହେଲା ପର୍ଯ୍ୟଟକମାନେ ଭୟଭୀତ ହୋଇ କାଶ୍ମୀର ନ ଆସିଲେ ସ୍ଥାନୀୟ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ ଏବଂ ଲୋକେ ରୋଜଗାର ହରାଇ ଆତଙ୍କବାଦୀ ସଂଗଠନରେ ମିଶିବାକୁ ବାଧ୍ୟ ହେବେ। ଦ୍ୱିତୀୟଟି ହେଲା ରାଜ୍ୟରେ ବିଧାନସଭା ନିର୍ବାଚନ ପ୍ରଭାବିତ ହେବ ଏବଂ ଶାନ୍ତି ବିପନ୍ନ ହେବା ସହିତ ଅସ୍ଥିରତା ଲାଗି ରହିବ। ଏହି ଦୁଇଟି ଯାକ ଯୋଜନା, ଯାହା ପାକିସ୍ତାନ ଓ ପାକ୍ ଆତଙ୍କବାଦୀ ରଚିଛନ୍ତି ତାହା କାଶ୍ମୀର ପାଇଁ ନିଶ୍ଚୟ ବିପଜ୍ଜନକ। ଗତବର୍ଷ ଜାମ୍ମୁ ଓ କାଶ୍ମୀରକୁ ଦୁଇକୋଟି ୧୧ ଲକ୍ଷରୁ ଅଧିକ ପର୍ଯ୍ୟଟକ ଯାଇଥିଲେ। ଏଥର ମଧ୍ୟ ସେ ସଂଖ୍ୟା ଆହୁରି ବଢ଼ିପାରେ। ଏହା ହେଲେ କାଶ୍ମୀରବାସୀ ରୋଜଗାର ପାଇବା ସହିତ କାଶ୍ମୀର ରାଜସ୍ୱ ଆୟ ବଢ଼ିବ। ସ୍ଥିତି ଶାନ୍ତିପୂର୍ଣ୍ଣ ଓ ସ୍ୱାଭାବିକ ହେବାରୁ ଲୋକେ ବିଭିନ୍ନ କାମ କରି ପରିବାର ପ୍ରତିପୋଷଣର ସୁଯୋଗ ପାଉଛନ୍ତି। ତେଣୁ ଆତଙ୍କବାଦୀ ଓ ପାକିସ୍ତାନ ରଣନୀତି ହେଲା ଜାମ୍ମୁ ଓ କାଶ୍ମୀରର ଶାନ୍ତି ଓ ସ୍ଥିରତାକୁ ବିଗାଡ଼ି ତାହାର ଅର୍ଥନୀତିକୁ ବିପନ୍ନ କରିବା ଓ ଲୋକଙ୍କୁ ଦାରିଦ୍ର୍ୟତା ମଧ୍ୟକୁ ଠେଲି ଦେବା। ଏହାପଛରେ ଏକ ସୁସଂହତ ରଣନୀତି ନିହିତ।

ଜାମ୍ମୁ ଓ କାଶ୍ମୀରବାସୀ ସତ କ'ଣ ବୁଝି ସାରିଲେଣି। ସେମାନେ ଆତଙ୍କବାଦକୁ ବିରୋଧ କରୁଛନ୍ତି। କିଛି ନ୍ୟସ୍ତ ସ୍ୱାର୍ଥ ରାଜନେତାଙ୍କ ବ୍ୟତୀତ କୌଣସି କାଶ୍ମୀରବାସୀ ଏବେ ସେଠାରେ ଅସ୍ଥିରତା ଚାହୁଁନାହାନ୍ତି। ସବୁଠୁ ବଡ଼ କଥା ହେଲା ଧାରା ୩୭୦ ଉଚ୍ଛେଦ ପରେ ସେଠାରେ ଶାନ୍ତି, ସ୍ଥିରତା ଓ ନବନିର୍ମାଣର ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ଭାରତର ଏକ ବଡ଼ ଉପଲବ୍ଧି। କୌଣସି ପରିସ୍ଥିତିରେ ତାହାକୁ ହାତଛଡ଼ା କରିବାକୁ ଭାରତ ଉଭୟ ପାକିସ୍ତାନ ଓ ତାହାର ପୋଷା ଆତଙ୍କବାଦୀଙ୍କୁ ସୁଯୋଗ ଦେବ ନାହିଁ। ସୀମା ପାର ଆତଙ୍କବାଦୀଙ୍କ ପ୍ରଭାବ କମିଛି। ଏବେ କାଶ୍ମୀର ଭିତରେ ନୂଆ ଆତଙ୍କବାଦୀଙ୍କୁ ସୃଷ୍ଟି କରିବାକୁ ପାକିସ୍ତାନ ଓ ଆଇଏସ୍ଆଇ ଯେଉଁ ଉଦ୍ୟମ ଚଳାଇଛି ତାହାକୁ ପଣ୍ଡ କରିବାକୁ ଭାରତ ଖୁବ୍ ଶୀଘ୍ର ଉଦାହରଣୀୟ ପଦକ୍ଷେପ ନେବାକୁ ବାଧ୍ୟ ହୋଇପାରେ। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ନିଟ୍ ମେଡିକାଲ୍ ପ୍ରବେଶିକା ପରୀକ୍ଷା ବିବାଦ

# ଆଇନ ଓ ପ୍ରଶାସନର ସୁଗମ ପ୍ରତିକାର

ଅସୀମ ଅଫୁରନ୍ତ ଶକ୍ତିର ଉତ୍ସ ପରମାଣୁର ଭୟଙ୍କର ସ୍ୱରୂପ ବିଷୟରେ ପ୍ରଥମ ଥର ପାଇଁ ବିଶ୍ୱବାସୀ ଅବଗତ ହୋଇଥିଲେ ୧୯୪୫ ମସିହା ଅଗଷ୍ଟ ମାସ ୬ ଓ ୯ ତାରିଖରେ। ଏହି ଦୁଇ ଦିନରେ 'ଲିଟିଲ୍ ବୟ' ଓ 'ଫ୍ୟାଟ୍ ମ୍ୟାନ୍' ନାମକ ଦୁଇ ପରମାଣୁ ବୋମା ଜାପାନ୍‌ର ହିରୋସିମା ଓ ନାଗାସାକି ଉପରେ ଆମେରିକା ଦ୍ୱାରା ନିକ୍ଷେପ କରାଯିବା ପରେ ନିମିଷକେ ମଧ୍ୟରେ ସେଠାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି ହୋଇଥିଲା ତାହା ଥିଲା ଅଭୂତପୂର୍ବ ଓ ଅକଳ୍ପନୀୟ। ସେହି ପରମାଣୁ ବୋମାର ଭୟାବହତା ଓ ପ୍ରଭାବ ଆଜି ମଧ୍ୟ ଜାପାନବାସୀ ଅନୁଭବ କରୁଛନ୍ତି। ଅପରପକ୍ଷରେ ସେହି ପରମାଣୁକୁ ଶାନ୍ତିପୂର୍ଣ୍ଣ ଉପାୟରେ ବ୍ୟବହାର କରି ଜାପାନ୍ ଆଜି ବିଶ୍ୱର ସର୍ବବୃହତ୍ ଆଣବିକ ଶକ୍ତି ଉତ୍ପାଦକର ମର୍ଯ୍ୟାଦା ଲାଭ କରିପାରିଛି। ଏ ବିଷୟ ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି ପରମାଣୁର ଶାନ୍ତ ଓ ବିଧ୍ୱଂସକ ଶକ୍ତି ସବୁବେଳେ ରହିଛି ଏବଂ କେତେବେଳେ କେଉଁ ସ୍ୱରୂପରେ ଆତ୍ମପ୍ରକାଶ କରୁଛି। ଏବେ ଭାରତରେ ମର୍ଯ୍ୟାଦାଜନକ ଡାକ୍ତରୀ ପାଠପଢ଼ା ପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରୁଥିବା ତଥା ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ହେଉଥିବା ନିଟ୍(ନ୍ୟାଶ୍‌ନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷାକୁ ନେଇ ଯେଉଁ ବିବାଦ ସୃଷ୍ଟି ହୋଇଛି ତାହାର ମୂଳରେ ମଧ୍ୟ ରହିଛି ଏହି ପରମାଣୁ ସମ୍ବନ୍ଧୀୟ ପ୍ରଶ୍ନ।

ଗତ ମେ' ୫ ତାରିଖରେ ଅନୁଷ୍ଠିତ ହୋଇଥିବା ଚଳିତ ବର୍ଷର ନିଟ୍ ପରୀକ୍ଷାରେ ଦେଶର ୫୭୧ଟି ସହରର ୪୭୫୦ଟି ପରୀକ୍ଷା କେନ୍ଦ୍ର ଓ ବିଦେଶରେ ୧୪ଟି କେନ୍ଦ୍ରରେ ପ୍ରାୟ ୨୪ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ଫଳ ଜୁନ୍ ୧୪ ତାରିଖରେ ତାରିଖରେ ପ୍ରକାଶ ପାଇବ ବୋଲି ହୋଇଥିବା ପୂର୍ବଘୋଷଣାର ବହୁପୂର୍ବରୁ ଜୁନ୍ ୪ତାରିଖରେ ଘୋଷଣା ହୋଇଥିଲା। ପରୀକ୍ଷା ଫଳ ପ୍ରକାଶ ପାଇବା ମାତ୍ରେ ହିଁ ତାହା ବିବାଦ ଘେରକୁ ଚାଲିଯାଇଥିଲା। ଏହାର ମୂଳ ଆଧାର ଥିଲା ପଦାର୍ଥ ବିଜ୍ଞାନ ବିଷୟ ଅନ୍ତର୍ଗତ ପରମାଣୁ ସମ୍ବନ୍ଧୀୟ ଏକ ପ୍ରଶ୍ନ। ଉକ୍ତ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ଚାରିଟି ବିକଳ୍ପ ଉତ୍ତର ମଧ୍ୟରୁ ମେ' ୨୯ ତାରିଖରେ ନିଟ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ଉତ୍ତର ତାଲିକାରେ ପ୍ରଥମ ବିକଳ୍ପ ଉତ୍ତର ହିଁ ଠିକ ବୋଲି ଦର୍ଶାଯାଇଛି। ଅର୍ଥାତ୍ ଯେଉଁ ପରୀକ୍ଷାର୍ଥୀମାନେ 'ଏ' ବା ପ୍ରଥମ ଉତ୍ତର ଉପରେ ଠିକ୍ ଚିହ୍ନ ଦେଇଛନ୍ତି ସେମାନଙ୍କୁ ଠିକ୍ ନମ୍ବର ମିଳିବ। କିନ୍ତୁ ଏନ୍‌ସିଇଆରଟିର ପୂର୍ବ ପ୍ରକାଶିତ ପାଠ୍ୟ ପୁସ୍ତକରେ ତୃତୀୟ ବିକଳ୍ପ ଉତ୍ତର ଠିକ୍ ବୋଲି ପ୍ରମାଣିତ ହେଉଛି। ତେଣୁ ଯେଉଁମାନେ 'ସି' ବା ତୃତୀୟ ବିକଳ୍ପ ଉପରେ ଠିକ୍ ଚିହ୍ନ ଦେଇଛନ୍ତି ସେମାନଙ୍କୁ ଏନ୍‌ଟିଏ ପକ୍ଷରୁ ଗ୍ରେସ୍ ମାର୍କ ବା ଅନୁକମ୍ପାମୂଳକ ଅତିରିକ୍ତ ନମ୍ବର ଦିଆଯାଇଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଏହି ମୂଳ ବିବାଦୀୟ ପ୍ରସଙ୍ଗରୁ ଖୋଳତାଡ଼ ପରେ ଜଣାପଡ଼ିଲା ଯେ କେବଳ ଉକ୍ତ ପ୍ରଶ୍ନର 'ସି' ଉତ୍ତର ଲେଖିଥିବା ପରୀକ୍ଷାର୍ଥୀଙ୍କୁ ନୁହେଁ, ବରଂ ଆହୁରି ୧୫୬୩ ଜଣଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି। ଏଥିସହିତ ଛଅଟି ପରୀକ୍ଷା କେନ୍ଦ୍ରରେ ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଥିବାରୁ ପରୀକ୍ଷାର୍ଥୀମାନଙ୍କର ଯେଉଁ ମୂଲ୍ୟବାନ ସମୟ ଅପଚୟ ହୋଇଥିଲା ତା'ର ଭରଣା ସ୍ୱରୂପ ମଧ୍ୟ ଗ୍ରେସ୍ ମାର୍କ ଦିଆଯାଇଛି। ଛତିଶଗଡ଼ର ଦୁଇଟି ସମେତ ମେଘାଳୟ, ସୁରଟ୍, ହରିଆଣାର ବାହାଦୂରଗଡ଼ ଓ ଚଣ୍ଡିଗଡ଼ର ଗୋଟିଏ ଲେଖାଏଁ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ୪୦ ମିନିଟ୍ ଲେଖାଏଁ ହରାଇଛନ୍ତି। ତେଣୁ ୨୦୧୮ରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ସେହି କେନ୍ଦ୍ରର ପରୀକ୍ଷାର୍ଥୀମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି ବୋଲି ନିଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ନ୍ୟାଶ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ କୁହାଯାଇଛି।

ଏଥିସହିତ ଆଉ ଏକ କୌତୁହଳପ୍ରଦ ଓ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ଅବିଶ୍ୱସନୀୟ ତଥ୍ୟ ସାମ୍ନାକୁ ଆସିଲା ଯାହା ଚଳିତ ବର୍ଷର ନିଟ୍ ପରୀକ୍ଷା ଫଳକୁ ଆହୁରି ବିବାଦୀୟ କରିଦେଲା। ୨୦୨୦ରେ ମାତ୍ର ଜଣେ, ୨୦୨୧ରେ ଦୁଇଜଣ, ୨୦୨୨ରେ ତିନିଜଣ, ୨୦୨୩ରେ ଦୁଇଜଣ ପରୀକ୍ଷାର୍ଥୀ ଶତପ୍ରତିଶତ(୭୨୦) ନମ୍ବର ରଖିଥିବା ବେଳେ ଚଳିତ ବର୍ଷ ୬୭ଜଣ ଶତପ୍ରତିଶତ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଛଅଜଣ ହରିଆଣାର ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ପଦାର୍ଥ ବିଜ୍ଞାନର ସେହି ବିବାଦୀୟ ପ୍ରଶ୍ନ ପାଇଁ ଗ୍ରେସ୍ ମାର୍କ ମିଳିଛି। ଏଭଳି ଅବିଶ୍ୱସନୀୟ ଫଳକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ। ପ୍ରଶ୍ନ ପତ୍ର ପ୍ରଘଟ ବିନା ଯେ ଏହା ସମ୍ଭବ ତାହା ମଧ୍ୟ ସହଜରେ ବିଶ୍ୱାସ କରି ହେଲା ନାହିଁ। ତେଣୁ ପରୀକ୍ଷା ପରିଚାଳନାରେ ଘୋର ବିଭ୍ରାଟ ଓ ଅନିୟମିତତା ହୋଇଥିବା ଅଭିଯୋଗ ହେଲା ଏବଂ ସେହି ଅଭିଯୋଗ ଆଧାରରେ ପ୍ରତିବାଦର ସ୍ୱର ତୀବ୍ର ହୋଇ ମାମଲା ଶେଷରେ ସୁପ୍ରିମକୋର୍ଟରେ ପହଞ୍ଚିଲା।

ଆବେଦନକାରୀଙ୍କ ମଧ୍ୟରେ ଫିଜିକ୍ ୱାଲାର ସିଇଓ ଅଲଖ୍ ପାଣ୍ଡେ, ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ଅର୍ଗାନାଇଜେସନ୍‌ର ସଦସ୍ୟ ଅବଦୁଲ୍ଲା ମହମ୍ମଦ ଫୈଜ୍, ଡ. ସୈକ୍ ରୋସନ୍ ମୋହିଦ୍ଦିନ୍ ଏବଂ ନିଟ୍ ପରୀକ୍ଷାର୍ଥୀ ଜରିପିତି କାର୍ତ୍ତିକ ରହିଛନ୍ତି। ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ ୭୦ ରୁ ୮୦ ନମ୍ବର ଗ୍ରେସ୍ ମାର୍କ ଭାବରେ ଦିଆଯାଇଛି ଯାହା ଅନୈତିକ। ତେଣୁ ଚଳିତ ବର୍ଷର ନିଟ୍ ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ୍ କରି ପୁନର୍ବାର ପରୀକ୍ଷା କରାଯାଉ ଏବଂ ଆସନ୍ତା ଜୁଲାଇ ୬ ତାରିଖରୁ ଆରମ୍ଭ ହେବାକୁ ଥିବା କାଉନ୍‌ସେଲିଂ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଉ। କିନ୍ତୁ ବିକ୍ରମ ନାଥ ଓ ଅସାନୁଦ୍ଦିନ ଅମ୍ମାନୁଲ୍ଲାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ପୁନଃ ପରୀକ୍ଷା ଆବେଦନକୁ ଖାରଜ କରି କାଉନସେଲିଂ ପ୍ରକ୍ରିୟାରେ ସ୍ଥଗିତା ଦେଶ ଜାରି କରିବା ପାଇଁ ମନା କରିଦେଇଛନ୍ତି ଏବଂ ଏହା ଯଥାରୀତି କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଓ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗର ସିବିଆଇ ତଦନ୍ତ ଏବଂ ବିହାର ପୁଲିସ ଦ୍ୱାରା ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଉ ବୋଲି ଯେଉଁ ଆବେଦନ ହୋଇଥିଲା ତାହାକୁ ମଧ୍ୟ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏଥିସହିତ ଯଦି ଆବଶ୍ୟକ ପଡ଼େ ତେବେ ଏ ସମ୍ପର୍କିତ ଅଧିକ ଶୁଣାଣି ଓ ବିଚାର ପରେ କାଉନ୍‌ସେଲିଂ ପ୍ରକ୍ରିୟା ରଦ୍ଦ ଉପରେ ବିଚାର କରାଯାଇପାରେ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଗୁରୁତର ଅଭିଯୋଗକୁ ଗ୍ରହଣ କରି ଗ୍ରେସ୍ ମାର୍କ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ପ୍ରଶ୍ନ ପତ୍ର ପ୍ରଘଟ ସମ୍ପର୍କିତ ଏକ ଆବେଦନ ଗତ ମେ' ୧୭ ତାରିଖରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିଲା। ଏହାକୁ ଗ୍ରହଣ କରି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ ଶୁଣାଣି ପାଇଁ ଆସନ୍ତା ଜୁଲାଇ ୮ ତାରିଖ ଧାର୍ଯ୍ୟ କରିଛନ୍ତି। ତେଣୁ ଦୁଇଟିଯାକ ମାମଲାର ଶୁଣାଣି ଜୁଲାଇ ୮ ତାରିଖରେ ହେବ ବୋଲି ସୁପ୍ରିମକୋର୍ଟଙ୍କ ବିକ୍ରମ ନାଥ ଓ ଅସାନୁଦ୍ଦିନ ଅମ୍ମାନୁଲ୍ଲା ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି।

ସୁପ୍ରିମକୋର୍ଟ ଦୁଇଜଣିଆ ଖଣ୍ଡପୀଠଙ୍କ ସଦ୍ୟତମ ନିର୍ଦ୍ଦେଶ ସମ୍ପର୍କରେ ନିଜ ପକ୍ଷ ରଖି କେନ୍ଦ୍ର ସରକାର କହିଛନ୍ତି ଯେ ଜୁନ୍ ୪ ତାରିଖରେ ପ୍ରକାଶ ପାଇଥିବା ନିଟ୍ ୟୁଜିରେ ଗ୍ରେସ୍ ମାର୍କ ବା ଅନୁକମ୍ପା ନମ୍ବର ପାଇଥିବା ୧୫୬୩ ଜଣ ପ୍ରାର୍ଥୀଙ୍କ ପାଇଁ ଜୁନ୍ ୨୩ ତାରିଖରେ ପୁନର୍ବାର ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି ସମ୍ପୃକ୍ତ ପ୍ରାର୍ଥୀ ପୁନଃ ପରୀକ୍ଷା ଦେବା ପାଇଁ ଅନିଚ୍ଛୁକ ହେବେ ତେବେ ତାଙ୍କର ପୂର୍ବ ନମ୍ବର(ଗ୍ରେସ୍ ମାର୍କବିନା)କୁ ଚୂଡ଼ାନ୍ତ ବୋଲି ଧରିନେଇ ତଦନୁସାରେ ର୍‍ୟାଙ୍କ ତାଲିକା ପ୍ରସ୍ତୁତ କରାଯିବ। ଏଥିସହିତ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗକୁ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବର୍ଣ୍ଣନା କରିବା ସହିତ ଏହାକୁ ନେଇ ରାଜନୀତି କରିବା ଅନୁଚିତ ବୋଲି କହିଛନ୍ତି। ଏଥିସହିତ ମଧ୍ୟ ଗ୍ରେସ୍ ମାର୍କ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଏନ୍‌ଟିଏ ପକ୍ଷରୁ ଚାରିଜଣିଆ କମିଟି ଗଠନ କରାଯାଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

୨୦୧୭-୧୮ ମସିହାରେ ଅଲ୍‌ଇଣ୍ଡିଆ ପ୍ରିମେଡିକାଲ୍ ଟେଷ୍ଟ(ଏଆଇପିଏମ୍‌ଟି)କୁ ଉଚ୍ଛେଦ କରି ନିଟ୍ ଲାଗୁ ହେବା ପରଠାରୁ ଏହାକୁ ନେଇ ବିଭିନ୍ନ ସମୟରେ ବିବାଦ ଉଠିଛି। ତାମିଲନାଡୁ ପରି କେତେକ ରାଜ୍ୟ ନିଟ୍ ଉଚ୍ଛେଦ ପାଇଁ ଦାବି କରୁଥିବା ବେଳେ ଆଉ କେତେକ ରାଜ୍ୟର ଦାବି ଅନୁଯାୟୀ ନିଟ୍‌କୁ ଆଞ୍ଚଳିକ ଭାଷାରେ କରାଯାଉଛି। ଏବେ ଇଂରାଜୀ ସମେତ ହିନ୍ଦୀ, ଅସମୀୟା, ବଙ୍ଗାଳୀ, ଗୁଜରାଟୀ, କନ୍ନଡ, ମାଲାୟାଲାମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ୍, ତେଲୁଗୁ ଓ ଉର୍ଦ୍ଦୁ ଭାଷାରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହେଉଛି। ପୂର୍ବରୁ ନିଟ୍ ପରୀକ୍ଷା କେନ୍ଦ୍ରୀୟ ସ୍କୁଲ୍ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ହେଉଥିବା ବେଳେ ବର୍ତ୍ତମାନ ଏହାର ଦାୟିତ୍ୱ ନ୍ୟାଶ୍‌ନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଉପରେ ନ୍ୟସ୍ତ ଅଛି।

ନିଟ୍ ପରୀକ୍ଷାର ସଦ୍ୟତମ ବିବାଦ ପୃଷ୍ଠଭୂମିରେ ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ନିଟ୍ ପରୀକ୍ଷା ଉଚ୍ଛେଦ ପାଇଁ ତାଙ୍କର ପୁରୁଣା ଦାବିକୁ ଦୋହରାଇଛନ୍ତି। ନିଟ୍ ପରୀକ୍ଷା ଉଚ୍ଛେଦ ପାଇଁ ଜାତୀୟ ସ୍ତରରେ ଏକ ବଡ଼ ଧରଣର ଅଭିଯାନ ପାଇଁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ୨୦୨୧ ମସିହାରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବା ପରେ ନିଟ୍ ପରୀକ୍ଷା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିବା ପାଇଁ ବିଚାରପତି ଏ କେ ରାଜନ୍‌ଙ୍କ ଅଧ୍ୟକ୍ଷତାରେ ଷ୍ଟାଲିନ୍ ଏକ କମିଟି ଗଠନ କରିଥିଲେ। କମିଟି ସରକାରଙ୍କୁ ଯେଉଁ ରିପୋର୍ଟ ଦେଇଥିଲା ସେଥିରେ ନିଟ୍ ପରୀକ୍ଷା ଗରିବ ବିରୋଧୀ ଓ ଅସାମାଜିକ ସ୍ତରୀୟ ବୋଲି ଉଲ୍ଲେଖ ଥିଲା। ଏହି ସିଦ୍ଧାନ୍ତ ପାଇଁ କମିଟି ସହସ୍ରାଧିକ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ମତାମତ ନେଇଥିବା ରିପୋର୍ଟରେ ଉଲ୍ଲେଖ ଥିଲା। କମିଟି ତା'ର ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଇଥିଲା ଯେ ନିଟ୍ ଲାଗୁ ହେବା ପରେ ତାମିଲ୍ ଭାଷାଭାଷୀ ଓ ଗରିବ ପରିବାରର ପିଲାମାନେ ଡାକ୍ତରୀ ପାଠପଢ଼ାରୁ ଅଧିକରୁ ଅଧିକ ବଞ୍ଚିତ ହୋଇଛନ୍ତି। ନିଟ୍ ପରୀକ୍ଷା ପାଇଁ ମଧ୍ୟ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ଦୁର୍ବଳ ହେଉଥିବା କମିଟି ଦର୍ଶାଇଥିଲା। ଏଥିପାଇଁ ଗତ ପାଞ୍ଚ ବର୍ଷର ପରିସଂଖ୍ୟାନକୁ କମିଟି ଆଧାର ରୂପେ ନେଇଥିଲା। ତେଣୁ ନିଟ୍ ପରୀକ୍ଷା ଉଚ୍ଛେଦ ପାଇଁ ରାଜନ୍ କମିଟି ତାମିଲ୍‌ନାଡୁ ସରକାରଙ୍କୁ ସୁପାରିସ କରିଥିଲା। କମିଟି ସୁପାରିସ ଆଧାରରେ ନିଟ୍ ପରୀକ୍ଷା ରାଜ୍ୟରେ ଲାଗୁ ନ କରି ଯୁକ୍ତ ଦୁଇ ନମ୍ବର ଆଧାରରେ ଡାକ୍ତରୀ ପାଠପଢ଼ା ପାଇଁ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ତାମିଲ୍‌ନାଡୁ ବିଧାନସଭାରେ ଏକ ବିଲ୍ ପାରିତ ହୋଇସାରିଛି। କିନ୍ତୁ ରାଜ୍ୟପାଳ ଉକ୍ତ ବିଲ୍‌କୁ ଅନୁମତି ନ ଦେବାରୁ ରାଷ୍ଟ୍ରପତିଙ୍କ ମୋହର ଲାଗିପାରୁନାହିଁ।

ଚଳିତ ବର୍ଷ ନିଟ୍ ପରୀକ୍ଷା ଫଳ ଓ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତ କ'ଣ ହେବ ତାହା ଆସନ୍ତା ଜୁଲାଇ ୮ ତାରିଖ ପରବର୍ତ୍ତୀ ଶୁଣାଣି ପରେ ଜଣାପଡ଼ିବ। ଏହି ପୃଷ୍ଠଭୂମିରେ କିନ୍ତୁ ଗୋଟିଏ କଥା ସତ ଯେ ନିଟ୍ ର ସମ୍ମୋହନ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକଙ୍କୁ ଉନ୍ମାଦ ଓ ଉତ୍କଣ୍ଠିତ କରି ରଖିଛି। ଏହାର ଫାଇଦା କୋଚିଂ ଅନୁଷ୍ଠାନମାନେ ନେଉଥିବା ବେଳେ କୋମଳ କୈଶୋରର ସ୍ୱପ୍ନ ଧୂଳିସାତ ହେଉଛି ଏବଂ ଫୁଟିବା ପୂର୍ବରୁ ଫୁଲମାନେ ଝରିପଡ଼ୁଛନ୍ତି। ●

(ସକାଳ ମିଡିଆ ସର୍ଭିସ)

## ଲୋକମତ

### 'ୱେଷ୍ଟ ଟୁ ୱେଲଥ୍' ପ୍ରଦର୍ଶନୀ

ବର୍ତ୍ତମାନ ଅଧିକାଂଶ ପ୍ଲାଷ୍ଟିକ୍, ପୋଷାକ, ଆଲୁମିନିୟମ୍, ଲୁହା, ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍, କାଗଜ, ଶିଳ୍ପ ବର୍ଜ୍ୟ, ଜୈବ ପଦାର୍ଥ ଇତ୍ୟାଦି ବର୍ଜ୍ୟବସ୍ତୁକୁ ଅପସାଇକ୍ଲିଂ/ରିସାଇକ୍ଲିଂ ପ୍ରକ୍ରିୟା ଦ୍ୱାରା ପୁନଃ ବ୍ୟବହାର କରାଯାଇପାରୁଛି। ଏହି କ୍ଷେତ୍ରରେ କେତେକ ଉଦ୍ୟୋଗପତି ଅନେକ ସ୍ଥାନରେ ଷ୍ଟାର୍ଟଅପ୍‌ମାନ ନିର୍ମାଣ କରି ଭିନ୍ନଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବର୍ଜ୍ୟବସ୍ତୁକୁ କଞ୍ଚାମାଲ୍ ଭାବରେ ଉପଯୋଗ କରି ନୂଆ ନୂଆ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଦିନକୁ ଦିନ ଉପରୋକ୍ତ ଷ୍ଟାର୍ଟଅପ୍ ବିଷୟରେ ସମସ୍ତ ତଥ୍ୟ ଜାଣିବା ପାଇଁ ଲୋକଙ୍କର ଆଗ୍ରହ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ, ଏମ୍ଏସ୍ଏମ୍ଇ ଓଡ଼ିଶା ସରକାରଙ୍କ ସୌଜନ୍ୟରେ 'ୱେଷ୍ଟ ଟୁ ୱେଲଥ୍ ପ୍ରଦର୍ଶନୀ'ର ଆବଶ୍ୟକତା ଅଛି। ଉକ୍ତ ପ୍ରଦର୍ଶନୀରେ ଷ୍ଟାର୍ଟଅପ୍ ଗଠନ ପାଇଁ ସର୍ବନିମ୍ନ ଆବଶ୍ୟକତା ଯଥା- କଞ୍ଚାମାଲ୍, ଯନ୍ତ୍ରପାତି, କାରିଗର, ବିଦ୍ୟୁତ ଶକ୍ତି, ଜଳ, ଅର୍ଥ, ଆବେଦନ କରିବା ପ୍ରକ୍ରିୟା, ଚାହିଦା ଓ ଯୋଗାଣ, ବଜାର, ବ୍ୟାଙ୍କ୍ ଋଣ ବ୍ୟବସ୍ଥା, ଲାଭ ଓ କ୍ଷତି, ବିଶେଷ ରିହାତି ବ୍ୟବସ୍ଥା ଇତ୍ୟାଦିର ସଠିକ ବିବରଣୀ ମିଳିପାରିବ। ଏହି ପ୍ରଦର୍ଶନୀରେ ଅନେକ ଉଦ୍ୟୋଗୀ ସେମାନଙ୍କର ପ୍ରକ୍ରିୟାକୁ ପ୍ରାକ୍ଟିକାଲ୍ କିମ୍ବା ଅଡିଓ ଭିଜୁଆଲ୍ କୌଶଳ ମାଧ୍ୟମରେ ପ୍ରଦର୍ଶନ କରିପାରିବେ। ଯନ୍ତ୍ରପାତି ବିକ୍ରେତା/ଯୋଗାଣକାରୀ ସଂସ୍ଥା ଗ୍ରାହକଙ୍କୁ ସେମାନଙ୍କର ଯନ୍ତ୍ରପାତିଗୁଡ଼ିକ ପ୍ରଦର୍ଶନ କରି ବିସ୍ତୃତ ବିବରଣୀ ପ୍ରଦାନ କରିପାରିବେ। ଫଳସ୍ୱରୂପ, ଗୋଟିଏ ସ୍ଥାନରେ 'ୱେଷ୍ଟ ଟୁ ୱେଲଥ୍ ଷ୍ଟାର୍ଟଅପ୍'ର ଅତ୍ୟାଧୁନିକ ବିକାଶ ତଥା ସବିଶେଷ ତଥ୍ୟ, ଅନେକ ପ୍ରଦର୍ଶକଙ୍କ ସହିତ ସାକ୍ଷାତ କରିବାର ସୁଯୋଗ, ଶିଳ୍ପ ଅଗ୍ରଦୂତ ଏବଂ ଏହି ସମ୍ବନ୍ଧୀୟ ବିଭିନ୍ନ ଆସୋସିଏସନ୍ ସହିତ ଜଡ଼ିତ ହେବାର ସୁଯୋଗ ଉପଲବ୍ଧ ହୋଇପାରିବ। ନୂଆ ଲୋକଙ୍କ ପାଇଁ ଏହି ପ୍ରଦର୍ଶନୀ ଏକ ମାର୍ଗଦର୍ଶକ ଭାବେ ସହାୟକ ହୋଇପାରିବ। ନୂତନ ଷ୍ଟାର୍ଟଅପ୍ ସୃଷ୍ଟି ହେବା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ●

**ନବ୍‌ନିତ୍‌ପାଣିଗ୍ରାହୀ, ରାୟଗଡ଼ା,**
ମୋ: ୯୮୬୧୧୩୮୮୩୬

### ଆତସବାଜି ବନ୍ଦ ହେଉ

ବିବାହ ବ୍ରତ ଆଦି ସାମାଜିକ ଉତ୍ସବ ଏବଂ ଦୀପାବଳି ଭଳି ପର୍ବପର୍ବାଣିରେ ପୂଜା ପରେ ମୂର୍ତ୍ତି ବିସର୍ଜନ ବା ଭସାଣି ଶୋଭାଯାତ୍ରା, ରାଜନୈତିକ ପଟୁଆର ତଥା ମେଳା ମହୋତ୍ସବମାନଙ୍କରେ ବିଭିନ୍ନ ପ୍ରକାର ଆତସବାଜି, ବିସ୍ଫୋରକ ବାରୁଦ ବାଣ ଫୁଟାଇବା ଏକ ଆନନ୍ଦ ଉଲ୍ଲାସର ପରିଚାୟକ ହୋଇ ଆମ ସମାଜର ଚଳି ଆସିଛି। କିନ୍ତୁ ଜନଗହଳିପୂର୍ଣ୍ଣ ସ୍ଥାନ ଅର୍ଥାତ୍ ଆବାସିକ ସ୍ଥଳ (କଲୋନୀ/ ସାହି ବସ୍ତି), ହାଟ ବଜାର, ମାର୍କେଟ କମ୍ପ୍ଲେକ୍ସ, ରାସ୍ତା ଘାଟ, ମଠ ମନ୍ଦିର ପରିସର ତଥା ଅଧିକ ଜନସମାଗମ ହେଉଥିବା ସ୍ଥାନମାନଙ୍କରେ ଏହି ସବୁ ଆତସବାଜି, ବିସ୍ଫୋରକ ବାରୁଦ ମିଶ୍ରିତ ବାଣ ଫୁଟାଇବା ସଉକ ଏବେ ଅନେକ ସ୍ଥାନରେ ଅଘଟଣର କାରଣ ହେଉଛି। ଅନଭିଜ୍ଞତା ଏବଂ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟିବା ସହିତ ବହୁ ଧନଜୀବନ ହାନି ଘଟୁଛି। ଏମିତିକି କିଛିସ୍ଥାନରେ ଛୋଟ ପିଲାଏ ମଧ୍ୟ ଏପରି ବିସ୍ଫୋରକ ବାଣ ଫୁଟାଉଥିବା ଲକ୍ଷ୍ୟ କରାଯାଉଛି।

ରାଜଧାନୀରେ କିଛିବର୍ଷ ପୂର୍ବେ ରାଜ୍ୟସ୍ତରୀୟ ପ୍ୟାରେଡ୍ ଉତ୍ସବରେ ଘଟିଥିବା ବେଲୁନ ଗ୍ୟାସ ଦୁର୍ଘଟଣା ସମେତ ନିକଟ ଅତୀତରେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଜନିତ ଜୀବନହାନି ଘଟଣା ପ୍ରାୟ ସମସ୍ତେ ଜାଣନ୍ତି। ଏହାବ୍ୟତୀତ ଅଯଥା ଅପଚୟ କରି ବାଣ ଫୁଟାଇ ଉତ୍ସବ ପାଳୁଥିବା ଅବକାଶରେ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସା ପାଇଁ ଆସୁଥିବା ଲୋକ ବିକଳାଙ୍ଗ ହେଉଥିବା ଏବଂ ଅକାଳମୃତ୍ୟୁ ବରଣ କରୁଥିବା ବହୁ ନଜିର ରହିଛି। ତଥାପି ମଣିଷର ଚେତନା ଜାଗୁ ନାହିଁ। କେବଳ ସରକାରୀ ତଦନ୍ତ କରିଦେଲେ, ଅଘଟଣ ଘଟିଥିବା ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଦଣ୍ଡବିଧାନ କରିଦେଲେ ଚଳିବ ନାହିଁ। ବରଂ ଉତ୍ସବ ପାଳୁଥିବା ସଂପୃକ୍ତ ସମସ୍ତ ବ୍ୟକ୍ତି, ମୁରବି, ସଂଗଠକ, ଜନସାଧାରଣ ସଚେତନ ନହେଲେ ଏପରି ଅଘଟଣ ଘଟି ଚାଲିଥିବ। ସେଥିପାଇଁ ବେଳହୁଁ ସାବଧାନ ନୀତିରେ ବାଣ ଫୁଟାଇବା ପାଇଁ ସତର୍କତାମୂଳକ ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆଣିବା ବାଧ୍ୟତାମୂଳକ ହେଉ। ଜନଗହଳି କିମ୍ବା ଆବାସିକ ସ୍ଥଳରେ ଆତସବାଜି ବିସ୍ଫୋରକ ବାଣ ଫୁଟାଇବା ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ। ଏଥିରେ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ●

**ଅବନୀ ଚନ୍ଦ୍ର ଦାସ, ଭୁବନେଶ୍ୱର,**
**ମୋ: ୯୯୩୭୫୩୭୯୭୪**

### ରଜ ବଜାରରେ ମିଠା

ପାର୍ବଣ ଋତୁ ହେଉ ଅବା ସାଧାରଣ ଦିନ, ମିଠା ଦୋକାନରେ କେବେ ଭିଡ଼ କମ ନଥାଏ। ଅତିଥି ଚର୍ଚ୍ଚାଠାରୁ ଆରମ୍ଭ କରି ପୂଜାର୍ଚ୍ଚନା ପାଇଁ ବର୍ଷତମାମ ଖୋଜା ପଡୁଛି ଭଳିକି ଭଳି ସୁସ୍ୱାଦୁ ମିଠା। ଆଉ ମିଠାର ଚାହିଦା ଦେଖି ଫାଇଦା ମାରୁଛନ୍ତି ଅସାଧୁ ବ୍ୟବସାୟୀ। ବେଧଡକ ଭାବେ ଗ୍ରାହକଙ୍କୁ ବାସି ମିଠା ବିକ୍ରି କରାଯାଉଛି।

ଏବେ ରଜ ବଜାର ଚାଲିଛି, ଆଗକୁ ପାର୍ବଣ ଋତୁ ମଧ୍ୟ ଆରମ୍ଭ ହୋଇଯିବ। ଅଧିକାଂଶ ଦୋକାନରେ ବିକ୍ରି ହେଉଥିବା ମିଠାରେ ବ୍ୟବହାର ଅବଧି ସୀମା ବା ଏକ୍ସପାରୀ ତାରିଖ ଲେଖା ଯାଉନାହିଁ। ସଜ ମିଠା ଭାବି ଗ୍ରାହକମାନେ ବି ଖୁସି ମନରେ ଘରକୁ ନେଇଯାଉଛନ୍ତି। ଏହାକୁ ନେଇ କୌଣସି ଅଘଟଣ ଘଟି ନଥିବାରୁ କୌଣସି ଗ୍ରାହକ ମଧ୍ୟ ଅଭିଯୋଗ କରୁନାହାନ୍ତି। ହେଲେ ଆଦୌ କେବେ ଅଘଟଣ ନଘଟିବ ତାହା ମଧ୍ୟ କହିହେବନାହିଁ।

ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ନିୟମ ଅନୁସାରେ ପ୍ରତ୍ୟେକ ପ୍ୟାକେଟ ଖାଦ୍ୟ ସାମଗ୍ରୀ ଉପରେ ବ୍ୟବହାର ଅବଧି ଲେଖା ରହିବା ବାଧ୍ୟତାମୂଳକ। ଯାଞ୍ଚ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ରହିଛି। କିନ୍ତୁ ବଜାରରେ ବିକ୍ରି ହେଉଥିବା ମିଠା ଜାତୀୟ ଖାଦ୍ୟର ପ୍ରସ୍ତୁତି ତାରିଖ କିମ୍ବା ଏକ୍ସପାରୀ ତାରିଖ ଜଣାପଡୁନାହିଁ। କେତେକ ମିଠା ଦୁଇ ଦିନ ଯାଏଁ ବିକ୍ରି ହେବାକୁ ନିୟମ ଥିବାବେଳେ ଆଉ କିଛି ମିଠା ୭ ଦିନ ପର୍ଯ୍ୟନ୍ତ ବିକ୍ରି ହୋଇପାରିବ। ଆଉ କିଛି ମିଠା ତିଆରି ହୋଇଥିବା ଦିନ ହିଁ ଖାଇବା ଉପଯୋଗୀ। ଯେଉଁଭଳି କାଲାକାନ୍ଦ, ବଟର ସ୍କଚ ଓ ଚକୋଲେଟ ଭଳି ମିଠା ପ୍ରସ୍ତୁତି ଦିନ ହିଁ ଖାଇବାକୁ ହୁଏ। ଗୋଟିଏ ଦିନ ପରେ ଏହାକୁ ଖାଇବା ସ୍ୱାସ୍ଥ୍ୟ ପ୍ରତି ଅନୁପଯୋଗୀ। କ୍ଷୀରରେ ପ୍ରସ୍ତୁତ ବାଦାମ ମିଲକ, ରସଗୋଲା, ରସମଲେଇ, ରାବିଡ଼ି, ରାଜଭୋଗ, ସନ୍ଦେସ, ମଲାଇ ରୋଲ, ରସକଦମ ଆଦି ମିଠାର ଅବଧି ମାତ୍ର ଦୁଇଦିନ। ସେହିପରି ଲଡ୍ଡୁ ଓ ଖୁଆରୁ ତିଆରି ମିଲକ କେକ, ଚକୋଲେଟ ବର୍ଫି, ମଥୁରା ପେଡ଼ା, ନଡ଼ିଆ ଲଡ୍ଡୁ, ଫ୍ରୁଟ ଆଦି ମିଠା ଚାରିଦିନ ପର୍ଯ୍ୟନ୍ତ ଖାଇ ହୁଏ। ଘିଅ ଓ ଡ୍ରାଏ ଫ୍ରୁଟରୁ ତିଆରି ହେଉଥିବା ଡ୍ରାଏ ଫ୍ରୁଟ ଲଡ୍ଡୁ, କାଜୁ କଟଲି, ବେସନ ବର୍ଫି ଓ ଚନ୍ଦ୍ରକଳା ଲଡ୍ଡୁ ଆଦି ମିଠା ପ୍ରସ୍ତୁତି ସାତ ଦିନରୁ ସର୍ବାଧିକ ଏକ ମାସ ପର୍ଯ୍ୟନ୍ତ ଖାଇବା ଉପଯୋଗୀ ହୋଇ ରହିଥାଏ।

କଟକ ଭଳି ସହରରେ ମିଠା ଦୋକାନରେ ଚଢ଼ଉ ହେବା ନଜିର ନାହିଁ। ସବୁଠି ନଗଦ ତିଆରି ହୋଇଥିବା କୁହାଯାଉଛି। କିନ୍ତୁ ବର୍ଷ ବର୍ଷ ଧରି ଗୋଟିଏ ତେଲ କଡ଼େଇରେ ବିଭିନ୍ନ ପ୍ରକାର ମିଠା ଛଣା ଯାଉଛି। ସେହି ଚିନିସିରାରେ ଭେରାଇଟି ମିଠା ପ୍ରସ୍ତୁତ ପରେ ଦୀର୍ଘ ଦିନ ଧରି ଦୋକାନରେ ପକାଇ ରଖି ବିକ୍ରି କରାଯାଉଛି। କିନ୍ତୁ ଖାଦ୍ୟ ସୁରକ୍ଷା କିମ୍ବା ସିଏମସିର ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହିଁ। ଯାଞ୍ଚ କରା ନ ଯିବାରୁ ପୂଜାପାର୍ବଣ ଭିତରେ ବଜାରରେ ମାତ୍ରାଧିକ ବାସି ମିଠା ବିକ୍ରି କରାଯାଉଛି।

ଯେଉଁଠି ଗ୍ରାକମାନେ ଅଭିଯୋଗ ନକରି ବି ରାସ୍ତାକଡ଼ ବିଭିନ୍ନ ଖାଦ୍ୟ ଦୋକାନରେ ଚଢ଼ଉ କରାଯାଉଛି। ସେଠାରେ ଅସାଧୁ ମିଠା ଦୋକାନୀଙ୍କ କାରବାର ଉପରେ ନଜର ନ ପଡ଼ିବା ଚକିତ କରିଛି। ଯଦି କେବେ ବାସି ମିଠାଜନିତ କୌଣସି ଅଘଟଣ ଘଟେ ଦାୟୀ କିଏ ରହିବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି? ●

**ଡାକ୍ତର ଦିଲ୍ଲୀପ କୁମାର ମହାରଣା, କଟକ**

## ଅବଶିଷ୍ଟାଂଶ...

### ଜୁଲାଇ ପହିଲାରୁ...

ସୁରକ୍ଷା ସଂହିତା(ବିଏନଏସଏସ) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ( ବିଏସଏ) ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଆସନ୍ତା ଜୁଲାଇ ପହିଲାରୁ ପୁରୁଣା ଆଇନ ବଦଳରେ ଏହି ତିନି ନୂଆ ଆଇନ ଲାଗୁ କରାଯିବା ନିଶ୍ଚିତ ହୋଇଛି। ପ୍ରଚଳିତ ଭାରତୀୟ ଦଣ୍ଡବିଧାନ ଆଇନ(ଆଇପିସି) ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବାକୁ ଯାଉଥିବା ବେଳେ ଅପରାଧିକ କ୍ଷେତ୍ରରେ ପ୍ରଚଳିତ ଆଇନର ବିଭିନ୍ନ ଦିଗରେ ପରିବର୍ତ୍ତନ ଘଟିବ। ଏହାବ୍ୟତୀତ ଦୁଷ୍କର୍ମ, ପ୍ରତାରଣା, ବିବାହ ଆଦି କ୍ଷେତ୍ରରେ ଭୁଲ କିମ୍ବା ମିଥ୍ୟା ତଥ୍ୟ ଦିଆଗଲେ ଏଥିପାଇଁ କଠୋରରୁ ଅତି କଠୋର ଦଣ୍ଡବିଧାନ କରାଯିବ। ସେହିପରି ଠକେଇ, ମିଥ୍ୟା ପ୍ରତିଶ୍ରୁତି, ମିଥ୍ୟା ନିଯୁକ୍ତି ପ୍ରତିଶ୍ରୁତି ବା ଭରସା ଏବଂ ପଦୋନ୍ନତି କ୍ଷେତ୍ରରେ କୌଣସି ଜାଲିଆତି କରାଗଲେ ଏଥିପାଇଁ ମଧ୍ୟ କଠୋର ଦଣ୍ଡ ଭୋଗିବାକୁ ପଡ଼ିବ। ଏହାବ୍ୟତୀତ ସଂଗଠିତ ଅପରାଧ, ଅପହରଣ, ଡକାୟତି, ସାଇବର ଅପରାଧ, ମାନବ ଚାଲାଣ, ଡ୍ରଗ୍ସ କାରବାର, ବେଆଇନ ଅସ୍ତ୍ରଶସ୍ତ୍ର ମହଜୁଦ କିମ୍ବା ଚାଲାଣ ଆଦି କ୍ଷେତ୍ରରେ ମଧ୍ୟ କଡ଼ା ଦଣ୍ଡ ବିଧାନ ରହିଛି। ସମାଜରେ ଭୟାବହ ସ୍ଥିତି ସୃଷ୍ଟି କରିବା ଏବଂ ଆତଙ୍କବାଦ କିମ୍ବା ଉଗ୍ରବାଦ କାର୍ଯ୍ୟ ଚଳାଇବା କ୍ଷେତ୍ରରେ ମଧ୍ୟ ନୂଆ ଆଇନରେ କଡା ଦଣ୍ଡ ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟ ସଂହିତା(ବିଏନଏସ) ବ୍ୟତୀତ ଅନ୍ୟ ଦୁଇ ନୂଆ ଆଇନ ବିଏସଏ ଏବଂ ବିଏନଏସଏସ୍‌ରେ ମଧ୍ୟ ଅପରାଧିକ କ୍ଷେତ୍ରର ବିଭିନ୍ନ ଦିଗକୁ ନେଇ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ତେବେ ଜୁନ ୩୦ ପର୍ଯ୍ୟନ୍ତ ରୁଜୁ ହୋଇଥିବା ମାମଲାଗୁଡିକର ବିଚାର ଓ ଦଣ୍ଡବିଧାନ ପୁରୁଣା ଆଇନ ଅନୁସାରେ ହେବ।

ନୂଆ ଅପରାଧିକ ଆଇନ ଲାଗୁ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ରାଜ୍ୟର ଡିଜିପିଙ୍କ ସହ ଆଭାସୀ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ ଡିଜିପିମାନଙ୍କ ସହ ଆଲୋଚନା କରିଛନ୍ତି। ନୂଆ ଆଇନ ଲାଗୁ କରାଯିବା ପରେ ଥାନା ଠାରୁ ଆରମ୍ଭ କରି ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ ପରିବର୍ତ୍ତିତ ସ୍ଥିତିରେ ଯେଉଁସବୁ ଆହ୍ୱାନ ସୃଷ୍ଟି ହେବ ତାହାକୁ କିଭଳି ପରିଚାଳନା କରାଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିବା କୁହାଯାଇଛି।

### ବରିଷ୍ଠ ଅଧିକାରୀଙ୍କ...

ଶାସନ ସଚିବ ଓ ଗୃହ ସଚିବଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନଫରେନ୍ସ ଜରିଆରେ ଏହି ନୂଆ ଆଇନ ଲାଗୁ ନେଇ ଆଲୋଚନା କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି ଯେ, ଗତ ଡ଼ିସେମ୍ବର ମାସରେ ସଂଶୋଧିତ ହୋଇଥିବା ନୂଆ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷୀ ଅଧିନିୟମକୁ ଲାଗୁ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଜୁଲାଇ ୧ ତାରିଖରୁ ନୂଆ ପୁଲିସ ଆଇନ ଲାଗୁ ହେବ। ଏଥିପାଇଁ କେନ୍ଦ୍ରୀୟ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟର ଡ଼ିଜି, ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଭାରତୀୟ ନ୍ୟାୟ ସଂହିତା ନେଇ ପ୍ରସ୍ତୁତ ରହିଛନ୍ତି ସମସ୍ତ ରାଜ୍ୟ। ବୈଠକରେ ଏହାର ତାଲିମ ପ୍ରକ୍ରିୟା କେତେ ବାଟ ଆଗେଇଛି ଓ ଲାଗୁ ପାଇଁ କିଭଳି ଅଫିସିଆଲ ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ଡିଜି ସୂଚନା ଦେଇଛନ୍ତି। ଦେଢ ଶହ ବର୍ଷର ପୁରୁଣା ବ୍ରିଟିଶ ଆଇନ ପରିବର୍ତ୍ତନ ହୋଇଛି। ଯାହାକି ଏକ ବୈପ୍ଳବିକ ପରିବର୍ତ୍ତନ। ଆଉ ପୁରୁଣା ଆଇପିସି ଓ ସିଆରପିସି ଲାଗୁ ହେବ ନାହିଁ। ସେ ନେଇ ଏଡିଜି କ୍ରାଇମବ୍ରାଞ୍ଚ ଅଧ୍ୟକ୍ଷତାରେ ତାଲିମ ଦିଆଯାଉଛି। ଏହା କାର୍ଯ୍ୟକାରୀ କରିବାକୁ ଟ୍ରେନିଂ ଆବଶ୍ୟକତା ରହିଛି। ଏନେଇ ଅଫିସରଙ୍କୁ ପର୍ଯ୍ୟାୟ କ୍ରମେ ଟ୍ରେନିଂ ଦିଆଯାଉଛି। କ୍ରାଇମ୍ କ୍ରିମିନାଲ ଟ୍ରାକିଂ ବା ସିସିଟିଏନ ଏସ୍‌ରେ ପରିବର୍ତ୍ତନ ଓ ଅପଗ୍ରେଡେସନର ଆବଶ୍ୟକତା ରହିଛି। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ସହ ଷ୍ଟେଟ କ୍ରାଇମ୍ ରେକର୍ଡ ବ୍ୟୁରୋରେ ମଧ୍ୟ ଏନେଇ ଅପଗ୍ରେଡ କରାଯାଉଛି। ନୂଆ ନିୟମ କାର୍ଯ୍ୟକାରୀ ପାଇଁ ପ୍ରାବଧାନ ରହିଛି, ଯେପରିକି ବିଭିନ୍ନ ଫର୍ମରେ ନୋଟିଫିକେସନରେ ପରିବର୍ତ୍ତନ ହେବ। ଏନେଇ ଏହାର କାର୍ଯ୍ୟକାରୀ ଓ ତଦାରଖ ପାଇଁ ରାଜ୍ୟରେ ଏକ କମିଟି ମଧ୍ୟ ଗଠନ ହୋଇଛି। ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ପର୍ଯ୍ୟାୟ କ୍ରମେ ଏହା ଉପରେ କାର୍ଯ୍ୟକାରିତା ନେଇ ଆଲୋଚନା ହେଉଛି। ଆବଶ୍ୟକୀୟ ଦିଗରେ ପଦକ୍ଷେପ ନିଆଯାଉଛି। ପୁରୁଣା ନିୟମ ଓ ନୂଆ ନିୟମ ମଧ୍ୟରେ ଅନେକ ତଫାତ ରହିଛି। ପୁରୁଣା ନିୟମରେ ଅପରାଧ ଗୁରୁତ୍ୱ ଦିଆଯାଇଥିଲା ଏବେ କିନ୍ତୁ ଅପରାଧ ସହ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ମାନବାଧିକାର, ଇନଭେଷ୍ଟିଗେସନରେ ଟେକ୍ନୋଲୋଜିର ବ୍ୟବହାର ସହ ଟ୍ରାଫିକ ସମୟରେ କିପରି ସେ ଦିଗରେ ଅଧିକ ଫୋର୍ସ ଦେଇ ହେବ ସେନେଇ ନୂଆ ଆଇନରେ ପ୍ରାବଧାନ ରହିଛି। ଯାହା ପୁରୁଣା କେସ ଟ୍ରାୟଲ ହେବ ତାହା ସେହି ପୁରୁଣା ଆଇପିସି ଓ ସିଆରପିସି ଆଧାରରେ ହେବ । ଏନେଇ ଲୋକଙ୍କୁ ଅବଗତ କରାଯିବା ସହ ସରକାରୀ ସ୍ତରରେ ସୂଚନା ଦିଆଯିବ ବୋଲି ଡିଜିପି କହିଛନ୍ତି।

### ପରଖିଲେ ସ୍ଥିତି...

ସରକାର ଗଠନ କରିବା ପରେ ରାଜ୍ୟର ଶୀର୍ଷ ଅଧିକାରୀମାନଙ୍କ ସହ ଆଜି ମୁଖ୍ୟମନ୍ତ୍ରୀ ପ୍ରଥମ ଥର ପାଇଁ ଏହି ଔପଚାରିକ ଆଲୋଚନା କରିଥିଲେ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି ଯେ ଆଜି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଏହି ଅବସରରେ ଓଡ଼ିଶାର ଜନସଂଖ୍ୟା, ଭୌଗଳିକ ସ୍ଥିତି ଠାରୁ ଆରମ୍ଭ କରି ଅର୍ଥନୀତି, ବିଭିନ୍ନ କ୍ଷେତ୍ରରେ କେତେ ବିକାଶ ହୋଇଛି ଏବଂ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ଜରୁରୀ ତାହା ଉପରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରାଯାଇଛି। ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ପ୍ରଶାସକମାନଙ୍କ ସହ ରାଜ୍ୟ ଶାସନ ସଂପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗତ ୧୨ ତାରିଖରେ ନୂଆ ସରକାରର ଶପଥ ଗ୍ରହଣ ପରେ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ସେଥିରୁ ଗୋଟିଏ ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା ବେଳେ ଅନ୍ୟ ତିନିଟି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ମାର୍ଗଦର୍ଶିକା ପ୍ରଣୟନ ପାଇଁ ପ୍ରଶାସନକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

### ଭିଡ଼ ଭିତରେ...

କରାଯାଇଥିଲା। ଆଜି ମଧ୍ୟ ବହୁ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି ନପାରି ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ଆଜି ପହିଲି ରଜ ଯୋଗୁଁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। କିନ୍ତୁ ଅବ୍ୟବସ୍ଥା ଯୋଗୁଁ ବହୁ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଆଖି ଆଗରେ ଏସବୁ ଦେଖୁଥିଲେ ମଧ୍ୟ ପୁଲିସ୍ ବାବୁ ମଧ୍ୟ ଅସହାୟ ହୋଇପଡ଼ିଥିଲେ। ଆଗାମୀ ଦିନରେ କିପରି ଭିଡ଼କୁ ନିୟନ୍ତ୍ରଣ କରିବେ, ସେନେଇ ଚିନ୍ତାରେ ଏବେ ଜିଲ୍ଲା, ମନ୍ଦିର ଏବଂ ପୁଲିସ ପ୍ରଶାସନ।

ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି ଭକ୍ତମାନେ ଶ୍ରୀମନ୍ଦିରର ଦୁଇଟି ଦ୍ୱାର ସିଂହଦ୍ୱାର ଏବଂ ପଶ୍ଚିମ ଦ୍ୱାର (କେବଳ ପୁରୀବାସୀ) ଦେଇ ଭିତରକୁ ଯାଉଥିଲେ। କୋଭିଡ୍ ସଂକ୍ରମଣ ପରଠାରୁ ଭକ୍ତଙ୍କ ଶୃଙ୍ଖଳିତ ଏବଂ ସୁରକ୍ଷିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ କିଛି କଟକଣା ଲଗାଯାଇଥିଲା। ସେଥିରେ ଏହି ପ୍ରବେଶ କଟକଣା ମଧ୍ୟ ରହିଥିଲା। କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଥିଲେ ଭକ୍ତ। ପରବର୍ତ୍ତୀ ସମୟରେ ପରିକ୍ରମା ପ୍ରକଳ୍ପ କାମ ପାଇଁ ଏହି କଟକଣା ଅବଧିକୁ ବଢ଼ାଇ ଦିଆଯାଇଥିଲା। ହେଲେ ଏହାକୁ ନେଇ ତୀବ୍ର ବିରୋଧ ହେବା ପରେ ୨୦୨୩ ଜୁଲାଇ ୨୪ ତାରିଖରେ କେବଳ ପୁରୀବାସୀଙ୍କୁ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଯିବାକୁ ଅନୁମତି ମିଳିଥିଲା ଏବଂ ଅନ୍ୟ ଭକ୍ତମାନେ ସିଂହଦ୍ୱାର ଦେଇ ଭିତରକୁ ଯାଉଥିଲେ। ଏଭଳି ବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ଅନୁମତି ଦେବା ଲାଗି ଦାବି କରି ଆସୁଥିଲେ। ଚଳିତ ନିର୍ବାଚନରେ ପ୍ରଚାରରେ ବିଜେପି ଏହାକୁ ପ୍ରସଙ୍ଗ କରିଥିଲା। ବିଜେପି ସରକାରକୁ ଆସିଲେ, ଶପଥ ନେବାର ୬ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବ ବୋଲି କହିଥିଲା। ତେବେ ପ୍ରତିଶ୍ରୁତି ମୁତାବକ, ବୁଧବାର ଶପଥ ଗ୍ରହଣ ପରେ ନୂଆ ସରକାରର ପ୍ରଥମ କ୍ୟାବିନେଟ୍ ବସି ଚାରିଦ୍ୱାର ଖୋଲିବା ଉପରେ ମୋହର ଲାଗିଥିଲା। ଏହାପରେ ଗୁରୁବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କେ.ଭି. ସିଂହଦେଓଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସେମାନଙ୍କ ଉପସ୍ଥିତିରେ ଚାରିଦ୍ୱାର ଖୋଲିଥିଲା। ଭକ୍ତମାନେ ଆନନ୍ଦରେ ଭିତରକୁ ଯାଇଥିଲେ ସତ। କିନ୍ତୁ ଭିଡ଼ ଏତେ ହୋଇଥିଲା ଯେ ପ୍ରଥମ ଦିନରେ ୩ ଜଣ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଥିଲା।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଦାୟୀ ସରକାର କ'ଣ ପାଇଁ ୨ଟି ଦ୍ୱାର ଖୋଲି ଅନ୍ୟ ୨ ଦ୍ୱାର ଖୋଲିଥିଲା? ନୂଆ ସରକାର ଏ ଦିଗରେ ତର୍ଜମା କରିଛନ୍ତି ନା ନାହିଁ? ଯଦି କରିଛନ୍ତି ତେବେ ପୂର୍ବରୁ ୨ଟି ଦ୍ୱାର ଦେଇ ଏକା ସମୟରେ ଯେତିକି ଭକ୍ତ ଆସୁଥିଲେ ଏବେ ଆଉ ଦୁଇଦ୍ୱାର ଖୋଲିଲେ ଭକ୍ତଙ୍କ ସଂଖ୍ୟା ଆହୁରି ଦୁଇଗୁଣା ହୋଇଯିବ। ତେବେ ଭିତରେ କ'ଣ ବ୍ୟବସ୍ଥା ଗ୍ରହଣ କରାଗଲେ ଏତେ ପରିମାଣରେ ଭିଡ଼ ହେବ ନାହିଁ ଏବଂ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ଏ ଦିଗରେ କେହି ଚିନ୍ତା କରିନାହାନ୍ତି। ନା ନୂଆ ସରକାର ନା ପୁରୀ ଜିଲ୍ଲା ଓ ପୁଲିସ ପ୍ରଶାସନ? ଯାହାର ଫଳସ୍ୱରୂପ ଚାରିଦ୍ୱାର ଖୋଲିବା ପରେ ଭିତରେ ସ୍ଥିତି ଅଣାୟତ୍ତ ହୋଇପଡୁଛି। ପୂର୍ବରୁ ଯେଉଁଭଳି ଦର୍ଶନ ବ୍ୟବସ୍ଥା ଥିଲା, ଏବେ ଭିତରେ ସେହିଭଳି ଚାଲିଛି।

ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଜଣେ ମହିଳା ଭକ୍ତ କହିଛନ୍ତି, ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରାୟ ୪ଘଣ୍ଟା ସମୟ ଲାଗିଗଲା। ଭିତର ଅବସ୍ଥା ବହୁତ ଜଟିଳ। ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ପରିସ୍ଥିତି ଉପୁଜୁଛି। ଶ୍ୱାସରୁଦ୍ଧ ହୋଇଯାଉଛି। ଏତେ ଜୋର୍‌ରେ ଠେଲାପେଲା ଦଳଚକଟା ଭିତରେ ପୁଲିସକୁ କେହି ମାନୁନାହାନ୍ତି। ବଳଭଦ୍ରଙ୍କୁ ଦେଖିପାରିଲୁନି। ଜଗନ୍ନାଥଙ୍କର ଗୋଟିଏ ଆଖି ଏବଂ ସୁଭଦ୍ରାଙ୍କୁ ଦର୍ଶନ କରିପାରିଲୁ। ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବାରେ ସେମିତି କିଛି ସମସ୍ୟା ନାହିଁ। ଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିରରେ ଯେପରି ବ୍ୟାରିକେଡ୍ ଲଗାଯାଇ ଧାଡ଼ି ବ୍ୟବସ୍ଥା ହୋଇଛି ସେମିତି ଜଗନ୍ନାଥଙ୍କ ଦର୍ଶନ ପାଇଁ କରାଗଲେ ଭଲ ହୁଅନ୍ତା ବୋଲି ମହିଳା କହିଛନ୍ତି। ସେହିପରି ଅନ୍ୟ ଜଣେ ଭକ୍ତ କହିଛନ୍ତି, ମୁଁ ଭୋର ସାଢ଼େ ୫ଟାରେ ଆସି ପଶ୍ଚିମ ଦ୍ୱାର ଧାଡିରେ ୨ ଘଣ୍ଟା ଛିଡା ହେଲି। ଏହାପରେ ଭିତରକୁ ଗଲି। ସାତ ପାହାଚରେ ପ୍ରବଳ ଭିଡ଼ ହୋଇଥିଲା। ଯିବାବେଳେ ହାତ ଘଷି ହୋଇ ଛିଡ଼ିଗଲା। ଭିତରେ ଦଳାଚକଟା ସ୍ଥିତି। ତେଣୁ ପ୍ରଶାସନ ଭିତରେ ମଧ୍ୟ ଶୃଙ୍ଖଳା ବ୍ୟବସ୍ଥା କରିବା ଦରକାର।

ଅନ୍ୟ ଜଣେ ଭକ୍ତ କହିଛନ୍ତି, ଚାରିଦ୍ୱାର ଦେଇ ଭକ୍ତଙ୍କୁ ଛାଡିବା ସହିତ ଭିତରେ ଦର୍ଶନ ସୁବିଧା କରିବା ଆବଶ୍ୟକ। ଯଦି ଦର୍ଶନ ସୁବିଧା ନ କରିପାରିଲେ ତେବେ ଶୃଙ୍ଖଳା କ'ଣ ରହିଲା? ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଏବଂ ପୁଲିସ ପ୍ରଶାସନ ଗୁରୁତ୍ୱ ଦେବା ଦରକାର। ମହାପ୍ରଭୁଙ୍କ ନୀତି କାନ୍ତିରେ କୌଣସି ପ୍ରକାର ବିଳମ୍ବ ହେବା କଥା ନୁହେଁ ବୋଲି ସେ ମତ ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍: ୧୯୯୩ ଅଘଟଣର ପୁନରାବୃତ୍ତି ନ ହେଉ

ଭିତରେ ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟବସ୍ଥିତ ନ କରି ଚାରିଦ୍ୱାର ଖୋଲାଯିବା ଯୋଗୁ ଶ୍ରୀମନ୍ଦିର ଭିତରେ ସ୍ଥିତି ଅଣାୟତ୍ତ ହୋଇପଡୁଛି। ଶୁକ୍ରବାର ମନ୍ଦିର ଭିତରେ ଭିଡ଼ ଏମିତି ହୋଇଥିଲା ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ଅନେକ ଭକ୍ତ। ତେବେ ଏହାକୁ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସାମାଜିକ କର୍ମୀ ଜୟନ୍ତ ଦାଶ। ସେ ନିଜେ ପ୍ରତ୍ୟକ୍ଷଦର୍ଶୀ କହି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି ଯେ ତୁରନ୍ତ ଉଚିତ୍ ପଦକ୍ଷେପ ନିଅନ୍ତୁ ନଚେତ୍ ଅଘଟଣ ଘଟିପାରେ। ୧୯୯୩ ମସିହା ନାଗାର୍ଜୁନ ବେଶ ଅଘଟଣର ପୁନରାବୃତ୍ତି ନ ହେଉ। ପ୍ରଥମେ ଭକ୍ତଙ୍କ ସୁରକ୍ଷା, ପରେ ରାଜନୀତି। ନିଜର ବାହାବା ନେବା ପାଇଁ ତରବରିଆ ଭାବେ ନିଆଯାଇଥିବା ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। କୌଣସି ଅଘଟଣ ଘଟିଲେ ସେଥିପାଇଁ ଆପଣ, ଆପଣଙ୍କ ମନ୍ତ୍ରୀମଣ୍ଡଳ, ପ୍ରଧାନମନ୍ତ୍ରୀ, ଭାରତର ଗୃହମନ୍ତ୍ରୀ ଓ ପୁରୀର ଲୋକସଭା ସାଂସଦ ଦାୟୀ ହେବେ ବୋଲି ଶ୍ରୀ ଦାଶ ଉଲ୍ଲେଖ କରିଛନ୍ତି। ଏଭଳି ସ୍ଥିତିରେ ପିଲା, ବୃଦ୍ଧଙ୍କୁ ଶ୍ରୀମନ୍ଦିର ଭିତରକୁ ନିଅନ୍ତୁ ନାହିଁ ବୋଲି ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ଦାଶ।

## ଚା' ଦୋକାନ ଉପରେ ମାଡ଼ିଗଲା ଟ୍ରକ୍; ଦୋକାନୀ ମୃତ, ୫ ଆହତ

ଧରାକୋଟ, ୧୪।୬ (ସମିସ): ଜଣଙ୍କ ପରେ ଜଣଙ୍କ ହାତକୁ ଚା' କପେ ଲେଖାଏଁ ବଢ଼ାଇ ଦେଉଥିଲା ଦୋକାନୀ। ଗରାଖ ବି ସୁଡୁକାଏ ଲେଖାଏଁ ଚା' ପିଇପିଇ ଗପର ପେଡ଼ି ଖୋଲି ଦେଇଥିଲେ। କିନ୍ତୁ ନିମିଷକ ମଧ୍ୟରେ ସବୁ ଓଲଟପାଲଟ ହୋଇଗଲା। ହସଖୁସିର ମାହୋଲ ସାଙ୍ଗେସାଙ୍ଗେ ଦୁଃଖରେ ବଦଳିଗଲା। ବଜ୍ର ପଡ଼ିବା ଭଳି ହଠାତ୍ ଗୋଟିଏ ଦ୍ରୁତଗାମୀ ଟ୍ରକ୍ ଦୋକାନ ଉପରେ ମାଡ଼ିଗଲା। ଦୋକାନୀ-ଗରାଖ ଦୌଡ଼ିବାକୁ ବି ସମୟ ପାଇଲେ ନାହିଁ। ଧରାକୋଟ ଥାନା ଅନ୍ତର୍ଗତ ବାହାଡ଼ାଗୁଡ଼ା ଛକରେ ଶୁକ୍ରବାର ସକାଳେ ଏମିତି ଏକ ଅଘଟଣ ଘଟିଛି। ଏକ ଚା' ଦୋକାନ ଉପରେ ଟ୍ରକ୍ ମାଡ଼ିଯିବାରୁ ଦୋକାନୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାହାଡାଗୁଡା ଗ୍ରାମର ମହେନ୍ଦ୍ର ବିଷୋୟୀ (୪୮)। ଆହତମାନେ ହେଲେ, କାମେଶ୍ୱର ସେଠି, ବୃନ୍ଦାବନ ସ୍ୱାଇଁ, ଲକ୍ଷ୍ମଣ ଗୌଡ଼, କାଳୁ ପ୍ରଧାନ, ମୁରଲୀ ଗୌଡ଼। ସମସ୍ତଙ୍କୁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ କାମେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଥିଲେ। ଏଥିସହ ଚାଳକ ପଶ୍ଚିମବଙ୍ଗର ବିଶ୍ୱଜିତ ଦାସକୁ ଗିରଫ କରିଥିବା ଜଣାଯାଇଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆହତମାନଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ।

### ଦୀର୍ଘ ସମୟ...

ଅନ୍ୟ ନୀତିକାନ୍ତିକୁ ମଧ୍ୟ ପ୍ରଭାବିତ କରିଥିଲା। ଫଳରେ ମଧ୍ୟାହ୍ନ ୧୨ଟାରେ ସରିଥିଲା ସକାଳ ଧୂପ। ଅପରାହ୍ନ ୨ଟା ୫ରେ ଭୋଗମଣ୍ଡପ ସରିଥିଲା। ନୀତିକାନ୍ତି ବିଳମ୍ବ ହେବାର ପ୍ରଭାବ ମଧ୍ୟ ଭକ୍ତଙ୍କ ଉପରେ ପଡ଼ିଥିଲା। ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବା ପରେର ସେମାନେ ଦର୍ଶନ ପାଇଁ ଭିତରକୁ ଯାଇଥିଲେ। ହେଲେ ଭିତରେ ଭିଡ଼ ଏମିତି ହୋଇଥିଲା ଯେ ପାଦ ପକାଇବାକୁ ଏକପ୍ରକାର ଜାଗା ନ ଥିଲା। ସାତପାହାଚ ନିକଟରେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ପୁଲିସ କର୍ମଚାରୀ ଶୃଙ୍ଖଳାରକ୍ଷା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବି ଅସହାୟ ହୋଇପଡ଼ିଥିଲେ।

### ବିସ୍ଫୋରଣରେ ହାବିଲଦାର...

ହଠାତ୍ ବିସ୍ଫୋରଣ ଘଟିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ଭୟଭୀତ କରିଦେଇଥିଲା। ଗୁରୁତର ପ୍ରଦୀପଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଣଗୁଡ଼ିକ ମଧ୍ୟରେ ବୋମା ଥିବାର ସନ୍ଦେହ କରାଯାଉଥିବା ବେଳେ ଏଡିସିପି ଅନୀଲ ମିଶ୍ର ଏହାକୁ ଖଣ୍ଡନ କରିଛନ୍ତି। ସବୁଗୁଡ଼ିକ ସୁତୁଲି ବାଣ ଥିଲା ବୋଲି କହିଛନ୍ତି।

କାଠଯୋଡ଼ି ନଦୀକୂଳରେ ବୋମା ନିଷ୍କ୍ରିୟ ବେଳେ ଏସ୍‌ଓପି ସଠିକ୍ ଭାବେ ପାଳନ କରାଯାଇଛି କି ନାହିଁ ଏବଂ କେଉଁ ପରିସ୍ଥିତିରେ ଏସବୁକୁ ନିଷ୍କ୍ରିୟ କରାଯାଉଥିଲା, ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି ଏଡିସିପି ପ୍ରକାଶ କରିଥିଲେ। ଦ୍ୱିତୀୟ ଭାଗରେ ଥିବା ଜୀବନ୍ତ ବାଣଗୁଡ଼ିକ ଏବେ ସୁଦ୍ଧା ନଦୀପଠାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଦଳ ସେଠାରେ ପହଞ୍ଚି ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

### କାମଚଳା ବାଚସ୍ପତି...

ପରେ ଶ୍ରୀ ସ୍ୱାଇଁ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସମସ୍ତ ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ତାଙ୍କୁ କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତାବ ଆସିଥିଲା। ଏହି ଆଧାରରେ ସେ ଶପଥ ନେଇଛନ୍ତି। ଆସନ୍ତା ୧୮ ଓ ୧୯ ରେ ବିଧାୟକମାନେ ଶପଥ ନେବା ପରେ ଆସନ୍ତା ୨୦ ତାରିଖରେ ବାଚସ୍ପତି ନିର୍ବାଚନ ହେବ। ଏହି ୩ ଦିନରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପାଳନ କରିବା ପାଇଁ ସେ ଚେଷ୍ଟା କରିବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ସୂଚନା ଅନୁଯାୟୀ ୨୦ ତାରିଖରେ ହେବାକୁ ଥିବା ବାଚସ୍ପତି ନିର୍ବାଚନ ପାଇଁ ୧୯ ତାରିଖ ଦିନ ନାମାଙ୍କନ ପତ୍ର ଦାଖଲ ହେବ। ବିଜେପି ନିଜର ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ବାଚସ୍ପତି ପଦରେ ଆସୀନ କରାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଧାନସଭାରେ ବିଜେପିର ୭୮ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦ ବିଜେପି ପାଖରେ ରହିବ ବୋଲି ଜଣାପଡ଼ିଛି। ବିଧାନସଭା ଓ ସଂସଦରେ ସ୍ୱଳ୍ପ ସମୟ ପାଇଁ ଗୃହ କାର୍ଯ୍ୟ ପରିଚାଳନା ପାଇଁ କାମଚଳା ବାଚସ୍ପତି ନିଯୁକ୍ତି କରାଯାଇଥାଏ। ବରିଷ୍ଠ ବିଧାୟକଙ୍କୁ କାମଚଳା ବାଚସ୍ପତି ବା ପ୍ରୋ-ଟେମ୍ ସ୍ପିକର ଭାବେ ଦାୟିତ୍ୱ ଦିଆଯାଇଥାଏ।

■ ପହିଲି ରଜରେ ମିଶ୍ରିତ ପାଗ

## ୧୭ରୁ ରାଜ୍ୟରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୪।୬(ସମିସ): ଶୁକ୍ରବାର ପହିଲି ରଜରେ ରାଜ୍ୟରେ ଦେଖିବାକୁ ମିଳିଛି ମିଶ୍ରିତ ପାଗ। ରାଜ୍ୟର କିଛି ଅଞ୍ଚଳରେ ତାପମାତ୍ରା ୪୦ ଟପିଥିବାବେଳେ ଆଉ କିଛି ଅଞ୍ଚଳରେ ପାଗ କୋହଲା ଓ ଆକାଶ ମେଘୁଆ ରହିଛି। ଏଭଳି ପାଗ ଆହୁରି ୩ ଦିନ ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅନ୍ୟପକ୍ଷରେ ଆସନ୍ତା ୧୭ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ହେବା ହେତୁ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ କହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୧୭ ତାରିଖରୁ ରାଜ୍ୟରେ ବର୍ଷା ବଢ଼ିବ। ସେହିଦିନ ନୟାଗଡ଼, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ ଆସନ୍ତା ୧୫, ୧୬ ଓ ୧୭ ତାରିଖରେ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହୋଇପାରେ। ବର୍ତ୍ତମାନ ମୌସୁମୀ ମାଲକାନଗିରି ପର୍ଯ୍ୟନ୍ତ ଆସିଛି। ଆଗାମୀ ୪ରୁ ୫ ଦିନ ଭିତରେ ମୌସୁମୀ କୋରାପୁଟ ଛୁଇଁପାରେ। ମୌସୁମୀ ପାଇଁ ବର୍ତ୍ତମାନ ସ୍ଥିତି ଅନୁକୂଳ ରହିଛି ବୋଲି ଡକ୍ଟର ମହାନ୍ତି କହିଛନ୍ତି।

ଗତ ୩୬ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି କଟକରେ ୨୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଫୁଲବାଣୀରେ ୩୦, ବୌଦ୍ଧ ୧୭, ଢେଙ୍କାନାଳ ୧୧ ଓ ଖୋର୍ଦ୍ଧାରେ ୨୦ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଶୁକ୍ରବାର ୭ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୩.୮ ଡିଗ୍ରୀ ସହ ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ବୌଦ୍ଧରେ ୪୨.୧, ଝାରସୁଗଡ଼ାରେ ୪୧.୯ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୧.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଓଲଟିଲା ପାନବୋଝେଇ ଟାଟା ଏସିଇ; ୨ମୃତ, ୧୪ ଆହତ

ଚାରିଛକ/ଗମ୍ଭାରୀପଦା, ୧୪।୬ (ସମିସ): ଶୁକ୍ରବାର ବଡ଼ି ଭୋର୍‌ରୁ ଅସ୍ତରଙ୍ଗ କେନ୍ଦ୍ରାପଟି ଅଞ୍ଚଳରୁ ନୟାହାଟକୁ ଆସୁଥିବା ପାନ ବୋଝେଇ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ଜଗନ୍ନାଥପୁର ନିକଟରେ ଓଲଟି ପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ମୃତକ ଦ୍ୱୟ କେନ୍ଦ୍ରାପଟି ଗ୍ରାମର ଶରତଚନ୍ଦ୍ର ସାହୁ(୫୮) ଏବଂ ଛତିଆନା ଗ୍ରାମର ଯୋଗେନ୍ଦ୍ର ସ୍ୱାଇଁ(୫୮)। ସେହିପରି ଆହତମାନେ ହେଲେ, ପଡ଼ାସାହି ଗ୍ରାମର ନାଥ କାଣ୍ଡି, ପ୍ରସନ୍ନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଭୋଇ, ସିଦ୍ଧେଶ୍ୱର ବିଶ୍ୱାଳ, ଛତିଆନା ଗ୍ରାମର ଅକ୍ଷୟ ବିଶ୍ୱାଳ, ଅଚ୍ୟୁତ ସ୍ୱାଇଁ, ସିଦ୍ଧେଶ୍ୱର ସ୍ୱାଇଁ, ସୁବାସ ବିଶ୍ୱାଳ, ଲକ୍ଷ୍ମଣ ବିଶ୍ୱାଳ, କୈଳାସ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଟି ଗ୍ରାମର ଅଶୋକ ପ୍ରଧାନ, ପ୍ରକାଶ ମଲ୍ଲ, ସହନ ଗ୍ରାମର ଶରତ ବେହେରା। ଆହତମାନଙ୍କୁ ପ୍ରଥମେ ଚାରିଛକ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ପୁଲିସ୍ ମୃତଦେହଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି। ମୃତାହତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।


**AFFIDAVIT**

I Subash Chandra Satpathy, S/o- Late Narayan Satapathy resident of Plot No - 50, Unit-3, Kharavela Nagar, Bhubaneswar, Pin- 751001, Dist- Khurda, Odisha, here by declare vide Affidavit No.-106, Dt. 13.06.2024, before the Executive Magistrate, Bhubaneswar that my surname mentioned as SATPATHY and SATAPATHY is one and same and pertain to same person.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, JHARANA ROUT, aged about 35 years, D/o.Sri kabiraj rout, W/o.Sri Biswajit pradhan, at present residing at paika street, jeypore, Po- Jayanagar PS- jeypore Dist- Koraput, pin-764001 Odisha Declare by this affidavit no-2613, date-12.06.2024 that now onwards I shall be known as "JHARANA PRADHAN" for all future purposes.

**AFFIDAVIT**

By an affidavit vide no. 3575, date.13.06.2024, I Vivek Sahu (previously known as Vivek Kumar Sahu), S/o- Amar Kumar Sahu of At - Padmalaya, Goutam Nagar, P.R.Peta 5 th Lane, Jeypore Dist-Koraput has change my name to Vivek Sahu. Hence forth I shall be known as **Vivek Sahu** for all purposes.

**AFFIDAVIT**

I, **Debasisi Kar**, S/o- Nirmalendu Kar, resident of At- Plot No. 336/2814, Swasti Dham, Chandi Chhaka, Kantilo, Kuha, Ps- Air Field, Bhubaneswar, Khurda, Pin-751002 Odisha, I have changed my minor daughter's name from **DEBANSHI KAR To DEBANSI KAR** for all future purposes, vide affidavit No.1022, dated- 13/06/2024, before the Notary Public, Bhubaneswar, Khordha, Odisha.

**ପୂର୍ବ ତଟ ରେଳପଥ**

**ମଲ୍ଟି ପରପଜ୍ ଷ୍ଟଲର ଇ-ନିଲାମ**

କ୍ର.ସଂ.1: ଷ୍ଟେସନ ଏବଂ ସ୍ଥାନ-ପାଲାସା (ପ୍ଲାଟଫର୍ମ-1), କ୍ର.ସଂ.2: ଷ୍ଟେସନ ଏବଂ ସ୍ଥାନ-ଡାକଡେଇ (ପ୍ଲାଟଫର୍ମ-1), କ୍ର.ସଂ.3: ଷ୍ଟେସନ ଏବଂ ସ୍ଥାନ-ସୋମ୍ପେଟା (ପ୍ଲାଟଫର୍ମ-1), କ୍ର.ସଂ.4: ଷ୍ଟେସନ ଏବଂ ସ୍ଥାନ-ହରିଚନ୍ଦନପୁର (ପ୍ଲାଟଫର୍ମ-1), କ୍ର.ସଂ.5: ଷ୍ଟେସନ ଏବଂ ସ୍ଥାନ-ଭଦ୍ରକ (ପ୍ଲାଟଫର୍ମ-1 ଏବଂ 2), କ୍ର.ସଂ.6: ଷ୍ଟେସନ ଏବଂ ସ୍ଥାନ-ଖୋର୍ଦ୍ଧା ରୋଡ୍ (ପ୍ଲାଟଫର୍ମ-4/5)।

ସଂରକ୍ଷଣ ବର୍ଗ: SMU (ଅନୁସୂଚିତ ଜାତି/ମହିଳା) (କ୍ରମ ସଂ.1 ପାଇଁ), GMU (ମହିଳା) (କ୍ରମ ସଂ.2,5 ଏବଂ 6 ପାଇଁ) ଏବଂ GMU (କ୍ରମ ସଂ.3 ଏବଂ 4 ପାଇଁ)।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.24.06.2024ରିଖ 1400 ଘଣ୍ଟିକା ଠାରୁ 1520 ଘଣ୍ଟିକା ପର୍ଯ୍ୟନ୍ତ (କ୍ରମ ସଂ.1 ଠାରୁ 6 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡରମାନଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ବ୍ୟାଙ୍କ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-207/P/24-25

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.

Please contact with details to: -
**Godrej Agrovet Limited,**
**Edara Gunasekhar - 95561 34986**
**B. Praveen Kumar - 7680098623 / 9989973108**

A-

**OFFICE OF THE SUPERINTENDING ENGINEER**
**U.K. HEAD WORKS DIVISION, KOLABNAGAR (K), PIN-764011**
**email: - seukhwdivision@gmail.com**
**QUOTATION CALL NOTICE NO. 01/2024-25 DATED: 13.06.2024**
**FOR HIRING OF PRIVATE VEHICLES**

Sealed quotations are invited from interested reputed travel agencies/tour operatores or private individuals for providing 01 no. of Diesel driven vehicle(Bolero/Tata Sumo Gold/TUV300/Ertiga ) having sitting capacity not more than ten including driver, which shall conform to the Terms & Conditions ( Annexture-II enclosed in booklet) for official use in the office of the Superintending Engineer,Upper Kolab Head Works Division,Kolabnagar, Dist.: Koraput on monthly rent basis.

1 The application form of quotation containing General Bid Information & Terms and Condition for hiring of vehicles etc will be available with the Cashier of this office & can be obtained from **18.06.2024to 29.06.2024 up to 16.30Hours** on the working days during working hours on payment of **Rs. 100/- ( One hundred)** Only per set.
2 The completed quotation in all respect should reach the undersigned on or before **29.06.2024 by 17.00 Hours**& shall be opened on the same day at **17.30 Hoursin presence of the bidders** or their authorized representative who wish to be present.
3 The authority reserves the rights to reject or all quotations without assigning any reason thereof.

(Er.Nilamani Gyanchand Behera)
Superintending Engineer
Upper Kolab Head Works Division
At/PO:Kolabnagar, Koraput(O)

OIPR-32015/11/0001/2425

E-43

**ADVERTISEMENT FOR SUPPLY OF PRINTING MATERIALS TO THE BHIMA BHOI MEDICAL COLLEGE & HOSPITAL, BALANGIR**

Sealed Tender is invited from organization/firms/Agencies for supply of Printing Materials to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.04.07.2024 up to 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from https://bbmchbalangir.nic.in, www.balangir.odisha.gov.in & www.dmetodisha.gov.in

Superintendent
Bhima Bhoi Medical College & Hospital, Balangir

OIPR-10141/11/0007/2425

Canara Bank Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ-୧, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ପୁରୀ-୧ ଶାଖା (୧୪୩୯) /** **ଋଣଗ୍ରହୀତାମାନେ: ୧) ମେସର୍ସ ରୟାଲ ଏଣ୍ଟରପ୍ରାଇଜେସ୍ ଆଣ୍ଡ୍ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ: କୋଭିରି ରୟାଲୁ, ୨) କୋଭିରି ରୟାଲୁ,** ସ୍ୱାମୀ: ୰ କୋଭିରି ପ୍ରସାଦ / **ଗ୍ୟାରେଣ୍ଟିଦାତା: ଶ୍ରୀ ମାର୍କ କୋଭିରି,** ପିତା: ୰ କୋଭିରି ପ୍ରସାଦ, ସମସ୍ତଙ୍କ ଠିକଣା- ସା: ପେଣ୍ଟକଟା ନୋଳିଆ ସାହି, ସି ଟି ରୋଡ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୦୨ | **କ) ଶ୍ରୀମତୀ କୋଭିରି ରୟାଲୁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରତୀର୍ଥ, ଖାତା ନଂ.: ୨୩୨, ପ୍ଲଟ୍ ନଂ.: ୪୦୭, କ୍ଷେତ୍ର: ଏକର୦.୦୬୪ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ପୁରୁଣା ସାବିକ ମୌଜା: ବାଲୁଖଣ୍ଡ, ସାବିକ ଖାତା ନଂ.: ୧୫୧, ସାବିକ ପ୍ଲଟ୍ ନଂ.: ୧୧୬୩, କ୍ଷେତ୍ର: ଏକର୦.୦୬୪ଡିସିମିଲି, ଥାନା: ପୁରୀ ଟାଉନ୍, ଥାନା ନଂ.: ୨୭, ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ ସହର, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପଶ୍ଚିମ: ରାସ୍ତା / **ଖ) ୨୨.୦୨.୨୦୨୪ / ଗ) ୧୧.୦୬.୨୦୨୪/ ଘ) ୨୧.୦୨.୨୦୨୪ ସୁଦ୍ଧା ଟ.୬୮,୨୧,୨୩୪.୬୩ (ଅଠଷଠି ଲକ୍ଷ ଏକୋଇଶି ହଜାର ଦୁଇ ଶହ ଚଉତିରିଶ ଟଙ୍କା ଏବଂ ତେଷଠି ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |
| **ଶୋଭରା ଶାଖା (୪୭୮୩) /** **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରମୋଦ କୁମାର ସ୍ୱାଇଁ,** ପିତା: ପରମାନନ୍ଦ ସ୍ୱାଇଁ, ସା: ଛେଳିବେରୁହାଁ, ପୋ.: ଜଳେଶ୍ୱରପଡା, ଥାନା: କାକଟପୁର, ପୁରୀ, ଓଡ଼ିଶା, **୨) ମନୋରଞ୍ଜନ ନାୟକ,** ପିତା: ବଂଶୀଧର ନାୟକ, ସା: ଦୁର୍ଗାପୁର, ପୋ.: ଶୋଭରା, ଗୋପ, ଜିଲ୍ଲା: ପୁରୀ, | **କ)** ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୮୯/୪୯, ପ୍ଲଟ୍ ନଂ.: ୧୦୭୨, କ୍ଷେତ୍ର: ଏକର୦.୦୭୦ଡିସିମିଲି, ସା: ଛେଳିବେରୁହାଁ, ପୋ.: ଜଳେଶ୍ୱରପଡା, ଥାନା: କାକଟପୁର ନଂ.: ୯୨, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପବିତ୍ର ପରିଡା, ଦକ୍ଷିଣ: ନୀଳମଣି ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: କେନାଲ / **ଖ) ୨୯.୦୨.୨୦୨୪ / ଗ) ୧୧.୦୬.୨୦୨୪/ ଘ) ଟ.୧,୧୩,୪୬୯.୧୬ (ଏକ ଲକ୍ଷ ତେର ହଜାର ଚାରି ଶହ ଅଣସ୍ତରି ଏବଂ ଷୋହଳ ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୪.୦୬.୨୦୨୪ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ପବିତ୍ର ରଜରେ... ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ଦେଉଛି କଣ୍ଢେଇ ବାହାଘର

ଦେବଗଡ଼, ୧୪।୬(ସମିସ)

ପବିତ୍ର ରଜପର୍ବ ଉପଲକ୍ଷେ ପିଠା, ପଣା ମଉଜ ମସ୍ତି ସହ ଦୋଳି ଖେଳ ତା ସହିତ ଆୟୋଜିତ ହେଉଛି କଣ୍ଢେଇ ବାହାଘର। ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଗୋଲାବନ୍ଧ ପଞ୍ଚାୟତ ଠିଆନାଳ ଗ୍ରାମରେ ଏଭଳି ନିଆରା ପରମ୍ପରା ଗତ ୧୧ବର୍ଷ ହେବ ପାଳିତ ହୋଇ ଆସୁଛି। ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ନିଆରା କଣ୍ଢେଇ ବାହାଘର ପର୍ବ ପାଳନ ପାଇଁ ସହଯୋଗ କରିଥାନ୍ତି। କଣ୍ଢେଇ ବାହାଘରରେ ବର ଓ କନ୍ୟା କଣ୍ଢେଇ ହୋଇଥିଲେ ମଧ୍ୟ ବାହାଘର ସତସତିକା। ବରଯାତ୍ରୀ ଦଳରେ ଡିଜେର ତାଳେତାଳେ ଧୂଳି ଉଡାଇ ନାଚିଥାନ୍ତି ଗ୍ରାମର ଯୁବକ ଯୁବତୀ। ବିବାହ ମଣ୍ଡପରେ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ କଣ୍ଢେଇ ବିବାହ। କନ୍ୟା ପକ୍ଷରୁ ବରପକ୍ଷଙ୍କୁ ସ୍ୱାଗତ କରାଯିବା ସହ ହଳଦୀ ପାଣିରେ ଗୋଡ଼ ଧୋଇବା ସହ ବନ୍ଦାପନା କରି ବରକୁ ବିବାହ ମଣ୍ଡପକୁ ପାଛୋଟି ନିଆଯାଇଥାଏ। ସେହିପରି କନ୍ୟା ପକ୍ଷରୁ ବରଯାତ୍ରୀଙ୍କ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ ସହ ଭୋଜିର



ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଗ୍ରାମର ପ୍ରସନ୍ନ କୁମାର ସାହୁ ବର ପିତା ଏବଂ ଲୋକନାଥ ସାହୁ କନ୍ୟା ପିତା ଭୂମିକା ତୁଲାଇଥିଲେ। ମଧ୍ୟାହ୍ନରେ ଗ୍ରାମର ଲକ୍ଷ୍ମୀ ମଣ୍ଡପ ଠାରୁ ବରଯାତ୍ରୀ ଦଳ ସାହିରେ ପହଞ୍ଚିବା ପରେ ଶଙ୍ଖ ହୁଳହୁଳି ସହ କନ୍ୟା ପକ୍ଷ ସ୍ୱାଗତ କରିବା ସହ ହଳଦୀ ପାଣିରେ ବର ପକ୍ଷଙ୍କ ଗୋଡ଼ ଧୋଇବା ସହ ବନ୍ଦାପନା କରି ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ଅନ୍ୟପକ୍ଷରେ ଖଜୁରୀ ଗଛକାଠ ଗଣ୍ଡିରେ କାଠପଟା ନିର୍ମିତ ଦୋଳିରେ ରଜଗୀତ ସହ କୁମାରୀ କନ୍ୟାଠାରୁ ବୟସ୍କ ମହିଳା ମାନେ ଦୋଳି ଖେଳି ରଜପର୍ବ ପାଳନ କରୁଥିବା ଦୃଶ୍ୟ ଗ୍ରାମାଞ୍ଚଳ ପରିବେଶରେ ଆଧୁନିକତାର ସ୍ପର୍ଶ ବିହୀନ ସରଳତା ଦଶନ୍ଧି ଧରି ଜାତି, ଧର୍ମ, ବର୍ଣ ନିର୍ବିଶେଷରେ ସମସ୍ତଙ୍କୁ ଭାଇଚାରା ଏକତାର ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇଛି କଣ୍ଢେଇ ବାହାଘର ପରମ୍ପରା।

## ଟଙ୍କା ଓ ବିଭିନ୍ନ ସାମଗ୍ରୀ ଜବତ; ଜଣେ ଗିରଫ

**ଝାରସୁଗୁଡ଼ା, ୧୪।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୁଲିସ ସଟ୍ଟା ଆଡ୍ଡାରେ ଚଢ଼ଉ କରି ଟଙ୍କା, ବିଭିନ୍ନ ସାମଗ୍ରୀ ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବେଲପାହାଡ଼ ଶ୍ରୀରାମନଗର ଅଞ୍ଚଳର ଜୟକୃଷ୍ଣ ସର୍ଭଙ୍ଗିଆ (୩୮) ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ ଟାରେ ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଏସଆଇ ଗୀତାଞ୍ଜଳି ମିର୍ଦ୍ଧା ପୁଲିସ ଦଳ ସହିତ ଥାନା ଅଞ୍ଚଳରେ ପାଟ୍ରୋଲିଂ ପାଇଁ ବାହାରିଥିଲେ। ଏହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ, ଅଭିଯୁକ୍ତ ଜୟକୃଷ୍ଣ



ବେଲପାହାଡ଼ ରେଳ ଷ୍ଟେସନପଡ଼ାରେ ସାଧାରଣ ଲୋକଙ୍କୁ ଠକି କମ୍ ଟଙ୍କା ବ୍ୟୟରେ ଅଧିକ ଟଙ୍କା ଉପାର୍ଜନ କାଟିବାକୁ କହି ବେଆଇନ ଭାବେ ସଟ୍ଟାଖେଳ ଚଳାଉଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଜୟକୃଷ୍ଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩୧୦୦ ଟଙ୍କା, ଗୋଟିଏ ସଟ୍ଟା ଚିଟ୍, ଗୋଟିଏ ସାଧା କାଗଜ, ଗୋଟିଏ ବଲ୍ ପେନ୍ ଆଦି ଜବତ କରିଥିଲା। ବେଲପାହାଡ଼ ଥାନାରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହିତ ଗିରଫ ଅଭିଯୁକ୍ତ ଜୟକୃଷ୍ଣଙ୍କୁ ଆଜି କୋର୍ଟ ଚାଲାଣ କରିଛି।

### ଦ୍ୱିତୀୟ ଦିନରେ ଠିକା ସଫେଇ କର୍ମଚାରୀଙ୍କ ଧର୍ମଘଟ

## ହାତରେ ଝାଡୁ ଧରି ସହର ସାରା ବୁଲିଲେ




**ଝାରସୁଗୁଡ଼ା, ୧୪।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର ଠିକା ସଫେଇ କର୍ମଚାରୀଙ୍କ ବର୍ଦ୍ଧିତ ଦରମା ଦାବିରେ ଚାଲିଥିବା କାର୍ଯ୍ୟବନ୍ଦ ଧର୍ମଘଟ ଶୁକ୍ରବାର୨ୟ ଦିନରେ ପହଞ୍ଚିଛି। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ନିକଟ ଅତୀତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ବର୍ଗର ଶ୍ରମିକମାନଙ୍କ ପାରିଶ୍ରମିକ ପ୍ରାପ୍ୟ ଶହେ ଟଙ୍କା ଲେଖାଏଁ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ତେବେ ସରକାରଙ୍କ ଘୋଷଣା କ୍ରମେ ବେଲପାହାଡ଼ ପୌର ଅସ୍ଥାୟୀ ଠିକା ସଫେଇ କର୍ମଚାରୀମାନଙ୍କୁ ଏଯାଏ ବର୍ଦ୍ଧିତ ଆଧାରରେ ଦରମା ପ୍ରଦାନ କରାଯାଇ ନାହିଁ। ବେଲପାହାଡ଼ ପୌର ପରିଷଦ ପକ୍ଷରୁ ମୋଟ ୮୫ ଜଣ ମହିଳା ଓ ପୁରୁଷ ଠିକା ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବେଲପାହାଡ଼ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସହରର ସମସ୍ତ ଗଳିକୁନ୍ଦିରେ ଥିବା ନାଳ ନର୍ଦ୍ଦମା, ଆବର୍ଜନା ଗଦା ସମସ୍ତ ସଫେଇ କରିବା ତଥା ସହରକୁ ସ୍ୱଚ୍ଛତା ଓ ପ୍ରଦୂଷଣ ମୁକ୍ତ ରଖିବାରେ ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେମାନେ ପୂର୍ବରୁ ଗୋଟିଏ ଦିନକ ପିଛା ୩୫୨ ଟଙ୍କା ଲେଖାଏଁ ପାରିଶ୍ରମିକ ପାଉଥିବା ବେଳେ ବର୍ତ୍ତମାନ ତାହା ବର୍ଦ୍ଧିତ ଆଧାରରେ ୪୫୦ ଟଙ୍କା ଯାଏ ଦରମା ପାଇବାକୁ ଦାବି କରିଛନ୍ତି। ଏହି ଧର୍ମଘଟରେ କର୍ମଚାରୀମାନଙ୍କ ମଧ୍ୟରେ ସମାରୁ ବେହେରା, ଶଙ୍କର ସାଗର, କ୍ରିଷ୍ଣା ମହାକୁଡ଼, ପିଛାଲୁ ଦୀପ, ପ୍ରଭାତ ସୁନା, ଅଜୟ ସାହିସ, ହିମାଂଶୁ ସୁନା, କୁମରମଣି କୁମ୍ଭାର, ଅଭିନ ମିର୍ଦ୍ଧା, ପିଣ୍ଟୁ ପାତ୍ର, ଲୁହା ସୁନା, ସୁନିତା ବେହେରା, ଦନାର୍ଦ୍ଦନ, ବେଲମତି କୁମ୍ଭାର, ଲଳିତା ନାଏକ, ଉର୍ବଶୀ ବେହେରା, ଉର୍ବଶୀ ସେନ୍ଦ୍ରିଆ, ଟିକିଲି କଲେତ, କମଳା ଘାସି, ସଙ୍ଗୀତା ସେନ୍ଦ୍ରିଆ ପ୍ରମୁଖ ସମସ୍ତ କର୍ମଚାରୀ ସାମିଲ ରହିଥିଲେ।

## ଇଭିଏମ୍ ପୁନଃ ଯାଞ୍ଚ ପାଇଁ ଦୀପାଳିଙ୍କ ଆବେଦନ

**ଝାରସୁଗୁଡ଼ା, ୧୪।୬ (ସମିସ):** ଝାରସୁଗୁଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦୀପାଳି ଦାସ ଇଭିଏମ୍ ପୁନଃ ଯାଞ୍ଚ ପାଇଁ ନିର୍ବାଚନ କମିସନଙ୍କ ନିକଟରେ ଆବେଦନ କରିଛନ୍ତି। ଚଳିତ ନିର୍ବାଚନରେ ସେ ସ୍ୱଳ୍ପ ଭୋଟ୍ ବ୍ୟବଧାନରେ ପରାଜୟ ହେବା ପରେ ଏହି ଆବେଦନ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିଟକରେ ସେ ଏହି ଆବେଦନପତ୍ର ଦାଖଲ କରିଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ଏହି ଆବେଦନପତ୍ରକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ସେଠାରୁ ଭାରତର ମୁଖ୍ୟ ନିର୍ବାଚନ କମିସନଙ୍କ ପାଖରେ ଏହି ଆବେଦନ ପଠାଯିବ। ନିର୍ଦ୍ଦେଶ ଆସିବା ପରେ ପୁନଃ ଇଭିଏମ୍ ଯାଞ୍ଚ କରାଯିବ।

ନିୟମ ଅନୁସାରେ, କେବଳ ୫ପ୍ରତିଶତ ମାନେ ୧୩ସେଟ୍ ଇଭିଏମ୍ ଓ ଭିଭିପାଟ ପୁନଃ ଯାଞ୍ଚ କରାଯିବ। ଏଥିପାଇଁ ନିର୍ବାଚନ କମିସନ୍ ଦ୍ୱାରା ସ୍ୱତନ୍ତ୍ର ଆୟୋଜନ କରାଯିବ।

ସୂଚନାଯୋଗ୍ୟ, ଜୁନ୍ ୪ ତାରିଖରେ ହୋଇଥିବା ଭୋଟ ଗଣତିରେ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ୯୧୧୦୫ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୮୯୭୭୨ ଭୋଟ ପାଇଥିଲେ। ମାତ୍ର ୧୩୩୩ ଭୋଟରେ ଦୀପାଳି ପରାଜୟ ହୋଇଥିଲେ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ମୋଟ ୨୫୭ଟି ବୁଥର ଇଭିଏମ୍‌କୁ ୧୯ଟି ରାଉଣ୍ଡରେ ଗଣତି କରାଯାଇଥିଲା। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୧୦୯ଟି ବୁଥରେ ଦୀପାଳି ଆଗୁଆ ରହିଥିବା ବେଳେ ୧୪୭ଟି ବୁଥରେ ଟଙ୍କଧର ତ୍ରିପାଠୀ ଆଗୁଆ ରହିଥିଲେ। ମାତ୍ର ଗୋଟିଏ ବୁଥରେ ଉଭୟେ ସମାନ ରହିଥିଲେ। ଯେଉଁ ଯେଉଁ ବୁଥରେ କେବେ ବିଜେଡି ହାରିବା କଥା ନୁହଁ, ସେହି ସେହି ବୁଥରେ ଦୀପାଳିଙ୍କୁ ଆଶାରୁ କମ୍ ଭୋଟ ମିଳିଛି। ଗଣତିରେ ଭୁଲ୍ କିମ୍ବା ଇଭିଏମ ତ୍ରୁଟି ରହିଥିବା ଆଶଙ୍କ କରି ଦୀପାଳି ଦାସ ଏହି ଆବେଦନ କରିଛନ୍ତି।

### କନ୍ୟାଖୋଜା ପାଇଁ ଖର୍ଚ୍ଚ ନେଇ ଛାଡ଼ି ଚାଲିଆସିଲା ପଡୋଶୀ

## ପ୍ରଶ୍ନ କରିବାରୁ ପିଟିପିଟି ଗୋଡ଼ ଭାଙ୍ଗିଦେଲେ; ୪ ଗିରଫ

**ଦେବଗଡ଼, ୧୪।୬ (ସମିସ):** କୁଣ୍ଢେଇଗୋଲା ଥାନା ଅଧୀନ ତିଳେଇପୋଷି ଗ୍ରାମରେ ଗୋଟିଏ ପରିବାରର ବାପ, ପୁଅ ଓ ମା'କୁ ମରଣାନ୍ତକ ଆକ୍ରମଣ କରି ପୁଅର ଗୋଡ଼ ଭାଙ୍ଗିବା ଅଭିଯୋଗରେ ସେହି ଗ୍ରାମର ୪ ଜଣଙ୍କୁ ଆଜି କୁଣ୍ଢେଇଗୋଳା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତିଳେଇପୋଷି ଗ୍ରାମର ଲକ୍ଷ୍ମଣ ମାହାରଙ୍କ ପୁଅ ଶୁକ୍ର ମାହାର ଗତ ୧୦ ତାରିଖ ଦିନ ନିଜ ବିବାହ ସକାଶେ କନ୍ୟାଦେଖା ପାଇଁ ସାହିର ପ୍ରମୋଦ ମାହାରଙ୍କ ବାଇକରେ ପରଙ୍ଗ ଗ୍ରାମକୁ ପଡ଼ୋଶୀ ବିଭୁତି ମାହାର ସହ ଯାଇଥିଲେ। ବାଇକ୍ ଖର୍ଚ୍ଚ ବାବଦକୁ ଶୁକ୍ର ଠାରୁ ପ୍ରମୋଦ ୨୫୦୦ ଟଙ୍କା ନେଇଥିଲା। ତେବେ ପ୍ରମୋଦ ଶୁକ୍ର ଓ ବିଭୁତିକୁ ପରଙ୍ଗ ଗ୍ରାମରେ ଛାଡି ଚାଲି ଆସିଥିଲା। ଫଳରେ ଉଭୟ ଏକ ବସ୍‌ରେ ଗାଁକୁ ଫେରିଥିଲେ। ଗ୍ରାମକୁ ଫେରିବା ପରେ ଶୁକ୍ର ପ୍ରମୋଦକୁ ବାଇକ୍ ଖର୍ଚ୍ଚ ନେଇ କାହିଁକି ଛାଡି ଚାଲି ଆସିଲୁ ବୋଲି ପଚାରିବାରୁ ସେମାନଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏହା ପରଦିନ ସନ୍ଧ୍ୟା ୬ଟା ସମୟରେ ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ ଓ ପୁଅ ଶୁକ୍ର ଚାଲିଚାଲି ଖଜୁରିଆ ସାହି ପଟକୁ ଯାଉଥିବା ସମୟରେ ପ୍ରମୋଦ ମାହାର, ମଙ୍ଗୁଲୁ ମାହାର, ସାନନ୍ଦ ମାହାର ଓ ବାସୁ ମାହାର ଚାରିଜଣ ମିଶି ବାଉଁଶ ବାଡ଼ିରେ ନିସ୍ତୁକ ପିଟିଥିଲେ। ଫଳରେ ଶୁକ୍ରର ଗୋଡ ଭାଙ୍ଗି ଯାଇଥିବାବେଳେ ଅନ୍ୟ ମାନଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ତିନି ଜଣ ଡାକ୍ତରୀ ଚିକିତ୍ସା ପରେ ଗତକାଲି ଏ ସମ୍ପର୍କରେ ଲକ୍ଷ୍ମଣ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଚାରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମିଶନ ଆଶ୍ରାରେ ରଜ ଉତ୍ସବ

**ଝାରସୁଗୁଡ଼ା, ୧୪।୬ (ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପରିଚାଳିତ ପୀପୁଲ୍ସ ଫୋରମ୍‌ର କଟାପାଲିସ୍ଥିତ ମିଶନ ଆଶ୍ରାରେ ର୍ 'ରଜ ପର୍ବ' ପାଳିତ ହୋଇଯାଇଛି। ମିଶନ ଆଶ୍ରାର ସମସ୍ତେ ଅନ୍ତେବାସୀ ମାନେ ଏହି ପର୍ବକୁ ମିଳିମିଶି ଉପୋଭୋଗ କରିଥିଲେ। ଅନ୍ତେବାସୀମାନେ ସକାଳୁ ନୂଆବସ୍ତ୍ର ପରିଧାନ କରିବା ସହିତ ମେହେନ୍ଦି, କୁକୁମ ଓ ଅଳତା ଲଗାଇ ସଜ ବାଜ ହୋଇ ବିଭିନ୍ନ ପ୍ରକାରର ପିଠା ଖାଇ ରଜ ଉତ୍ସବକୁ ଉପୋଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅନ୍ତେବାସୀ ଓ କର୍ମଚାରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପିପୁଲ୍ସ ଫୋରମର ଉପ ସଭାପତି ତଥା ପଶ୍ଚିମ ଓଡ଼ିଶାର ମୁଖ୍ୟ ସଞ୍ଜୟ କୁମାର ଜେଠୀଙ୍କ କହିବା ଅନୁଯାୟୀ ମିଶନ ଆଶ୍ରାରେ ଦୀର୍ଘ ୮ ବର୍ଷ ଧରି ଏହି ରଜପର୍ବ ପାଳିତ ହେଉଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସନନ୍ଦ ମହାରଣା, ଶିକ୍ଷାବିତ୍ ଓ ସମାଜସେବୀ କବିତା ପଣ୍ଡା, କବିୟତ୍ରୀ ଓ ଶିକ୍ଷାବିତ ମନ୍ଦାକିନୀ ଶତପଥୀ, ଝାରସୁଗୁଡ଼ାର ସ୍ୱତନ୍ତ୍ର ବିଦ୍ୟାଳୟର ସଭାପତି ବିବେକାନନ୍ଦ ମିଶ୍ର, ୟଙ୍ଗଷ୍ଟାର ଚାରିଟେବୁଲ ଟ୍ରଷ୍ଟର ଅରବିନ୍ଦ ବାରିକ, ରାଜେଶ ପାଢ଼ୀ ଓ ବିଜୟ ସିୱାଲ, ଝାରସୁଗୁଡ଼ା ଫ୍ୟାସନ ମାର୍ଟର ଅଜୟ ଗାନ୍ଧୀ, ସମାଜସେବୀ ଗୁଡ୍ଡୁ ଥାପା ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



### ଆସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସରବାହାଲ ହାଇସ୍କୁଲ



**ଝାରସୁଗୁଡ଼ା, ୧୪।୬(ସମିସ):** ଅସାମାଜିକ ଆଡ୍ଡାସ୍ଥଳୀ ପାଲାଟିଛି ସରବାହାଲ ହାଇସ୍କୁଲ ଖେଳପଡ଼ିଆ। ଏହି ଖେଳପଡ଼ିଆକୁ ପ୍ରତିଦିନ ସହର ସମେତ ଆଖପାଖ ଅଞ୍ଚଳର ଖେଳାଳି ତଥା ବରିଷ୍ଠ ନାଗରିକମାନେ ଆସି ବ୍ୟାୟାମ ସହିତ ଚାଲିବା ସହିତ ଖେଳକୁଦ କରିଥାନ୍ତି। ଗତ କିଛିବର୍ଷ ହେବ ଖେଳପଡ଼ିଆ ଚତୁଃପାର୍ଶ୍ୱରେ ଅସାମାଜିକ ଯୁବକମାନେ ମଦ ପିଉଥିବାର ପରିଲକ୍ଷିତ ହେଉଛି। ଏଥିପ୍ରତି ପ୍ରଧାନଶିକ୍ଷକ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

## ବିଶ୍ୱ ରକ୍ତଦାତା ଦିବସ ପାଳିତ

**ଦେବଗଡ଼, ୧୪।୬(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି। ଏଡିଏମ୍‌ଓ ଡା.ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିପିଏଚଓ ଗଣେଶ୍ୱର ମହାନ୍ତି, ରକ୍ତଭଣ୍ଡାର



ଅଧିକାରୀ ଡା.ଗଙ୍ଗୋତ୍ରି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦିବସ ଅବସରରେ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ସନ୍ତୋଷ ରଥ, ହିମାଂଶୁ ଶେଖର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରକ୍ତଭଣ୍ଡାରର ପିଆରଓ ମଳୟ ବେହେରା, ଏଲଟି ମୀନାକ୍ଷୀ ପ୍ରଧାନ, ଆଲୋକ ମହାପାତ୍ର, ଗୋପାଳକୃଷ୍ଣ ସାହୁ, କ୍ଷୀତିଶ ପ୍ରଧାନ, ମନୋରଞ୍ଜନ ଧଳଙ୍କ ସମତେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## ରଜ ଉତ୍ସବରେ ଯୋଗଦେଲେ ବିଧାୟକ

**ଦେବଗଡ଼, ୧୪।୬(ସମିସ ):** ଗାଁଗାଁରେ ରଜ ପର୍ବ ପାଳନ ପାଇଁ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ଗ୍ରାମବାସୀଙ୍କ ଖୁସିରେ ସାମିଲ ହୋଇଥିଲେ ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ। ଶୁକ୍ରବାର ବିଜୟନଗର ପଞ୍ଚାୟତ ଅଧୀନ ଅଁଳାପଶି, କଣ୍ଟାପାଲି ପଞ୍ଚାୟତର ଟୁସୁଳା, ଢୋଲପଡ଼ା ପଞ୍ଚାୟତ ଅନ୍ତର୍ଗତ ମାଝୀପାଲି, କଂସର, ତାଳକୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମହୁଲଦର୍ହ ଓ ବାଘବର ପଞ୍ଚାୟତ ଅନ୍ତର୍ଗତ ବରଡ଼ାନଳୀ ଗ୍ରାମରେ ରଜ ଉତ୍ସବରେ ସାମିଲ ହୋଇଥିଲେ। ଏହି



ଅବସରରେ ବିଭିନ୍ନ ଗ୍ରାମରେ ସୁସଜ୍ଜିତ ରଜ ଦୋଳି ସହ ପାରମ୍ପରିକ ପୁଚି ଖେଳ ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ କଣ୍ଢେଇ ବାହାଘର ପାଇଁ ବରଯାତ୍ରୀ ପ୍ରସ୍ତୁତି ହେଉଥିବା ଦେଖିବାକୁ ମିଳିଛି।

### ତାରଙ୍ଗ ଛକରେ 'ଆଇ ଲଭ୍ ୟୁ' ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ

ରିଆମାଳ, ୧୪।୬ (ସମିସ): ରିଆମାଳ ବ୍ଲକ ତାରଙ୍ଗ ଛକଠାରେ ଆଇ ଲଭ ୟୁ ତାରଙ୍ଗ ସେଲ୍‌ଫି ପଏଣ୍ଟ ଆଜି ରଜ ଉପଲକ୍ଷେ ଉଦ୍‌ଘାଟିତ ହୋଇଛି। ମା ପାତ୍ରାଣୀ କ୍ଲବ୍ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବ୍ ସଭାପତି ସଭାପତି ପ୍ରଣବ କୁମାର ପ୍ରଧାନ, ସମ୍ପାଦକ ନିତ୍ୟାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ୱଚ୍ଛତା କାର୍ଯ୍ୟକ୍ରମ, ସଚେତନତା ଶିବିର କରି ଆସୁଥିବା ବେଳେ ଯୁବ ବର୍ଗଙ୍କୁ ଉତ୍ସାହ ପାଇଁ ଏହି ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇ ଥିଲା।

### ଜୁଆ ଆଡ୍ଡାରେ ଚଢ଼ଉ, ୫ ଗିରଫ

**ବ୍ରଜରାଜନଗର, ୧୪।୬ (ସମିସ):** ବେଆଇନ ଜୁଆ ଖେଳ ରୋକିବାକୁ ବ୍ରଜରାଜନଗର ପୁଲିସ ତରଫରୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରଜରାଜନଗର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉକରି ଜୁଆଖେଳ ଅଭିଯୋଗରେ ପାଞ୍ଚ ଜଣଙ୍କୁ ଗିରଫ କରିବା ସହିତ ଜୁଆଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଟଙ୍କା ଜବତ କରାଯାଇଛି। ବ୍ରଜରାଜନଗର ଅଣ୍ଡାଛକଠାରେ ଚାଲୁଥିବା ବେଆଇନ ଜୁଆଖେଳ ଉପରେ ଚଢ଼ଉକରି ଦେବାଶିଷ କଲେତ(୪୫) କୁ ଗିରଫ କରିବା ସହ ୬୫୪୦ ଟଙ୍କା, ସଟ୍ଟା ବୋର୍ଡ ଓ କାଲକୁଲେଟର ଜବତ କରାଯାଇଛି। ସେହିପରି ଇଏସ୍‌ଆଇ ଛକରୁ ବିଜୁ କରାଳି (୪୨)କୁ ଗିରଫ କରାଯାଇଥିବାବେଳେ ୧୯୦୬ ଟଙ୍କା ଓ ସଟ୍ଟା କପି, ତିନି କୋଣିଆ ଛକରୁ ଶ୍ୟାମସୁନ୍ଦର ତପ ଓ ଚୁଡାମଣି ପଟେଲଙ୍କୁ ଗିରଫ କରାଯାଇ ୨୫୩୦ ଟଙ୍କା, ବସଷ୍ଟାଣ୍ଡ ରୁ ସିଲୁ ପାତ୍ର (୩୯)ଙ୍କୁ ପୁଲିସ ତରଫରୁ ଗିରଫ କରିବା ସହିତ ୨୫୫୦ ଟଙ୍କା ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏମାନଙ୍କ ମୁଖ୍ୟ କିଏ ରହିଛି, ନା ଏମାନେ ସ୍ୱତନ୍ତ୍ର ଭାବରେ ଜୁଆଖେଳୁଥିଲେ ତାକୁ ନେଇ ପୁଲିସ ତରଫରୁ ଅଧିକ ତଦନ୍ତ କରାଯାଉଛି।

## ବିମାନବନ୍ଦର ପରିଦର୍ଶନ କଲେ ଏନ୍‌ସିସି ଛାତ୍ରଛାତ୍ରୀ



**ଝାରସୁଗୁଡ଼ା, ୧୪।୬ (ସମିସ) :** ଝାରସୁଗୁଡ଼ା ଓଏସ୍‌ଏପି ଗ୍ରାଉଣ୍ଡରେ ପଶ୍ଚିମ ଓଡ଼ିଶାର ଏନସିସି କ୍ୟାମ୍ପ ଚାଲୁଥିବାବେଳେ ଏନସିସି ଛାତ୍ରଛାତ୍ରୀମାନେ ଝାରସୁଗୁଡ଼ା ବମାନବନ୍ଦର ପରିଦର୍ଶନ କରିଛନ୍ତି। ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାସ୍ତରୀୟ ଏନସିସି କ୍ୟାମ୍ପ ଚାଲୁଥିବାବେଳେ ଶୁକ୍ରବାର ସକାଳେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପରିଦର୍ଶନ କରିଛନ୍ତି ଏନ୍‌ସିସି ଛାତ୍ର ଛାତ୍ରୀ। ଝାରସୁଗୁଡ଼ା ବିମାନ ବନ୍ଦରରେ କେମିତି ବିମାନ ଚାଳାଚଳ କରେ ଓ ଏହାର ସୁରକ୍ଷା ବ୍ୟବସ୍ଥା କେମିତି କଡ଼ାକଡ଼ି କରାଯାଉଛି ସେ ସମ୍ପର୍କରେ ଏହି ଏନ୍‌ସିସି ଛାତ୍ର ଛାତ୍ରୀମାନଙ୍କୁ ସୂଚନା ଦିଆଯାଇ ଥିଲା।

### ପରିବହନରୁ ଦାଦାବଟି ଆଦାୟ

## ବାଲି, ପାଉଁଶ ପରେ କଳାହୀରା ଉପରେ ନଜର

ଝାରସୁଗୁଡ଼ା, ୧୪।୬(ସମିସ)

ଝାରସୁଗୁଡ଼ା ଜିଲ୍ଲା ମାଟିତଳେ ରହିଛି ଭରପୁର ଖଣିଜ ପଦାର୍ଥ। ଯାହାକୁ ନେଇ କେନ୍ଦ୍ରରୁ ରାଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ସରକାର ଏହି ଜିଲ୍ଲା ଉପରେ ନଜର ରଖିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କହିବାକୁ ଗଲେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ମାଟି ତଳେ କଳାହୀରା ଭରପୁର ରହିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଭିନ୍ନ କମ୍ପାନୀଙ୍କ ମାଲିକ୍ ଆଗଭର ହେଉଛନ୍ତି। କଳାହୀରା ବ୍ୟବସାୟ ଉପରେ କୋଇଲା ମାଫିଆ ଓ ଶିଳ୍ପପତି ବ୍ୟବସାୟୀ ଓ ମୁଷ୍ଟିମେୟ ଲୋକେ ସାମିଲ୍ ହେଉଥିବାର ପରିଲକ୍ଷିତ ହେଉଛି। କୋଇଲା ବ୍ୟବସାୟ ଉପରେ କମିଶନ କାରବାର ଦୀର୍ଘ ବର୍ଷ ରୁ ଚାଲିଆସୁଛ। ଜିଲ୍ଲା ରେ ରହିଛି ଏମସିଏଲ ପରିଚାଳନାଧୀନ ତିନୋଟି କୋଇଲା କ୍ଷେତ୍ର। ଲଖନପୁର କୋଇଲା କ୍ଷେତ୍ର ଅଧୀନରେ ରହିଛି ଲଖନପୁର ବେଲପାହାଡ଼ ଓ ଲିଲାରି କୋଇଲା



ଖୋଲା ମୁହଁ ଖଣି। ସେହିଭଳି ଇ-ଭାଲି କୋଇଲା କ୍ଷେତ୍ର ଅଧୀନରେ ରହିଛି ସମଲେଶ୍ୱରୀ ଓ ଲଜକୁରା କୋଇଲା କ୍ଷେତ୍ର। କୋଇଲା କ୍ଷେତ୍ର ଖୋଲା ମୁହଁ କୋଇଲା ଖଣିରେ ସ୍ଥାନୀୟ ନିଯୁକ୍ତିକୁ ଉପକ୍ଷେତିତ କରୁଥିବା ବେଳେ ରାଜ୍ୟ ବାହାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁଥିବାର ପରିଲକ୍ଷିତ ହେଉଛି। ଏଠାରେ ପ୍ରତିଦିନ ହଜାର ହଜାର ଟ୍ରକ କୋଇଲା ପରିବହନରେ ଲାଗୁଥିବାବେଳେ କମିଶନ କାରବାରରେ କୋଇଲା ପରିବହନ ହୋଇଥାଏ। ଜିଲ୍ଲାରେ ବିଭିନ୍ନ ତାପଜବିଦ୍ୟୁତ ପ୍ରକଳ୍ପରୁ ବାହାରୁ ଥିବା ପାଉଁଶ ପରିବହନରେ ମଧ୍ୟ ବ୍ୟାପକ ଅର୍ଥକାରବାର ହେଉଥିବା ଅଭିଯୋଗ ହୋଇଛି। ଏହି ବ୍ୟବସାୟରେ ମଧ୍ୟ ପିସି କାରବାରାରେ ଏହି ମୁଷ୍ଟିମେୟ ଲୋକଙ୍କ ହାତ ରହିଥିବାର ଅଭିଯୋଗ ହୋଇ ଆସୁଛି। ବେଆଇନ ବାଲି ହେଉ କି ଜଙ୍ଗଲ ଭିତରୁ ପଥର ଉତ୍ତୋଳନରେ ମଧ୍ୟ ଏହି ଲୋକଙ୍କ ହାତ ରହିଥିବାର ସୂଚନା ମିଳୁଛି। ଫଳରେ ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପ ଉପରେ ପ୍ରଶାସନ କିମ୍ବା ପୁଲିସ୍ ଅଙ୍କୁଶ ଲଗାଇବାରେ ଅସମର୍ଥ ହେଉଛି।

## ୪ଦିନ ହେଲା ମଣ୍ଡିରୁ ଧାନ ଉଠୁନି ଚାଷୀଙ୍କ ଧାରଣା



**ବିନିକା, ୧୪।୬(ସମିସ):** ଜୟ ଯବାନ ଜୟ କିସାନ ନାରା ସମ୍ପ୍ରତି ସୁବର୍ଣ୍ଣପୁର ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ବିନିକା ଏନଏସି ଅଞ୍ଚଳରେ ପ୍ରହସନ ପାଲଟିଛି। ୪ଦିନ ହେଲା ବିନିକା ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ କ୍ରୟ ହୋଇ ନ ପାରି ପଡ଼ି ରହିଛି। ଏହା ଫଳରେ ଚାଷୀ ଆଖିରୁ ନିଦ ହଜାଇ ଦେଇ ଖରା, ବର୍ଷାକୁ ସହ୍ୟ କରି ନିଜର କଷ୍ଟ ଉପାର୍ଜିତ ଧାନକୁ ଜଗି ରହିଛି। ଧାନ ନ ଉଠିବାରୁ ଶେଷରେ ଚାଷୀ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀଙ୍କ କହିବା ଅନୁଯାୟୀ ମିଲର୍ସ ଓ ପ୍ରଶାସନିକ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ହଇରାଣ ହରକତ ହେବାର ସାର ହୋଇଛି। ମିଲର୍ସ ଧାନକୁ ଅତି କମ୍ ଦରରେ ନେଉଛନ୍ତି। ଜାଣି ଶୁଣି ମଣ୍ଡିକୁ ଟ୍ରକ ପଠାଉ ନଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାଫଳରେ ମଣ୍ଡିରେ ଶତାଧିକ ଧାନ ବୋଝେଇ ଟ୍ରାକ୍ଟର ଦିନ ଦିନ ଧରି ଛିଡା ହୋଇଥିବା ଦେଖିବାକୁ ମିଳିଛି। ସରକାର କରିଥିବା ନୀତିନିୟମକୁ



ଧାରଣା ଦେବାକୁ ବାଧ ହୋଇଛି। ଶୁକ୍ରବାର ଶ୍ରୀ ଗଣେଶ କୃଷକ ସଂଗଠନ ତରଫରୁ ଶତାଧିକ ଚାଷୀ ସାମିଲ ହୋଇ ବିନିକା ମଣ୍ଡିରେ ଧାନ ତୁରନ୍ତ ଉଠାଇବା ନେଇ ଧାରଣା ଦେଇଥିଲେ; ହେଲେ ୬ଘଣ୍ଟା ବିତି ଯାଇଥିଲେ ମଧ୍ୟ ଯୋଗାଣ ବିଭାଗର କୌଣସି ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଆନ୍ଦୋଳନରତ ଉଭୟ ମିଲର୍ସ ଓ ପ୍ରଶାସନିକ ଅଧିକାରୀ ଖାତିର କରୁ ନାହାନ୍ତି। ଦୁନିଆକୁ ଆହାର ଯୋଗାଉଥିବା ଚାଷୀଙ୍କୁ ମିଲର୍ସ ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଶୋଷଣ କରୁଛନ୍ତି। ଏଣୁ ପ୍ରଶାସନ ପ୍ରତି ଚାଷୀଙ୍କ ଅସନ୍ତୋଷ ବଢୁଛି। ଯଥାଶୀଘ୍ର ମଣ୍ଡିରେ ପଡ଼ି ରହିଥିବା ଧାନ ଉଠାଇବାକୁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି।

# ଦାଦନ ଶ୍ରମିକଙ୍କ ଘର ବାହୁଡ଼ା





**ସିନାପାଲି, ୧୪।୬(ସମିସ)**

କାମ ଅନ୍ୱେଷଣରେ ଭିଟା ମାଟି ଛାଡ଼ି ରାଜ୍ୟ ବାହାରକୁ ଯାଇଥିବା ପ୍ରବାସୀ ଶ୍ରମିକମାନଙ୍କ ଘର ବାହୁଡ଼ା ପର୍ବ ଆରମ୍ଭ ହୋଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରୁ ବାହାର ରାଜ୍ୟକୁ ପେଟ ପାଟଣା ପାଇଁ ଯାଇଥିବା ଦାଦନ ଶ୍ରମିକମାନେ ହାଇଦ୍ରାବାଦ ବସରେ ପ୍ରତ୍ୟହ ଶହ ଶହ ଶ୍ରମିକ ଫେରୁଛନ୍ତି। ଏହି ଶ୍ରମିକମାନେ ଅଞ୍ଚଳର ଦଲାଲମାନଙ୍କ ଜରିଆରେ ଗତ ସେପ୍ଟେମ୍ବର/ଅକ୍ଟୋବର ମାସରେ ଯାଇଥିଲେ। ହାଡ଼ ଭଙ୍ଗା କଠିନ ପରିଶ୍ରମ କରି ନିଜ ନିଜ ଭିଟା ମାଟିକୁ ଫେରୁଛନ୍ତି।

ପ୍ରତିବର୍ଷ ଜୁନ ମାସରେ ଏମାନଙ୍କ ଘର ବାହୁଡ଼ା ହୋଇଥାଏ। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହେବାକୁ ଯାଉଛି। ଏହି ଶ୍ରମିକମାନେ ନିଜର ଚାଷ ଜମିରେ ହଳ ଆରମ୍ଭ କରି କିଛି ଦିନର ଆହାର ଯୋଗାଡ କରିବା ସହ ପରିବାର ଓ ଗାଁ ସାଙ୍ଗ ସାଥିରେ ମେଳ ହୋଇ ରହିବେ। ନିଜ ଚାଷ ଜମିରେ କରିଥିବା ଚାଷକୁ ଉପାର୍ଜିତ କରି ସାଇତି ରଖି ପୁଣି ଦାଦନ ଦଲାଲମାନଙ୍କ ହାବୁଡରେ ପଡ଼ି ପୁଣି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତି। ଶ୍ରମିକ ଦଲାଲମାନେ ଗାଁ ଗଣ୍ଡା ବୁଲି ଅଗଷ୍ଟ ମାସ ଆରମ୍ଭ ହେଉଣୁ ବଇନା (ଆଗ ତୁରା ପାଉଣା) ଦେବା ଆରମ୍ଭ ହୋଇଥାଏ। ଏହି ସମୟରେ ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଖାଇ

- **ପୁଣି ଅପେକ୍ଷା ଆର ବର୍ଷକୁ**
- **ଗୋଡ଼ାଳ ଛକରେ ଫେରନ୍ତା ଦାଦନଙ୍କ ଭିଡ଼**
- **ପ୍ରତ୍ୟହ ଫେରୁଛନ୍ତି ଶହ ଶହ ଶ୍ରମିକ**

ଥିବାରୁ ଶ୍ରମିକମାନେ ହସଖୁସିରେ ଏହା ପର୍ବ ପାଳନ ପାଇଁ ଟଙ୍କାର ଆବଶ୍ୟକ ମନେ କରି ବଇନା ନେଇ ଯିବା ପାଇଁ ବାଧ ହୋଇ ପଡନ୍ତି। ଏହି ସମୟରେ ଶ୍ରମିକମାନଙ୍କ ହାତରେ ସେତେଟା ସମ୍ବଳ ନ ଥିବାରୁ ସହଜରେ ରାଜି ହୋଇ ଯାଆନ୍ତି।

ସିନାପାଲି ବ୍ଲକ ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଅନେକ ଜାତିର ଲୋକ ବସବାସ କରନ୍ତି। ଅନେକ ଗରିବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବିକା ନିର୍ବାହ କରୁଛନ୍ତି। ଅଞ୍ଚଳରେ ଆବଶ୍ୟକ ଜଳସେଚନର ସୁବିଧା ନ ଥିବା ବେଳେ ବର୍ଷା ଜଳ ଉପରେ ନିର୍ଭର କରନ୍ତି। କିନ୍ତୁ ଆବଶ୍ୟକ ଅନୁପାତରେ ବର୍ଷା ହେଉ ନ ଥିବାରୁ ଅଞ୍ଚଳର ମରୁଡ଼ି ପରିସ୍ଥିତି ଦେଖା ଦେଇଥାଏ। ସେହିପରି ଅଞ୍ଚଳରେ କଳକାରଖାନା କିମ୍ବା ଶିଳ୍ପ ବ୍ୟବସାୟ ପ୍ରତିଷ୍ଠାନ ନ ଥିବାରୁ ସେଭଳି ରୋଜଗାର ପନ୍ଥା ମଧ୍ୟ ନାହିଁ। ଆଦିବାସୀ ଶ୍ରେଣୀର ତଥା ବଣ ପାହାଡ ଘେରା ଅଞ୍ଚଳରେ ରହୁଥିବା ସାଧାରଣ ଲୋକ ଜଙ୍ଗଲର ଲଘୁବନଜାତ ଦ୍ରବ୍ୟ ଉପରେ କିଛି ଦୁଇ ପଇସା ରୋଜଗାର ଆଶା ରଖୁଥିବା ବେଳେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦର ରେ ଦଲାଲ ହାତରେ ଟେକି ଦେଇଛନ୍ତି। ଫଳରେ ପରିବାର ପ୍ରତିପୋଷଣ କରିବା ପାଇଁ ବାଧ ହୋଇ ଦାଦନ ଯାଇଥାନ୍ତି।

ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ମନରେଗା ଯୋଜନା ପ୍ରହସନ ପାଲଟିଛି। କାମ କରିବାର ମାସ ମାସ ବିତି ଯାଉଥିଲେ ମଧ୍ୟ ପାଉଣା ମିଳୁ ନାହିଁ। ଏଣୁ ଶ୍ରମିକ ଶ୍ରେଣୀର ଲୋକ ପରିବାର ଚଳାଇବା ପାଇଁ ଦଲାଲଠାରୁ ଆଗତୁରା ଟଙ୍କା ନେଇ ଦାଦନ ଖଟିବାକୁ ବାଧ ହେଉଛି। ଏହି ଶ୍ରମିକମାନଙ୍କୁ ନେବା ପାଇଁ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟକୁ ସିଧାସଳଖ ବସ୍ ରହିଛି। ସିନାପାଲି ସହରରୁ ପ୍ରାୟ ୫ରୁ ୭ଟି ବସ୍ ରହିଛି। ଏହି ଶ୍ରମିକମାନଙ୍କୁ ଗାଇଗୋରୁ ଭଳି ଚାଲାଣ କରାଯାଉଥିବା ବେଳେ ପ୍ରଶାସନ ଜାଣି ଶୁଣି ଚୁପ୍ ହୋଇ ପଡ଼ିଥାଏ। ସିନାପାଲି ଅଞ୍ଚଳରୁ ପ୍ରତିବର୍ଷ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି। ପ୍ରଶାସନର ଅପାରଗତା ଯୋଗୁଁ ବାହାର ରାଜ୍ୟକୁ ଯାଇ ନିର୍ଯାତିତ, ନିଖୋଜ, ଶୋଷଣର ଶିକାର ହେବା ସହ ଶବ ହୋଇ ଫେରିବା ଘଟଣା ବାରମ୍ବାର ଘଟୁଛି; ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଏପରିକି ଦାଦନ ଦଲାଲଙ୍କ ନାମ ପଞ୍ଜିକୃତ ହୋଇଛି କି ନାହିଁ ତାହା ମଧ୍ୟ ପ୍ରଶାସନ ଜାଣି ପାରୁ ନାହିଁ।

## ମଣ୍ଡିରେ ଅବ୍ୟବସ୍ଥା; ଖୋଲାରେ ପଡ଼ିଛି ଧାନ

**ବୀରମହାରାଜପୁର, ୧୪।୬ (ସମିସ):** ବୀରମହାରାଜପୁର ଉପଖଣ୍ଡ ଉଫୁଲା, ବକଛେରା, ଜାଲୋଇ ମଣ୍ଡିରେ ଘୋର ଅବ୍ୟବସ୍ଥା ଦେଖା ଦେଇଛି। ବିକ୍ରି ପାଇଁ ମଣ୍ଡିକୁ ଚାଷୀ ଆଣିଥିବା ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ବର୍ଷାରେ ଧାନ ଭିଜୁଥିବା ଚାଷୀ ଅଭିଯୋଗ କରିଛନ୍ତି। ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଖମେଶ୍ୱରୀପାଲି ଗ୍ରାମର ବିଜୟ ଅଗ୍ରୱାଲ ୩୫୦ କୁଇଣ୍ଟାଲ ଧାନ ବିକିବା ପାଇଁ ଟୋକନ ପାଇଛନ୍ତି। ତେବେ ମଣ୍ଡିରେ ଜାଗା ନ ଥିବାରୁ ୨ଶହ ବସ୍ତା ମଣ୍ଡିକୁ ଆଣିଛନ୍ତି। ଅନ୍ୟପକ୍ଷରେ ମଣ୍ଡିରେ ଟଣା ଯାଇଥିବା ପାଲ ପବନରେ ସମ୍ପୂର୍ଣ୍ଣ ଭାବରେ ଉଡିଯାଇଛି। ଏଣୁ ବର୍ଷାରେ ମଣ୍ଡିରେ ଥିବା ଧାନ ଭିଜି ଯାଇଛି। ଠିକ ସେହିପରି କମ୍ବଲପୁରର ଚାଷୀ ରମେଶ ଦେହୁରୀ ୧୩୦ କୁଇଣ୍ଟାଲ, ସୁରେନ୍ଦ୍ର ଦେହୁରୀ ୧୩୫ କୁଇଣ୍ଟାଲ ଧାନ ଉଫୁଲା ମଣ୍ଡିକୁ ଆଣିଛନ୍ତି। ଏ ସବୁ ପଡ଼ିଛି। ଧାନ କୁଇଣ୍ଟାଲ ପିଛା ଦେଢ଼ କେଜି କାଟ୍ କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଲଗାତାର ୨ ଦିନ ଧରି ବର୍ଷା ଲାଗି ରହିଥିବାରୁ ଚାଷୀ କଳବଲ ହେଉଛନ୍ତି।



## ଓଡ଼ିଶୀ ନୃତ୍ୟରେ ସର୍ବଭାରତୀୟ କନିଷ୍ଠ ବୃତ୍ତି ପାଇବେ ଦିବ୍ୟାଂଶୁ, ପଲକ୍

**ବୌଦ୍ଧ, ୧୪।୬(ସମିସ):** ବୌଦ୍ଧ ପ୍ରଣାମ ନୃତ୍ୟାନୁଷ୍ଠାନର ଦୁଇ ଜଣ ଛାତ୍ର ଛାତ୍ରୀ ଦିବ୍ୟାଂଶୁ ଦଳବେହେରା ଏବଂ ପଲକ୍ କଲତା ଓଡ଼ିଶୀ





ନୃତ୍ୟର ପାରଦର୍ଶିତା ପାଇଁ ଭାରତ ସରକାରଙ୍କ ସାଂସ୍କୃତିକ ସ୍ରୋତ ଏବଂ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ତରଫରୁ ସାଂସ୍କୃତିକ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ଓଡ଼ିଶୀ ନୃତ୍ୟରେ ସର୍ବଭାରତୀୟ ସ୍ତରରେ ୩୭ ଜଣ ଏହି ବୃତ୍ତି ପାଇବାକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଦିବ୍ୟାଂଶୁ ଏବଂ ପଲକ୍ ଅନ୍ୟତମ। ଏହି ସାଂସ୍କୃତିକ ବୃତ୍ତି ତାଙ୍କ ଗୁରୁଙ୍କୁ ମଧ୍ୟ ମିଳିବ ବୋଲି ବିଭାଗ ତରଫରୁ ସୂଚନା ମିଳିଛି। କମଳାକାନ୍ତ ଦଳବେହେରା ଏବଂ ସସ୍ମିତା ନାୟକଙ୍କ ପୁତ୍ର ଦିବ୍ୟାଂଶୁ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର। ସେହିଭଳି ସ୍ୱର୍ଗତ ଦୀପକ କଲତା ଏବଂ ସଚଳା କଲତାଙ୍କ କନ୍ୟା ପଲକ୍ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ। ଉଭୟ ପ୍ରଣାମ ନୃତ୍ୟାନୁଷ୍ଠାନ ବୌଦ୍ଧରେ ୫ ବର୍ଷ ହେଲା ଗୁରୁ ପ୍ରଫେସର ଡ. ମନୋଜ ବେହେରା ଏବଂ ଗୁରୁ ପ୍ରଶାନ୍ତ ଭାଇନାଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ବୌଦ୍ଧ ଜିଲ୍ଲାରୁ ଏହି ସର୍ବ ଭାରତୀୟ ସାଂସ୍କୃତିକ ବୃତ୍ତି ପାଇବାକୁ ଯୋଗ୍ୟ ଅର୍ଜନ କରିଥିବାରୁ ପ୍ରଣାମ ନୃତ୍ୟାନୁଷ୍ଠାନର ପ୍ରତିଷ୍ଠାତା ସୁକାନ୍ତି ସିଂ, ସଭାପତି ବସନ୍ତ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ଉଭୟ ଦିବ୍ୟାଂଶୁ ଏବଂ ପଲକ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶେଷ ଭାବରେ ନୃତ୍ୟଗୁରୁ ପ୍ରଫେସର ଡ. ମନୋଜ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଶଗଡ଼ା, ୧୪।୬(ସମିସ):** ମନମୁଣ୍ଡା-ଶଗଡ଼ା ରାସ୍ତାର ବିଳାସପୁର ନିକଟରେ ଏକ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି



ଗୁରୁତର ଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲୁଣପଙ୍ଗା ଗ୍ରାମର ମାନସ ପ୍ରଧାନ। ସେ ବୌଦ୍ଧରୁ ନିଜ କାମ ସାରି ଘରକୁ ଫେରୁଥିବା ସମୟରେ ମନମୁଣ୍ଡା-ଶଗଡ଼ା ରାସ୍ତାର ବିଳାସପୁର ନିକଟରେ ଏକ ଟ୍ରାକ୍ଟର ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଆହତ ମାନସଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମାନସଙ୍କ ମୃତ୍ୟୁ ଘଟିଛି।

## ବନ୍ଧପାଲି ଗାଁର ଟେକ ରଖିଲେ ଆୟୁଷ



**ଡୁଙ୍ଗୁରିପାଲି, ୧୪।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲିର ମନୋଜ ଅଗ୍ରୱାଲ ଓ ସ୍ୱାତୀ ଅଗ୍ରୱାଲଙ୍କ ପୁଅ ଆୟୁଷ ଅଗ୍ରୱାଲ ଚଳିତ ନିଟ୍ ପରୀକ୍ଷାରେ ୭୨୦ରୁ ୭୧୫ ନମ୍ବର ରଖି ଗାଁର ଟେକ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଡୁଙ୍ଗୁରିପାଲି ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

### ନର୍ଲାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ନର୍ଦ୍ଦମା ପାଣି ଓ ଖାଲଖମାରେ ବୁଡିଛି ସହର





**ନର୍ଲା, ୧୪।୬(ସମିସ)**

ମାସ ମାସ ଧରି ସହର ରାସ୍ତାରେ ନର୍ଦ୍ଦମା ପାଣି ବୋହୁଛି। ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ନର୍ଦ୍ଦମା ପାଣି ଓ ଆବର୍ଜନା। ଖାଲଖମାରେ ଭର୍ତ୍ତି ମୁଖ୍ୟ ସଡ଼କ ଓ ବସ୍ତି। ନର୍ଦ୍ଦମା ପାଣି ଓ ଖାଲଖମା ଯୋଗୁଁ ବସ୍ତି ବାସିନ୍ଦା ସହ ପଥଚାରୀ ସମସ୍ୟାର ସମ୍ମୁଖୀନ ହେଉଥିଲେ ହେଁ କାହାରି ନିଘା ନାହିଁ। ଦୈନିକ ରାଜନେତାଙ୍କଠାରୁ ପ୍ରଶାସନିକ ଅଧିକାରୀ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ଆର୍ଶ୍ଚ୍ୟର ବିଷୟ ସେମାନଙ୍କ ନଜରକୁ ଏହା ଆସୁନାହିଁ। ବ୍ଲକ ତଥା ନିର୍ବାଚନ ମଣ୍ଡଳୀ ସଦର ମହକୁମା ବୋଲି ଦୈନିକ ଲୋକଙ୍କ ଭିଡ଼ ଅଧିକ ରହୁଛି; ହେଲେ ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ପାଇଁ କାହାରି ଚିନ୍ତା ନ ଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଏଠାରେ ବସବାସ କରୁଥିବା ଲୋକଙ୍କ ସମସ୍ୟା ବୁଝିବ କିଏ ଏହା ସାଧାରଣରେ ପ୍ରଶ୍ନ ଉଠୁଛି। ନର୍ଲା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ନାଁରେ ଗତ ପଞ୍ଚାୟତ ନିର୍ବାଚନ ସମୟରୁ କାମ ଆରମ୍ଭ ହୋଇଛି; ହେଲେ ନିର୍ବାଚନ ସରି ସାଧାରଣ ନିର୍ବାଚନ ମଧ୍ୟ ସରିଲା ସିନା କାମ ଆରମ୍ଭ ହୋଇନାହିଁ। ପ୍ରଶସ୍ତୀକରଣ ପୂର୍ବରୁ ରାସ୍ତା କଡ଼ରେ ଥିବା ଜଳଯୋଗାଣ ପାଇପ୍, ଟେଲିଫୋନ କେବୁଲ୍ ଓ ବିଦ୍ୟୁତ ସଂଯୋଗ ସମ୍ପ୍ରସାରଣ କାର୍ଯ୍ୟ ହେବା କଥା। କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ଥିବା ଏହି କାମରେ ଠିକାଦାରମାନେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ବୋଲରେ ନାହାନ୍ତି। ନିଜ ଇଚ୍ଛା ମୁତାବକ ଯେତେବେଳେ ଫୁରସତ ହେଲା କିଛି କାମ କରି ନିରବ। ଅନେକ ଥର ଦାବି ପରେ ନର୍ଲା ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତା କଡ଼ରେ ଥିବା ଜଳଯୋଗାଣ ପାଇପ୍ ଗୁଡ଼ିକର ସ୍ଥାନାନ୍ତର କାମ ଆରମ୍ଭ ହୋଇଥିଲା। ମୁଖ୍ୟ ରାସ୍ତା କଡ଼ରେ ଥିବା ପାଇପ୍ ଗୁଡ଼ିକର ସ୍ଥାନାନ୍ତର ପାଇଁ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି କରି ଗତ ପ୍ରାୟ ବର୍ଷକରୁ ଅଧିକ ହେଲା କାମ ବନ୍ଦ ରହିଛି; ଯାହା ଫଳରେ ଯାନବାହାନ ଦୁର୍ଘଟଣା ସହ ସାଧାରଣ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଲୋକସଂଖ୍ୟା ବୃଦ୍ଧି ଓ ସେହି ଅନୁପାତରେ ଗୃହ ନିର୍ମାଣ କାର୍ଯ୍ୟ ବହୁ ପରିମାଣରେ ଚାଲିଛି। ଏହା ଫଳରେ ବର୍ଷା ଜଳ ଓ ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନ୍‌ଗୁଡ଼ିକର ଜଳ ନିଷ୍କାସନର ରାସ୍ତା ଅବରୋଧ ହେଉଛି। ଆବର୍ଜନମୟ ଜଳ ସହରର ରାସ୍ତା ଉପରେ ପ୍ରବାହିତ ହେଉଛି। ସହରର ଡ୍ରେନେଜ୍ ବ୍ୟବସ୍ଥା ନ ଥିବା ଯୋଗୁଁ ରାସ୍ତା କଡ଼ରେ ଖାଲଖମାରେ ପାଣି ଜମି ରହୁଛି। ବର୍ଷ ସାରା ସହରରେ ଅସ୍ୱାସ୍ଥ୍ୟକର ପରିବେଶ ଲାଗି ରହିଛି। ବ୍ଲକ ସଦର ମହକୁମାର ସ୍ଥିତି ଦେଖିଲେ ଅନ୍ୟ ଅଞ୍ଚଳ କଥା ନ କହିବା ଭଲ ହେବ। ଗାଁ ପରିମଳ ଧୋବା ତୁଠ ପରି ବ୍ଲକ ସଦର ମହକୁମାର ଚିତ୍ର ଦେଖିଲେ ଯେ କେହି ମଧ୍ୟ ବ୍ଲକର ସ୍ଥିତି ବିଷୟରେ ଅବଗତ ହୋଇଯିବ; ହେଲେ ଏସବୁ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କ ନଜରକୁ କାହିଁକି ଆସୁନାହିଁ ତାହା ଆର୍ଶ୍ଚର୍ଯ୍ୟର ବିଷୟ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ନର୍ଲା ପଞ୍ଚାୟତର ସରପଞ୍ଚ ତନୁଜା ହରପାଲ ଏସବୁ ସମସ୍ୟାର ସମାଧାନ କରିବା ସହ ଆହୁରି ଅନେକ ଭରସା ଦେଇଥିଲେ; ହେଲେ ବର୍ତ୍ତମାନ ତାଙ୍କର ଦେଖାନାହିଁ। ନର୍ଲାର ସ୍ଥାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ବର୍ତ୍ତମାନ ବ୍ଲକ ପଞ୍ଚାୟତ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ତାଙ୍କ କହିବାନୁଯାୟୀ ଏସବୁ ପ୍ରତି ତାଙ୍କ ପାଖରେ ସମୟ ନାହିଁ। ନର୍ଲା ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହେଲେ ହିଁ ନର୍ଲାରେ ଡ୍ରେନେଜ୍ ସମସ୍ୟାର ସମାଧାନ ହେବ। ବର୍ତମାନ ପ୍ରଶ୍ନ ହେଲା ନର୍ଲା ସହର ରାସ୍ତା ପ୍ରଶସ୍ତିକରଣ କାମ କେବେ ଆରମ୍ଭ ହେବ ଓ ନର୍ଦ୍ଦମା ପାଣିରୁ ନର୍ଲାବାସୀ କେବେ ମୁକ୍ତି ପାଇବେ। ଏହାର ସମାଧାନ ପାଇଁ ନର୍ଲା ସଚେତନ ନାଗରିକଙ୍କ ସହ ନର୍ଲା ପ୍ରେସ୍ କ୍ଲବ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ନିଷ୍ପତ୍ତି ନେଇଛି।

## ଟାଉନ୍ ହଲ୍ ସମ୍ମୁଖରୁ ଗଛ କାଟିଦେଲେ



**ସୋନପୁର, ୧୪।୬ (ସମିସ):** ଗ୍ରୀଷ୍ମ ଋତୁରେ ସୋନପୁର ସହରର ତାପମାତ୍ରା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଖରାଦିନେ ତାପମାତ୍ରା କେବେ ୪୪ ଡିଗ୍ରୀ ତ କେବେ ୪୫ ଡିଗ୍ରୀ ରହିଥିଲା। ଏପରିକି ୪୬ ଡିଗ୍ରୀକୁ ବି ତାପମାତ୍ରା ବଢି ଯାଇଥିଲା। ପ୍ରବଳ ଗରମରେ ଲୋକେ ଆଉଟୁ ପାଉଟୁ ହୋଇ ଯାଇଥିଲେ। ତାତିରୁ ବଞ୍ଚିବା ପାଇଁ କେବଳ ବୃକ୍ଷ ରୋପଣ ହିଁ ଏକମାତ୍ର ମାଧ୍ୟମ ବୋଲି ହୃଦୟଙ୍ଗମ କରି କିଛି ଉଦ୍ୟମୀ ଯୁବକ ସବୁଜ ସୁବର୍ଣ୍ଣପୁର କରିବା ପାଇଁ ଅଣ୍ଟା ଭିଡିଛନ୍ତି। କିଛି ଦିନ ପୂର୍ବରୁ ସହରରେ ବ୍ୟାପକ ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପଟେ ଗଛ ଲଗାଇବା ପାଇଁ ବେସରକାରୀ ଭାବେ ଉଦ୍ୟମ ହେଉଥିବା ବେଳେ ଅନ୍ୟପକ୍ଷରେ ସରକାରୀ ସ୍ଥାନରୁ ଗଛକଟା ଯାଉଛି। ସୋନପୁର ନୂଆ ଟାଉନ୍ ହଲ୍ ସମ୍ମୁଖରୁ ଦୁଇଟି ବିରାଟକାୟ ଗଛ କଟା ଯାଇଛି। ଫାଟକର ଉଭୟ ପାର୍ଶ୍ୱରେ ଥିବା ସେରସୁଆଁ ଏବଂ ଅଶ୍ୱତ୍ଥ ଗଛ ଦ୍ୱୟକୁ କିଏ କାଟି ଦେଇଛି। ପୂର୍ବରୁ ଖରା ଦିନରେ ଏହି ରାସ୍ତା ଦେଇ ପଥିକ ମାନେ ଯାଉଥିଲେ କିମ୍ବା ଟାଉନ୍ ହଲରେ କୌଣସି କାର୍ଯ୍ୟକ୍ରମ ହେଉଥିଲେ ଖରାରୁ ବଞ୍ଚିବା ପାଇଁ ଲୋକେ ଆଶ୍ରୟ ନେଉଥିଲେ। ତେବେ କିଏ କ'ଣ ପାଇଁ ଏହି ଗଛ କାଟିଲା କାହାକୁ ଜଣା ନାହିଁ। ଗଛ କଟାକୁ ଘୋର ନିନ୍ଦା କରିଛନ୍ତି ସାମାଜିକ କର୍ମୀ ତାପସ ବେଉରିଆ। ବ୍ୟାପକ ଗଛ ଲଗାଇବା ବଦଳରେ ପୁରୁଣା ଗଛ କଟାଯିବା ନିନ୍ଦନୀୟ ଘଟଣା। ତଦନ୍ତ କରାଯାଇ ଯିଏ ଗଛ କାଟିଛି ତା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ତେବେ ପୌର ପ୍ରଶାସନ ପକ୍ଷରୁ ଗଛ କଟାଯାଇ ନାହିଁ ବୋଲି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା କହିଛନ୍ତି। କିଏ ଗଛ କାଟିଛି ସେ ଜାଣିନାହାନ୍ତି। ରାସ୍ତା ପ୍ରଶସ୍ତିକରଣ ପାଇଁ ଜାତୀୟ ରାଜପଥ ବିଭାଗ କାଟିଥାଇ ପାରେ ବୋଲି ସେ କହିଛନ୍ତି। ତେବେ ଗ୍ରୀଷ୍ମ ଋତୁରେ ଗଛ ଲଗାଇବା ବଦଳରେ କ'ଣ ଆବଶ୍ୟକତା ପଡ଼ିଲା ଯେ ଗଛ କାଟାଗଲା ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।



## ବ୍ଲକ କର୍ମଚାରୀଙ୍କଠାରୁ ଭତ୍ତା ଟଙ୍କା ଲୁଟ୍ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ସୁକିନ୍ଦା, ୧୪।୬(ସମିସ): ଗତ ଗୁରୁବାର ଦିନ ଆମ୍ବଲବାଠାରେ ଭତ୍ତା ବଣ୍ଟନ ସମୟରେ ବ୍ଲକ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗରେ ସୁକିନ୍ଦା ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗତ ଗୁରୁବାର ଦିନ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବଲବା ପଞ୍ଚାୟତରେ ମଧୁବାବୁ ଭତ୍ତା ବଣ୍ଟନ ସମୟରେ ସୁକିନ୍ଦା ବ୍ଲକ କର୍ମଚାରୀ ସୌମ୍ୟ ରଞ୍ଜନ ଘଡ଼ାଇଙ୍କଠାରୁ ଆମ୍ବଲବା ଗ୍ରାମର ଲକ୍ଷ୍ମଣ ମଲିକଙ୍କ ପତ୍ନୀ ମୁକୁତା ମଲିକ ୧୯ ହଜାର ଟଙ୍କା ଲୁଟ୍ କରିଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୁଲିସ ୨୩୧/୨୦୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ମୁକୁତାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ପାଇପ୍ ଚୋରି ଅଭିଯୋଗରେ ଜଣେ ଗିରଫ



ପାଣିକୋଇଲି, ୧୪।୬(ସମିସ): ପାଣିକୋଇଲି ପୁଲିସ ପାଇପ୍ ଚୋରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁରଠାରେ ବିଜ୍ଞାନ ଏକାଡ଼େମୀ ନାମକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟକୁ କ୍ରିଷ୍ଣା ବିଲ୍ଡର ନାମକ ଠିକା ସଂସ୍ଥା ଠିକା ନେଇଛି। ତେବେ ଗତ ମାସ ୩୧ ତାରିଖ ଦିନ ରାତି ସାଢେ ୧୧ଟା ସମୟରେ ଷଠିପୁର ଗ୍ରାମର ଜଗବନ୍ଧୁ ମହାନ୍ତିଙ୍କ ପୁଅ ମନୋଜ ଉକ୍ତ ସ୍ଥାନରୁ କିଛି ପାଇପ ଓ ରଡ୍ ଚୋରି କରୁଥିବା ସମୟରେ ପ୍ରକଳ୍ପର ସୁରକ୍ଷା କର୍ମୀ ମନୋଜକୁ ଧରିଥିଲେ। ମନୋଜ କୌଶଳ କ୍ରମେ ସେଠାରୁ ଖସି ପଳାଇ ଯାଇଥବାବେଳେ ନିଜ ମୋବାଇଲ ଫୋନ୍ ସେଠାରେ ପଡ଼ିଯାଇଥିଲା। ପରଦିନ ସକାଳୁ ସୁରକ୍ଷା କର୍ମୀ ଦାୟିତ୍ୱରେ ଥିବା ଇଂଜିନିୟର ମହେଶ ଦାସଙ୍କୁ ସୂଚନା ପ୍ରଦାନ କରିବା ପରେ ମହେଶ ନିଜ ଉପରିସ୍ଥ କର୍ମଚାରୀ ଅମ୍ରିତେଶ ମିଶ୍ରଙ୍କୁ ଖବର ଦେଇଥିଲେ। ପରେ ଅମ୍ରିତେଶ ଷଠିପୁରରେ ପହଞ୍ଚି ସମସ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏ ନେଇ ଥାନା ପକ୍ଷରୁ ୩୦୧/୨୪ରେ ଏକ ମାମଲା ଫଂଜୀକୃତ ହେବା ସହିତ ଅଭିଯୁକ୍ତ ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବାଇକ୍-ସାଇକଲ ଧକ୍କା, ୨ ଗୁରୁତର



ପାଣିକୋଇଲି, ୧୪।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟ ସର୍ଭିସ ରୋଡ୍‌ରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ୍ ଓ ସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଆରୋହୀ ଗୁରୁତର ଭାବେ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ସୂଚନା ମୁତାବକ, ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ବଡ଼ସୋଡି ଗ୍ରାମର କୁନି ବେହେରା ନାମ ଜଣେ ବୃଦ୍ଧ ସାଇକଲ ଯୋଗେ ପାଣିକୋଇଲି ବଜାରରୁ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ସିଙ୍ଗଡ଼ା ଗ୍ରାମର ଅଲେଖ ପଣ୍ଡା ବାଇକ୍‌ରେ ଆସୁଥିଲେ। ତେବେ ଶର୍ମା ଟାଙ୍କି ନିକଟ ସର୍ଭିସ ରୋଡ୍‌ରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଆରୋହୀ ତଳେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପର ସଦସ୍ୟ ପହଞ୍ଚି ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ କୁନିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ରେଫର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସାଇକଲକୁ ଜବତ କରିଛି।

## ଲୁହା ବାଡ଼ାରେ ପିଟିହୋଇ ଦୁଇ ବାଇକ୍ ଆରୋହୀ ଆହତ

ପାଣିକୋଇଲି, ୧୪।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁରଠାରେ ଥିବା ଟ୍ରକ ଟର୍ମିନାଲ ନିକଟରେ ରାସ୍ତାର ବାମ ପାର୍ଶ୍ୱରେ ଥିବା ଲୁହା ବାଡ଼ାରେ ପିଟି ହୋଇ ଦୁଇଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଜି ଅପରାହ୍ନରେ ତିନିଜଣ ଯୁବକ ଗୋଟିଏ ବାଇକ୍‌ରେ ପାଣିକୋଇଲି ଆଡ଼କୁ ଦ୍ରୁତଗତିରେ ଆସୁଥିବାବେଳେ ରାସ୍ତାର ବାମ ପାର୍ଶ୍ୱରେ ଥିବା ଲୁହା ବାଡ଼ାରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ଫଳରେ ଦୁଇ ଯୁବକ ରାସ୍ତା ଉପରେ ପଡ଼ି ଛଟପଟ ହେଉଥିବାବେଳେ ଅନ୍ୟ ଜଣେ ଯୁବକ ଘଟଣାସ୍ଥଳରୁ ବାଇକ୍ ଧରି ଚମ୍ପଟ ମାରିଥିଲେ। ଉକ୍ତ ବାଇକ ପଛରେ ଆସୁଥିବା ଅନ୍ୟ ବାଇକ ଆରୋହୀ ଦୁଇ ଯୁବକଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ଦୁର୍ଘଟଣାରେ ଆହତ ଗୋ-ମାତା ଉଦ୍ଧାର

ପାଣିକୋଇଲି, ୧୪।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ଗାଡ଼ି ଧକ୍କାରେ ଆହତ ହୋଇଥିବା ଏକ ଗୋମାତାକୁ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପର ସଦସ୍ୟ ମେଘନାଦ ଜେନା ଓ ବିନାୟକ ବେହେରା ପହଞ୍ଚି ଉଦ୍ଧାର କରି ପଶୁ ଡାକ୍ତରଙ୍କୁ ଡାକି ସେବା ଯୋଗାଇଛନ୍ତି। ଗ୍ରୁପର ସ୍ୱେଚ୍ଛାସେବୀଙ୍କ ଏଭଳି ମାନବୀୟ କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି।

**ଆଜି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଶ୍ରାଦ୍ଧବାର୍ଷିକୀ**

# କାବ୍ୟ ସାହିତ୍ୟର ମୂକସାକ୍ଷୀ କରମଙ୍ଗା ଗଛ ଅବହେଳିତ

ବରୀ, ୧୪।୬(ସମିସ)





ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ସାହିତ୍ୟିକଙ୍କ ମଧ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଅନ୍ୟତମ। ତାଙ୍କର ଅନେକ କାଳଜୟୀ ସାହିତ୍ୟ କୃତୀକୁ ନେଇ ଅନେକ ଗବେଷକ ଗବେଷଣା ଜାରି ରଖିଛନ୍ତି। ଆଜକୁ ଦୀର୍ଘ ୨୬୪ ବର୍ଷ ତଳେ ଯେଉଁଠି ବସି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସଂହାରଙ୍କ ନିଜର କାଳଜୟୀ ରଚନା କରିଥିଲେ, ସେହି ଅଞ୍ଚଳ ଆଜି ଅବହେଳିତ ହୋଇପଡ଼ିଛି। ରାଜ୍ୟ ସରକାର ଆଜକୁ ୧୭ ବର୍ଷ ହେଲା ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଥିବାବେଳେ ଏ ପର୍ଯ୍ୟନ୍ତ ତାହାର କୌଣସ ବିକାଶ ହୋଇପାରିନାହିଁ। ଯଦିଓ ଆଜି ସେହି କରମଙ୍ଗା ଗଛ ବଞ୍ଚିଛି, କିନ୍ତୁ ଏହାର ରକ୍ଷଣାବେକ୍ଷଣ ନ ହେଲେ କୌଣସି ମୁହୂର୍ତ୍ତରେ ଏହା ମରିଯିବାର ଆଶଙ୍କା ମଧ୍ୟ ରହିଛି।

ଦୀର୍ଘ ୩ ଶହ ବର୍ଷ ତଳର ଇତିହାସ। ମାତ୍ର ୯ ବର୍ଷ ବୟସରେ ଆଜିର ପିଲା ତା'ର ଧୂଳିଖେଳ ଛାଡ଼ି ନ ଥିବାବେଳେ ଅଭିମନ୍ୟୁ ସାମନ୍ତସିଂହାର ତାଙ୍କ ଜୀବନର ପ୍ରଥମ କବିତା ଚରନା କରିଥିଲେ। ଏହା ଯେତିକି ରୋମାଞ୍ଚକର, ସେତିକି ବିସ୍ମୟ। ସେଦିନର ସେହି କରମଙ୍ଗା ଗଛ ଆଜି ବି ବାଲିଆ ଉଆସଠାରେ ସଦର୍ପେ ଦଣ୍ଡାୟମାନ। ଇତିମଧ୍ୟରେ ଦୀର୍ଘ ୨୬୪ ବର୍ଷରୁ ଅଧିକ କାଳ ଅତିକ୍ରାନ୍ତ କରିଯାଇଥିଲେ ବି କେତେ ବାତ୍ୟା ମହାବାତ୍ୟାକୁ ସାମ୍ନା କରି ଏବେ ମଧ୍ୟ ସେଦିନର କବି ସ୍ମୃତିକୁ ରୋମନ୍ଥିତ କରୁଛି। ଅତଏବ ସେହି ମହାସ୍ମୃତିକୁ ରକ୍ଷା କରିବାକୁ ସରକାରୀ ସ୍ତରରେ ଅବଧି କେହି ବି ସାମାନ୍ୟ ପ୍ରଚେଷ୍ଟା କରି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଜମିଦାରି ସମୟରେ ବାଲିଆ ରାଜ ଉଆସରେ କେତେ ଯେ ପ୍ରଜା ପାଟକ ଖଟଣୀ ଖଟୁଥା'ନ୍ତି ତାହାର ହିସାବ ନାହିଁ। ସେତେବେଳେ ବାଲିଆ ଉଆସର ଢିଙ୍କି ଶାଳରେ ୨୮ ଖଣ୍ଡ ଢିଙ୍କି ପଡ଼ିଥାଏ। ଧାନ କୁଟୁଣିମାନେ ସଙ୍ଗୀତ ଗାନ କରି ସମସ୍ୱରରେ ହୁଁ ଶବ୍ଦ ଉଚ୍ଚାରଣ କରି ଧାନ କୁଟୁଥିଲେ। ଧାନ କୁଟୁଣିଙ୍କ ହୁଁ ଶବ୍ଦ କବିଙ୍କ ରସଶିକ୍ତ ହୃଦୟରେ ଆଲୋଡନ ସୃଷ୍ଟିକଲା। କବି ତାଙ୍କର ବାଲ୍ୟ ସାଥି ଅମ୍ବିକା ନାମ୍ନୀ କନ୍ୟାକୁ ସାଥିରେ ଧରି କହିଲେ, ଅମ୍ବିକେ ମୁଁ ଯାହା ଗାଇବି ତମେ ହୁଁ ବୋଲି କହିବ। ସେତେବେଳକୁ କବିଙ୍କୁ ବୟସ ମାତ୍ର ୯ ବର୍ଷ। କବି ବାଲିଆ ଉଆସରେ ଏବେ ମଧ୍ୟ ବିଦ୍ୟମାନ ଥିବା କରମଙ୍ଗା ଗଛ ମୂଳରେ ବସି ତାଙ୍କ ଜୀବନର ପ୍ରଥମ କବିତା ରଚନା କଲେ....

**'କରମଙ୍ଗା ଗଛ ଛାଇ ଗୋ ମୋର ହୁଁ ଗୋ
କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି
ଗୋ ମୋର ହୁଁ ଗୋ'।**

କିନ୍ତୁ କବିଙ୍କର ମାତ୍ର ୪୭ ବର୍ଷ ବୟସରେ ମହାପ୍ରୟାଣ ହୋଇଥିଲା। ୧୮୦୬ ମସିହା ପବିତ୍ର ରଜ ସଂକ୍ରାନ୍ତି ଦିନ ତାଙ୍କର ମହାପରାୟଣ ହୋଇଥିଲା। ଯେଉଁ ବିଗଗ୍ଧ କବିଙ୍କ ଓଡ଼ିଆ ସାହିତ୍ୟକୁ ଥିବା ଅବଦାନକୁ ପ୍ରତ୍ୟେକ ଓଡ଼ିଆ ମନେ ପକାଉଛନ୍ତି। ସେହି କବିଙ୍କ ସ୍ମୃତି ରକ୍ଷା କରିବା ପାଇଁ ସରକାର ଆଗେଇ ଆସିବାକୁ ଦାବି ହେଉଛି।

## ଆଜି ବିଦଗ୍ଧ କବିଙ୍କ ପୁଣ୍ୟତିଥି ଓ ବିଦଗ୍ଧା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ

ବରୀ, ୧୪।୬(ସମିସ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୧୮ ତମ ପୂଣ୍ୟତିଥି ଓ ବିଦଗ୍ଧା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବର ଦ୍ୱିତୀୟ ପର୍ବ ଆସନ୍ତାକାଲି ରଜ ସଂକ୍ରାନ୍ତିରେ ମହାସମାରୋହରେ କବିଙ୍କ ଜନ୍ମପୀଠ ବାଲିଆ କଲେଜ ନିକଟସ୍ଥ ଜୟନ୍ତୀ ମଣ୍ଡପରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ଉତ୍ସବରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବେ। ଓଡ଼ିଶାର ବରେଣ୍ୟ ବାଗ୍ମୀ ତଥା ବିଶିଷ୍ଟ ଅଭିମନ୍ୟୁ ସାହିତ୍ୟ ଗବେଷକ ଡକ୍ଟର ଅଭିମନ୍ୟୁ ବରାଳ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବାଗ୍ମୀ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ନାରାୟଣ ବେହେରା ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ଉତ୍ସବ ଅବସରରେ ଦିବା ୨ ଘଟିକାରୁ ପାରମ୍ପରିକ ରଜ ପରି ପ୍ରତିଯୋଗିତା ଆରମ୍ଭ ହେବ। ସନ୍ଧ୍ୟାଳ ୫ ଘଟିକା ସମୟରେ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା, ସନ୍ଧ୍ୟା ୬ ଘଟିକାରେ ସାରସ୍ୱତ ସଭା ଓ ବିଧାୟକଙ୍କ ସମେତ ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗୀ କମଳାକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା ପୌରୋହିତ୍ୟ କରିବେ। ରାତ୍ର ୮ ଘଟିକା ସମୟେର ଭୁବନେଶ୍ୱରସ୍ଥ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଆକର୍ଷଣୀୟ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିବାକୁ ବିଦଗ୍ଧା ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।




## ସୁକିନ୍ଦା ଓ ଦାନଗଡ଼ିରେ ରଜ ମହୋତ୍ସବ

ଦାନଗଡ଼ି/ସୁକିନ୍ଦା, ୧୪।୬(ସମିସ): ଯାଜପୁର ଜିଲ୍ଲା ଦାନଗଦି ଓ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟି, ତ୍ରିଜଙ୍ଗା ଓ ସନସାଇଲୋ ପଞ୍ଚାୟତରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ 'ରଜ ମହୋତ୍ସବ' ପାଳିତ ହୋଇଯାଇଛି। ଏକତା, ଆନନ୍ଦ ଓ ସାଂସ୍କୃତିକ ଗୌରବର ଭାବନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ବାଳିକାଙ୍କ ସମେତ ୯୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ। ୩ଟି ପଞ୍ଚାୟତର ୪ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ 'ରଜ ମହୋତ୍ସବ'ର ମର୍ଯ୍ୟାଦାକୁ ଦର୍ଶାଯାଇଥିଲା ଓ ଋତୁସ୍ରାବ ସମ୍ପର୍କିତ କୁଇଜ୍, ରୋଷେଇ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଓ ନୃତ୍ୟ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଖଣି ଅଞ୍ଚଳରେ ରଜ ପର୍ବ ପାଳିତ

କାଳିଆପାଣି, ୧୪।୬(ସମିସ)

ରଜ ଓଡ଼ିଶାର ଏକ ଗଣପର୍ବ। ଜାତି, ଧର୍ମ ନିର୍ବିଶେଷରେ ଓଡ଼ିଶାର କୋଣ ଅନୁକୋଣରେ ରଜ ପର୍ବ ଅତି ଧୂମଧାମରେ ପାଳନ କରାଯାଉଛି। ଦୀର୍ଘ ତିନିଦିନ ଧରି ଚାଲିବାକୁ ଥିବା ଏହି ଗଣପର୍ବର ଆଜି ଥିଲା ପ୍ରଥମ ଦିନ ଅର୍ଥାତ ପହିଲି ରଜ। ଓଡ଼ିଶାରେ ରଜପର୍ବକୁ ସାଧାରଣତଃ ରଜ ଦୋଳି ଖେଳର ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ। ଏ ପରିପ୍ରେକ୍ଷୀରେ ଆଜି କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରେ ରଜ ଦୋଳି ଖେଳର ବ୍ୟବସ୍ଥା କରାଯାଇଥିଲା। ଟାଟା କମ୍ପାନୀ ପକ୍ଷରୁ ଆଜି କାଳିଆପାଣି ପଞ୍ଚାୟତର କାଳିଆପାଣି ଗ୍ରାମର ଆମ୍ବତୋଟା ଓ ଚିଙ୍ଗୁଡ଼ିପାଳ ଗ୍ରାମରେ ରଜ ସ୍ପେଶାଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମର ଝିଅ ବୋହୂଙ୍କ ମଧ୍ୟରେ ଖେଳକୁଦ, ରାଜପିଠା ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯାଇଥିଲା। ସେହିପରି କଂସ ପଞ୍ଚାୟତର ସୁକୁରୁଙ୍ଗୀ ଗାଁ ଆମ୍ବତୋଟାରେ ରଙ୍ଗାରଙ୍ଗ ଦୋଳି ଖେଳ ଓ ରଜ ଦୋଳି ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଠାରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଭୀଷଣ ଗୁଳୁଗୁଳି ସତ୍ତ୍ୱେ ଝିଅବୋହୂ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ନିଆରା ଢଙ୍ଗରେ ରଜ ପାଳିଲା ସହିଦ ଭଗତ ସିଂ ଯୁବକ ସଂଘ

ବ୍ୟାସନଗର, ୧୪।୬(ସମିସ)

ଯାଜପୁର ଜିଲ୍ଲା ବ୍ୟାସନଗର ସହରର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସହିଦ ଭଗତ ସିଂ ଯୁବକ ସଂଘର ସଦସ୍ୟ ଶୁକ୍ରବାର ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରିଛନ୍ତି। ଓଡ଼ିଆଙ୍କର ଗଣପର୍ବ ପହିଲି ରଜରେ ସମସ୍ତେ ନୂତନ ପୋଷାକ ପରିଧାନ କରି ରଜ ପୋଡ଼ ପିଠା, ରଜ ପାନ ଖାଇ ଖୁସି ମନାଉଥିବାବେଳେ ଯାଜପୁର ଜିଲ୍ଲାର ଅନ୍ୟତମ ସୁନାମଧନ୍ୟ ସାମାଜିକ ସଂଗଠନ ସହିଦ୍ ଭଗତ ସିଂ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ସଂଘର ସଭ୍ୟ ବ୍ୟାସନଗର ସହରର ବିଭିନ୍ନ ଛକ ବଜାରରେ ନିରାଶ୍ରୟ ହୋଇ ବୁଲୁଥିବା ମସ୍ତିଷ୍କ ବିକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସାମାଜିକ ଭାବେ ସମାଜରେ ବଞ୍ଚିବା ନିମନ୍ତେ ରାହା ଦେଖାଇବା ସହିତ ସେମାନଙ୍କୁ ବୁଝାଇ ସୁଝାଇ ଅବ୍ୟବସ୍ଥିତ ଭାବେ ଥିବା ଚୁଟି କାଟି, ଲଣ୍ଡା କରି ସ୍ନାନ କରି ପରିଷ୍କାର କରିବା ସହିତ ରଜ ଅବସରରେ ନୂତନ ବସ୍ତ୍ର ଓ ଜୋତା ପରିଧାନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ହେମନ୍ତ ଧୀର, ସହସମ୍ପାଦକ ଅକ୍ଷୟକୁମାର ନାୟକ, ସଭ୍ୟ ହେମନ୍ତ କୁମାର ନାୟକ, ନଣ୍ଡା ସାମଲ, ପ୍ରମୋଦ ମଲିକ, ରାମଚନ୍ଦ୍ର ବାରିକ, ଶଶାଙ୍କ ବ୍ରହ୍ମ, ତପନ ବାରିକ ମନୀନ୍ଦ୍ର ମଲିକି, ରାଜୁ ବାରିକ ପ୍ରମୁଖ ଉପସ୍ଥିତ ରହି ଏଭଳି ମହତ କାର୍ଯ୍ୟରେ ସହଯୋଗ କରିଥିଲେ। ସଂଘର ଏଭଳି ନିଆରା କାର୍ଯ୍ୟକ୍ରମ ସମ୍ପର୍କରେ ସଭାପତି ରାଜେନ୍ଦ୍ର ବିଶ୍ୱାସ କହିଥିଲେ, ରଜରେ ଆମେ ପରିବାର ସହିତ ଖୁସି ମନାଉଥିବାବେଳେ ଏହି ନିରାଶ୍ରୟ ଲୋକମାନେ ଭାଗ୍ୟକୁ ଆଦରି ସହରର ବିଭିନ୍ନ ଛକରେ ପଡ଼ି ରହିଥା'ନ୍ତି। ତେଣୁ ସେମାନଙ୍କ ନିମନ୍ତେ ଏପରି ନିଆରା କାର୍ଯ୍ୟକ୍ରମ କରି ଆମେ ଆମର ସାମାଜିକ କର୍ତ୍ତବ୍ୟ କରୁଛୁ।



# ଗଣପର୍ବ ରଜ ପାଇଁ ବିଂଝାରପୁରରେ ବିଭିନ୍ନ ପ୍ରତିଯୋଗିତା

ବିଂଝାରପୁର, ୧୪।୬ (ସମିସ)







ଗଣପର୍ବ ରଜ ପାଇଁ ଆଜି ଉତ୍ସବ ମୁଖର ହୋଇଉଠିଛି ଗାଁରୁ ପଲ୍ଲୀ। ବିଶେଷକରି ରଜପର୍ବ କୁମାରୀମାନଙ୍କ ପର୍ବ ଭାବେ ପାଳିତ ହୋଇଥାଏ। ସାରା ରାଜ୍ୟରେ ଏହି ପର୍ବ ୩ ଦିନ ଧରି ପାଳନ ହୋଇଥାଏ। ବିଂଝାରପୁର ଅଞ୍ଚଳରେ ଏହି ପର୍ବ ଧୂମ୍‌ଧାମରେ ପାଳନ କରାଯାଏ। କୁମାରୀ ଓ ମହିଳାମାନେ ପ୍ରଥମ ରଜ ଦିନଠାରୁ ପାଦରେ ଅଳତା ହାତରେ ମେହେନ୍ଦି ଲଗାଇ ନବବସ୍ତ୍ର ଓ ଅଳଙ୍କାର ପରିଧାନ କରି ଗ୍ରାମ ବୁଲିବା ସହ ଦୋଳି ଖେଳରେ ମାତିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ପୁରୁଷ ଓ ଯୁବକମାନେ ରଜରେ ନୂତନ ବସ୍ତ୍ର ପରିଧାନ କରି ରଜ ପାନ ଖାଇ ଖୋଲା ପଡ଼ିଆରେ କବାଡି ଖେଳରେ ମାତିଛନ୍ତି। ଏହି କ୍ରମରେ ବିଂଝାରପୁର ଅଞ୍ଚଳର ମାଁସଡା ଗ୍ରାମରେ ରଜର କବାଡି ଖେଳ ପରମ୍ପରାକୁ ବଜାୟ ରଖିଛନ୍ତି ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ରଞ୍ଜନ କୁମାର ଜେନା।

ପ୍ରତିବର୍ଷ ଭଳି ଚଳିତ ବର୍ଷ ଗୁମ୍ଫା ଛକ ନିକଟରେ କବାଡି ପ୍ରତିଯୋଗିତା ଆୟୋଜନ କରିଛନ୍ତି ରଞ୍ଜନ କୁମାର ଜେନା। ଏହି ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ତାଉଁତରା, ଚିକଣା, କଣ୍ଟାବଣିଆ, ମାଁସଡା ପଞ୍ଚାୟତର ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ରଞ୍ଜନ ମିଶ୍ର ଓ ଶମ୍ଭୁନାଥ ଦାସ ପରିଚାଳନା କରିଥିବାବେଳେ ମଦନ ମୋହନ ଦାସ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଉକ୍ତ ଆୟୋଜିତ ପ୍ରତିଯୋଗିତାରେ ତାଉଁତରା ଦଳ ବିଜୟ ଲାଭ କରିଥିବାବେଳେ କଣ୍ଟାବଣିଆ ଦଳ ରନର୍ସଅପ୍ ଟ୍ରଫି ହାସଲ କରିଥିଲା। ମାଁସଡା ପଞ୍ଚାୟତ ସରପଞ୍ଚ କଳିକା ଦାସ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ମଇଁନ୍ଦା-ଅରେଇ ରାସ୍ତା ମଧ୍ୟରେ ଅବସ୍ଥିତ ତପସ୍ୱିନୀ ଡ୍ୟାନ୍ସ ଗ୍ରୁପ୍ ପ୍ରତିଷ୍ଠାତା ତପିନୀ ମଲ୍ଲିକଙ୍କ ଦ୍ୱାରା କାର୍ଯ୍ୟାଳୟ ପରିସରରେ ପ୍ରଥମ ରଜ ଅବସରରେ ମେହେନ୍ଦି, ପୁଚି, ନୃତ୍ୟ, ଗୀତ, ପାନ ଭଙ୍ଗା, ଚିତ୍ରାଙ୍କନ, ମ୍ୟୁଜିକ୍‌ଚେୟାର ସହ ପିଠା ଓ ମିଠା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

## ହାତୀବାରୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ସୁକିନ୍ଦା, ୧୪।୬(ସମିସ)

ଶୁକ୍ରବାର ପବିତ୍ର ରଜପର୍ବ ଅବସରରେ ହାତୀବାରୀ ହାଇସ୍କୁଲ୍‌ରା ୧୯୯୧ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାରିବାରିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ହାତୀବାରୀ ନିକଟସ୍ଥ ନାଳିଆଝରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜ ପରିବାର ସହ ଯୋଗଦେଇଥିଲେ। ଦୀର୍ଘ ୩୩ ବର୍ଷ ପରେ ସାଙ୍ଗମାନେ ପରସ୍ପରକୁ ଦେଖି ବହୁତ ଆନନ୍ଦିତ ହୋଇଥିଲେ। ସେମାନଙ୍କ ଅତି ପ୍ରିୟ ସ୍ୱର୍ଗତ ଶରତ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସେ ସମୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଥିବା ଭୟ, ସ୍ନେହ, ସମ୍ମାନ ଓ ଗୁରୁଭକ୍ତିର ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ହଠାତ ହୋଇଥିବାରୁ ଅନେକ ସାଙ୍ଗ ଯୋଗ ଦେଇପାରି ନ ଥିଲେ। ଆସନ୍ତା ବର୍ଷ ସମସ୍ତ ସାଙ୍ଗସାଥୀଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୬.୨୧
- ୟୁରୋ ୮୯.୧୪ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୧୪୦ (ଭୁବନେଶ୍ୱର)
- ରୁପା : ୯୦,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୯୨.୦୦
- ନିଫ୍ଟି ୨୩,୪୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ସେନ୍‌ସେକ୍ସ ୧୮୧ ପଏଣ୍ଟ ଉଠିଲା



**ମୁମ୍ବାଇ ୧୪।୬(ଏଜେନ୍ସି):** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ଶୁକ୍ରବାର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। କ୍ରମାଗତ ଭାବେ ତୃତୀୟ ଦିନ ଧରି ବଜାର କାରବାରରେ ଅଭିବୃଦ୍ଧି ସହିତ ୩୦ ସେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୧୮୧.୮୮ ପଏଣ୍ଟ ଅର୍ଥାତ ୦.୨୪ ପଏଣ୍ଟ ଉପରକୁ ଉଠି ୭୬,୯୪୯ ପଏଣ୍ଟର ସର୍ବକାଳୀନ ଉଚ୍ଚତମ ସ୍ତରରେ ପହଞ୍ଚିଛି। ଶୁକ୍ରବାର କାରବାର ଶେଷ ବେଳକୁ ସେନସେକ୍ସ ୧୮୧ ପଏଣ୍ଟ ବୃଦ୍ଧି ଘଟି ୭୬,୯୯୨.୭୭ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୬୬.୭୦ ପଏଣ୍ଟ ବା ୦.୨୯ ପ୍ରତିଶତ ବୃଦ୍ଧି ଘଟି ୨୩,୪୬୫.୬୦ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ଆଜିର କାରବାରରେ ବ୍ୟାଙ୍କ ଷ୍ଟକ୍ ମୂଲ୍ୟରେ ବେଶ ଭଲ ବୃଦ୍ଧି ଘଟିଥିଲା।

# ରପ୍ତାନୀ, ଆମାଦାନୀରେ ବୃଦ୍ଧି

**ନୂଆଦିଲ୍ଲୀ,୧୪।୬(ଏଜେନ୍ସି):** ବିଦେଶକୁ ବଢ଼ିଲା ରପ୍ତାନୀ। ମେ ମାସରେ ସାମଗ୍ରୀ ରପ୍ତାନୀ ୯ ପ୍ରତିଶତ ବଢ଼ି ୩୮.୧୩ ବିଲିୟନ ଡଲାର ହୋଇଛି। ଯାହା ବର୍ଷକ ତଳେ ଅର୍ଥାତ୍ ୨୦୨୩ ମେ ମାସରେ ୩୪.୯୫ ବିଲିୟନ ଡଲାର ଥିଲା। ଶୁକ୍ରବାର ଜାରି ସରକାରୀ ତଥ୍ୟରେ ଏହି ସୂଚନା ଦିଆଯାଇଛି। ଏନେଇ ସୂଚନା ନେଇ ବାଣିଜ୍ୟ ସଚିବ ସୁନୀଲ ବର୍ଥଓ୍ୱାଲ କହିଛନ୍ତି ରପ୍ତାନୀ ଦୃଷ୍ଟିରୁ ଦେଖିଲେ ମେ ମାସରେ ଉତ୍କୃଷ୍ଟ ରହିଛି ଏବଂ ଏହା ଆଗକୁ ମଧ୍ୟ ଜାରି ରହିବ। ଆହୁରି ମଧ୍ୟ ତଥ୍ୟ ଅନୁଯାୟୀ, ଆମଦାନୀରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ୨୦୨୪ ମେ ମାସରେ ଆମଦାନୀ, ୭.୭ ପ୍ରତିଶତ ବଢ଼ି ୬୧.୯୧ ବିଲିୟନ ଆମେରିକୀୟ ଡଲାର ହୋଇଥିଲା। ଯେତେବେଳେକି୨୦୨୩ ମେ ମାସରେ ୫୭.୪୮ ବିଲିୟନ ଡଲାର ଥିଲା। ସେହିଭଳି ଆମଦାନୀ ଏବଂ ରପ୍ତାନୀ ମଧ୍ୟରେ ଟ୍ରେଡ ଡେଫିସିଟ୍ ୨୩.୭୮ ବିଲିୟନ ଡଲାର ରହିଛି। ଏହା ପୂର୍ବରୁ ଏପ୍ରିଲ ୨୦୨୪ରେ ରପ୍ତାନୀ, ଏକ ପ୍ରତିଶତ ବଢ଼ି ୩୫ ବିଲିୟନ ଡଲାର ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ର ଏପ୍ରିଲ-ମେ ସମୟରେ ସମୁଦାୟ ରପ୍ତାନୀ ୫.୧ ପ୍ରତିଶତ ବଢ଼ି ୭୩.୧୨ ବିଲିୟନ ଡଲାର ହୋଇଛି ଏବଂ ଆମଦାନୀ ୮.୮୯ ପ୍ରତିଶତ ବଢ଼ି ୧୧୬ ବିଲିୟନ ଡଲାର ହୋଇଛି।

# ଫ୍ୟାଶନ୍ ଓ ଖାଦ୍ୟ ସମାହାର ସହ ଚାନ୍ଦିଭଣ୍ଡାର ପାଳୁଛି ରଜ ସଜ



**ଭୁବନେଶ୍ୱର,୧୪।୬(ସମିସ):** ଓଡ଼ିଶାର ସର୍ବବୃହତ୍ ସିଲଭର ଚେନ୍ ଚାନ୍ଦି ଭଣ୍ଡାର ପକ୍ଷରୁ 'ରଜ ସଜ' ସହିତ ଏହି ପର୍ବକୁ ଏକ ସମସାମୟିକ ମୋଡ଼ ପ୍ରଦାନ କରାଯାଉଛି। ଏ ବର୍ଷର ଆକର୍ଷଣ ହେଉଛି ଏକ ସ୍ୱତନ୍ତ୍ର ଏବଂ ଷ୍ଟାଇଲିସ୍ ଫ୍ୟାଶନ୍ ଇଭେଣ୍ଟ, ଯାହାକୁ ପରିବେଷଣ କରିବେ ରାଜ୍ୟର ଜଣେ ଶୀର୍ଷ ଡିଜାଇନର। ଏହାସହିତ ଏକ ଖାଦ୍ୟ ଇଭେଣ୍ଟ ମଧ୍ୟ ରହିଛି, ଯାହାକୁ ଉପସ୍ଥାପନ କରିବେ ମାଷ୍ଟରସେଫ୍ ସିଜନ୍-୬ର ଜଣେ ଫାଇନାଲିଷ୍ଟ। ଚାନ୍ଦି ଭଣ୍ଡାରର ସ୍ୱତନ୍ତ୍ର ଷ୍ଟାଇଲିଂ ଷ୍ଟେଶନ୍‌ରେ ଚାନ୍ଦି ଭଣ୍ଡାରର ଗହଣା କଲେକ୍ସନ ସହ ପରିଦର୍ଶକମାନେ ନିଜକୁ ସଜେଇ ପାରିବେ। ପରମ୍ପରା ଏବଂ ଆଧୁନିକତାର ମିଶ୍ରଣ ସହ ଏକତା ଏବଂ ଆନନ୍ଦ ବୃଦ୍ଧି କରି ସମଗ୍ର ସମୁଦାୟଙ୍କୁ ଏକତ୍ର କରିବା ଏହି ସେଲିବ୍ରେଶନ୍‌ର ଲକ୍ଷ୍ୟ। ଚାନ୍ଦି ଭଣ୍ଡାର ଏକ ଚମତ୍କାର 'ରଜ ସଜ' କ୍ୟାମ୍ପେନ୍ ସହ ରଜ ସେଲିବ୍ରେଶନ୍ ଆରମ୍ଭ କରିଛି। ଏହି କ୍ୟାମେନ୍‌ରେ ଓଡ଼ିଶାର ୫ ଜଣ ଲୋକପ୍ରିୟ ଯୁବ କଳାକାରଙ୍କୁ ସାମିଲ କରାଯାଇଛି। ଏହି ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଚାନ୍ଦି ଭଣ୍ଡାରର ସୂକ୍ଷ୍ମ କାରୁକାର୍ଯ୍ୟର ସୁନ୍ଦରତାକୁ ପରିପ୍ରକାଶ କରି ନିଜକୁ ଷ୍ଟାଇଲିଂ କରି ରଜ ପର୍ବକୁ ପାଳନ କରୁଥିବା ଏହି ଅଭିଯାନରେ ଦର୍ଶାଯାଇଛି। ରଜ ପର୍ବ ଅବସରରେ ଚାନ୍ଦି ଭଣ୍ଡାର ଜୁନ୍ ୧୬ ଯାଏ ସମସ୍ତ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିଆତି ପ୍ରଦାନ କରୁଛି। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ରାଜ୍ୟରେ ରୁପା ଗହଣା ଶିଳ୍ପକୁ ପ୍ରୋତ୍ସାହନ ଦେବାରେ ପ୍ରଥମ ବ୍ରାଣ୍ଡ ପାଲଟି ତଥା ଏକ ପ୍ୟାନ୍-ଓଡ଼ିଶା ବ୍ରାଣ୍ଡ ଭାବେ ଆମେ। ନିଜକୁ ଗର୍ବ ଅନୁଭବ କରୁଛୁ। ଆମେ ନିରତର ଭାବେ ବ୍ୟାପକ ସମ୍ଭାର ଆଣିଛୁ ଏବଂ ଗୁଣବତ୍ତାକୁ ପ୍ରାଥମିକତା ଦେଇଆସୁଛୁ। ରଜ ସଜ ମାଧ୍ୟମରେ ଆମେ ଖାଦ୍ୟ, ମନୋରଞ୍ଜନ ଏବଂ ଫ୍ୟାଶନ୍‌ର ସ୍ୱତନ୍ତ୍ର ମିଶ୍ରଣ ସହ ରଜକୁ ଏହାର ପ୍ରକୃତ ସିରିଟ୍ ସହ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ତନିସ୍କର ଫ୍ରାଞ୍ଚାଇଜ୍ ମାନିକ୍ ହଂସ ଉପସ୍ଥିତ ଥିଲେ।

**ପାଇକାରୀ ମୁଦ୍ରାସ୍ଫୀତି ୧୫ ମାସର ସର୍ବୋଚ୍ଚ ସ୍ତର ଛୁଇଁଲା**

# ଆଗକୁ ଭୟଙ୍କର ମହଙ୍ଗା ମାଡ଼

**ନୂଆଦିଲ୍ଲୀ,୧୪।୬(ଏଜେନ୍ସି)**

ଦୈନିକ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀ ଦର। ଉଚ୍ଚ ଦରଦାମ୍ ତାତିରେ ଖାଉଟି ହତାଶ। ଦରଦାମ୍ ନିୟନ୍ତ୍ରଣକୁ ଆସୁନାହିଁ। ଇତିମଧ୍ୟରେ ଦରଦାମ୍ ତାତି ଖରା ତାତିକୁ ବଳେଇଗଲାଣି। ମହଙ୍ଗା ମାଡ଼ରେ ଖାଉଟି କଳବଳ ହେଉଥିବାବେଳେ ବର୍ତ୍ତମାନ ଆସିଥିବା ଆଉ ଏକ ଖବର ଏବେ ଖାଉଟିଙ୍କୁ ବଡ଼ ଝଟ୍‌କା ଦେବା ଭଳି ହୋଇଛି, ଯାହା ପରୋକ୍ଷରେ ଆଗକୁ ଏହି ମହଙ୍ଗା ବଜାର ଭୟଙ୍କର ରୂପ ନେବ ବୋଲି ଏବେଠାରୁ ଚେତାଇଦେଲାଣି। ମେ' ମାସରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଏହା ଗତ ୧୫ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଆଜି ପ୍ରକାଶିତ ତଥ୍ୟ ରିପୋର୍ଟ ଅନୁଯାୟୀ ପାଇକାରୀ ମୁଦ୍ରାସ୍ଫୀତି ମେ' ମାସରେ ୨.୬୧ ପ୍ରତିଶତକୁ ବୃଦ୍ଧି ପାଇଛି। ଫେବୃଆରୀ ୨୦୨୩ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୩.୮୫ ପ୍ରତିଶତ ରହିଥିଲା। ସେହିପରି ଏପ୍ରିଲ୍ ମାସରେ ମୁଦ୍ରାସ୍ଫୀତି ୧.୨୬ ପ୍ରତିଶତ ରହିଥିଲା, ଯାହା ୧୩ ମାସରସର୍ବୋଚ୍ଚ ସ୍ତର ରେକର୍ଡ କରିଥିଲା। ଏହାର ଏକ ମାସ ପୂର୍ବରୁ ମାର୍ଚ୍ଚରେ ପାଇକାରୀ ମୁଦ୍ରାସ୍ଫୀତି ୦.୫୩ ପ୍ରତିଶତ ରହିଥିଲା। ତେବେ ଫେବୃଆରୀରେ ଏହା ୦.୨୦ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଥିଲା।

**ମେ' ମାସରେ ମୁଦ୍ରାସ୍ଫୀତି ୨.୬୧%**

ଏପ୍ରିଲ ତୁଳନାରେ ଖାଦ୍ୟ ମୁଦ୍ରାସ୍ଫୀତି ୫.୫୨ରୁ ୭.୪୦ ପ୍ରତିଶତକୁ ବୃଦ୍ଧି ପାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୁଦ୍ରାସ୍ଫୀତି ହାର ୫.୦୧ରୁ ୭.୨୦ ପ୍ରତିଶତକୁ ବୃଦ୍ଧି ପାଇଛି। ଇନ୍ଧନ ଏବଂ ଶକ୍ତିର ପାଇକାରୀ ମୁଦ୍ରାସ୍ଫୀତି ହାର ୧.୩୮ରୁ ୧.୩୫ ପ୍ରତିଶତକୁ ହ୍ରାସ ପାଇଛି। ବିର୍ନିମାଣ ଉତ୍ପାଦଗୁଡିକର ପାଇକାରୀ ମୁଦ୍ରାସ୍ଫୀତି -୦.୪୨ ରୁ ୦.୭୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାପୂର୍ବରୁ ଜୁନ୍ ୧୨ରେ ମେ' ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଆକଳନ କରାଯାଇଥିଲା। ଏହି ଅନୁଯାୟୀ, ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୭୪ ପ୍ରତିଶତ ରହିଥିଲା। ଗତ ୧୨ ମାସରେ ଏହା ସର୍ବନିମ୍ନ ଥିଲା। ମାସକ ପୂର୍ବରୁ ଅର୍ଥାତ୍ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୩%କୁ ଖସି ଆସିଥିଲା।



ପାଇକାରୀ ମୁଦ୍ରାସ୍ଫୀତି ଦୀର୍ଘଦିନ ଧରି ଉଚ୍ଚସ୍ତରରେ ରହିଲେ ବଜାରରେ ଅଧିକାଂଶ ଉତ୍ପାଦର ମୂଲ୍ୟରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ଆହୁରିମଧ୍ୟ ଯଦି ପାଇକାରୀ ମୂଲ୍ୟ ଅଧିକ ସମୟ ପର୍ଯ୍ୟନ୍ତ ଉଚ୍ଚାସ୍ତରରେ ରହିଥାଏ ତେବେ ସାମଗ୍ରୀ ଉତ୍ପାଦନକାରୀମାନେ ଏହାର ବୋଝ ଗ୍ରାହକଙ୍କ ଉପରେ ଲଦି ଦେଇଥାନ୍ତି। ବର୍ତ୍ତମାନ ଖୁଚୁରା ବଜାରରେ ଡାଲି, ଚାଉଳଠାରୁ ଆରମ୍ଭ କରି ଅଟା, ସୁଜି, ଇଦା , ତେଲ ଏବଂ ସହ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦର ଦୀର୍ଘ ଦିନ ହେବ ରେକର୍ଡ ସ୍ତରରେ ରହିଛି। ସେହିପରି ପନିପରିବାର ଉଚ୍ଚ ଦର ଏବେ ଖାଉଟିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି।

**ଗୋଟିଏ ଫୋନରେ ଦୁଇଟି ସିମ୍ କାର୍ଡ ଚଳାଇଲେ ଦେବାକୁ ପଡ଼ିବ ଫି' ପ୍ରସଙ୍ଗ**

# ଗୁଜବକୁ ଟ୍ରାଇ'ର ଖଣ୍ଡନ; ଖବର ଅସତ୍ୟ

**ନୂଆଦିଲ୍ଲୀ,୧୪।୬(ଏଜେନ୍ସି)**




ମୋବାଇଲ ଫୋନରେ ଏକାଧିକ ସିମ୍ କାର୍ଡ ବ୍ୟବହାର କଲେ ଅର୍ଥ ଗଣିବାକୁ ପଡ଼ିବ ବୋଲି ନିକଟରେ କୁହାଯାଇଥିଲା। ଗତ କିଛି ଦିନ ହେବ ସୋସିଆଲ ମିଡ଼ିଆରେ ଏକ ଖବରକୁ ନେଇ ଚାରିଆଡେ ବେଶ୍ ଚର୍ଚ୍ଚା ହେବାରେ ଲାଗିଛି। ଏପରିକି ଏହାକୁ ନେଇ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଏକ ପ୍ରସ୍ତାବ ରଖିଥିବା ମଧ୍ୟ ଚର୍ଚ୍ଚା ହୋଇଥିଲା। ତେଣୁ ଏହି ଖବରକୁ ନେଇ ମୋବାଇଲ ଉପଭୋକ୍ତାଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଥିଲା।

ତେବେ ଏହା ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ଆସିଛି। ଏହି ଗୁଜବକୁ ଖଣ୍ଡନ କରିଛି ଟ୍ରାଇ। ଏଭଳି ଖବରରେ କୌଣସି ସତ୍ୟତା ନ ଥିବା ଏଜେନ୍ସି କହିଛି। ଫୋନରେ ଏକାଧିକ ସିମ୍ ବ୍ୟବହାର କଲେ ତା' ଉପରେ ଚାର୍ଜ ଲାଗୁ କରାଯିବା ନେଇ ଟ୍ରାଇର କୌଣସି ଯୋଜନା ନ ଥିବା କୁହାଯାଇଛି। ଲୋକଙ୍କୁ ଭୁଲ୍ ତଥ୍ୟ ମାଧ୍ୟମରେ ବିଭ୍ରାନ୍ତ କରାଯାଉଥିବା କୁହାଯାଇଛି। ଏଭଳି ଗୁଜବକୁ ବିଶ୍ୱାସ ନ କରିବାକୁ ମଧ୍ୟ କୁହାଯାଇଛି। କୌଣସି ସୂଚନା ବିଷୟରେ ଜାଣିବାକୁ ହେଲେ ଗ୍ରାହକମାନେ ଟ୍ରାଇର ଅଫିସିଆଲ ୱେବସାଇଟ୍ ବା ସୋସିଆଲ ମିଡ଼ିଆ ପ୍ଲାଟଫର୍ମକୁ ଯାଇ ଏ ନେଇ ସ୍ପଷ୍ଟ ହୋଇପାରିବେ ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଗ୍ରାହକମାନେ ନିଜର ଫୋନ୍ ନମ୍ବରକୁ ରିଚାର୍ଜ କରିବା ପାଇଁ ଟଙ୍କା ଦେଇ ଆସୁଥିବା ବେଳେ ଏବେ ଏକାଧିକ ସିମ୍ କାର୍ଡ ରଖିଲେ ଶୁଳ୍କ ଦେବାକୁ ପଡ଼ିବ ବୋଲି ଭାଇରାଲ ଖବରରେ କୁହାଯାଇଥିଲା। ଏ ନେଇ ଟ୍ରାଇ ଏକ ପ୍ରସ୍ତାବ ରଖିଥିବା କୁହାଯାଇଥିଲା। ଫୋନ ଓ ଲ୍ୟାଣ୍ଡଲାଇନ ନମ୍ବର ବ୍ୟବହାର କରିବା ପାଇଁ ଏକ ଅଲଗା ଚାର୍ଜ ଦେବାକୁ ପଡ଼ିବ ବୋଲି ଏଥିରେ କୁହାଯାଇଥିଲା। ତେବେ ଶେଷରେ ଟ୍ରାଇ ଏହି ଗୁଜବକୁ ଖାରଜ କରିବା ସହ ପୋଷ୍ଟ ଶେୟାର କରିଛି।

# ଆଇଏସ୍‌ଏସ୍‌ଡିଏ ପକ୍ଷରୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସେତୁ ଡିଜାଇନ୍ ମାନୁଆଲ୍‌ର ପ୍ରଥମ ସଂସ୍କରଣ ଉନ୍ମୋଚିତ

**ଭୁବନେଶ୍ୱର, ୧୪।୬ (ସମିସ):** ସହରାଞ୍ଚଳ ଭିତ୍ତିଭୂମିରେ ଷ୍ଟେନଲେସ୍ ଷ୍ଟିଲର ରୂପାନ୍ତରଣକାରୀ ଶକ୍ତିକୁ ଦର୍ଶାଇ ଭାରତୀୟ ଷ୍ଟେନଲେସ୍ ଷ୍ଟିଲ ଡେଭଲପମେଣ୍ଟ ଆସୋସିଏସନ (ଆଇଏସଏସଡିଏ) ଆଜି ଭାରତରସେତୁ ନିର୍ମାଣ ଡିଜାଇନରେ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର ଉପରେ ପୁସ୍ତକର ପ୍ରଥମ ସଂସ୍କରଣ ଉନ୍ମୋଚନ କରିଛି। ସିଲିଗୁଡ଼ିରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ଼ କଂଗ୍ରେସ (ଆଇଆରସି)ର ୨୨୮ତମ ମଧ୍ୟବର୍ତୀକାଳୀନ ପରିଷଦ ବୈଠକ ଅବସରରେ ଏସଟିୟୁପି କନସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ ଡ. ନିର୍ମାଲ୍ୟ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଷ୍ଟେନଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ୍ ମାନୁଆଲ୍ ଉନ୍ମୋଚିତ ହୋଇଛି। ଇଞ୍ଜିନିୟରିଂ ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବା ସହ ଏହି ଡିଜାଇନ୍ ମାନୁଆଲ୍ ସମଗ୍ର ଭାରତରେ ଇଞ୍ଜିନିୟର ଏବଂ ଶିକ୍ଷାବିତମାନଙ୍କ ପାଇଁ ସହାୟକ ହେବ। ଏହି ମାନୁଆଲ ଷ୍ଟେନଲେସ ଷ୍ଟିଲର ମୌଳିକ ଗୁଣଠାରୁ ଆରମ୍ଭ କରି ଅତ୍ୟାଧୁନିକ ଡିଜାଇନ ନୀତି ପର୍ଯ୍ୟନ୍ତ ସମସ୍ତ ବିଷୟବସ୍ତୁ ଉପରେ ଜ୍ଞାନର ଏକ ପଞ୍ଜିକା। ଏଥିରେ କାର୍ବନ ଷ୍ଟିଲ ତୁଳନାରେ ଷ୍ଟେନଲେସ୍ ଷ୍ଟିଲର ବିଭିନ୍ନ ଫାଇଦା ଯଥା, କ୍ଷୟ ପ୍ରତିରୋଧ, ଦୃଢ଼ତା, ସ୍ଥାୟୀତ୍ୱ, ସୌନ୍ଦର୍ଯ୍ୟ ଇତ୍ୟାଦି ଉପରେ ଆଲୋକପାତ କରାଯାଇଛି।

ଏହା ଏକ ସେତୁର ସାମଗ୍ରିକ ଲାଇଫ ସାଇକଲ ଖର୍ଚ୍ଚ ଉପରେ ମଧ୍ୟ ଗୁରୁତ୍ୱ ଦିଏ। ସେତୁ ନିର୍ମାଣ କରିବା ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର କରିବା ଦ୍ୱାରା କିଭଳି ଅଧିକ ଫାଇଦା ହୁଏ, ବିଶେଷକରି କ୍ଷୟକାରୀ ପରିବେଶରେ ଯେଉଁଠାରେ ପାରମ୍ପରିକ କାର୍ବନ ଷ୍ଟିଲ କୋଟିଂର ଭଲ ଫଳାଫଳ ମିଳେ ନାହିଁ। ଏହାବ୍ୟତୀତ ଷ୍ଟେନଲେସ୍ ଷ୍ଟିଲ୍ ର ଅନ୍ତର୍ନିହିତ ସଷ୍ଟେନେବଲ୍ ଗୁଣ ଯୋଗୁଁ ଏହା କାର୍ବନ ନ୍ୟୁଟ୍ରାଲିଟି ଦିଗରେ ବଢ଼ିବାରେ ସାହାଯ୍ୟ କରିଥାଏ। ଏହି ମାନୁଆଲ୍ ଷ୍ଟେନଲେସ୍ ଷ୍ଟିଲ୍ ଡିଜାଇନ୍‌ର ବୈଷୟିକ ଜଟିଳତା ବିଷୟରେ ଗଭୀର ଜ୍ଞାନ ପ୍ରଦାନ କରେ ଏବଂ ସ୍ଥାୟୀ, ନିରାପଦ ଏବଂ ହାଲୁକା ଓଜନ ସଂରଚନା ଗଠନ ପାଇଁ ଗଠନମୂଳକ ପରାମର୍ଶଦାତା ଏବଂ ଡିଜାଇନରମାନଙ୍କୁ ସାହାଯ୍ୟ କରେ। ଷ୍ଟେନଲେସ୍ ଷ୍ଟିଲର ମୌଳିକ ଗୁଣଠାରୁ ଆରମ୍ଭ କରି ଅତ୍ୟାଧୁନିକ ଡିଜାଇନ୍ ପର୍ଯ୍ୟନ୍ତ ସବୁ କିଛି ଅନ୍ତର୍ଭୁକ୍ତ କରି ଏହି ମାନୁଆଲ ଏକ ସଂକଳନ ଭାବରେ ସହାୟକ ହେବ।

# କ୍ୟାପିଟାଲ୍ ଟୟୋଟାରେ 'ଅଲ୍ ନିୟୁ ଅର୍ବାନ୍ କ୍ରୁଜର୍ ଟାଇଜର୍'ର ବଜାର ପ୍ରବେଶ

**ଭୁବନେଶ୍ୱର,୧୪।୬(ସମିସ)**

ଟୟୋଟା ପକ୍ଷରୁ ମଞ୍ଚେଶ୍ୱରସ୍ଥିତ କ୍ୟାପିଟାଲ ଟୟୋଟା ସୋ ରୁମ୍‌ରେ 'ଅଲ୍ ନିୟୁ ଅର୍ବାନ କ୍ରୁଜର ଟାଇଜ'ର ବଜାର ପ୍ରବେଶ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ବିଆଇର ମହାପ୍ରବନ୍ଧକ ଚିତ୍ତରଞ୍ଜନ ସାମନ୍ତରାୟ, କ୍ୟାପିଟାଲ୍ ଟୟୋଟାର ଅଧ୍ୟକ୍ଷ ସତୀଶ ଗର୍ଗ, ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ, ଜିଏମ୍ ଚମ୍ପକ କୁମାର ଦାସ, ମାର୍କେଟିଂ ମ୍ୟାନେଜର ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିକ୍ରି ଶୁଭାରମ୍ଭ କରିଥିଲେ। ଟୟୋଟା ଟାଇଜର ହେଉଛି ଷ୍ଟାଇଲ୍ ଉନ୍ନତ ବୈଶିଷ୍ଟ ଓ ଶକ୍ତିଶାଳୀ ପ୍ରଦର୍ଶନର ଏକ ସମାହାର। ଟାଇଜରରେ ଥିବା ପ୍ରମୁଖ ବୈଶିଷ୍ଟ ଗୁଡିକ ଭିତରେ ରହିଛି ଅଟୋମେଟିକ୍ ହେଡ୍‌ଲ୍ୟାମ୍ପ, ଆଲୋ ହୁଇଲ୍, ସାଇଡ୍ ଓ କ୍ୟାବିନ ଏୟାରବ୍ୟାଗ୍, ୩୬୦ ଡିଗ୍ରୀ କ୍ୟାମେରା ପଛ ପାର୍ଶ୍ୱ ଦେଖି ହେଉଥିବା କ୍ୟାମେରା ଓ ଏବିଏସ୍ ସହିତ ଇବିଡ଼ି, ଓ୍ୟାରଲେସ୍ ଚାର୍ଜର, କ୍ରୁସ କଣ୍ଟ୍ରୋଲ ଉପଲବ୍ଧ।




# ହଂକଂକୁ ଟପି ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଷ୍ଟକ୍ ବଜାର

**ନୂଆଦିଲ୍ଲୀ,୧୪।୬(ଏଜେନ୍ସି)**

ଭାରତୀୟ ଷ୍ଟକ୍ ବଜାର ଏବେ ରେକର୍ଡ ପରେ ରେକର୍ଡ ପ୍ରତିଷ୍ଠା କରିବାରେ ଲାଗିଛି। ପୁଣି ଥରେ ହଂକଂକୁ ଟପି ଘରୋଇ ଷ୍ଟକ୍ ବଜାର ବିଶ୍ୱର ଚତୁର୍ଥ ବୃହତ୍ ଷ୍ଟକ୍ ବଜାରର ମାନ୍ୟତା ଲାଭ କରିଛି। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ହଂକଂ ଶେୟାର ବଜାରକୁ ପଛରେ ପକାଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ବିଶ୍ୱର ଚତୁର୍ଥ ବୃହତ ଶେୟାର ବଜାର ହୋଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ବିଏସ୍‌ଇ ଅଧୀନରେ ଆସୁଥିବା କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ହଂକଂ ବଜାରକୁ ଟପିଯାଇଛି।




ଭାରତୀୟ ଶେୟାର ବଜାରର ମୂଲ୍ୟ ୫.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବାବେଳେ ହଂକଂର ୫.୧୭ ଟ୍ରିଲିୟନ ଡଲାର ରହିଛି। ସେପଟେ ଆମେରିକାର ମିଡ୍ କ୍ୟାପ ଶେୟାର ବଜାର ମୂଲ୍ୟ ଉଚ୍ଚରେ ରହିଛି। ଏବେ ବି ବଜାରପୁଞ୍ଜି ଦୃଷ୍ଟିରୁ ଆମେରିକା ବିଶ୍ୱର ବୃହତ୍ ଷ୍ଟକ୍ ବଜାର। ଆମେରିକାର ଷ୍ଟକ୍ ବଜାରର ମୋଟ ବଜାର ପୁଞ୍ଜି ୫୬.୪୯ ଟ୍ରିଲିୟନ୍ ଡଲାର ରହିଛି। ଏହା ପଛକୁ ଚୀନ୍ ରହିଛି। ଚୀନର ବଜାର ମୂଲ୍ୟ ୮.୮୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଜାପାନ ୬.୩୦ ଟ୍ରିଲିୟନ ଡଲାର ସହ ତୃତୀୟ ସ୍ଥାନରେ ରହିଛି। ତେବେ ଭାରତୀୟ ଶେୟାର ବଜାର ଏହି ଅଗ୍ରଗତି ସହ ଦ୍ୱିତୀୟ ଥର ପାଇଁ ହଂକଂ ଷ୍ଟକ୍ ବଜାରକୁ ଟପିଯାଇଛି। ଚଳିତବର୍ଷ ଜାନୁୟାରୀ ୨୩ରେ ହଂକଂକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ଶେୟାର ବଜାର ହୋଇଥିଲା ଭାରତ। କିନ୍ତୁ ଏହା ପରେ ହଂକଂର ହ୍ୟାଙ୍ଗ ସେଙ୍ଗ ଇଣ୍ଡେକ୍ସ ୧୨%ରୁ ଅଧିକ ରିଟର୍ଣ୍ଣ ସହ ସର୍ବମୋଟ ୨୦% ବୃଦ୍ଧି ଘଟିଥିଲା, ଯାହା ଫଳରେ ଜୁନ୍ ଯାଏ ଏ କ୍ଷେତ୍ରରେ ଚତୁର୍ଥ ସ୍ଥାନ ବଜାୟ ରଖିଥିଲା ହଂକଂ। ଲୋକସଭା ନିର୍ବାଚନକୁ ନେଇ ଶେୟାର ବଜାରରେ ଚାଲିଥିବା ଅସ୍ଥିରତା ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ଥରେ ପୂର୍ବ ସ୍ଥିତିକୁ ଫେରିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ବଜାରରେ ପ୍ରବଳ ଅସ୍ଥିରତା ଦେଖାଦେଇଥିଲା। ଏଗ୍‌ଜିଟ୍ ପୋଲ୍ ଅନୁସାରେ ଫଳାଫଳ ନ ହେବାରୁ ଶେୟାର ବଜାର ୬ ପ୍ରତିଶତ ହ୍ରାସ ପାଇଥିଲା। ଏହି ଦିନ ନିବେଶକଙ୍କୁ ପ୍ରବଳ କ୍ଷତି ସହିବାକୁ ପଡିଥିଲା।କିନ୍ତୁ ଏହା ପରଠାରୁ ସ୍ଥିତିରେ ଧୀରେ ଧୀରେ ବଜାର କାବରାରରେ ସୁଧାର ଆସୁଛି। ନିକଟରେ ପ୍ରଥମ ଥର ପାଇଁ ସେନ୍‌ସେକ୍ସ ୭୭ ହଜାର ପଏଣ୍ଟ ଅତିକ୍ରମ କରିଥିଲା। ଯାହାର ଫଳସ୍ୱରୂପ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଶ୍ୱର ଚତୁର୍ଥ ବୃହର ଶେଆର ବଜାର ହୋଇପାରିଛି।

# ଗ୍ଲୋବାଲ୍ ଜେନେରେଟିଭ୍ ଏଆଇ ଆକ୍ସେଲେରେଟର୍‌କୁ ଏଡବ୍ଲୁଏସ୍ ଦେବ ୨୩୦ ନିୟୁତ ଡଲାର

**ନୂଆଦିଲ୍ଲୀ,୧୪।୬:** ଏସିଆ ପ୍ରଶାନ୍ତ ମହାସାଗର ଏବଂ ଜାପାନରେ ୧୨୦ଟି ପ୍ରାରମ୍ଭିକ ପର୍ଯ୍ୟାୟ ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍ (ଏପିଜେ)କୁ ସମର୍ଥନ କରିବା ପାଇଁ ଏଡବ୍ଲ୍ୟୁଏସ୍ ପକ୍ଷରୁ ଏଡବ୍ଲ୍ୟୁଏସ୍ ଜେନେରେଟିଭ୍ ଏଆଇ ସ୍ପଟଲାଇଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଯେଉଁଥିରେ ଭାରତୀୟ ଷ୍ଟାର୍ଟଅପଗୁଡ଼ିକ ପାଇଁ ୪୦ଟି ସ୍ଥାନ ରହିଛି। ଜୁନ୍ ୧୩ରେ ଆମାଜନ ୱେବ୍ସର୍ଭିସେସ୍ ଇନକର୍ପୋରେଟେଡ୍ (ଏଡବ୍ଲ୍ୟୁଏସ୍) ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍ ଏବଂ ଗ୍ଲୋବାଲ ଜେନେରେଟିଭ୍ ଏଆଇ ଆକ୍ସେଲେରେଟରର ସମ୍ପ୍ରସାରଣ ପାଇଁ ୨୩୦ ନିୟୁତ ଆମେରିକୀୟ ଡଲାର ପ୍ରତିଶ୍ରୁତି ଘୋଷଣା କରିଛି। ଏହାର ଉଦ୍ଦେଶ୍ୟ ହେଉଛି ୮୦ ପ୍ରତିଷ୍ଠାତା ଏବଂ ଉଦ୍ଭାବକ (ଏସିଆ-ପ୍ରଶାନ୍ତ ମହାସାଗର ଏବଂ ଜାପାନ (ଏପିଜେ)ର ୨୦ ଜଣ ଙ୍କ ଏହି କ୍ଷେତ୍ରରେ ଷ୍ଟାର୍ଟଅପଗୁଡ଼ିକ ପାଇଁ ପ୍ରସ୍ତୁତ ଉଭୟ ବୈଷୟିକ ଏବଂ ବ୍ୟବସାୟିକ ପ୍ରୋଗ୍ରାମିଂ ସହିତ ସେମାନଙ୍କର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବା।

ଏଡବ୍ଲ୍ୟୁଏସ୍ ଜେନେରେଟିଭ୍ ଏଆଇ ଆକ୍ସେଲେରେଟର ପାଇଁ ଆବେଦନ ଆଜିଠାରୁ ଖୋଲିବ ଏବଂ ଜୁଲାଇ ୧୯ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ଅକ୍ଟୋବର ପହିଲାରୁ ଆରମ୍ଭ ହେବାକୁ ଥିବା ୧୦ ସପ୍ତାହର ଗ୍ଲୋବାଲ ପ୍ରୋଗ୍ରାମରେ ଚୟନ ହେବାକୁ ଥିବା ଜେନେରେଟିଭ ଏଆଇ ଷ୍ଟାର୍ଟଅପର ପ୍ରତିଷ୍ଠାତାମାନେ ଅନେକ ସୁବିଧା ପାଇବେ। ଯେଉଁଥିରେ ମେସିନ୍ ଲର୍ଣ୍ଣିଂ, ଷ୍ଟେକ୍ ଅପ୍ଟିମାଇଜେସନ୍ ଏବଂ ଗୋ-ଟୁ- ମାର୍କେଟ୍ ରଣନୀତି ସମ୍ବନ୍ଧୀୟ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରୁଥିବା ଅଧିବେଶନ ରହିଛି।

### ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ, ପଦାର୍ପଣ କରିବ ମହିଳା ଲିଗ୍

# ଟ୍ରାକ୍‌କୁ ଫେରିଲା ହକି ଇଣ୍ଡିଆ ଲିଗ୍

**ନୂଆଦିଲ୍ଲୀ,୧୪।୬(ଏଜେନ୍ସି):** ଦୀର୍ଘ ୮ ବର୍ଷ ପରେ ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପ୍ରତ୍ୟାବର୍ତ୍ତନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୧୭ରେ ଶେଷଥର ପାଇଁ ଏହି ଲିଗ୍ ଖେଳାଯାଇଥିଲା। ଏହାପରେ ଆର୍ଥିକ ସମସ୍ୟା ତଥା ବିଭିନ୍ନ କାରଣରୁ ଏହାକୁ ବନ୍ଦ କରି ଦିଆଯାଇଥିଲା। ଏହି ଲିଗ୍ ପୁଣି ଥରେ ଆରମ୍ଭ କରିବାକୁ ଗତବର୍ଷ ହକି ଇଣ୍ଡିଆ ଘୋଷଣା କରିଥିଲା। ହକି ଇଣ୍ଡିଆ ଲିଗ୍‌ର ମହିଳା ସଂସ୍କରଣ ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରାଯାଇଥିଲା। ଅର୍ଥାତ ଏଥର ମହିଳା ହକି ଇଣ୍ଡିଆ ଲିଗ୍ ପଦାର୍ପଣ କରିବାର ପଥ ପରିଷ୍କାର ହୋଇଛି। ଲିଗ୍‌ର ୨୦୨୪-୨୫ ସଂସ୍କରଣରେ ୮ଟି ପୁରୁଷ ଓ ୬ଟି ମହିଳା ଦଳ ସାମିଲ ହେବେ। ପ୍ରଥମଥର ପାଇଁ ମହିଳା ଦଳଗୁଡ଼ିକୁ ନେଇ ହକି ଇଣ୍ଡିଆ ଲିଗ୍ ଖେଳାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହା ଦ୍ୱାରା ଦେଶରେ ମହିଳା ହକିର ଉନ୍ନତି ହେବ ଓ ସାରା ଦେଶରେ ମହିଳା ହକି ପ୍ରତିଭାଗୁଡ଼ିକର ଚିହ୍ନଟ କରାଯାଇ ସେଗୁଡ଼ିକର ବିକାଶ କରାଯିବାରେ ଏ ଲିଗ୍ ଦୃଷ୍ଟାନ୍ତମୂଳକ ଭୂମିକା ନିର୍ବାହ କରିବ ବୋଲି ଆଶା କରାଯାଉଛି।

## ଶ୍ରେଷ୍ଠ ୧୫ଟି ଦେଶର ଖେଳାଳି, ସପୋର୍ଟ ଷ୍ଟାଫ୍‌ଙ୍କୁ ଆମନ୍ତ୍ରଣ

ହକି ଖେଳୁଥିବା ବିଶ୍ୱର ଶ୍ରେଷ୍ଠ ୧୫ଟି ଦେଶର ଖେଳାଳି ଓ ସହଯୋଗୀ ଷ୍ଟାଫ୍‌ଙ୍କୁ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରିବାକୁ ହକି ଇଣ୍ଡିଆ ଆମନ୍ତ୍ରଣ କରିଛି। ଏହି ଲିଗ୍ ଚଳିତବର୍ଷ ଡିସେମ୍ବର ଅନ୍ତିମ ସପ୍ତାହରୁ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ପ୍ରଥମ ସପ୍ତାହ ମଧ୍ୟରେ ଶେଷ ହେବ। ଜୁନ୍ ୩୦କୁ ପଞ୍ଜୀକରଣର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ସମୟ ଅବଧି ତଥା ୱିଣ୍ଡୋକୁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଅନୁମୋଦନ କରିଛି। ପୁଣି ଯେଉଁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ରହିଛନ୍ତି, ସେମାନଙ୍କୁ ଆବେଦନ କରିବାକୁ ହକି ଇଣ୍ଡିଆ ତରଫରୁ କୁହାଯାଇଛି।


ଟ୍ରଫି ସହ ୨୦୧୭ ହକି ଇଣ୍ଡିଆ ଲିଗ୍ ଚାମ୍ପିଅନ କଳିଙ୍ଗ ଲାନ୍ସର୍ସ ଖେଳାଳି

## ଏଚ୍‌ଆଇଏଲ୍ ପୁଣି ଆରମ୍ଭ ହେବ ଖୁସିର କଥା: ଦିଲୀପ୍

ଖେଳାଳି, ଦଳ, ସପୋର୍ଟଷ୍ଟାଫ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁଣିଥରେ ହକି ଇଣ୍ଡିଆ ଲିଗ୍ ଖେଳାଯିବ ଓ ଏହି ଲିଗ୍ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି ବୋଲି ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ୍ ତିର୍କି କହିଛନ୍ତି। ଏହା ନିଶ୍ଚିତ ଭାବେ ଖୁସିର କଥା। ଦେଶରେ ଯୁବ ହକି ପ୍ରତିଭା ଏହି ଲିଗ୍ ଖେଳି ନିଜ ଦକ୍ଷତା ଓ ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ପାଇବେ। ପୁଣି ଏହି ଯୁବ ଖେଳାଳିମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ସେୟାର କରିବା ସହ ପଡ଼ିଆରେ ମ୍ୟାଚ୍ ଖେଳି ନୂଆ ତଥା ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରିବେ ବୋଲି ସେ କହିଛନ୍ତି।

## କଳିଙ୍ଗ ଲାନ୍ସର୍ସ ଥରେ ଲେଖାଏ ଚାମ୍ପିଅନ, ରନର୍ସଅପ୍

ହକି ଇଣ୍ଡିଆ ଆନୁକୂଲ୍ୟରେ ଏହି ଲିଗ୍ ୨୦୧୩ରେ ପ୍ରଥମଥର ପାଇଁ ଖେଳାଯାଇଥିଲା। ମୋଟ ଉପରେ ଲିଗ୍‌ର ୫ଟି ସଂସ୍କରଣ ଆୟୋଜିତ ହୋଇଛି। ଶେଷଥର ପାଇଁ ୨୦୧୭ରେ ଏହି ଲିଗ୍ ଖେଳାଯାଇଥିଲା। ପ୍ରତ୍ୟେକ ସଂସ୍କରଣରେ ଭିନ୍ନ ଭିନ୍ନ ଦଳ ଟାଇଟଲ ହାସଲ କରିଥିଲେ। ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ୫ମ ତଥା ଅନ୍ତିମ ସଂସ୍କରଣରେ ଟାଇଟଲ ହାସଲ କରି ଶେଷଥର ପାଇଁ ଚାମ୍ପିଅନ ବିବେଚିତ ହୋଇଥିଲା। ଫାଇନାଲରେ କଳିଙ୍ଗ ଲାନ୍ସର୍ସ ୪-୧ ଗୋଲରେ ଦବଙ୍ଗ ମୁମ୍ବାଇକୁ ପରାସ୍ତ କରି ବାଜି ମାରିଥିଲା। ତେବେ ଲାନ୍ସର୍ସ ଏହାର ପୂର୍ବବର୍ଷ ଅର୍ଥାତ ୨୦୧୬ରେ ଫାଇନାଲରେ ପଞ୍ଜାବ ୱାରିୟର୍ସଠାରୁ ୧-୬ ଗୋଲରେ ପରାସ୍ତ ହୋଇ ରନର୍ସଅପ୍ ବିବେଚିତ ହୋଇଥିଲା। ୨୦୧୩ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ରାଞ୍ଚି ରାଇନୋସ, ୨୦୧୪ରେ ଦିଲ୍ଲୀ ୱେଭରାଇଡର୍ସ, ୨୦୧୫ରେ ରାଞ୍ଚି ରେଜ୍, ୨୦୧୬ରେ ପଞ୍ଜାବ ୱାରିୟର୍ସ ଓ ୨୦୧୭ରେ କଳିଙ୍ଗ ଲାନ୍ସର୍ସ ଟାଇଟଲ ଜିତିଥିଲା।

**ହକି ଇଣ୍ଡିଆ ଲିଗ୍**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ | ଶ୍ରେଷ୍ଠ ଖେଳାଳି |
|---|---|---|---|
| ୨୦୧୩ | ରାଞ୍ଚି ରାଇନୋସ | ଦିଲ୍ଲୀ ୱେଭରାଇଡର୍ସ | ସର୍ଦ୍ଦାର ସିଂ (ଦିଲ୍ଲୀ) |
| ୨୦୧୪ | ଦିଲ୍ଲୀ ୱେଭରାଇଡର୍ସ | ପଞ୍ଜାବ ୱାରିୟର୍ସ | ଜାପ୍ ଷ୍ଟକ୍‌ମ୍ୟାନ(ପଞ୍ଜାବ) |
| ୨୦୧୫ | ରାଞ୍ଚି ରେଜ୍ | ପଞ୍ଜାବ ୱାରିୟର୍ସ | ଆଶଲେ ଜ୍ୟାକସନ (ରାଞ୍ଚି ରେଜ୍) |
| ୨୦୧୬ | ପଞ୍ଜାବ ୱାରିୟର୍ସ | କଳିଙ୍ଗ ଲାନ୍ସର୍ସ | ରୂପିନ୍ଦର ପାଲ ସିଂ(ଦିଲ୍ଲୀ) |
| ୨୦୧୭ | କଳିଙ୍ଗ ଲାନ୍ସର୍ସ | ଦବଙ୍ଗ ମୁମ୍ବାଇ | ଫ୍ଲୋରିଆନ ଫୁଚ୍ସ (ମୁମ୍ବାଇ) |

# ଶାକିବ୍‌ଙ୍କ କୀର୍ତ୍ତିମାନ

### ଟି-୨୦ରେ ୨୫୦୦ ରନ୍



**ଏସୀୟ କ୍ରିକେଟର୍ ଭାବେ ସର୍ବାଧିକ ଟି-୨୦ ରନ**

| ଖେଳାଳି | ମ୍ୟାଚ୍ | ରନ |
|---|---|---|
| ବାବର ଆଜମ | ୧୨୨ | ୪୧୧୩ |
| ବିରାଟ କୋହଲି | ୧୨୦ | ୪୦୪୨ |
| ରୋହିତ୍ ଶର୍ମା | ୧୫୪ | ୪୦୪୨ |
| ମହମ୍ମଦ ରିଜୱାନ | ୧୦୧ | ୩୨୯୬ |
| ଶାକିବ ଅଲ୍ ହାସନ | ୧୨୫ | ୨୫୧୫ |
| ମହମ୍ମଦ ହାଫିଜ | ୧୧୯ | ୨୫୧୪ |

**ସେଣ୍ଟ ଭିନସେଣ୍ଟ, ୧୪।୬ (ଏଜେନ୍ସି):** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଶୁକ୍ରବାର ରାତିରେ ବାଂଲାଦେଶ ୨୫ ରନରେ ନେଦରଲାଣ୍ଡସକୁ ପରାସ୍ତ କରିଛି। ମ୍ୟାଚରେ ଶାକିବଙ୍କ ଅପରାଜିତ ୬୪ ରନ ବଳରେ ବାଂଲାଦେଶ ୫ ୱିକେଟ୍‌ରେ ୧୫୯ ରନ କରିଥିଲା। ଜବାବରେ ନେଦରଲାଣ୍ଡସ ୮ ୱିକେଟ୍‌ରେ ୧୩୪ ରନ କରି ପରାସ୍ତ ହୋଇଥିଲା। ବିଜୟ ସହ ବାଂଲାଦେଶ ସୁପର୍-୮ ଅଭିମୁଖେ ଆଉ ପାଦେ ଅଗ୍ରସର ହୋଇଛି।

୬୪ ରନର ଅର୍ଦ୍ଧଶତକୀୟ ପାଳି ଅବସରରେ ଅଭିଜ୍ଞ ବ୍ୟାଟର୍ ଶାକିବ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପ୍ରଥମ ବାଂଲାଦେଶ କ୍ରିକେଟର୍ ଭାବେ ସେ ଟି-୨୦ରେ ୨୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୫ ଟି-୨୦ ମ୍ୟାଚ୍ ଖେଳିଥିବା ଶାକିବ ୨୩.୭୩ ହାରରେ ୨୫୧୫ ରନ କରିଛନ୍ତି। ଏଥିରେ ୧୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ସେ ୬ଷ୍ଠ ଏସୀୟ କ୍ରିକେଟର୍ ଭାବେ ଟି-୨୦ରେ ୨୫୦୦ ରନ ମାଇଲଖୁଣ୍ଟ ଛୁଇଁଛନ୍ତି।

### ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

# ପ୍ରଣୟ ପରାସ୍ତ; ଭାରତର ଅଭିଯାନ ଶେଷ

**ସିଡ୍‌ନୀ, ୧୪।୬ (ଏଜେନ୍ସି):** ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ପ୍ରଣୟଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହି ମୁକାବିଲାରେ ପ୍ରଣୟ ୧୯-୨୧, ୧୩-୨୧ ସିଧାସଳଖ ଗେମ୍‌ରେ ଜାପାନର କୋଡାଇ ନାରାଓକାଙ୍କ ନିକଟରୁ ପରାସ୍ତ ହୋଇଥିଲେ। ନାରାଓକାଙ୍କ ବିପକ୍ଷରେ ପ୍ରଣୟଙ୍କ ଏହା ୭ମ ମୁକାବିଲାରୁ ୬ଷ୍ଠ ପରାଜୟ ଥିଲା। ସେହିଭଳି ଅନ୍ୟ ପୁରୁଷ ଏକକ କ୍ୱାର୍ଟର ମୁକାବିଲାରେ ସମୀର ବର୍ମା ୧୨-୨୧, ୧୩-୨୧ରେ ଚାଇନିଜ ତାଇପେଇର ଲିନ ଚୁନ-ୟିଙ୍କଠାରୁ ହାରିଥିଲେ। ପୂର୍ବରୁ ପ୍ରି-କ୍ୱାର୍ଟରରେ ପ୍ରାକ୍ତନ ବିଶ୍ୱ ଚାମ୍ପିଅନ ସିଙ୍ଗାପୁରର ଲୋର କିଅନ ୟିଉଙ୍କୁ ଚକ୍‌ମା ଦେଖାଇଥିବା ସମୀର କିନ୍ତୁ ଆଜି ନିରାଶ କରିଥିଲେ। ଅପରପକ୍ଷରେ ମହିଳା ଏକକ କ୍ୱାର୍ଟର ଫାଇନାଲରେ ୮ମ ସିଡ୍ ଆକର୍ଷୀ କାଶ୍ୟପ ୧୭-୨୧, ୧୨-୨୧ରେ ଚାଇନିଜ ତାଇପେଇର ପାଇ ୟୁ-ପୋଙ୍କ ନିକଟରୁ ହାରିଯାଇଛନ୍ତି। ସମସ୍ତ ଭାରତୀୟ ଶୁକ୍ରବାର ହାରିଯିବା ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ଅଭିଯାନ ସମାପ୍ତ ହୋଇଯାଇଛି।


ଆକର୍ଷୀ କାଶ୍ୟପ

### କଳାହାଣ୍ଡି କପ୍ ସୁପର ଲିଗ୍

# ଦୃଢ଼ ସ୍ଥିତିରେ ପୂର୍ବତଟ ରେଳବାଇ

**କଟକ,୧୪।୬(ସମିସ):** ଓସିଏ ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ସୁପର ଲିଗ୍ ପର୍ଯ୍ୟାୟ ଜାରି ରହିଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ସୁପର ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପୂର୍ବତଟ ରେଳବାଇ ଦଳ ଦୃଢ଼ ସ୍ଥିତିରେ ପହଞ୍ଚିଛି। ସନସାଇନ ଗ୍ରାଉଣ୍ଡରେ ରେଳବାଇ ଏବଂ ଅବଶିଷ୍ଟ ଓଡ଼ିଶା-ଏ ବିପକ୍ଷ ମ୍ୟାଚ ଖେଳାଯାଉଛି। ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ସମସ୍ତ ୱିକେଟ ହରାଇ ୪୫୯ ରନ ସଂଗ୍ରହ କରିଛି। ଓପନର ଗିରିଜା ରାଉତ ସର୍ବାଧିକ ୧୧୨ ରନ୍ କରିଥିଲେ। ସେହିଭଳି ମଧ୍ୟକ୍ରମରେ ୪ଟି ଅର୍ଦ୍ଧଶତକୀୟ ପାଳି ଯୋଗୁଁ ରେଳବାଇ ୪୦୦ ପାର୍ କରିଥିଲା। ସମୀର ମହାନ୍ତି ୫୫, ସୁଜିତ ଲେଙ୍କା ୭୯, ଅଭିଷେକ ଯାଦବ ୬୪ ରନ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ୫୬ ବଲରୁ ଦ୍ରୁତ ୯୫ ରନର ବିଧ୍ୱଂସୀ ପାଳି ଖେଳିଥିଲେ। ଅବଶିଷ୍ଟ ଓଡ଼ିଶା-ଏ ପକ୍ଷରୁ ତରଣୀ ସ, ବିମଳ କୁମାର, କୌସ୍ତୁଭ ପଟ୍ଟନାୟକ, ମୁସ୍ତାକ ବେଗ୍ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଶନିବାର ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ଅବଶିଷ୍ଟ ଓଡ଼ିଶା-ଏ ସମ୍ମୁଖରେ ୪୬୦ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।


ସାଇ ଶୁଭମ


ସେଖ ଆଝାରୁଦ୍ଦିନ

### ରେଭେନ୍ସା ଗ୍ରାଉଣ୍ଡ-୧

ଏଠାରେ ଅବଶିଷ୍ଟ ଓଡ଼ିଶା-ସି ବିଜୟ ପଏଣ୍ଟ ନିଶ୍ଚିତ କରିସାରିଛି। ନୟାଗଡ଼ ବିପକ୍ଷରେ ଏହି ମ୍ୟାଚ୍ ଖେଳାଯାଉଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନୟାଗଡ଼ ୧୧୮ ରନ୍‌ରେ ଅଲଆଉଟ ହୋଇଥିଲା। ନିହାର ପଟ୍ଟନାୟକ ସର୍ବାଧିକ ୩୦ ରନ୍ କରିଥିଲେ। ଓଡ଼ିଶା-ସି ପକ୍ଷରୁ ନୀତୀଶ ସାମନ୍ତରାୟ ଏବଂ ମିଲନ ସାମଲ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ସି ୩ ୱିକେଟ ବିନିମୟରେ ୧୪୪ ରନ କରିବା ସହ ୨୬ ରନର ଅଗ୍ରଣୀ ହାସଲ କରିଛି। ଗୌରବ ଚୌଧୁରୀ ୮୨ ରନରେ ଆଉଟ ହୋଇଛନ୍ତି।

### ବାରବାଟୀ ଷ୍ଟାଡିୟମ

ବାରବାଟୀରେ ଅବଶିଷ୍ଟ ଓଡ଼ିଶା-ଡି ୧୧୮ ରନ୍‌ରେ ଭଦ୍ରକକୁ ପରାସ୍ତ କରିଛି। ଆର୍ଯ୍ୟଶ୍ରୀ ଭଞ୍ଜଙ୍କ ୫୭ ରନ ଓ ଅନୀଲ ପରିଡ଼ାଙ୍କ ୪୦ ରନ ସହାୟତାରେ ଅବଶିଷ୍ଟ ଓଡ଼ିଶା-ଡି ସମସ୍ତ ୱିକେଟ ହରାଇ ୨୦୩ ରନ କରିଥିଲା। ଭଦ୍ରକ ପକ୍ଷରୁ ଅମରିତ ଉପାଧ୍ୟାୟ ଏବଂ ରୋହିତ ଦାଶ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ଭଦ୍ରକର ପାଳି ୮୫ ରନ୍‌ରେ ସୀମିତ ହୋଇଛି। ଓଡ଼ିଶା-ଡି ଦଳର ସେଖ ଆଝାରୁଦ୍ଦିନ ୧୪ ରନ ବିନିମୟରେ ୫ଟି ୱିକେଟ ଦଖଲ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

### ଡ୍ରିମସ ଗ୍ରାଉଣ୍ଡ

ଭୁବନେଶ୍ୱର-ଏ ଓ ଅବଶିଷ୍ଟ ଓଡ଼ିଶା-ବି ଏଠାରେ ପରସ୍ପରକୁ ଭେଟିଛନ୍ତି। ମ୍ୟାଚରେ ଅବଶିଷ୍ଟ ଓଡ଼ିଶା-ବି ଟସ୍ ଜିତି ଭୁବନେଶ୍ୱରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଭୁବନେଶ୍ୱର-ଏ ୨୭୫ ରନରେ ଅଲଆଉଟ ହେବା ସହ ପ୍ରଥମ ଦିବସ ଖେଳ ଶେଷ ହୋଇଛି। ଓପନର ସାଇ ଶୁଭମ ଏବଂ ଶାନ୍ତନୁ ମିଶ୍ର ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ଅନ୍ୟ ସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ଶାନ୍ତନୁ ୯୭ ଏବଂ ଶୁଭମ ୯୩ ରନରେ ଆଉଟ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଅବଶିଷ୍ଟ ଓଡ଼ିଶା-ବି ପକ୍ଷରୁ ପ୍ରଦୀପ ପ୍ରଧାନ ଏବଂ ଆଶିଷ ରଏ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

# ସୋହନଙ୍କୁ ୬ ୱିକେଟ; ଗଜପତି ବିଜୟୀ

**କଟକ,୧୪।୬(ସମିସ):** ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଜପତି ୮ ୱିକେଟରେ ଗଞ୍ଜାମକୁ ହରାଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୬୨ ରନରେ ଅଲ୍‌ଆଉଟ ହୋଇଥିଲା। ଗଜପତିର ସୋହନ ଜେନା ୩୨ ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରି ଗଞ୍ଜାମର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ୧୧.୨ ଓଭରରେ ଦୁଇ ୱିକେଟ ହରାଇ ଗଜପତି ବିଜୟ ଲକ୍ଷ୍ୟ ହାସଲ କରିଛି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଯାଜପୁର ୭ ୱିକେଟରେ କଳାହାଣ୍ଡିକୁ ହରାଇଛି। ଅଧିବାସ ପଟ୍ଟନାୟକଙ୍କ ୫୬ ରନ ସହାୟତାରେ କଳାହାଣ୍ଡି ସମସ୍ତ ୱିକେଟ ହରାଇ ୧୩୬ ରନ କରିଥିଲା। ଯାଜପୁରର ଏମଏଚ୍ ରାଜା ୩ଟି ୱିକେଟ ଦଖଲ କରିଥିଲେ। ଗଜପତି ୨୧.୧ ଓଭରରେ ୩ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଶାନ୍ତ ନାୟକ ୭୩ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।



ନିମପୁର ଗ୍ରାଉଣ୍ଡରେ ବଲାଙ୍ଗିର ୬୩ ରନ୍‌ରେ ମାଲକାନଗିରିକୁ ହରାଇଥିଲା। ସମରପିତ ପଟେଲଙ୍କ ୮୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବଲାଙ୍ଗିର ୪ ୱିକେଟ ହରାଇ ୧୮୭ ରନ କରିଥିଲା। ଜବାବରେ ମାଲକାନଗିରି ୧୨୪ ରନରେ ଅଲଆଉଟ ହୋଇଥିଲା।

# ଅଲିମ୍ପିକ୍ସ ଖେଳିବେନି ମେସି

**ବୁଏନ୍ସ ଆରିଜ୍,୧୪।୬ (ଏଜେନ୍ସି):** ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ନିଜ ଦେଶ ପାଇଁ ପ୍ରତିନିଧିତ୍ୱ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଆର୍ଜେଣ୍ଟିନା ଦଳ ପାଇଁ ଫୁଟବଲ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଓ ସେ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ନାହାନ୍ତି ବୋଲି କହିଛନ୍ତି। ଏ ନେଇ ଆର୍ଜେଣ୍ଟିନା ଅଲିମ୍ପିକ୍ସ ଫୁଟବଲ ପ୍ରଶିକ୍ଷକ ଜାଭିଏର ମାସ୍କେରାନୋଙ୍କ ସହ କଥା ହୋଇଛନ୍ତି। ଆଗକୁ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଯଦି ଅଲିମ୍ପିକ୍ସ ଖେଳିବି ତେବେ ନିଜ କ୍ଲବଠାରୁ ୨ରୁ ୩ ମାସ ଖେଳିପାରିବି ନାହିଁ। ଆସନ୍ତା ୨୪ ତାରିଖରେ ୩୭ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ସବୁ ଟୁର୍ଣ୍ଣାମେଣ୍ଟ ଖେଳିବା ମୋ ପାଇଁ ସମ୍ଭବପର ନୁହେଁ ବୋଲି ସେ କହିଛନ୍ତି। କୋପା ଆମେରିକା ଜୁନ୍ ୨୦ରୁ ଜୁଲାଇ ୧୪ ମଧ୍ୟରେ ଖେଳାଯିବ। ଏହାର ଠିକ୍ ଦୁଇ ଦିନ ପରେ ଜୁଲାଇ ୨୬ରେ ଅଲିମ୍ପିକ୍ସ ଆରମ୍ଭ ହେବ। ତେବେ ୨୦୨୬ରେ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜନ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ସେ ଅଂଶଗ୍ରହଣ କରିବା ସମ୍ଭାବନାକୁ ଏଡାଇନାହାନ୍ତି।

# ଆଲ୍‌କାରାଜଙ୍କୁ ଅଲିମ୍ପିକ୍ସ ସାଥୀ କଲେ ନାଡାଲ

**ମାଦ୍ରିଦ, ୧୪।୬ (ଏଜେନ୍ସି):** କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆସନ୍ତା ମାସରୁ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ସ୍ପେନର କିମ୍ବଦନ୍ତୀ ଟେନିସ ଖେଳାଳି ରାଫେଲ ନାଡାଲ ପୁରୁଷ ଯୁଗଳ ବିଭାଗ ଲାଗି ନିଜ ଦେଶର କାର୍ଲୋସ ଆଲ୍‌କାରାଜଙ୍କୁ ସାଥୀ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସର ଟେନିସ ଇଭେଣ୍ଟ କ୍ଲେ (ମାଟି) କୋର୍ଟରେ ଖେଳାଯିବ। ଗତ ସପ୍ତାହରେ ଏଠାରେ ଶେଷ ହୋଇଥିବା ଫ୍ରେଞ୍ଚ ଓପନ୍‌ର ପୁରୁଷ ଏକକରେ ଚାମ୍ପିଅନ ହୋଇ ୨୧ ବର୍ଷୀୟ ଆଲ୍‌କାରାଜ ତାଙ୍କ କ୍ୟାରିୟରର ୩ୟ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଥିଲେ। ସେହିଭଳି ୩୮ ବର୍ଷୀୟ ନାଡାଲ ଜିତିଥିବା ୨୨ଟି ଗ୍ରାଣ୍ଡସ୍ଲାମରୁ ୧୪ଟି ଏଠାରେ ଜିତିଛନ୍ତି। ତେଣୁ ପ୍ୟାରିସ ଅଲିମ୍ପିକ୍ସରେ ଏହି ଯୋଡ଼ିଙ୍କୁ ଟାଇଟଲ୍ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ପ୍ରକାଶଯୋଗ୍ୟ, ନାଡାଲ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଆଲ୍‌କାରାଜଙ୍କ ଏହା ଅଲିମ୍ପିକ୍ସରେ ପଦାର୍ପଣ ହେବ।

### ଟି-୨୦ ବିଶ୍ୱକପ୍

# ନ୍ୟୁଜିଲାଣ୍ଡ କ୍ରିକେଟର ସ୍ୱର୍ଣ୍ଣିମ ଯୁଗର ଅବସାନ

**ନ୍ୟୁୟର୍କ,୧୪।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଦଳ ନିହାତି ସାଧାରଣ ପ୍ରଦର୍ଶନ କରି ଏହି ମେଗା ଇଭେଣ୍ଟରୁ ବାଦ୍ ପଡିଛି। ଗ୍ରୁପ୍ ସି'ରେ ଦୁଇଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଉଭୟରେ ପରାସ୍ତ ହୋଇ ପଏଣ୍ଟ ତାଲିକାରେ ଖାତା ଖୋଲି ନପାରି ୫ମ ତଥା ସର୍ବନିମ୍ନ ସ୍ଥାନରେ ରହି ବିଦାୟ ନେଇଛି। ନ୍ୟୁଜିଲାଣ୍ଡ ପ୍ରଥମ ମୁକାବିଲାରେ ୮୪ ରନରେ ଆଫଗାନିସ୍ତାନଠାରୁ ପରାସ୍ତ ହେବା ପରେ ତା'ର ଦ୍ୱିତୀୟ ମୁକାବିଲାରେ ୱେଷ୍ଟଇଣ୍ଡିଜଠାରୁ ୧୩ ରନରେ ପରାସ୍ତ ହୋଇ ବିପଦରେ ପଡିଥିଲା। ପୁଣି ଶୁକ୍ରବାର ବିଳମ୍ବିତ ରାତିରେ ପାପୁଆ ନ୍ୟୁଗିନି(ପିଏନ୍‌ଜି)କୁ ଆଫଗାନିସ୍ତାନ୨୯ଟି ବଲ ବାକି ରଖି ୭ ୱିକେଟରେ ପରାସ୍ତ କରିଛି।



## ଗତ ଦଶନ୍ଧିରେ ପ୍ରଥମଥର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍

ଏଥିସହ ନ୍ୟୁଜିଲାଣ୍ଡ ଟି-୨୦ ବିଶ୍ୱକପ୍‌ରୁ ବାଦ ପଡିବା ନିଶ୍ଚିତ ହୋଇଛି। ଏବେ ନ୍ୟୁଜିଲାଣ୍ଡ ତା'ର ତୃତୀୟ ମୁକାବିଲାରେ ଶନିବାର ଉଗାଣ୍ଡକୁ ଓ ସୋମବାର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍‌ରେ ପିଏନ୍‌ଜିକୁ ଭେଟିବ। ତେବେ ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହେଲେ ମଧ୍ୟ ନ୍ୟୁଜିଲାଣ୍ଡ ସୁପର-୮ ପର୍ଯ୍ୟାୟକୁ ଉଠିପାରିବ ନାହିଁ। ଗତ ଏକ ଦଶନ୍ଧିରେ କେନ୍ ୱିଲିୟମସନଙ୍କ ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ କୌଣସି ପୁରୁଷ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ପାର କରିବାର ବିଫଳ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ କ୍ରିକେଟର ସ୍ୱର୍ଣ୍ଣିମ ଯୁଗର ଅନ୍ତ ହେଲା ବୋଲି ପରୋକ୍ଷରେ ଏହା ସୂଚାଉଛି।

## କ୍ରମାଗତ ୬ଥର ସେମି ଓ ୩ଥର ଫାଇନାଲ ଖେଳିଛି

ଚଳିତ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ କୌଣସି ଚମକ ଦେଖିବାକୁ ମିଳିନାହିଁ। ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦଳର ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂର ଦୁର୍ବଳତା ପଦାର ପଡିଛି। ଦଳରେ ପ୍ରାୟ ସବୁ ଖେଳାଳି ବିଶ୍ୱସ୍ତରୀୟ ହୋଇଥିଲେ ମଧ୍ୟ ପ୍ରଦର୍ଶନ ମାମୁଲି ସାବ୍ୟସ୍ତ ହୋଇଛି। ନ୍ୟୁଜିଲାଣ୍ଡ ଏକ ଶକ୍ତିଶାଳୀ ଓ ଦକ୍ଷ ଦଳ ଭାବେ ପରିଗଣିତ ହେଉଥିଲା। ବଡ଼ ବଡ଼ ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିବାରେ ବିଫଳ ହେଉଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ତା'ର ସ୍ଥିର ପ୍ରଦର୍ଶନ ପାଇଁ ବେଶ୍ ଭରସାଯୋଗ୍ୟ ଦଳ ବିବେଚିତ ହୋଇଆସିଛି। ୨୦୧୫ରୁ ୨୦୨୩ ମଧ୍ୟରେ ଏହି ଦଳ ଦିନିକିଆ ଓ ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଭାବେ ୬ଥର ସେମିଫାଇନାଲରେ ପ୍ରବେଶ କରିଛି। କେବଳ ସେତିକି ନୁହେଁ ଦଳ ଏହି ସମୟ ଅବଧିରେ ୩ଥର ଫାଇନାଲ ମଧ୍ୟ ଖେଳିଛି। କିନ୍ତୁ ଏବେ କଥା ଅଲଗା ହୋଇଛି। ନ୍ୟୁଜିଲାଣ୍ଡ କ୍ରିକେଟର ସ୍ୱର୍ଣ୍ଣିମ ଯୁଗର ଅବସାନ ହୋଇଛି ବୋଲି କୁହାଯାଇଛି। କେନ୍ ୱିଲିୟମସନ, ଟିମ୍ ସାଉଦି ଓ ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ବିଶ୍ୱସ୍ତରୀୟ କ୍ରିକେଟରଙ୍କ ଉପସ୍ଥିତିରେ ହିଁ ନ୍ୟୁଜିଲାଣ୍ଡ କ୍ରିକେଟର ଏହି ଅବନତି ହୋଇଛି। ନ୍ୟୁଜିଲାଣ୍ଡ କ୍ରିକେଟ ଇତିହାସରେ ଏହି ୩ ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଆସିଛି।

## ନୂଆ ପରୀକ୍ଷା ନିରୀକ୍ଷା କରିଆସିଛି ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ କ୍ରିକେଟ ଇତିହାସକୁ ଦେଖିଲେ ଏହି ଦଳ ସବୁବେଳେ ଖାସ୍‌କରି ବିଶ୍ୱକପ୍‌ରେ ସାହସିକ ଢଙ୍ଗରେ ପରୀକ୍ଷା ନିରୀକ୍ଷା କରିଛି। ୧୯୯୨ ବିଶ୍ୱକପ୍‌ରେ ଅଫ୍ ସ୍ପିନର ଦୀପକ ପଟେଲଙ୍କୁ ଓପନିଂ ବୋଲିଂ କରିବା ଓ ମାର୍କ ଗ୍ରେଟବ୍ୟାଚ୍‌କୁ ଆଧୁନିକ କ୍ରିକେଟର ପ୍ରଥମ ପିଞ୍ଚ୍ ହିଟର ଭାବେ ସୁଯୋଗ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲା ଏହି ଦଳ। ସେହିପରି ୨୦୧୫ରେ ବ୍ରେଣ୍ଡନ ମ୍ୟାକୁଲମଙ୍କ ଆକ୍ରମଣାତ୍ମକ ନେତୃତ୍ୱ ମଧ୍ୟ ନୂଆ ଉଦାହରଣ ସୃଷ୍ଟି କରିଥିଲା। କିନ୍ତୁ ଏବେକାର ଦଳରେ ଏହି ପ୍ରାୟ ନାହିଁ। ତେଣୁ ନ୍ୟୁଜିଲାଣ୍ଡ କ୍ରିକେଟର ଅବନତୀର ଆରମ୍ଭ ହୋଇଛି କହିଲେ ଭୁଲ ହେବନାହିଁ।



## ସୁବିର ରଜ ପାର୍ସଲ



ସୁବ୍ରତ ଦାସ

ସକାଳୁ ମୋବାଇଲ ଦେଖୁଦେଖୁ ଦୌଡ଼ି ଯାଇ ସୁବି ପହଞ୍ଚିଲା ମା'ଙ୍କ ପାଖରେ । କହିଲା, ମା' ରଜରେ ମୋ' ପାଇଁ ଏହିଭଳି ଡ୍ରେସ୍‌ଟେ ଆଣିବ ବୋଲି ମୋବାଇଲ ଦେଖାଇଲା । ମା' କହିଲେ, ବାବା ଆସନ୍ତୁ କହିବି, ଠିକ୍ ସେହିଭଳି ତୋର ଜାମା ଆସିବ । ଠିକ୍ ସେତିକି ବେଳେ ବଡ଼ପୁଅ ଶିବା ଆସି କହିଲା, ମାମା ମୋର ଜିନ୍ସ ପ୍ୟାଣ୍ଟ୍ ଓ ଟି ସାର୍ଟ ଆଣିବ । ଅନ୍‌ଲାଇନ୍ ଅର୍ଡର କରିଦିଅ । ମାମା କହିଲେ, ଆରେ ବାବା, ଅନ୍‌ଲାଇନ୍‌ରେ ଆଣିଲେ ହୁଏତ ମାପ ଠିକ୍ ହେବ କି ନା ଜାଣି ହେବନି । ଠିକ୍ ସମୟରେ ମଧ୍ୟ ତୁ ପିନ୍ଧି ପାରିବୁ ନାହିଁ । ବାପା ଆସିଲେ, ଆମ ପାଖ ବଜାର ସାହୁ ଲୁଗା ଦୋକାନରୁ ସୁନ୍ଦର ସୁନ୍ଦର ଡ୍ରେସ୍ ତୋ ପାଇଁ ଆଉ ସୁବି ପାଇଁ ଆଣିବେ । ଆମେ ଶସ୍ତା ଓ କମ୍ ଦାମ୍ ଭାବି ଅନ୍‌ଲାଇନରୁ ଅର୍ଡର୍ କରୁଛନ୍ତି, କିନ୍ତୁ ଅଧିକାଂଶ ସମୟରେ ଠକାମିର ଶିକାର ହେବାକୁ ପଡ଼ିଥାଏ । ତେଣୁ ବାପାଙ୍କ ସାଙ୍ଗରେ ଯାଇ ଦେଖି ବାଛି ଆଣିବ । ଯେଉଁଠି ଭଲ ଲାଗିବ, ସେଥିରୁ ଆଣି ରଜରେ ଦୁଇଜଣ ପିନ୍ଧିବ । ଶିବା ବଡ଼ ପିଲା ବୁଝିଗଲା । କିନ୍ତୁ ସୁବି ଜିଦ୍ ଧରିଲା ନାଁ, ମୋର ମୋବାଇଲରେ ଦେଖାଯାଉଥିବା ଡ୍ରେସ୍ ଭଳି ଆସିବ । ତାହା ପୁଣି ଅନ୍‌ଲାଇନ୍ ଅର୍ଡର କର । ମାମା ବୁଝାଇଲେ, ସୁବି ତୁ ଜିଦ୍ ଧର ନାହିଁ, ବାପା ସନ୍ଧ୍ୟାରେ ଆସନ୍ତୁ ଅର୍ଡର୍ କରିବେ । ସନ୍ଧ୍ୟାରେ ବାପା ଆସିବା କ୍ଷଣି ସୁବି ଦୌଡ଼ିଯାଇ ବାପାଙ୍କ ହାତକୁ ଧରି ଟାଣିଟାଣି ମାମାଙ୍କ ପାଖକୁ ନେଲା । ବାପା ପଚାରିଲେ ମା'ରେ ତୋର କ'ଣ ହୋଇଛି କହ? ମା' କହିଲେ, ସୁବି ଆମର ଜିଦ୍ ଧରିଛି ତା'ର ଅନଲାଇନ୍‌ରେ ସୁନେଲି ରଙ୍ଗର ଲେହେଙ୍ଗା ଡ୍ରେସ ଅର୍ଡର କରି ଆଣିବ । ବାପା କହିଲେ ଆଚ୍ଛା ହଉ, ତୋର ଅର୍ଡର୍ କରିବା । ସୁବି ଖୁସି ହୋଇଗଲା । ବାପା ସଙ୍ଗେ ସଙ୍ଗେ ଅର୍ଡର୍ କରିଦେଲେ । ଶିବାକୁ କହିଲେ, ଆମେ ସକାଳୁ ସାହୁ ଲୁଗା ଦୋକାନ ଯିବା ତୋ ପାଇଁ ଜିନ୍ସ ପ୍ୟାଣ୍ଟ୍ ଟି ସାର୍ଟ ଆଣିବା । ପରଦିନ ସକାଳୁ ଶିବା ବାପାଙ୍କ ସାଥିରେ ଯାଇ ତା' ପାଇଁ ଡ୍ରେସ୍ ଆଣିଲା । ସୁବି ଦେଖି କହିଲା ବାପା ମୋର ? ବାପା କହିଲେ ଆରେ ମା'..ତୋ ପାଇଁ ଅନ୍‌ଲାଇନ ଅର୍ଡର ହୋଇଛି ଆସି ପହଞ୍ଚି ନାହିଁ । ଆହୁରି ଦୁଇଦିନ ବାକି ଅଛି । ସୁବି ମୁଣ୍ଡରେ ପଶିଲା, ରଜ ତ ଆସିଗଲାଣି ;ମୋର ଡ୍ରେସ୍ ଯଦି ଆସି ନ ପହଞ୍ଚିଲା.! ଆସିବା ଯଦି ଡେରି ହେଲେ ମୁଁ ରଜରେ କଣ ପିନ୍ଧିବି ! ମାମା ତ ଠିକ୍ କହୁଥିଲେ ଅନ୍‌ଲାଇନ ଅର୍ଡର ଅନେକ ସମୟରେ ବିଳମ୍ବ ହୁଏ । ସେହି ଚିନ୍ତା ତା' ମୁଣ୍ଡରେ ଘାରୁ ଥାଏ । ରଜ ପାଇଁ ବାପା ଦୋଳି ପିଣ୍ଡାରେ ଲଗାଉଥାନ୍ତି । ମାମା ରଜପାଇଁ ପୋଡ଼ ପିଠା ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏଥର ରଜରେ ଶିବା, ସୁବି ଦୋଳି ଖେଳିବେ । ନୂଆ ନୂଆ ଡ୍ରେସ ପିନ୍ଧିବେ, ପୋଡ଼ ପିଠା ଖାଇବେ । ରଜ ତିନିଦିନ ପୂରା ଆନନ୍ଦରେ ଦୁଇ ଭାଇ ଭଉଣୀ କାଟିବେ ବୋଲି ମା'ଙ୍କର ଭାରି ଇଚ୍ଛା । କିନ୍ତୁ ସୁବିର ମନ ଦୁଃଖ ଜଣା ପଡ଼ୁଥାଏ । ମା' ସୁବିକୁ କୁଣ୍ଢେଇ ପକାଇଲେ ପଚାରିଲେ, ମନଦୁଃଖ ମା' କାହିଁକି କରୁଛୁ । ସୁବି କହିଲା, ମା' ରଜ ତ ଆସି ଗଲାଣି ; ହେଲେ ମୋର ଡ୍ରେସ ଆସିଲା ନାହିଁ । ଭାଇର ଡ୍ରେସ୍ ଆସିଯାଇଛି, ମୁଁ କ'ଣ ରଜରେ ନୂଆ ଡ୍ରେସ୍ ପିନ୍ଧି ପାରିବି ନାହିଁ? ମାଆ କହିଲେ, ଆରେ ପାଗିଳି, ଯଦି ରଜରେ ଡ୍ରେସ୍ ନ ଆସି ପହଞ୍ଚିବ ବାପା ତୋ ପାଇଁ ଯାଇ ଆଉ ଗୋଟେ ନୂଆ ଡ୍ରେସ୍ ସାହୁ ଦୋକାନ ରୁ ଆଣି ଦେବେ । ତୁ ଜମାରୁ ମନ ଦୁଃଖ କର ନାହିଁ । ଠିକ୍ ଏହି ସମୟରେ କେହି ଜଣେ ଦାଣ୍ଡଦୁଆରୁ ଡାକ ପକେଇଲା ପାର୍ସଲ ଆସିଛି । ସୁବି ଦୌଡ଼ିଗଲା ଦାଣ୍ଡକୁ ଦେଖିଲା ,ଜଣେ ବ୍ୟକ୍ତି ପାର୍ସଲ ଧରି ଛିଡ଼ା ହୋଇଛି । ସୁବି ପଚାରିଲା ଅଙ୍କଲ, ଏଇଟା କ'ଣ? ପଛପଟୁ ମା' ଥାଇ କହିଲେ ଆରେ ମା', ଏଇଟା ତୋର ଡ୍ରେସ୍ ପାର୍ସଲ ଆସିଛି । ବାପା ଯେଉଁ ଅର୍ଡର୍ କରିଥିଲେ ସେଇଟା ତୋର ଆସିଲା, ତୁ ରଜରେ ପିନ୍ଧିବୁ । ସୁବି ଖୁବ୍ ଖୁସି ହୋଇଗଲା ଏବଂ ଦୌଡ଼ି କି ଘର ଭିତରକୁ ପଳାଇଗଲା । ମା' ଝିଅର ଖୁସି ଦେଖି ସେଇଭଳି ଚାହିଁ ରହିଥାନ୍ତି ।

- ରାଜେନ୍ଦ୍ରପୁର , ଭଦ୍ରକ
ମୋ: ୯୪୩୭ ୭୩୧୯୦୩

## କୁନି ତାରକା



ଶିବାଂଶୀ

## ରଜର ପସରା



ପ୍ରଶାନ୍ତ କୁମାର ସାହୁ

ଜ୍ୟେଷ୍ଠ ଯାଉଅଛି ସରି
ଆଷାଢ଼ ଆସୁଛି ଧୀରେ ରଖି ପାଦ
ରଜର ପସରା ଧରି ।
ନୂଆ ଜାମା ନୂଆ ଶାଢ଼ି
ଅତର କୁଙ୍କୁମ ସାଥେ ଆଣିଅଛି
ଆଣିଅଛି ନୂଆ ଚୁଡ଼ି ।
ମେହେନ୍ଦି ଅଳତା ବିନ୍ଦି
ପାଦକୁ ପାଉଁଜି ଆଣିଅଛି ପୁଣି
ଯାହାକୁ ପାରିବ ପିନ୍ଧି ।
ସୁଆଦିଆ ପୋଡ଼ପିଠା
ଆରିସା କାକରା ଆଣିଅଛି ସାଥେ
କେତେ କେତେ ପୁଣି ମିଠା ।
ପାଚିଲା ପଣସ ଆମ୍ବ
ସାଥିରେ ଆଣିଛି ସେପେଟା ସପୁରି
ଖଜୁରି ଜାମୁ ଡାଳିମ୍ବ ।
ସାଥିରେ ବିଡ଼ିଆପାନ
ତାଆସ କବାଡ଼ି ଖେଳ ଆଣିଅଛି
ଗଛ ପରେ ଦୋଳିମାନ ।
ରଜ ତିନିଦିନ ମଜା
କିଶୋରୀ ତରୁଣୀ ସାଜିଥାନ୍ତି ରାଣୀ
ଆଉ ସବୁ ଲାଗେ ପ୍ରଜା ।

- ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ନୃତ୍ୟ ନିମଗ୍ନା ସୋନାକ୍ଷୀ

**କଣ୍ଢେଇ ଧରି ଖେଳିବା ବୟସରେ ଟିଭି ପରଦାରେ କୌଣସି ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଦେଖିଲା ମାତ୍ରେ ସେ ନାଚିବା ଆରମ୍ଭ କରି ଦେଉଥିଲେ । ଏତେ ଛୋଟ ବୟସରେ ବାଦ୍ୟ ତଥା ସଙ୍ଗୀତର ଭାଷାକୁ ବୁଝି ନ ପାରିଲେ ସୁଦ୍ଧା ସେ ନୃତ୍ୟରେ ମସଗୁଲ ହୋଇ ଯାଉଥିଲେ । ଅଳ୍ପ ବୟସରୁ ନୃତ୍ୟ ପ୍ରତି ଆଗ୍ରହ ଦେଖି ତାଙ୍କ ବାପା ତାଙ୍କୁ ଏକ ନୃତ୍ୟ ଶିକ୍ଷାନୁଷ୍ଠାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା ପାଇଁ ନାଁ ଲେଖାଇଥିଲେ । ୨୦୧୭ରୁ ଏଯାବତ୍ ସେ ଏହି ଶିକ୍ଷାନୁଷ୍ଠାନରେ ତାଲିମ ନେବା ସହିତ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ବିଭିନ୍ନ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କଠାରୁ ସାଉଁଟିଛନ୍ତି ପ୍ରଶଂସା । ଓଡ଼ିଶୀ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଏହି କୁନି ପ୍ରତିଭା ଜଣକ ହେଉଛନ୍ତି ଭୁବନେଶ୍ୱର, ନୟାପଲ୍ଲୀ ନୂଆସାହିର ସୋନାକ୍ଷୀ ସାହୁ । ଓଡ଼ିଶୀ ନୃତ୍ୟ ମାଧ୍ୟମରେ ସେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଦର୍ଶିତ କରନ୍ତି ।**




ଶିଶିର କୁମାର ସାହୁ ଓ ସବିତା ସାହୁଙ୍କ ଝିଅ ସୋନାକ୍ଷୀ । ସୋନାକ୍ଷୀ ଏବେ ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଅଷ୍ଟମ ଶ୍ରେଣୀରେ ପାଠ ପଢ଼ୁଛନ୍ତି । ଅତି ସାନବେଳୁ ତାଙ୍କର ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ଦେଖାଇବାରୁ ପରିବାର ଲୋକେ ତାଙ୍କୁ 'ନୃତ୍ୟ ନିପୁଣା' ଓଡ଼ିଶୀ ଡ୍ୟାନ୍ସ ଇନଷ୍ଟିଚ୍ୟୁଟ୍‌ରେ ତାଲିମ ଦେଇଥିଲେ । ସେଠାରେ ଗୁରୁ ପ୍ରିୟଙ୍କା ମିଶ୍ରଙ୍କ ଠାରୁ ସେ ୨୦୧୭ରୁ ଏଯାବତ୍ ଓଡ଼ିଶୀ ନୃତ୍ୟ ଶିଖୁଛନ୍ତି । ପ୍ରାଚୀନ କଳାକେନ୍ଦ୍ରରୁ ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ ବର୍ଷ (ନୃତ୍ୟ ଭୂଷଣ) ଉତ୍ତୀର୍ଣ୍ଣ ହୋଇସାରିଛନ୍ତି ସୋନାକ୍ଷୀ । ମଙ୍ଗଳା ଚରଣ, ପଲ୍ଲବୀ,ଅଭିନୟ, ସମ୍ବଲପୁରୀ ନୃତ୍ୟ, ଭଜନ ନୃତ୍ୟ, ସେମିକ୍ଲାସିକାଲ ଇତ୍ୟାଦି ନୃତ୍ୟ ପରିବେଷଣ କରିବାରେ ପାରଙ୍ଗମ ଏହି ବାଳିକା ଜଣକ । ୨୦୧୭ରେ ଗୁରୁ ଦେବ ପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହରେ ରବୀନ୍ଦ୍ର ମଣ୍ଡପ ଠାରେ ଦଳଗତ ନୃତ୍ୟ ପରିବେଷଣ, ଇସ୍କନ ଦ୍ୱାରା ଆୟୋଜିତ ଚନ୍ଦନ ଯାତ୍ରାରେ ଏକକ ଓ ଦଳଗତ ନୃତ୍ୟ ପରିବେଷଣ, 'କୁନାକୁନି ମେଳା'ରେ ନୃତ୍ୟ ପରିବେଷଣ କରିଛନ୍ତି । ୨୦୧୯ରେ ସେ ନୃତ୍ୟ କଳିକା ସମ୍ମାନରେ ସମ୍ମାନିତ ହୋଇଥିଲେ । ସେହିପରି ୨୦୨୨ରେ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଆୟୋଜିତ ହାଇଦ୍ରାବାଦ୍ ସ୍ଥିତ ଶିଳ୍ପ ରମମ୍ ଠାରେ ଅଲ୍ ଇଣ୍ଡିଆ ଆର୍ଟ ଆଣ୍ଡ କ୍ରାଫ୍ଟ ମେଳାରେ ଦଳଗତ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ । ପାରାଦ୍ୱୀପ ଆଇଓସିଏଲ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେଉ କି ବିଭିନ୍ନ ସ୍ଥାନରେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକକ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟକୁ ସେ ଜିତିଛନ୍ତି । କେବଳ ସେତିକି ନୁହେଁ, ସେ ଶ୍ରେଣୀରେ ଭଲ ପାଠ ପଢ଼ିବା ସହିତ ଚିତ୍ର ଆଙ୍କିବା, ମଡେଲିଂରେ ପାରଦର୍ଶିତା ଦେଖାଇଛନ୍ତି । ଭବିଷ୍ୟତରେ ଜଣେ ଭଲ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବା ସହ ବିଶ୍ୱସ୍ତରରେ ଓଡ଼ିଶୀକୁ ନେଇ ନିଜର ପରିଚୟ ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ସୋନାକ୍ଷୀ ।

## ଆସନ୍ତୁ ପାଳିବା ରଜ



ଲକ୍ଷ୍ମୀପ୍ରିୟା ରାଉତରାୟ



କୁନା, ମୁନା ଟୁନା, ଗୁଲୁରି, ମାମୁନି
ଆସରେ ପାଳିବା ରଜ
ନୂଆ ଜାମା ପିନ୍ଧି ପୋଡ଼ପିଠା ଖାଇ
କରିବା କେଡ଼େ ମଉଜ ।
ଆରିସା, କାକରା, ଚକୁଳି, ଗଇଁଠା
ମାଆ ଘରେ କରିଥାଏ
କେରଟ ଦଉଡ଼ି ପଟା ଦୋଳି ଖେଳେ
ତିନି ଦିନ ବିତି ଯାଏ ।
ପାଦରେ ଅଳତା ମଥାରେ କୁଙ୍କୁମ
ସଜେଇ ହୁଅନ୍ତି ଝିଅ
କେତେ ରଙ୍ଗ ଢଙ୍ଗେ ବେଶଭୂଷା ହୋଇ
ବାଗୁଡ଼ି ଖେଳନ୍ତି ପୁଅ ।
ଲୁଡୁ, ସତରଞ୍ଜି, କବାଡ଼ି ଖେଳରେ
ସାହି ଦାଣ୍ଡ ପଡ଼େ ଉଠେ
ଘରେ ଘରେ ଖାଲି ଅତର ଚନ୍ଦନ
ମହ ମହ ବାସ ଛୁଟେ ।
ସପୁରି, କଦଳୀ, ଆମ୍ବ ପଣସର
ହାଟ କି ସତରେ ବସେ
ଯେତେ ଇଚ୍ଛା ସେତେ ବୁଲିବାକୁ ଗଲେ
ଖାଇବାରେ ମନ ରସେ ।



ପିଲାଠାରୁ ବୁଢ଼ା ସଭିଙ୍କ ସକାଶେ
ରଜ ପରବଟା ଆସେ
ଖୁସିବାସି ଭରା ଆନନ୍ଦ ପସରା-
ମେଲି ଗାଁ ମାଟି ହସେ ।

ଯାଜପୁର
ମୋ- ୯୮୫୩୧୬୭୨୨୯

## ପ୍ରହେଳିକା



- ପରବ ମଧ୍ୟେ ଅଟେ ସେ ରଜା
  ମିଳଇ ପରା ଦୋଳିର ମଜା
  ପାନ ଖାଇ ଓଠ କରନ୍ତି ନାଲି
  ସାଙ୍ଗସାଥୀ ମେଳେ ଯାଆନ୍ତି ବୁଲି
  କିଏ ସେ କହିବ କେଉଁ ପରବ
  ଓଡ଼ିଆ ଜାତିର ଅଟେ ଗରବ ?
  ଉ- ରଜ
- ଖାଇଦେଲେ ଓଠ ହୁଅଇ ନାଲି
  ଲବଙ୍ଗ ଦେଇକି ମାରନ୍ତି ଖିଲି
  ତା' ଦେହେ ମସଲା କେତେ ପ୍ରକାର
  ଲାଗୁଥାଏ ତାହା ଭାରି ସୁନ୍ଦର
  ଧଣିଆ ମହୁରୀ ଚେରି ନଡ଼ିଆ
  କେବେ ଖଇରକୁ କେବେ ବିଡ଼ିଆ ।
  ଉ-ରଜପାନ



- ଗୋଲାକାର ଅଟେ ରୂପଟି ତା'ର
  ମଝିରେ ଥାଏ ନଡ଼ିଆ ପୁର
  ଚହଟ ଚିକ୍କଣ ଧବଳ ରଙ୍ଗ
  ଭାରି ସ୍ୱାଦିଷ୍ଟ ସେ ଘୁଗୁନି ସଙ୍ଗ
  ଭାରି ସୁଆଦିଆ ପିଠାଟେ ସିଏ
  ନାମଟି ତାହାର କହିବ କିଏ ?
  ଉ-ମଣ୍ଡା
- କେବେ ସେ ଚାଳରେ କେବେ ଗଛରେ
  ଝୁଲୁଥାଏ ସିଏ ଜ୍ୟେଷ୍ଠ ଅନ୍ତରେ
  ସେ ଖେଳ ଟିକିଏ ଖେଳିବା ପାଇଁ
  ପୁଅ ଝିଅ ସବୁ ହୁଅନ୍ତି ବାଇ ।
  ଉ-ଦୋଳି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଯାଜପୁର
ମୋ-୮୩୧୦୩୨୮୩୪୫

## ସକାଳ ଶିଶୁ କୁଇଜ୍-୧୨୨

(୧) ଅନ୍ତର୍ଜାତୀୟ ଯୋଗ ଦିବସ କେବେ ପାଳନ କରାଯାଏ?
ଉତ୍ତର : ______
(୨) 'ସିଦ୍ଧାନ୍ତ ଦର୍ପଣ'ର ରଚୟିତା କିଏ?
ଉତ୍ତର : ______
(୩) ସାବରମତୀ ଆଶ୍ରମ ଭାରତର କେଉଁ ସହରରେ ଅଛି?
ଉତ୍ତର : ______
(୪) ଚୀନ୍‌ର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ______
(୫) କରମା କେଉଁ ରାଜ୍ୟର ଲୋକନୃତ୍ୟ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା

- ପ୍ରତୀକ ମହାନ୍ତି, ମଧୁବନ, ପୁରୀ
- ଶାଶ୍ୱତୀ ମିଶ୍ର, ଜାରକା, ଯାଜପୁର
- ପ୍ରିୟବ୍ରତ ରାୟ, ବାରିପଦା

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ଛୁଆ ଆଙ୍କେ ତୁଳୀ





ଦେବାଂଶୀ ଗୌରବ
ଦ୍ୱିତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ-୨
ଭୁବନେଶ୍ୱର





ଇଭାଂଶୀ ମିଶ୍ର
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଅଂଶୁମାନ ମଲ୍ଲିକ୍
ଚତୁର୍ଥ ଶ୍ରେଣୀ
ଭି.ଏସ୍ ବିଦ୍ୟାଳୟ
ସୁନାବେଡ଼ା





ସମୀର କୁମାର ବିନ୍ଧାଣୀ
ପଞ୍ଚମ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ






# ଓମାନକୁ ହରାଇ ଇଂଲଣ୍ଡର ଆଶା ଦୃଢ଼


ଜନ ବେୟାରଷ୍ଟୋ ଓ ଜୋଶ୍ ବଟଲର

**ଆଣ୍ଟିଗୁଆ, ୧୪।୬ (ଏଜେନ୍ସି):** ଗତ ସଂସ୍କରଣର ବିଜେତା ଇଂଲଣ୍ଡ ଶୁକ୍ରବାର ରାତିରେ ଏଠାରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚରେ ଓମାନକୁ ୮ ୱିକେଟ୍‌ରେ ସହଜରେ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓମାନ ମାତ୍ର ୪୭ ରନରେ ସୀମିତ ରହିଥିଲା। ଜବାବରେ ଇଂଲଣ୍ଡ ୧୯ଟି ବଲ୍ ଖେଳି ୨ ୱିକେଟ୍ ହରାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚରୁ ପ୍ରଥମ ବିଜୟ ସହ ଇଂଲଣ୍ଡ ସୁପର୍-୮ ଖେଳିବା ଆଶା ଦୃଢ଼ କରିଛି।

### ଆଦିଲ-୪; ଆର୍ଚର-୩ ଓ ଉଡ୍-୩

ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ଗ୍ରୁପ୍-ବି ମ୍ୟାଚରେ ଟସ୍ ଜିତି ଇଂଲଣ୍ଡ ଅଧିନାୟକ ବଟଲର୍ ଓମାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ବ୍ୟାଟିଂ ସୁଯୋଗ ପାଇଥିବା ଓମାନ ପ୍ରତିପକ୍ଷ ଦୁଇ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ମାର୍କ ଉଡ୍‌ଙ୍କ ସମେତ ଲେଗ୍-ସ୍ପିନର ଆଦିଲ ରଶିଦଙ୍କ ବୋଲିଂକୁ ସାମ୍ନା କରି ନପାରି ତାସ ଘର ପରି ଭୁଶୁଡ଼ି ଯାଇଥିଲା। ଓମାନର କୌଣସି ବ୍ୟାଟର୍ ବେଶି ସମୟ କ୍ରିଜରେ ତିଷ୍ଠି ପାରି ନଥିଲେ। ଫଳରେ ଦଳ ୧୩.୨ ଓଭରରେ ୪୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୭ମ ସ୍ଥାନରେ ଆସିଥିବା ସୋଏବ ଖାନ (୧୧ ରନ) କେବଳ ଦୁଇଅଙ୍କ ଛୁଇଁପାରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶ୍ୟପ ପ୍ରଜାପତି ୯, ଅଧିନାୟକ ଆକିବ ଲାଇସ୍ ୮, ୱିକେଟ୍‌ରକ୍ଷକ ପ୍ରତୀକ ଅଥଭାଲେ ଓ କଲିମୁଲ୍ଲା ୫ ରନ ଲେଖାଏ କରିଥିଲେ। ଇଂଲଣ୍ଡ ପାଇଁ ଆର୍ଚର (୩.୨-୧-୧୨-୩), ମାର୍କ ଉଡ୍ (୩-୦-୧୨-୩) ଓ ଆଦିଲ (୪-୦-୧୧-୪) ମିଳିତ ଭାବେ ୧୦ ୱିକେଟ୍ ବାଣ୍ଟିନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୩.୧ ଓଭରରେ ଦୁଇ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟକ ଜୋଶ୍ ବଟଲର୍ ୮ ବଲରେ ୨୪ ରନ ଓ ଜନ୍ନୀ ବେୟାରଷ୍ଟୋ ୨ ବଲରେ ୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ଓପନର୍ ଫିଲିପ୍ ସଲ୍ଟ ୧୨ ଓ ୱିଲ୍ ଜ୍ୟାକ୍ ୫ ରନ କରି ଆଉଟ ହୋଇଥିଲେ। ଆଦିଲ ରଶିଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।


ଆଦିଲ ରଶିଦ

### ପଏଣ୍ଟ ଟେବଲରେ ୩ୟକୁ ଉଠିଲା

ଏହି ବିଜୟ ସହ ଜୋଶ୍ ବଟଲର୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ୩ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ବାତିଲ ସହ ୩ ପଏଣ୍ଟ ପାଇ ଗ୍ରୁପ୍-ବି'ର ୩ୟ ସ୍ଥାନକୁ ଉଠିଛି। ଇଂଲଣ୍ଡର ରନରେଟ୍ ୩.୦୮୧କୁ ମଧ୍ୟ ବୃଦ୍ଧି ପାଇଛି। ଅପରପକ୍ଷରେ ଓମାନ ସମସ୍ତ ୪ଟି ଯାକ ମ୍ୟାଚ୍ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ହ୍ୟାଟ୍ରିକ ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ଏହି ଗ୍ରୁପ୍‌ରେ ପ୍ରଥମ ଦଳ ଭାବେ ସୁପର୍-୮ରେ ସ୍ଥାନ ପକ୍କା କରିଛି। ସ୍କଟଲାଣ୍ଡ ୩ ମ୍ୟାଚରୁ ୫ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଏହାର ଶେଷ ମ୍ୟାଚରେ ଜୁନ୍ ୧୬ରେ ସ୍କଟଲାଣ୍ଡ ସହ ଖେଳିବ। ଏହି ମ୍ୟାଚ୍ ଜିତିଲେ ସ୍କଟଲାଣ୍ଡ ୨ୟ ଦଳ ଭାବେ ସୁପର୍-୮ରେ ସ୍ଥାନ ନିଶ୍ଚିତ କରିବ। ତେବେ ଅଷ୍ଟ୍ରେଲିଆକୁ ହରାଇବା ସ୍କଟଲାଣ୍ଡ ପାଇଁ କାଠିକର ପାଠ ହେବ। ଯଦି ସ୍କଟଲାଣ୍ଡ ଏହି ମ୍ୟାଚରେ ପରାସ୍ତ ହୁଏ ତେବେ ଇଂଲଣ୍ଡ ପାଇଁ ସୁଯୋଗ ରହିବ। ଇଂଲଣ୍ଡ ଜୁନ୍ ୧୫ରେ ନାମ୍ବିଆକୁ ଭେଟିବ। ଦଳ ଏହି ମ୍ୟାଚରେ ବଡ଼ ବ୍ୟବଧାନରେ ବିଜୟୀ ହୋଇ ସୁପର୍-୮ରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି।

### ଟି-୨୦ ବିଶ୍ୱକପ୍
### ଆଜିର ମ୍ୟାଚ୍

**ଦ.ଆଫ୍ରିକା-ନେପାଳ**
ସ୍ଥାନ- ସେଣ୍ଟ ଭିନ୍‌ସେଣ୍ଟ, ସମୟ- ସକାଳ ୫ଟା

**ନ୍ୟୁଜିଲାଣ୍ଡ- ଉଗାଣ୍ଡା**
ସ୍ଥାନ- ତ୍ରିନିଦାଦ୍, ସମୟ- ସକାଳ ୬ଟା

**ଭାରତ- କାନାଡା**
ସ୍ଥାନ- ଫ୍ଲୋରିଡା, ସମୟ- ରାତି ୮ଟା

**ଇଂଲଣ୍ଡ-ନାମିବ୍ୟା**
ସ୍ଥାନ- ଆଣ୍ଟିଗୁଆ, ସମୟ- ରାତି ୧୦ଟା ୩୦

**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

### ସଂକ୍ଷିପ୍ତ ସ୍କୋର

**ଓମାନ:** ୪୭ରେ ଅଲ୍‌ଆଉଟ୍, ୧୩.୨ ଓଭର (ସୋଏବ ଖାନ- ୧୧, କାଶ୍ୟପ- ୯, ଆକିବ- ୮, ଆଦିଲ- ୪/୧୧, ଆର୍ଚର- ୩/୧୨, ଉଡ୍- ୩/୧୨)।
**ଇଂଲଣ୍ଡ:** ୫୦/୨, ୩.୧ ଓଭର (ବଟଲର୍- ୨୪*, ସଲ୍ଟ- ୧୨, ବେୟାରଷ୍ଟୋ- ୮*, ଜ୍ୟାକ୍ସ- ୫, କଲିମୁଲ୍ଲା- ୧/୧୦)।

## ପିଏନ୍‌ଜି ୭ ୱିକେଟରେ ପରାସ୍ତ
# ସୁପର-୮ରେ ଆଫଗାନିସ୍ତାନ


ଫଜଲହକ୍ ଫାରୁକି

**ତ୍ରିନିଦାଦ୍,୧୪।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି। ଏଠାରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ ସି' ମୁକାବିଲାରେ ପପୁଆ ନ୍ୟୁ ଗିନି (ପିଏନ୍‌ଜି)କୁ ୨୯ ବଲ ବାକି ଥାଇ ୭ ୱିକେଟରେ ପରାସ୍ତ କରି ଆଫଗାନିସ୍ତାନ ଏହି ସଫଳତା ପାଇଛି। ଗ୍ରୁପ୍ ସି' ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ୩ଟି ମ୍ୟାଚ୍ ଜିତି ସୁପର-୮ରେ ପ୍ରବେଶ କରିସାରିଛନ୍ତି। ମାତ୍ର ୧୬ ରନ ଦେଇ ମୂଲ୍ୟବାନ ୩ ୱିକେଟ ନେଇଥିବା ଆଫଗାନିସ୍ତାନ ଦ୍ରୁତ ବୋଲର ଫଜଲହକ୍ ଫାରୁକି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ସ୍ଥାନୀୟ ବ୍ରାଏନ ଲାରା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ପିଏନ୍‌ଜି ୧୯.୫ ଓଭରରେ ୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ୧୫.୧ ଓଭରରେ ୩ ୱିକେଟ ହରାଇ ୧୦୧ ରନକରି ବିଜୟ ହାସଲ କରିଛି। ଗୁଲବଦିନ ନାଇବ ୩୬ ବଲ ଖେଳି ୪ ଚୌକା ଓ ୨ ଛକା ସହ ୪୯ ଓ ମହମ୍ମଦ ନବୀ ୧୬ ରନକରି ଅପରାଜିତ ରହି ଦଳକୁ ଜିତାଇଥିଲେ। ସେହିପରି ରହମାନୁଲ୍ଲା ଗୁରୁବାଜ ୧୧ ଓ ଅଜମାତୁଲ୍ଲା ଓମାରଜାଇ ୧୩ ରନ କରି ଆଉଟ ହୋଇଥିଲେ। ପିଏନ୍‌ଜି ତରଫରୁ ଅଲଏଇ ନାଓ, ସେମୋ କମେଆ ଓ ନୋର୍ମାନ ଭାନୁଆ ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପିଏନ୍‌ଜି ତରଫରୁ ୮ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ଓପନର ଟୋନି ଉରା ୧୧, କିପ୍‌ଲିନ ଡୋରିଗା ସର୍ବାଧିକ ୨୭, ଅଲେଇ ନାଓ ୧୩ ରନକରି ଆଉଟ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଫଜଲହକ୍ ଫାରୁକି ୩, ନବୀନ ଉଲ-ହକ ୨ ଓ ନୁର ଅହମ୍ମଦ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

# ୯ ଥର ୧୦୦ରୁ କମ୍ ସ୍କୋରରେ ଅଲ୍‌ଆଉଟ୍

**ତ୍ରିନିଦାଦ୍, ୧୪।୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌କୁ ବୋଲରଙ୍କ ବିଶ୍ୱକପ୍ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଆୟୋଜିତ ଏହି ମେଗା ଇଭେଣ୍ଟରେ ଏଥର ବଡ଼ ସ୍କୋର ସ୍ୱପ୍ନ ହୋଇଯାଇଛି। ସାଧାରଣତଃ ଟି-୨୦ କ୍ରିକେଟ୍ ଛକା ଚୌକାର ଖେଳ ହୋଇଥିବାବେଳେ ଏଥର କିନ୍ତୁ ବିପରୀତ ଦେଖିବାକୁ ମିଳିଛି। ବିଶେଷ କରି ଆମେରିକାରେ ଖେଳାଯାଉଥିବା ମ୍ୟାଚ୍‌ଗୁଡ଼ିକରେ ସ୍କୋର କରିବା ଲାଗି ବ୍ୟାଟର୍‌ମାନେ ବେଶ୍ ସଂଘର୍ଷ କରୁଛନ୍ତି। ଏହି ବିଶ୍ୱକପ୍‌ରେ ମଧ୍ୟ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି ହୋଇଛି। ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣରେ ୯ ଥର ଭିନ୍ନ ଭିନ୍ନ ଦଳ ୧୦୦ ରନ ମଧ୍ୟରେ ଅଲ୍‌ଆଉଟ୍ ହୋଇଯାଇଛନ୍ତି। ଯାହାକି ଟି-୨୦ ବିଶ୍ୱକପ୍ ଇତିହାସର ଗୋଟିଏ ସଂସ୍କରଣରେ ସର୍ବାଧିକ ହୋଇଛି। ୧୦୦ ମଧ୍ୟରେ ଅଲ୍‌ଆଉଟ୍ ହୋଇଥିବା ୯ଟି ଘଟଣା ମଧ୍ୟରୁ ଉଗାଣ୍ଡା ଓ ପପୁଆ ନ୍ୟୁ ଗିନି ୨ଥର ଲେଖାଏ ସାମିଲ ରହିଛନ୍ତି। ସେହିଭଳି ଶ୍ରୀଲଙ୍କା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ନାମିବ୍ୟା, ଓମାନ ଥରେ ଲେଖାଏ ୧୦୦ ରନ୍ ଭିତରେ ଅଲ୍‌ଆଉଟ୍ ହୋଇଯାଇଛନ୍ତି।

# ମ୍ୟାଚ୍ ବାତିଲ
# ସୁପର-୮ରେ ଆମେରିକା
## ପାକିସ୍ତାନ ବିଦା



**ଲାଉଣ୍ଡରହିଲ୍,୧୪।୬(ଏଜେନ୍ସି):** ସ୍ଥାନୀୟ ସେଣ୍ଟ୍ରାଲ ବ୍ରୋୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମରେ ଶୁକ୍ରବାର ଆମେରିକା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଚଳିତ ଟି-୨୦ ବିଶ୍ୱକପ୍‌ର ୩୦ତମ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଛି। ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟ କରିଛନ୍ତି। ଫଳରେ ଆୟୋଜକ ଆମେରିକାର ଗ୍ରୁପ୍ ଏ'ରେ ୪ଟି ମ୍ୟାଚ୍ ଖେଳି ୨ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ମ୍ୟାଚ୍‌ରେ ପଏଣ୍ଟ ଭାଗ କରି ମୋଟ୍ ୫ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ସୁପର-୮ରେ ପ୍ରବେଶ କରିଛି। ଅନ୍ୟପଟେ ୨୦୦୯ ସଂସ୍କରଣ ଚାମ୍ପିଅନ ପାକିସ୍ତାନକୁ ନିରାଶ ହେବାକୁ ପଡିଛି। ପାକିସ୍ତାନ ଏପର୍ଯ୍ୟନ୍ତ ୩ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୨ ପରାଜୟ ସହ ୨ ପଏଣ୍ଟ ପାଇଁ ତୃତୀୟ ସ୍ଥାନରେ ରହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି। ପାକିସ୍ତାନ ଶେଷ ମ୍ୟାଚ୍‌ରେ ରବିବାର ଆୟର୍ଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ମଧ୍ୟ ପାକିସ୍ତାନର ପଏଣ୍ଟ ସର୍ବାଧିକ ୪ ହେବ ଏବଂ ଆମେରିକା ତଳକୁ ରହିବ। ପୂର୍ବରୁ ଭାରତ ଗ୍ରୁପ୍ ଏ'ର ପ୍ରଥମ ଦଳ ଭାବେ ସୁପର-୮ରେ ପ୍ରବେଶ କରିସାରିଛି।

ଶୁକ୍ରବାର ଏଠାରେ କ୍ରମାଗତ ବର୍ଷା ଓ ଓଦା ଆଉଟ୍ ଫିଲ୍ଡ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ମ୍ୟାଚ୍‌ରେ ଟସ୍ ପଡିପାରି ନଥିଲା ଓ ଗୋଟିଏ ହେଲେ ବଲ୍ ବୋଲିଂ କରାଯାଇ ନଥିଲା। ବର୍ଷା କିଛି ସମୟ ବନ୍ଦ ହେବା ଫଳରେ ଅମ୍ପାୟାର ୩ଥର ପଡିଆକୁ ଯାଇ ସ୍ଥିତି ନୀରିକ୍ଷଣ କରିଥିଲେ। କିନ୍ତୁ ଆଉଟ ଫିଲ୍ଡରେ ପାଣି ଜମିରହିବା କାରଣରୁ ମ୍ୟାଚକୁ ଶେଷରେ ବାତିଲ କରାଯାଇଥିଲା।

### ଟି-୨୦ ବିଶ୍ୱକପ୍ ପଏଣ୍ଟ ସାରଣୀ
ଗ୍ରୁପ-ଏ

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ଭାରତ | ୩ | ୩ | ୦ | ୦ | ୬ | +୧.୧୩୭ |
| ଆମେରିକା | ୪ | ୨ | ୧ | ୧ | ୫ | +୦.୧୨୭ |
| ପାକିସ୍ତାନ | ୩ | ୧ | ୨ | ୦ | ୨ | +୦.୧୯୧ |
| କାନାଡା | ୩ | ୧ | ୨ | ୦ | ୨ | -୦.୪୯୩ |
| ଆୟର୍ଲାଣ୍ଡ | ୩ | ୦ | ୨ | ୧ | ୧ | -୧.୭୧୨ |

# 'ବୀରେନ୍ଦ୍ର ସେହ୍ୱାଗ କିଏ'





**ନ୍ୟୁୟର୍କ, ୧୪।୬ (ଏଜେନ୍ସି):** ବୀରେନ୍ଦ୍ର ସେହ୍ୱାଗ କିଏ? ଚଳିତ ଟି-୨୦ ବିଶ୍ୱକପ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଅବସରରେ ବାଂଲାଦେଶ ଦଳର ବରିଷ୍ଠ ଖେଳାଳି ଶାକିବ ଅଲ୍ ହାସାନ ସାମ୍ବାଦିକମାନଙ୍କୁ ଏଭଳି ପ୍ରଶ୍ନ କରି ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାସ୍ତ ହେବାପରେ ଭାରତୀୟ ଦଳର ପ୍ରାକ୍ତନ ବିସ୍ଫୋରକ ଓପନର୍ ସେହ୍ୱାଗ ଏକ ସାକ୍ଷାତ୍‌କାରରେ ଶାକିବଙ୍କ ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଶାକିବ ଏହି ମ୍ୟାଚରେ ୪ ବଲରୁ ୩ ରନ କରି ନିରାଶ କରିଥିଲେ। ଏହାପରେ ଶାକିବଙ୍କ ଉଦ୍ଦେଶ୍ୟରେ ପରାମର୍ଶ ଦେଇ ସେହ୍ୱାଗ କହିଥିଲେ, 'ତୁମେ ଜଣେ ବାଂଲାଦେଶ ଖେଳାଳି। ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ କି ଆଦାମ ଗିଲ୍‌କ୍ରୀଷ୍ଟ ନୁହଁ। ତୁମେ ଟି-୨୦ ଫର୍ମାଟରୁ ସନ୍ନ୍ୟାସ ନେଇଯିବା ଉଚିତ୍।'

ଏହାପରେ ନେଦରଲାଣ୍ଡସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଶାକିବ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଦଳକୁ ବିଜୟୀ କରାଇଥିଲେ। ଏହାପରେ ସାମ୍ବାଦିକ ସମ୍ମିଳନୀରେ ଯେତେବେଳେ ସେହ୍ୱାଗଙ୍କ ଟିପ୍ପଣୀକୁ ନେଇ ଶାକିବଙ୍କୁ ପ୍ରଶ୍ନ କରାଯାଇଥିଲା ସେ ଉତ୍ତରରେ 'ବୀରେନ୍ଦ୍ର ସେହ୍ୱାଗ କିଏ' ବୋଲି ସାମ୍ବାଦିକଙ୍କୁ ପାଲଟା ପ୍ରଶ୍ନ କରିଥିଲେ। ଯାହା ଏବେ ବେଶ୍ ଚର୍ଚ୍ଚାର ଖବର ପାଲଟିଛି।

# ଜାତୀୟ ଅସି ଚାଳନା ଚାମ୍ପିଅନସିପ୍ ଉଦ୍‌ଘାଟିତ

**କଟକ,୧୪।୬(ସମିସ):** ଜାତୀୟ ଅସି ଚାଳନା ଚାମ୍ପିଅନସିପ୍ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଚାମ୍ପିଅନସିପ୍ ୫ଦିନ ଧରି ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ରାଜ୍ୟ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଅସି ଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ କୁମାର ପୁରୋହିତ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ସାହୁ, କଞ୍ଜୁମର ଫୋରମ ସଭାପତି ଦେବାଶିଷ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶଥାଉକି, ଓଡ଼ିଶା ରାଜ୍ୟ ଅସି ଚାଳନା ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ୧୨ବର୍ଷରୁ କମ୍, ୧୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ବୟସ ବର୍ଗରେ ମୁକାବିଲା ହେବ। ପ୍ରତିଯୋଗିତାରେ ୪୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି।




# ଭାରତ-କାନାଡା ମୁକାବିଲା ଆଜି




**ଲାଉଡରହିଲ୍,୧୪।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ଶନିବାର ତା'ର ଚତୁର୍ଥ ତଥା ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ କାନାଡାକୁ ଭେଟିବ। ଗ୍ରୁପ୍ ଏ'ରେ ପ୍ରଥମ ୩ଟି ମ୍ୟାଚ୍ ଜିତି ଭାରତ ସୁପର-୮ ପର୍ଯ୍ୟାୟରେ ପହଞ୍ଚି ସାରିଛି। ତେଣୁ ଏହି ମ୍ୟାଚ୍‌ର ଗୁରୁତ୍ୱ କମିଯାଇଛି। ତେବେ ଭାରତ ସବୁ ୪ଟି ମ୍ୟାଚ୍ ଜିତି ଅପରାଜେୟ ରହି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଅଭ୍ୟାସ ମ୍ୟାଚ୍‌ରେ ବାଂଲାଦେଶକୁ ୬୦ ରନରେ ପରାସ୍ତ କରିବା ପରେ ଭାରତ ତା'ର ପ୍ରଥମ ମୁକାବିଲାରେ ଆୟର୍ଲାଣ୍ଡକୁ ୮ ୱିକେଟରେ ପରାସ୍ତ କରିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ରନରେ ଓ ତୃତୀୟ ମ୍ୟାଚ୍‌ରେ ଆମେରିକାକୁ ୭ ୱିକେଟରେ ପରାସ୍ତ କରିଥିଲା। ଅନ୍ୟପଟେ କାନାଡା ଏହି ମ୍ୟାଚ୍ ଜିତି ସୁପର-୮ରେ ପ୍ରବେଶ କରିବାକୁ ଅନ୍ୟ ମ୍ୟାଚ୍‌ଗୁଡିକର ଫଳାଫଳ ଉପରେ ନିର୍ଭର କରିବ। ତେଣୁ କାନାଡ଼ା ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି।

### ବର୍ଷା ଆଶଙ୍କା: ପ୍ରଥମଥର ପାଇଁ ମୁହାଁମୁହିଁ ହେବେ

ଫ୍ଲୋରିଡାର ଲାଉଡରହିଲ୍‌ର ସେଣ୍ଟ୍ରାଲ ବ୍ରୋୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମ ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଦୁଇ ଦଳ ପ୍ରଥମଥର ପାଇଁ ଟି-୨୦ ଫର୍ମାଟ୍‌ରେ ପରସ୍ପରକୁ ଭେଟିବେ। ଫ୍ଲୋରିଡାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପୁଣି ବର୍ଷା ମଧ୍ୟ ଲାଗି ରହିଛି। ମ୍ୟାଚ୍ ଅବସରରେ ଆକାଶ ମେଘୁଆ ରହିବ ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

ଲାଉଡରହିଲ୍‌ର ଏହି ପିଚ୍ ବ୍ୟାଟରଙ୍କ ସ୍ୱର୍ଗ ବୋଲି ଜଣାଶୁଣା। ତେବେ ବର୍ଷା କାରଣରୁ ପିଚ୍‌ର ଧର୍ମରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ। ମ୍ୟାଚ୍ ହାଇସ୍କୋରିଂ ହେବା ସହ ଛକା ଓ ଚୌକାର ବର୍ଷା ଦେଖିବାକୁ ମିଳିବ। ଭାରତ ଅପେକ୍ଷାକୃତ ଶକ୍ତିଶାଳୀ ଦଳ ହୋଇଥିବାରୁ ଏହି ମ୍ୟାଚ୍‌ରେ ବିଜୟୀ ହେବାର ସମ୍ଭାବନା ଶତପ୍ରତିଶତ ରହିଛି। ଆରମ୍ଭରୁ ବ୍ୟାଟରମାନେ ସୁବିଧାଜନକ ସ୍ଥିତିରୁ ଫାଇଦା ଉଠାଇବେ। ତେବେ ମ୍ୟାଚ୍ ଆଗକୁ ବଢିଲେ ବୋଲରମାନେ ପ୍ରଭାବୀ ସାବ୍ୟସ୍ତ ହେବେ। ମ୍ୟାଚ୍ ଶେଷ ଆଡକୁ ବଲ୍ ଟର୍ଣ୍ଣ ମଧ୍ୟ ହେବାର ସମ୍ଭାବନା ରହିଛି। ଏଠାରେ ବର୍ଷା ଚାଲିଥିବାରୁ ଭରାତୀୟ ଦଳର ଅଭ୍ୟାସକୁ ବାତିଲ କରାଯାଇଛି। ଅନ୍ତିମ ଏକାଦଶରେ ସାମାନ୍ୟ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ଟସ୍ ପଡିବା ପରେ ଅନ୍ତିମ ଏକାଦଶ ସଂକ୍ରାନ୍ତରେ ସବୁକିଛି ସ୍ପଷ୍ଟ ହେବ। ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେବ। ବିଜୟୀ ହେଲେ ଭାରତ ଗ୍ରୁପ୍ ଏ'ର ଶୀର୍ଷ ସ୍ଥାନରେ ରହି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବ।

**ଭାରତ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ସଞ୍ଜୁ ସାମସନ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ।

**କାନାଡା:** ସାଦ ବିନ ଜାଫର (ଅଧିନାୟକ), ଆରୋନ ଜନସନ, ଡିଲନ ହେଲିଗର, ଦିଲପ୍ରୀତ ବାଜୱା, ରିଷିଭ ଜୋଶୀ, ଜେରେମି ଗୋର୍ଡୋନ, ଜୁନେଦ ସିଦ୍ଦିକି, କଲିମ ସାନା, କନୱରପାଲ ତଥଗୁର, ନବନୀତ ଧଲିୱାଲ, ନିକୋଲାସ କିର୍ଟୋନ, ପରଗତ ସିଂ, ରବୀନ୍ଦରପାଲ ସିଂ, ରେୟାନଖାନ ପଠାନ ଓ ଶ୍ରେୟାସ ମୋଭା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

■ ଡ୍ରେନ୍ ନିର୍ମାଣକୁ ନେଇ ବିବାଦ

# ସମ୍ବଲପୁରରେ ମା'-ଝିଅଙ୍କୁ ଛୁରାମାଡ଼





**ସମ୍ବଲପୁର, ୧୪।୬(ସମିସ):** ସମ୍ବଲପୁର ଅଇଁଠାପାଲି ଥାନା ଗୋପାଳମାଳ ଦାନୀବନ୍ଧ ଅଞ୍ଚଳରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଡ୍ରେନ୍ ନିର୍ମାଣକୁ ନେଇ ଲାଗି ରହିଥିବା ବିବାଦରୁ ଜଣେ ମହିଳା ଓ ତାଙ୍କ ଝିଅକୁ ଛୁରାମାଡ଼ ହୋଇଛି। ଛୁରାମାଡ଼ର ଶିକାର ହୋଇଥିବା ମା'-ଝିଅ ହେଲେ, ଇନ୍ଦୁ ଦାସ ଓ ପାୟଲ ଦାସ। ଗୁରୁତର ଅବସ୍ଥାରେ ଉଭୟ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଛୁରା ଖୋଳ ଜବତ କରିଛି। ଅଭିଯୁକ୍ତ ସୁରଜକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ମା' ଝିଅ ଘରୁ ନିଜ ଟେଲର ଦୋକାନକୁ ଯାଉଥିବା ବେଳେ ସକାଳ ପ୍ରାୟ ୯ରେ ଏହି ଘଟଣା ଘଟିଥିଲା। ଏହି ସମୟରେ ପୂର୍ବରୁ ଛପି ରହିଥିବା ଅଭିଯୁକ୍ତ ସୂରଜ ହାତୀ ଏକ ଛୁରାରେ ମା'-ଝିଅଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଯେ ଅଭିଯୁକ୍ତ ସୂରଜ ମା', ଝିଅଙ୍କ ପଡ଼ୋଶୀ। ଘର ପାଖରେ ଡ୍ରେନ୍ ନିର୍ମାଣକୁ ନେଇ ଉଭୟ ପରିବାର ଭିତରେ ଗଣ୍ଡଗୋଳ ଲାଗି ରହିଛି। କିଛି ଦିନ ତଳେ ଦାସ ପରିବାର ଗୋପାଳମାଳ ଅଞ୍ଚଳରେ ଜମି କିଣି ଘର କରିଥିଲେ। ଡ୍ରେନ୍ ନିର୍ମାଣକୁ ଝଗଡ଼ା ଲାଗି ରହିଥିଲା। ଏନେଇ ଦାସ ପରିବାର ଆଗରୁ ଥାନାରେ ଅଭିଯୋଗ କରିଛି।

# ପାନ୍ଥନିବାସରେ ରଜ ମଉଜ

## ବିଭିନ୍ନ ପ୍ରତିଯୋଗିତା ସହ ପିଠାମିଠାର ଆସର

**ସମ୍ବଲପୁର, ୧୪।୬(ସମିସ)**

ଆଜି ପହିଲି ରଜ। ସମ୍ବଲପୁରରେ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ରଜ ମଉଜ। ସଜବାଜ ହୋଇ ଦୋଳି ଖେଳି ପିଠା ମିଠା ଓ ପାନ ଖାଇ ରଜ ପାଳୁଛନ୍ତି। ପ୍ରଶାସନ ଓ ଓଟିଡିସି ପକ୍ଷରୁ ପାନ୍ଥ ନିବାସରେ ରଜ ମହୋତ୍ସବ ପାଳନ ହୋଇଛି। ପାନ୍ଥନିବାସରେ ୩ ଦିନିଆ ରଜ ମଉଜକୁ ପର୍ଯ୍ୟଟନ ବିଭାଗ ଅଧିକାରୀ ହେମନ୍ତ କୁମାର ପ୍ରଧାନ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହୁଳହୁଳି ଓ ଶଙ୍ଖ ବାଦ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସଂସ୍କୃତି ଓ ପର୍ବପର୍ବାଣୀକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାନ୍ଥନିବାସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ମଧ୍ୟରେ କରାଯାଇଥିବା ବେଳେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ହୁଳହୁଳି, ଶଙ୍ଖ ବାଦ୍ୟ ଆଦି ପାରମ୍ପରିକ ଶୁଭବାଦ୍ୟର ପ୍ରତିଯୋଗିତା କେବଳ ମହିଳା ଓ ଝିଅପିଲାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଝିଅମାନେ ସଜେଇ ହୋଇ ଦୋଳି ଖେଳି ରଜ ମଉଜ କରିଥିଲେ। ଏହା ସହ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ରହିଥିଲା। ଏହି ଉତ୍ସବର ମଧ୍ୟ ପାଳନ ହୋଇଛି। ଝିଅମାନେ ସଜେଇ ହୋଇ ଦୋଳି ଖେଳି ରଜ ମଉଜ କରିଛନ୍ତି। ଦୋଳିଗୁଡିରେ ଫୁଲରେ ସଜା ଯାଇଛି। ସଜବାଜ ହୋଇ ପିଠା ମିଠା ଓ ପାନ ଖାଇ ଦୋଳି ଖେଳି ବେଶ ଖୁସିର ସହ ରାଜା ପାଳିଥିଲେ। ପରିବାର, ପ୍ରିୟଜନ ଓ ସାଙ୍ଗମାନଙ୍କ ସହ ଆସି ରଜ ସୁନ୍ଦରୀମାନେ ଖୁସିର ପର୍ବକୁ ପାରମ୍ପରିକ ଢଙ୍ଗରେ ପାଳନ କରି ଆନନ୍ଦ ଉପଭୋଗ କରିଛନ୍ତି।







ହୋଇଛି। ଉତ୍ସବକୁ ପାନ୍ଥନିବାସର ପରିଚାଳକ ସନ୍ତୋଷ କୁମାର ସାମନ୍ତରାୟ ପରିଚାଳନା କରୁଥିବା ବେଳେ ଓଡ଼ିଶାର ପାରମ୍ପରିକ ରଜ ଦୋଳି, ରଜଗୀତର ଆସର, ରଜ ପାନ, ରଜ ପିଠାପଣା ଲୋକଙ୍କୁ ସୁଲଭ ମୁଲ୍ୟରେ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷର ଏଥିସହ ରଜ ମଉଜ ୨୦୨୪ରେ ଦୋଳିର ବ୍ୟବସ୍ଥା ପ୍ରାକୃତିକ ପରିବେଶ ମାହୋଲକୁ ଖୁସି ମନାଇଥିଲେ କୁମାରୀ ଝିଅ। ରଜ ପର୍ବ ଝିଅ ମାନଙ୍କର ଏକ ସ୍ୱତନ୍ତ୍ର ପର୍ବ ହୋଇଥିବା ବେଳେ ସମସ୍ତେ ଏହାକୁ ଧୁମଧାମରେ ପାଳନ କରିଛନ୍ତି। ଗତକାଲିରୁ ସଜବାଜରେ ମେହନ୍ଦୀ ଅଳତା ଲଗେଇ ସଜ ହୋଇଥିବା ବେଳେ ଆଜି ନୂଆ ଡ୍ରେସ ପିନ୍ଧି ସଜେଇ ହୋଇ ରଜ ପାଳୁଛନ୍ତି ରଜ ସୁନ୍ଦରୀ। ଏହି କ୍ରମରେ ପାନ୍ଥ ନିବାସ ସହିତ ଗ୍ରାମାଞ୍ଚଳରେ ପାନ୍ଥ ନିବାସରେ ଓଟିଡିସି ବା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ରଜପିଠା ସହ ରଜ ମହୋତ୍ସବର ଉଦ୍‌ଘାଟନ ହୋଇଛି। ପାନ୍ଥ ନିବାସରେ ଲାଗିଥିବା ଦୋଳି ଖେଳି ବହୁତ ଖୁସି ଥିବା ପ୍ରକାଶ କରିଛନ୍ତି। ବନସ୍ତେ ଡାକିଲା ଗଜ, ଆଜି ପହିଲି ରଜ ସଜବାଜ ହୋଇ ପିଠା ମିଠା ଓ ପାନ ଖାଇ ଦୋଳି ଖେଳି ବେଶ ଖୁସିର ସହ ରଜା ପାଳୁଛନ୍ତି।

# ରକ୍ତଦାତା ଦିବସରେ ରକ୍ତଦାତା ସମ୍ମାନୀତ

**ସମ୍ବଲପୁର, ୧୪।୬(ସମିସ):** ସମ୍ବଲପୁର ଜିଲ୍ଲା ସଦରଡାକ୍ତରଖାନା ରକ୍ତଭଣ୍ଡାରରେ ବିଶ୍ୱ ରକ୍ତଦାତା ଦିବସ ପାଳନ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ସଭା ଶେଷରେ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ରାଣୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଉପଜିଲ୍ଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ କରି ଅନ୍ୟଙ୍କ ଜୀବନ



ରକ୍ଷା କରୁଥିବା ରକ୍ତଦାତାଙ୍କ କାର୍ଯ୍ୟକୁ ପ୍ରଶଂସା କରାଯିବା ସହ ବହୁ ରକ୍ତଦାତାଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା। ଏହାସହ ଅନୁଷ୍ଠିତ ସଭାରେ ବିଶ୍ୱ ରକ୍ତଦାତା ଦିବସର ମହତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ରକ୍ତଦାନ ଶିବିରକୁ ଅତିଥିଗଣ ପରିଦର୍ଶନ କରି ରକ୍ତଦାନ ଶିବିର ରେ ରକ୍ତଦାନ କରୁଥିବା ରକ୍ତଦାତା ମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ।

# ନିର୍ବାଚନ ସମୟରେ ମିଥ୍ୟା, ଅପପ୍ରଚାରକୁ ପ୍ରମାଣ କରୁ ବିଜେପି: ରୋହିତ

**ସମ୍ବଲପୁର, ୧୪।୬(ସମିସ):** କିଛି ଦିନ ଚୁପ ରହିବା ପରେ ବିଜେଡି ଜିଲ୍ଲା ସଭାପତି ରୋହିତ ପୁଜାରୀ ମୁହଁ ଖୋଲିଛନ୍ତି। ସିଧା ସଳଖ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତିଯେ, ସମ୍ବଲପୁର ବିଧାନସଭାରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ସହକାରେ ଗ୍ରହଣ କରିଛନ୍ତି। ବିଜୟୀ ପ୍ରାର୍ଥୀ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି। ହେଲେ ଆମେ ବିକାଶକୁ ପ୍ରସଙ୍ଗ କରି ଓ ଲୋକଙ୍କ ପାଖରେ ରହିବା ପାଇଁ ନିର୍ବାଚନ ଲଢିଥିଲୁ। ଏଥି



ସହିତ ଲୋକ ପ୍ରତିନିଧିର କର୍ତ୍ତବ୍ୟ ପାଳନ ସଙ୍ଗେ ସଙ୍ଗେ ସମ୍ବଲପୁର ବାସୀଙ୍କ ସହିତ ରହିବା ଆମର ପ୍ରାଥମିକ ଲକ୍ଷ୍ୟ ରହିଥିଲା। ହେଲେ ନିର୍ବାଚନ ପ୍ରଚାର ସମୟରେ ବିରୋଧି ଦଳ ଆମ ବିରୁଦ୍ଧରେ ମିଥ୍ୟା ପ୍ରଚାର ଓ ସଡଯନ୍ତ୍ରର ଆଶ୍ରୟ ନେଇଥିଲେ। ସମ୍ବଲପୁରବାସୀଙ୍କୁ ଧୋକା ଦେଇଛନ୍ତି। ଇଂ ରୋହିତ ପୂଜାରୀ ବିଜୟୀ ହେଲେ ମସଜିଦ ନିର୍ମାଣ କରିବେ ବୋଲି ମିଥ୍ୟା ଓ ଗୁଜବ ପ୍ରଚାର କରାଗଲା। ମୁଁ କୌଣସି ଠାରେ ମଧ୍ୟ ଏଭଳି ବକ୍ତବ୍ୟ କିମ୍ବା ପ୍ରତିଶ୍ରୁତି ଦେଇନାହିଁ। ଯଦି ମୁଁ ଏଭଳି ପ୍ରତିଶ୍ରୁତି ଦେଇଛି ବିଜେପି ଦଳ ତାହା ପ୍ରମାଣ କରୁ ବୋଲି ମୁଁ ଆହ୍ୱାନ ଦେଇଛନ୍ତି। ବିଜେପି ଦଳ ସମ୍ବଲପୁରର ବିକାଶ ଓ ଲୋକଙ୍କର ଉନ୍ନତି ବଦଳରେ ହୀନ ଏବଂ ଅସତ୍ୟ ପ୍ରଚାର କରି ଭୋଟର ମାନଙ୍କୁ ଠକିଛି। ଏହାର ବିଚାର ଜନ ସାଧାରଣ ସମୟ ଆସିଲେ କରିବେ। ରାଜନୀତି ଓ ନିର୍ବାଚନରେ ଏଭଳି ହିନ ଉଦ୍ୟମର ସ୍ଥାନ ନାହିଁ। ସମ୍ବଲପୁରର ଜନସାଧାରଣ, ସଚେତନ ଭୋଟର ଭବିଷ୍ୟତରେ ଏଭଳି ଚକ୍ରାନ୍ତ, ଗୁଜବ ଓ ଷଡ଼ଯନ୍ତ୍ର ପ୍ରତି ସତର୍କ ରହିବା ପାଇଁ ଇଂ ପୂଜାରୀ ଅନୁରୋଧ କରିଛନ୍ତି। ଜୟ ପରାଜୟ ନିର୍ବାଚନର ଅଂଶ ବିଶେଷ। ହେଲେ ଭୋଟ ଓ ସହାନୁଭୂତି ପାଇଁ ନିରୀହ ଭୋଟର ମାନଙ୍କୁ ଠକିବାର ଧାରା ବିପଦଜନକ। ଏହା ଜାରି ରହିଲେ ଗଣତନ୍ତ୍ର କଳୁଷିତ ହେବ ବୋଲି ଇଂ ପୂଜାରୀ କହିଛନ୍ତି।

# ଦୟାନନ୍ଦ ପବ୍ଲିକ ସ୍କୁଲରେ ଆବାସିକ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୪।୬(ସମିସ):** ଦୟାନନ୍ଦ ପବ୍ଲିକ ସ୍କୁଲରେ ଆବାସିକ ଶିକ୍ଷକ ପ୍ରଶିକ୍ଷଣ ଶିବିର ୨୦୨୪-୨୫ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବର୍ଷର ଆରମ୍ଭରୁ ଶିକ୍ଷକ ଶିକ୍ଷିକା ମାନଙ୍କୁ ଶିକ୍ଷାଦାନର ନୂତନ କୌଶଳ ଏବଂ ଜାତୀୟ ଶିକ୍ଷାନୀତିର ମାନଦଣ୍ଡ ଅନୁଯାୟୀ ଶିକ୍ଷାଦାନର କୌଶଳକୁ ବୃଦ୍ଧି କରିବା ପାଇଁ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ୧୩ ଓ ୧୪ ତାରିଖ ଦୁଇଦିନ ଧରି ଆୟୋଜନ କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ସହିତ ଚୁକ୍ତି ଅନୁସାରେ ପାଞ୍ଚ ଜଣ ଅଧ୍ୟାପକ ପ୍ରଶିକ୍ଷକ ଭାବେ ଏହି ଦୁଇଦିନ ଧରି ଶିକ୍ଷାଦାନ କୌଶଳକୁ କର୍ମଶାଳା ମାଧ୍ୟମରେ ଶିକ୍ଷକ ମାନଙ୍କୁ ପ୍ରଦାନ କିରଥିଲେ। ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗିର, ଦେବଗଡ଼ ଓ ସୋନପୁର ଜିଲ୍ଲାର ଥିବା ଦୟାନନ୍ଦ ସ୍କୁଲର ୧୧୦ ଜଣ ଶିକ୍ଷକ ସକ୍ରିୟ ଭାବରେ ଏହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଦୟାନନ୍ଦ ସ୍କୁଲର ଚ୍ୟାରମେନ୍ ଈଶ୍ୱର ପାଣିଗ୍ରାହୀ ଏହି ପ୍ରଶିକ୍ଷଣର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଧରଣର ପ୍ରଶିକ୍ଷଣ କରିବାରେ ଦୟାନନ୍ଦ ସ୍କୁଲ ସମଗ୍ର ସମ୍ବଲପୁରରେ ପ୍ରଥମ ଅଟେ ବୋଲି ମତ ବ୍ୟକ୍ତ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପାର୍ଥ ସାରଥୀ ମଲ୍ଲିକ, ସହାୟକ ଅଧ୍ୟାପକ ଗଜାନନ୍ ବେହେରା, ସୋନାଲି ହୋତା, ବିମଳ ସାହୁ ଏବଂ ସତଭିଷା ଦେବତା ଶିକ୍ଷାଦାନ କୌଶଳର ବିଭିନ୍ନ ଦିଗ ଯେପରି ଶିକ୍ଷକ କିପରି ଶିକ୍ଷାଦାନ ଦକ୍ଷତାରୁ ବୃଦ୍ଧି କରିପାରିବ। ଶିକ୍ଷାଦାନରେ ପ୍ରଯୁକ୍ତିର ପ୍ରୟୋଗ, ପାଠ୍ୟ ଖସଡ଼ା ପ୍ରସ୍ତୁତି ଏବଂ ପ୍ରଶ୍ନଉତ୍ତର ଉପରେ ଆଲୋଚନା କରିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷକ ମାନେ ସେହି ଅନୁସାରେ ନିଜେ ଆଦର୍ଶ ପାଠ୍ୟ ଖସଡ଼ା କରିଥିଲେ। ଦୟାନନ୍ଦ ସ୍କୁଲର ଏହି ଧରଣର ପ୍ରଚେଷ୍ଟାକୁ ବିଭିନ୍ନ ମହଲରୁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଶାସକ ସୁଦାମ ପଣ୍ଡା, ସଂଯୋଜକ ସଂଯୁକ୍ତା ତ୍ରିପାଠୀ, ଅଧ୍ୟକ୍ଷ ଜନ୍ ସାହୁ ଓ ସଞ୍ଜିବ ତ୍ରିପାଠୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ ପରିଚାଳନା କରିଥିଲେ।



# ଅଇଁଠାପାଲି ଛକରୁ କାର୍ ସହ ୨୪ କେଜି ଗଞ୍ଜେଇ ଜବତ



**ସମ୍ବଲପୁର, ୧୪।୬(ସମିସ):** ଅଇଁଠାପାଲି ଛକରେ ଏକ କାରରୁ ୨୪ କେଜି ଗଞ୍ଜେଇ ସହ ଜଣେ ଅଭିଯୁକ୍ତକୁ ଗୁଇନ୍ଦା ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଅଭିଯୁକ୍ତ ଉତ୍ତରପ୍ରଦେଶର ଲାଲ ସାହେବ (୪୫)। ବ୍ୟବହୃତ କାର ୟୁପି- ୩୨ ଏଭି ୨୨୬୨ ନମ୍ବର ବିଶିଷ୍ଟ ଏକ ଧଳାରଙ୍ଗର ଟୋୟଟା କାର ଜବତ କରିଛି। ସୂଚନାଯୋଗ୍ୟଯେ, ଶୁକ୍ରବାର ସକାଳ ୭ଟାରେ ଗୁଇନ୍ଦା ଅବକାରୀ ବିଭାଗ ପକ୍ଷରୁ ଅଇଁଠାପାଲି ଛକରେ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲା। ସନ୍ଦେହ କରି କାରକୁ ଅଟକାଇ ଯାଞ୍ଚ କରିଥିଲା। କାର କ୍ୟାବିନରୁ ଚୋରାଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଥିଲା। ସନ୍ଧ୍ୟା ୭ଟାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଥିବା ନେଇ ଗୁଇନ୍ଦା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତାକଡ଼ ଖାଦ୍ୟ କେତେ ସୁରକ୍ଷିତ ?

**ସମ୍ବଲପୁର, ୧୪।୬(ସମିସ)**

ଜିଲାର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ରାସ୍ତାକଡ ଫାଷ୍ଟଫୁଡ୍, ଜଳଖିଆ ହୋଟେଲ ସହ ଉଠା ଜଳଖିଆ ଦୋକାନ ଛତୁ ଫୁଟିଲା ପରି ଖୋଲିଛି। ଯେଭଳି ଆକର୍ଷଣୀୟ ହେଉଛି ଲୋକମାନେ ଖାଇବାକୁ ମଧ୍ୟ ପସନ୍ଦ କରୁଛନ୍ତି। ହେଲେ ରାସ୍ତା କଡ଼ର ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି କେତେ ସୁରକ୍ଷିତ ବୋଲି ଏବେ ଚର୍ଚ୍ଚା ହେଉଛି। ରାସ୍ତା କଡ଼ ଖାଦ୍ୟ ଦେଖିବାକୁ ସୁନ୍ଦର ଓ ସୁଆଦିଆ ମଧ୍ୟ ହୋଇଥାଏ। ଅଧିକ ଦୋକାନ ଓ ଠେଲା ଗୁଡ଼ିକରେ ଖାଦ୍ୟର ମାନ ଓ ପରିଷ୍କାର ପରିଚ୍ଛନ୍ନତାକୁ ନେଇ ଧ୍ୟାନ ଦେଇଥାନ୍ତି। ହେଲେ କେତେକ ଦୋକାନରେ ଏହା ବ୍ୟତିକ୍ରମ ହୋଇଥାଏ। ଅନେକ ସମୟରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚଢାଉ କରି ବାସୀ ଖାଦ୍ୟ ଫୋପାଡି ଦେବା ସହିତ ଜରିମାନା ମଧ୍ୟ ଆଦାୟ କରିଛନ୍ତି। ହେଲେ ମଧ୍ୟ ସୁଧାର ଆସୁ ନାହିଁ। ଏବେ ଶୀଳତଷଷ୍ଠୀ ଯାତ୍ରା ପାଇଁ ଭିଡ ରହିଛି। ଖାଇବା ଦୋକାନ ବଜାର ଷ୍ଟଲ ଗୁଡିକ ସବୁ ରାସ୍ତାରେ ଖୋଲି ଯାଇଛି। ଯାତ୍ରା ପାଇଁ ପ୍ରବଳ ଭିଡ ମଧ୍ୟ ରହିବ। ତେଣୁ ଏସଏମସି ଓ ପ୍ରଶାସନ ପକ୍ଷରୁ ଚଢାଉ କରିବାକୁ ଦାବି ହେଉଛି। ଲୋକମାନେ ଅଭିଯୋଗ କରିଛନ୍ତିଯେ, ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ରାସ୍ତାକଡ ହୋଟେଲ ଓ ଉଠା ଜଳଖିଆ ଦୋକାନରେ ବେଶ ଭିଡ ଦେଖିବାକୁ ମିଳୁଛି। ସକାଳ ହେବା ମାତ୍ରେ ଜଳଖିଆ ନେବାକୁ ଲୋକେ ଆସିଥାନ୍ତି। ଅଧିକାଂଶ ସ୍କୁଲ ପିଲା ଏଠାରୁ ଟିଫିନ ନେଇ ସ୍କୁଲକୁ ଯାଇଥାନ୍ତି। ପ୍ରତ୍ୟେକ ଗାଁମୁଣ୍ଡ ଛକରେ ଏଭଳି ଜଳଖିଆ ଦୋକାନ



ଦେଖିବାକୁ ମିଳୁଛି। କିନ୍ତୁ ଏଭଳି ସବୁ ହୋଟେଲ ଓ ଜଳଖିଆ ଦୋକାନରେ ଉପଲବ୍ଧ ହେଉଥିବା ଖାଦ୍ୟ କିଛି ସମୟ ପାଇଁ ପାଟିକୁ ସୁଆଦିଆ ହୋଇଥିଲେ ସୁଦ୍ଧା ଏହା କେତେ ସୁରକ୍ଷିତ ତାହା ଜାଣିବା ପାଇଁ ସତେ ଯେମିତି ସମସ୍ତଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ଅନ୍ୟପଟେ ପ୍ରତ୍ୟେକ ଦିନ ଛଣା ଯାଉଥିବା ସାମଗ୍ରୀ କେଉଁ ପ୍ରକାର ତେଲ ବ୍ୟବହାର କରାଯାଉଛି ତାହା ମଧ୍ୟ ଚିନ୍ତାର ବିଷୟ ଅଟେ। କାରଣ ଶିଶୁ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଖାଇଥାନ୍ତି। ଛୋଟ ପିଲା ଓ ଯୁବଗୋଷ୍ଠୀ ଏଭଳି ଖାଦ୍ୟ ଉପରେ ବିଶେଷ ଆଗ୍ରହ ରଖୁଥିବାରୁ ଫାଷ୍ଟଫୁଡ୍ ଦୋକାନ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଏହାର ସୁଯୋଗ ନେଇ କିଛି ଲାଭଖୋର ବ୍ୟବସାୟୀ ଜଳଖିଆ ପାଇଁ ପ୍ରସ୍ତୁତ କରୁଥିବା ପକୁଡି, ସିଙ୍ଗଡ଼ା, ଆଳୁଚପ, ପିଆଜି, ବ୍ରେଡ୍ ଚପ୍, ଇଡଲି ଆଦି ସାଙ୍ଗକୁ ପ୍ରସ୍ତୁତ ହେଉଥିବା ମିଷ୍ଟାନ୍ନ ସାମଗ୍ରୀରେ ବିଭିନ୍ନ ପ୍ରକାର ଅପମିଶ୍ରଣ ସହ ବିଭିନ୍ନ ରାସାୟନିକ ଦ୍ରବ୍ୟ ଓ ରଙ୍ଗ ମିଶ୍ରଣ କରୁଥିବା ଅଭିଯୋଗ ହେଉଛି। କେତେକ ଦୋକାନରେ ବଳକା ବାସୀଖାଦ୍ୟ ଗରମ କରି ବିକ୍ରି କରୁଥିବା ଅଭିଯୋଗ ହେଉଛି। ଯାହାଫଳରେ ଏଭଳି ପୁରୁଣା ତେଲରେ ପ୍ରସ୍ତୁତ ଜଳଖିଆ ଖାଇ ଅନେକ ସମୟରେ ଲୋକେ ପେଟ ରୋଗରେ ପଡୁଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ରାସ୍ତାକଡର ଦୋକାନରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଖୋଲାରେ ରଖାଯାଉଥିବାରୁ ରାସ୍ତାରୁ ଧୂଳି ଉଡ଼ି ଖାଦ୍ୟ ଉପରେ ପଡୁଛି। ଏଭଳି ଖାଦ୍ୟ ଶରୀର ପାଇଁ ହାନୀକାରକ। ଖାଦ୍ୟ ଅପମିଶ୍ରଣ ନିରୋଧ ଆଇନ ରହିଛି କାର୍ଯ୍ୟକାରୀ ହେଲେ ଏହାକୁ ରୋକାଯାଇ ପାରିବ ବୋଲି ସାଧାରଣ ଲୋକେ କହୁଛନ୍ତି। ହୋଟେଲ ଜଳଖିଆ ଦୋକାନ ପାଇଁ ଭାରତୀୟ ଖାଦ୍ୟ ସୁରକ୍ଷାମାନ ନିର୍ଦ୍ଧାରଣ ପରିଷଦ ଅଧିନରେ ବିବଧ ପଞ୍ଜୀକରଣ ସହ ଖାଦ୍ୟ ସୁରକ୍ଷା ସମ୍ପର୍କୀତ ଆବଶ୍ୟକ ପ୍ରମାଣ ପତ୍ରର ବ୍ୟବସ୍ଥା ରହିଛି। ତାହା ପାଳନ କରାଯାଉ ନାହିଁ। ବିନା ପଞ୍ଜୀକରଣ ଓ ବିନା ପ୍ରମାଣପତ୍ରରେ ଅନେକ ଦୋକାନ ଚାଲିଥିବା ଅଭିଯୋଗ ହେଉଛି। ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଓଏସ୍‌ଓୟୁର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୪।୬ (ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ ନବମ ସ୍ୱନକ୍ଷେତ୍ର ଦିବସ ପାଳନ ହୋଇଛି। ଏକ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସଭାକାର୍ଯ୍ୟ ସମାହିତ ହୋଇ ମୁକ୍ତ ବିଶ୍ୱ ବିଦ୍ୟାଳୟର ଲକ୍ଷ୍ୟ ଓ ଅତୀତକୁ ବିହଙ୍ଗାବଲୋକନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ର। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ରୂପରେଖା ସଭାମଞ୍ଚର ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଭାପତି ପ୍ରଫେସର ଡକ୍ଟର ଦାସ ମହାପାତ୍ର ତାଙ୍କ ସ୍ୱାଗତ ଭାଷଣ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ମାଧ୍ୟମରେ କିପରି ଆଗକୁ ଗତି କରି ସଫଳତା ପାଇଛି ତାର ମୂଲ୍ୟାୟନ କରିଥିଲେ। ରବର୍ଟ ଫ୍ରଷ୍ଟଙ୍କ ଉକ୍ତି ଉଦ୍ଧାର କରି ଆଗାମୀ ଯାତ୍ରାକୁ ଅବ୍ୟାହତ କରିବା ପାଇଁ ବିଶ୍ୱ ବିଦ୍ୟାଳୟ ପରିବାରକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ବିଦ୍ୟାଳୟର କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ ମାଧ୍ୟମରେ ଅନୁଷ୍ଠାନକୁ କଣ ମିଳିଛି ଓ ମିଳିବାର ଅଛି, ତା'ର ଏକ ବିଶଦ ଚିତ୍ର ଉପସ୍ଥାପନ କରିଥିଲେ। ଏହି ଅଭାସୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଥିଲେ ଯଥାକ୍ରମେ ମଧ୍ୟପ୍ରଦେଶ ଭୋଜ୍ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ତିୱାରୀ ଓ କମନ ୱେଲଥ ଏଜୁକେସନ ମିଡିଆ ସେଣ୍ଟର ଏସିଆର ନିର୍ଦ୍ଦେଶକ ଡକ୍ଟର ବି. ସାଡ୍ରାଚ୍। ଉଭୟ ଅତିଥି ନିଜ ନିଜର ଦୀର୍ଘ ଅଭିଜ୍ଞତା ମାଧ୍ୟମରେ ମୁକ୍ତ ଓ ଦୂରସ୍ଥ ଶିକ୍ଷାର ଆହ୍ୱାନ ଓ ନିରାକରଣଗତ ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଉଭୟଙ୍କ ବକ୍ତବ୍ୟରେ ଥିଲା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସଫଳ କ୍ରିୟାୟନ ପାଇଁ ଅଭିନନ୍ଦନ ଓ ଆଶିଷ ଦେଇଥିଲେ। ଆସନ୍ତା ୧୮ ତାରିଖରୁ ହେବାକୁ ଥିବା ମୂଲ୍ୟାୟନ ଜନିତ ସଫଳତା କାମନା କରିଥିଲେ। ପରିଶେଷରେ ମୁକ୍ତ ବିଶ୍ୱ ବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ ସଭାପତି ଓ ଅତିଥିମାନଙ୍କ ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ତଥା ଅନୁଷ୍ଠାନ ସହିତ ଜଡିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶୈକ୍ଷିକ ପରାମର୍ଶଦାତା ଡକ୍ଟର ରୀତା ସିଂ। ସଭାପତି ପ୍ରଫେସର ଡକ୍ଟର ଦାସ ମହାପାତ୍ରଙ୍କ ଦ୍ୱାରା ସଭାସାଙ୍ଗ ଘୋଷଣା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।